କଟକ
ଗୁରୁବାର ୯ ଜୁଲାଇ, ୨୦୨୬
ପ୍ରାତଃ ସଂସ୍କରଣ

July 9, 2026 Cuttack
Vol - XXIV, Issue - 98
Price: Rs.5/- (8 + 4 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

## ଭିଜିଲାନ୍ସ ଜାଲରେ ଫରେଷ୍ଟ ରେଞ୍ଜର

**କେନ୍ଦ୍ରାପଡ଼ା,୮।୭(ନି.ପ୍ର):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କେନ୍ଦ୍ରାପଡ଼ା ଫରେଷ୍ଟ ରେଞ୍ଜର ରବୀନ୍ଦ୍ର ନାୟକ। କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲାରେ ତାଙ୍କର ୪ଟି ଠିକଣାରେ ଏକକାଳୀନ ଚଢ଼ାଉ କରିଛି ଭିଜିଲାନ୍ସ ଟିମ୍। ଚଢ଼ାଉ ବେଳେ ତାଙ୍କର ବିପୁଳ ସମ୍ପତ୍ତି ଠାବ ହୋଇଥିବା ଜଣାଯାଇଛି। ଏହା ମଧ୍ୟରେ ରହିଛି ୪ମହଲା କୋଠା ଓ ୭୩ ଲକ୍ଷରୁ ଅଧିକ ଟଙ୍କାର ଡିପୋଜିଟ। ରେଞ୍ଜରଙ୍କ ଆୟବହିର୍ଭୂତ ସମ୍ପତ୍ତିର ତାଲିକା ପ୍ରସ୍ତୁତ କରାଯାଉଛି।




# ଆମେରିକା-ଇରାନ ପୁଣି ଟକରାଟକରି

## ମାଟିରେ ମିଶିଲା ଶାନ୍ତି ଚୁକ୍ତି ଓ ଆଲୋଚନା

- ଇରାନ ଉପରେ ଆମେରିକାର ଏୟାରଷ୍ଟ୍ରାଇକ
- ପୂର୍ବାପେକ୍ଷା ଆହୁରି ଭୟଙ୍କର ହୋଇପାରେ ଯୁଦ୍ଧ
- ବିଶ୍ୱ ବଜାରରେ ଅସ୍ଥିରତା

**ନୂଆଦିଲ୍ଲୀ,୮।୭(ନି.ପ୍ର):** ଅନ୍ତରୀଣ ଯୁଦ୍ଧବିରତି ପାଇଁ ଆମେରିକା-ଇରାନ ମଧ୍ୟରେ ଶାନ୍ତି ଚୁକ୍ତିଘୋଷଣା ହୋଇଥିଲା। ଏକରକମ ଆଶ୍ୱସ୍ତ ହୋଇଥିଲା ବିଶ୍ୱ। ଅସ୍ଥିର ବିଶ୍ୱ ବଜାର ମଧ୍ୟ ସ୍ଥିର ହୋଇ ଆସୁଥିଲା। କିନ୍ତୁ ପୁଣି ସବୁ ଓଲଟ ପାଲଟ ହୋଇଯାଇଛି। ଆମେରିକା ଓ ଇରାନ ମଧ୍ୟରେ ଆରମ୍ଭ ହୋଇଯାଇଛି ଟକରାଟକରି। ବିଶ୍ୱ ବଜାରରେ ମଧ୍ୟ ଅସ୍ଥିରତା ସୃଷ୍ଟି ହୋଇଛି।

ହର୍ମୁଜ ପ୍ରଣାଳୀ ଅତିକ୍ରମ କରୁଥିବାବେଳେ ୩ଟି ବାଣିଜ୍ୟିକ ଜାହାଜ ଉପରେ ହଠାତ ଇରାନ ପକ୍ଷରୁ ଆକ୍ରମଣ ହୋଇଥିଲା। ଏହି ୩ଟି ଜାହାଜ କାତାର ଓ ସାଉଦିଆରବର ବୋଲି ଜଣାପଡ଼ିଛି। ଏହାପରେ ପାଲଟା ଜବାବ ଦେବାକୁ ନିଷ୍ପତ୍ତି ନେଇଥିଲା ଆମେରିକା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ରାଗ ପଞ୍ଚମକୁ ଉଠିଥିଲା। ଆରମ୍ଭ ହୋଇଥିଲା ଏୟାରଷ୍ଟ୍ରାଇକ।



ଇରାନର ଏୟାର ଡିଫେନ୍ସ, ବନ୍ଦରଆବାସ, ମିସାଇଲ ସାଇଟ୍ ଆଦି ୮୦ରୁ ଅଧିକ ଲକ୍ଷ୍ୟସ୍ଥଳ ଉପରେ ବଡ଼ଧରଣର ଏୟାର ଷ୍ଟ୍ରାଇକ କରିଛି ଆମେରିକା। ମାତ୍ର କେଇ ସେକେଣ୍ଡ ମଧ୍ୟରେ ଗୋଟିଏ ପରେ ଗୋଟିଏ ବିସ୍ଫୋରକ ହୋଇଛି। ପୁଣି ତେଜିଛି ଯୁଦ୍ଧ, ଉତ୍ତେଜନା ଥମୁନାହିଁ। ହର୍ମୁଜରେ ଇରାନ ୩ ଜାହାଜ ଉପରେ ଆକ୍ରମଣ କରି ଏବଂ ଏହାର ପାଲଟା ଜବାବ ଦେଇ ଆମେରିକା ଇରାନ ଉପରେ ଏୟାରଷ୍ଟ୍ରାଇକ କରିବା ପରେ ବିଶ୍ୱ ବଜାରରେ ସୃଷ୍ଟି ହୋଇଛି ଅସ୍ଥିରତା। କ୍ରାଶ୍ ହୋଇଛି ଷ୍ଟକ୍ ମାର୍କେଟ। ଶାନ୍ତି ଚୁକ୍ତି ପରେ ୭୦ଡଲାରକୁ ଖସି ଆସିଥିଲା ତୈଳ ଦର। ଶାନ୍ତି ଚୁକ୍ତି ମାଟିରେ ମିଶିଯିବା ପରେ ତୈଳ ଦର ପୁଣି ବୃଦ୍ଧି ପାଇଛି। ସୁନା ଦର ମଧ୍ୟ ବଢ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଟ୍ରମ୍ପ କହିଛନ୍ତି, ଇରାନ ସହ ଆଲୋଚନା କରି ଆଉ ସମୟ ଅପଚୟ କରିବୁ ନାହିଁ। ଇରାନ ନିକଟରେ ଯଦି ପରମାଣୁ ଅସ୍ତ୍ର ଥାଆନ୍ତା ତେବେ ସେ ବ୍ୟବହାର କରିବାକୁ ପଛାଇ ନଥାନ୍ତା। ଆଗ ଅପେକ୍ଷା ଯୁଦ୍ଧ ଆହୁରି ଭୟଙ୍କର ହେବ।

# ଆସୁଛନ୍ତି ଉପରାଷ୍ଟ୍ରପତି

## ଅଭେଦ୍ୟ ସୁରକ୍ଷା ବଳୟରେ ରାଜଧାନୀ



**ଭୁବନେଶ୍ୱର,୮।୭(ନି.ପ୍ର):** ଉପରାଷ୍ଟ୍ରପତି ସି ପି ରାଧାକୃଷ୍ଣନଙ୍କ ଗୁରୁବାର ଓଡ଼ିଶା ଗସ୍ତରେ ଆସୁଥିବାବେଳେ କମିଶନରେଟ୍ ପୋଲିସ ହାଇଆଲର୍ଟରେ ରହିଛି। ଉପରାଷ୍ଟ୍ରପତିଙ୍କ ନିରାପତ୍ତାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମଗ୍ର ରାଜଧାନୀକୁ ଏକ ଅଭେଦ୍ୟ ସୁରକ୍ଷା ବଳୟ ମଧ୍ୟକୁ ଅଣାଯାଇଛି। ବିମାନବନ୍ଦରଠାରୁ ଆରମ୍ଭକରି କାର୍ଯ୍ୟକ୍ରମ ସ୍ଥଳ ଏବଂ ଯାତାୟାତ ରୁଟ୍‌ରେ ଜିରୋ-ଏରର୍ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ପାଇଁ ପୋଲିସ ପକ୍ଷରୁ ପ୍ରସ୍ତୁତ ହୋଇଛି ମାଷ୍ଟର ପ୍ଲାନ୍।

ବିମାନବନ୍ଦର, ଲୋକସେବା ଭବନ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୃଷି ଶିକ୍ଷା ସଦନ ଏବଂ ଜଟଣୀ ସ୍ଥିତ ନାଇଜର ପରିସରକୁ ବ୍ୟାପକ ସୁରକ୍ଷା ବଳୟରେ ରଖାଯାଇଛି। ସମ୍ଭାବ୍ୟ ବିପଦ ଏବଂ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ସ୍ୱତନ୍ତ୍ର ଭାବେ ୮୦ଟି ୱାଚ୍ କମ୍ପୋନେଣ୍ଟ ଗଠନ କରାଯାଇଥିବା ବେଳେ ମୋଟ୍ ୯୮ ସେକ୍ସନ୍ ଫୋର୍ସ ମୁତୟନ କରାଯାଇଛି। ସମଗ୍ର ସୁରକ୍ଷା ବ୍ୟବସ୍ଥାର ନେତୃତ୍ୱ ନେବା ପାଇଁ ୫ ଜଣ ଡିସିପି,ଏସ୍‌ପି,କମାଣ୍ଡାଣ୍ଟ, ୬ ଜଣ ଆଡିସନାଲ ଡିସିପି, ୨୪ ଜଣ ଏସିପି,ଡିଏସ୍‌ପି, ୪୩ ଜଣ ଇନ୍ସପେକ୍ଟର ଏବଂ ୧୩୫ ଜଣ ଏସଆଇ,ଏଏସଆଇ ପାହ୍ୟାର ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଉପରାଷ୍ଟ୍ରପତିଙ୍କ କାରକେଡ୍ ଯାତାୟାତ ସମୟରେ ସାଧାରଣ ଯାତ୍ରୀ ଯେପରି ଅସୁବିଧାରେ ନପଡ଼ିବେ ଏବଂ ଟ୍ରାଫିକ୍ ଜାମ୍ ନହେବ ସେଥିପାଇଁ ପୃଥକ ଭାବେ ୩ ସେକ୍ସନ୍ ଫୋର୍ସ, ୨ ଜଣ ଇନ୍ସପେକ୍ଟର, ଜଣେ ଏସିପି ଏବଂ ଜଣେ ଡିସିପିଙ୍କୁ କେବଳ ଟ୍ରାଫିକ୍ ଓ ପାର୍କିଂ ପରିଚାଳନା ଦାୟିତ୍ୱରେ ରଖାଯାଇଛି। (ପୃଷ୍ଠା:୫)

## କୋଟିଆରେ ଆନ୍ଧ୍ର ଅଧିକାରୀଙ୍କ ଅନୁପ୍ରବେଶ

**କୋଟିଆ,୮।୭(ନି.ପ୍ର):** କୋଟିଆରେ ପୁଣି ଅନୁପ୍ରବେଶ କରିଛନ୍ତି ପୁଣି ଆନ୍ଧ୍ର ପ୍ରଶାସନିକ ଅଧିକାରୀ। କୋଟିଆରେ ଓଡ଼ିଶାର ଜନଗଣନା ଜନଗଣନା ଓ ଏସ୍‌ଆଇଆର୍ ସର୍ଭେ କାର୍ଯ୍ୟ ଶେଷ ହୋଇଯାଇଥିବା ସତ୍ତ୍ୱେ ଆନ୍ଧ୍ର ପ୍ରଶାସନିକ ଅଧିକାରୀ ଅନୁପ୍ରବେଶ କରି ଜନଗଣନା କାର୍ଯ୍ୟ କରିଛନ୍ତି। କୋଟିଆବାସୀଙ୍କୁ ଜନଜଣନା ସମ୍ପର୍କରେ ପଚାରି ବୁଝିବା ସହିତ ଭୋଟର ତାଲିକାରେ ନାଁ ରହିଛି କି ନାହିଁ ତଦନ୍ତ କରିଛନ୍ତି। କୋଟିଆ ପଞ୍ଚାୟତର କିଛି ଗାଁରେ ଆନ୍ଧ୍ରପ୍ରଦେଶର ସାଲୁର ତହସିଲଦାରଙ୍କ ସମେତ ଅନ୍ୟ ଅଧିକାରୀମାନେ ଅନୁପ୍ରବେଶ କରି ଜନଗଣନା ସମ୍ପର୍କିତ ପୁରୁଣା ଫର୍ମ ସଂଗ୍ରହ ଓ ଡିଜିଟାଇଜେସନ ଯାଞ୍ଚ କରିଥିବା ସୂଚନା ରହିଛି। ଆନ୍ଧ୍ରପ୍ରଦେଶ ପକ୍ଷରୁ ଏଭଳି କାର୍ଯ୍ୟକଳାପ ପୁଣିଥରେ ସୀମା ବିବାଦକୁ ଉସୁକାଇଛି।

## ଏଣିକି ପିଏମ୍ ଆବାସ ସହ ପିଏମ୍ ସୂର୍ଯ୍ୟଘର

**ଭୁବନେଶ୍ୱର,୮।୭(ନି.ପ୍ର):** ଏଣିକି ପିଏମ୍ ଆବାସ ଯୋଜନାରେ ଦିଆଯାଉଥିବା ଘର ସହ ପିଏମ୍ ସୂର୍ଯ୍ୟଘର ଯୋଜନାକୁ ଯୋଡ଼ାଯିବ। ରାଜ୍ୟରେ ଶକ୍ତି କ୍ଷେତ୍ରକୁ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ପରେ ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ସେ କହିଛନ୍ତି, ହିତାଧିକାରୀମାନଙ୍କୁ ଘର ସହ ସୌରଶକ୍ତି ସୁବିଧା ଦେବାକୁ ଏହି ନିଷ୍ପତ୍ତି ନିଆଯାଇଛି। ଏହାଫଳରେ ସୁଲଭ ବିଜୁଳି ମିଳିବା ସହ ବିଜୁଳି ଦର ମଧ୍ୟ ହ୍ରାସ ପାଇବ। ହିତାଧିକାରୀ ଉପକୃତ ହେବେ। ବିଦ୍ୟୁତ ବ୍ୟବହାର ଉପରେ ନିର୍ଭରତା ହ୍ରାସ ପାଇବ। ସୌରଶକ୍ତିର ବ୍ୟବହାର ବଢ଼ିବ। ତେବେ ଏହା ହିତାଧିକାରୀଙ୍କ ଇଚ୍ଛାଧୀନ। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ ବିଶାଳ କୁମାର ଦେବ, ଓପିଟିସିଏଲ୍‌ର ସିଏମ୍‌ଡି ଭାସ୍କର ଜ୍ୟୋତି ଶର୍ମା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଏସ୍ ଏନ୍ ଗିରୀଶଙ୍କ ସମେତ ଶକ୍ତି ବିଭାଗ ଓ ବିଦ୍ୟୁତ ବିତରଣ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆଜାଦନଗର ବୋମା ବିସ୍ଫୋରଣ ମାମଲାରେ ୟୁପିରୁ ଅଭିଯୁକ୍ତକୁ ଉଠାଇ ଆଣିଲା ଏନ୍‌ଆଇଏ ଟିମ୍

**ଭୁବନେଶ୍ୱର,୮।୭(ନି.ପ୍ର):** ରାଜଧାନୀର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଆଜାଦନଗର ବୋମା ବିସ୍ଫୋରଣ ମାମଲାର ତଦନ୍ତ କରୁଛି ଏନ୍‌ଆଇଏ ଟିମ୍। ଏହି ଘଟଣାର ୫ ମାସ ପରେ ଏନ୍‌ଆଇଏ ଟିମ୍ ଉତ୍ତର ପ୍ରଦେଶରୁ ଜଣେ ଅଭିଯୁକ୍ତକୁ ଉଠାଇ ଆଣିଛି। ଅଭିଯୁକ୍ତ ରୋହନ ରାଉତ ବୋଲି ଜଣାପଡ଼ିଛି। ସେ ପଟିଆ ଅଞ୍ଚଳର ବାସିନ୍ଦା। ଏନ୍‌ଆଇଏ ଟିମ୍ ତାକୁ ପଚରାଉଚରା କରୁଛି। ଗତ ଜାନୁଆରୀ ୨୭ରେ ଆଜାଦନଗରରେ ଏକ ଭଡ଼ାଘର ଛାତ ଉପରେ ଭୟଙ୍କର ବୋମା ବିସ୍ଫୋରଣ ହୋଇଥିଲା। ବୋମା ତିଆରି ବେଳେ ହୋଇଥିଲା ଏହି ବିସ୍ଫୋରଣ। ଏଥିରେ ଶାହେନବାଜ ମଲିକ ଓରଫ ମୁଫି ଓ ତାଙ୍କର ମାଆ ଲିଜାତୁନ ବିବିଙ୍କର ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରୁ ଜବତ ହୋଇଥିଲା ଗନ୍ ପାଉଡର ଓ ବିସ୍ଫୋରକ ସାମଗ୍ରୀ। ଗତ ୬ ଏପ୍ରିଲରେ ଏନ୍‌ଆଇଏ ଏହି ମାମଲାର ତଦନ୍ତ ଆରମ୍ଭ କରିଥିଲା।



## ଇଣ୍ଡୋନେସିଆରେ ପ୍ରମ୍ବାନନ ମନ୍ଦିରରେ ମୋଦୀ

**ନୂଆଦିଲ୍ଲୀ,୮।୭(ନି.ପ୍ର):** ଇଣ୍ଡୋନେସିଆ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେଣ୍ଟ୍ରାଲ ଜାଭାରେ ଇଣ୍ଡୋନେସିଆର ସବୁଠାରୁ ବଡ଼ ହିନ୍ଦୁ ମନ୍ଦିର ପ୍ରମ୍ବାନନ କମ୍ପ୍ଲେକ୍ସ ଗସ୍ତ କରି ପୂଜାର୍ଚ୍ଚନା କରିଛନ୍ତି । ଏହି କମ୍ପ୍ଲେକ୍ସ ୧୯୯୧ରେ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳର ମାନ୍ୟତା ହାସଲ କରିଥିଲା। ନବମ ଓ ଦଶମ ଶତାବ୍ଦୀରେ ସଞ୍ଜୟ ରାଜବଂଶ ଏହା ନିର୍ମାଣ କରିଥିଲେ । ହିନ୍ଦୁ ଧର୍ମର ତ୍ରିଦେବ ଶିବ, ବିଷ୍ଣୁ ଓ ବ୍ରହ୍ମାଙ୍କୁ ଏହା ସମର୍ପିତ । ତିନି ମନ୍ଦିର ମଧ୍ୟରେ ଶିବ ମନ୍ଦିର ସବୁଠାରୁ ଉଚ୍ଚ, ୪୭ ମିଟର । ଇଣ୍ଡୋନେସିଆରୁ ମୋଦୀ ଅଷ୍ଟ୍ରେଲିଆରେ ପହଞ୍ଚିଛନ୍ତି।

# ଯୁକ୍ତ ୨ ପ୍ରଥମ ପର୍ଯ୍ୟାୟ ନାମଲେଖା ମେରିଟ୍ ଲିଷ୍ଟ ଆସିଲା

## ୪.୨୯ ଲକ୍ଷ ଛାତ୍ର ଛାତ୍ରୀ ଯୋଗ୍ୟ ବିବେଚିତ

### କଟ୍ ଅଫ୍ ମାର୍କରେ ଆଗରେ ରହିଛି ରେଭେନ୍ସା

**ଭୁବନେଶ୍ୱର,୮।୭(ନି.ପ୍ର):** ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଯୁକ୍ତ୨ ପ୍ରଥମ ପର୍ଯ୍ୟାୟ ମେରିଟ୍ ତାଲିକା ପ୍ରକାଶ କରିଛି ଓଡ଼ିଶାର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ। ଏଥିରେ ମୋଟ୍ ୪,୬୧,୩୨୫ ଆବେଦନକାରୀଙ୍କ ମଧ୍ୟରୁ ୪,୨୯,୨୧୯ ଛାତ୍ର ଛାତ୍ରୀ ଯୋଗ୍ୟ ବିବେଚିତ ହୋଇଛନ୍ତି। କଟ୍-ଅଫ୍ ମାର୍କରେ ଆଗରେ ରହିଛି ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ।

ମନୋନୀତ ଶିକ୍ଷାର୍ଥୀଙ୍କ ମଧ୍ୟରେ କଳାରେ ୨,୭୬,୯୨୫, ବିଜ୍ଞାନରେ ୧,୨୧,୪୯୪, ବାଣିଜ୍ୟରେ ୧୯,୮୪୪, ଉପଶାସ୍ତ୍ରୀରେ ୬,୧୩୪, ଧନ୍ଦାମୂଳକ ଶିକ୍ଷାରେ ୪,୮୨୨ ଜଣ ରହିଛନ୍ତି। ଯୋଗ୍ୟ ବିବେଚିତ ଛାତ୍ରଙ୍କ ସଂଖ୍ୟା ୨,୦୦,୪୯୩ ଥିବାବେଳେ ୨,୨୮,୬୭୫ ଛାତ୍ରୀ ଏବଂ ୫୧ ଜଣ ଅନ୍ୟାନ୍ୟ ବର୍ଗର ଛାତ୍ର ଛାତ୍ରୀ ରହିଛନ୍ତି। ମୋଟ୍ ମନୋନୀତଙ୍କ ମଧ୍ୟରୁ ୨, ୭୪,୪୫୪ ଜଣଙ୍କୁ ସେମାନଙ୍କର ପ୍ରଥମ ପସନ୍ଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମିଳିଥିବା ବେଳେ ୩୨,୧୦୬ ଜଣ ପ୍ରଥମ ପର୍ଯ୍ୟାୟରେ ଅନୁପଯୁକ୍ତ ରହି ଦ୍ୱିତୀୟ ଓ ସ୍ପଟ୍ ସିଲେକ୍ସନ ପାଇଁ ସୁଯୋଗ ପାଇବେ।

କଟକର ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳାରେ ୮୧%, ବାଣିଜ୍ୟରେ ୮୨.୪୦% ଏବଂ ବିଜ୍ଞାନରେ ସର୍ବାଧିକ ୯୩.୪୦% କଟ୍-ଅଫ୍ ସହ ଶୀର୍ଷରେ ରହିଛି। କଳା, ବାଣିଜ୍ୟ କଟ୍ ଅଫ୍‌ର ଦ୍ୱିତୀୟ ସ୍ଥାନରେ ରହିଛି ରାଉରକେଲା ସରକାରୀ ଏଚ୍‌ଏସ୍‌ସି- କଳାରେ ୮୦.୬୭%, ବାଣିଜ୍ୟରେ ୮୧.୨୦%। ବିଜ୍ଞାନ କଟ୍ ଅଫ୍‌ର ଦ୍ୱିତୀୟ ସ୍ଥାନରେ ରହିଛି ବିଜେବି କଲେଜ। ବିଜେବିରେ କଟ୍ ଅଫ୍ ଯାଇଛି ୯୦%। ଧନ୍ଦାମୂଳକ ଶିକ୍ଷାରେ କଳାହାଣ୍ଡି ଧର୍ମଗଡ଼ର ସରକାରୀ ଭୋକେସନାଲ ବିଦ୍ୟାଳୟ ୭୪.୬୭%, ଉପଶାସ୍ତ୍ରୀରେ କନ୍ଧମାଳ ଚକାପାଦର ଗୁରୁକୁଳ ସଂସ୍କୃତ ବିଦ୍ୟାଳୟ ୫୭% ନିଜ ନିଜ ବର୍ଗରେ ଆଗୁଆ ରହିଛନ୍ତି। ଜୁଲାଇ ୧୫ ଯାଏ ନାମଲେଖା ଚାଲିବ। ଜୁଲାଇ ୨୩ରୁ ଆରମ୍ଭ ହେବ ପାଠପଢ଼ା।

# ସବୁ ବ୍ଲକ୍‌ରେ ହେବ ଦାଦନ ସର୍ଭେ

## ଦାଦନ-ଦୁଃଖରେ ରୋକ୍ ଲଗାଇବାକୁ ସରକାରଙ୍କ ଉଦ୍ୟମ

**ଭୁବନେଶ୍ୱର୮।୭(ନି.ପ୍ର):** ତାମିଲନାଡୁ ଗ୍ୟାସ୍ ଟ୍ରାଜେଡ଼ି ପରେ ଦାଦନ-ଦୁଃଖରେ ରୋକ୍ ଲଗାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ତାମିଲନାଡୁରେ ଏକ ଚିଙ୍ଗୁଡ଼ି କାରଖାନାରେ ସି-ଫୁଡ୍ ପ୍ରସେସିଂ ବେଳେ କେବଳ କେନ୍ଦୁଝର ଜିଲ୍ଲାରୁ ୧୫ ଜଣ ଜୁଆଙ୍ଗ ଶ୍ରମିକଙ୍କର ମୃତ୍ୟୁ ହୋଇଥିଲା। ସେଠାରେ କାର୍ଯ୍ୟ କରୁଥିବା କେନ୍ଦୁଝର, କୋରାପୁଟ, ଢେଙ୍କାନାଳ ଆଦି ଜିଲ୍ଲାର ୬୨ଜଣ ଶ୍ରମିକଙ୍କୁ ରାଜ୍ୟ ସରକାର ଫେରାଇ ଆଣିଥିଲେ ସେମାନଙ୍କ ଜିଲ୍ଲାକୁ।

ଏବେ ରାଜ୍ୟ ସରକାର ଆକ୍ସନ ମୋଡ଼ରେ ରହିଛନ୍ତି। ରାଜ୍ୟ ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ମଧ୍ୟ ଚେତାବନୀ ଦେଇଛନ୍ତି ଦାଦନ

**ସାବାଡ଼ ହେବେ ଦାଦନ ଦଲାଲ**

ଦଲାଲମାନଙ୍କୁ। ସେ କହିଛନ୍ତି, ଦାଦନ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛନ୍ତି ରାଜ୍ୟ ସରକାର। ସବୁ ବ୍ଲକ୍‌ରେ ହେବ ଦାଦନ ସର୍ଭେ। ସବୁ ଶ୍ରମିକଙ୍କ ସମ୍ପୂର୍ଣ୍ଣ ତଥ୍ୟ ତେବେ ପଞ୍ଚାୟତ କର୍ତ୍ତୃପକ୍ଷ। ଏଥିରେ ବିଡ଼ିଓମାନେ ମଧ୍ୟ ସମ୍ପୃକ୍ତ ହେବେ। ବିଭିନ୍ନ ରାଜ୍ୟରୁ ଓଡ଼ିଆ ଦାଦନ ଶ୍ରମିକଙ୍କୁ ଫେରାଇ ଅଣାଯାଇ ସେମାନଙ୍କ କାର୍ଯ୍ୟ ଦକ୍ଷତା ଅନୁଯାୟୀ ନିଜ ନିଜ ଜିଲ୍ଲାରେ ରୋଜଗାର ଦିଆଯିବ।

ରିପୋର୍ଟ କହୁଛି ଯେ, ରାଜ୍ୟରୁ ହଜାର ହଜାର ଯୁବକ ଯୁବତୀ ପେଟପାଟଣା ପାଇଁ କାମ ଖୋଜିବାକୁ ବାହାର ରାଜ୍ୟକୁ ଯାଇ ଦାଦନ ଖଟୁଛନ୍ତି। ସର୍ବାଧିକ ଯାଇଛନ୍ତି ବଲାଙ୍ଗୀର ଜିଲ୍ଲାରୁ। ବାହାର ରାଜ୍ୟରେ ଦାଦନ ଖଟୁଥିବା ଓଡ଼ିଆ ଶ୍ରମିକଙ୍କ ମଧ୍ୟରୁ ୨୬୨ ଜଣଙ୍କର ମୃତ୍ୟୁ ହୋଇଥିବା ମଧ୍ୟ ଜଣାପଡ଼ିଛି। ଓଡ଼ିଶାରୁ କାମ ଖୋଜିବାକୁ ବାହାର ରାଜ୍ୟକୁ ଯିବା ମଧ୍ୟ ଜାରି ରହିଛି।

# ହୀରାକୁଦର ୪ଟି ଗେଟ୍‌ରେ ପାଣି ଛଡ଼ାଯିବ

## ସ୍ଥାନାନ୍ତର ହେବ ଛତିଶଗଡ଼ରେ ଥିବା ହୀରାକୁଦର ୨ ଗଜ୍ ଷ୍ଟେସନ

**ସମ୍ବଲପୁର,୮।୭(ନି.ପ୍ର):** ମହାନଦୀର ଉପରମୁଣ୍ଡରେ ବର୍ଷା ଫଳରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବଢୁଛି। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତଙ୍କ ସୂଚନା ଅନୁଯାୟୀ, ଜଳଭଣ୍ଡାରରେ ବର୍ତ୍ତମାନ ଜଳସ୍ତର ୬୧୧.୨୩ ଫୁଟ। ଜଳସ୍ତର କମ୍ କରିବାକୁ ହେବ। ଏଥିପାଇଁ ଖୋଲାଯିବ ୪ଟି ଗେଟ୍। ପାଖାପାଖି ୧ ଲକ୍ଷ କ୍ୟୁସେକ ପାଣି ଛଡ଼ାଯିବ। ଆଗକୁ ପୁଣି ବର୍ଷା ସମ୍ଭାବନା ରହିଛି। ଜଳସ୍ତର କମ୍ ରହିଲେ ପୁଣି ବର୍ଷା ଜଳଭଣ୍ଡାରକୁ ଆସିବ।

ବୁର୍ଲାରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ପରିଚାଳନାକୁ ନେଇ ହୋଇଛି ଆନ୍ତଃରାଜ୍ୟ ବୈଠକ। ବୈଠକରେ ଉଭୟ ରାଜ୍ୟର ଜଳସମ୍ପଦ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ହୀରାକୁଦର ୨ ଗଜ୍ ଷ୍ଟେସନ ଛତିଶଗଡ଼ର ସରାଡିହି ଓ ସିଓରି ନାରାୟଣରେ ରହିଛି। ଗଜ୍ ଷ୍ଟେସନରେ ବ୍ୟାରେଜ ହେବା ଫଳରେ ମହାନଦୀ ଜଳ ପ୍ରବାହର ସଠିକ ତଥ୍ୟ ମିଳିପାରୁନାହିଁ। ତେଣୁ ଛତିଶଗଡ଼ରେ ଥିବା ଏହି ୨ ଗଜ୍ ଷ୍ଟେସନ ସ୍ଥାନାନ୍ତର ହେବ। ବୈଠକରେ ଏନେଇ ମଧ୍ୟ ଆଲୋଚନା ହୋଇଛି। ଗୁରୁବାର ପୂର୍ବାହ୍ନ ୧୧ଟା ସମୟରେ ହୀରାକୁଦ ଜଳଭଣ୍ଡାରର ୪ ଗେଟ୍ ଖୋଲିବା ପ୍ରକ୍ରିୟା ଆରମ୍ଭ ହେବ। (ପୃଷ୍ଠା:୫)

# ଖାଲି ପଡ଼ିଛି ୨୬ ହଜାର ପୋଲିସ ପଦବୀ

## ଥାନାରେ ନାହାନ୍ତି ଆବଶ୍ୟକ ସଂଖ୍ୟକ କର୍ମଚାରୀ

## ବଢୁଛି ପୋଲିସ ଉପରେ ଚାପ

**ଭୁବନେଶ୍ୱର,୮।୭(ନି.ପ୍ର):** ରାଜ୍ୟ ପୋଲିସ ଉପରେ ଚାପ ପଡୁଛି କି, ପୋଲିସ ଅଧିକାରୀ ଓ କର୍ମୀଙ୍କ ମଧ୍ୟରେ ମାନସିକ ଅବସାଦ ସୃଷ୍ଟି ହେଉଛି କି! ଏହାକୁ ନେଇ ରାଜ୍ୟ ପୋଲିସ ଡିଜି ବଡ଼ ବୟାନ ରଖିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଏବେ ୨୬ ହଜାର ପୋଲିସ ପଦବୀ ଖାଲି ପଡ଼ିଛି। ଅଧିକ ସମୟ ଡ୍ୟୁଟି କରୁଛନ୍ତି ପୋଲିସ କର୍ମଚାରୀ। ଥାନାରେ କର୍ମଚାରୀଙ୍କ ସଂଖ୍ୟା ଅନ୍ୟ ରାଜ୍ୟ ତୁଳନାରେ କମ୍।

ରାଜ୍ୟର ଆଇନ ଶୃଙ୍ଖଳାରେ ପୋଲିସର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ପୋଲିସ ଉପରେ ଲୋକଙ୍କ ଭରସା ଓ ଆଶା ବଢୁଛି। ଏଭଳି ସମୟରେ ସାମନାକୁ ଆସିଛି ରାଜ୍ୟ ପୋଲିସର ବିକଳ ଚିତ୍ର। କେଉଁଠି ଥାନା ବାବୁ ନାହାନ୍ତି ତ ଆଉ କେଉଁଠି ଥାନାରେ ନାହାନ୍ତି ଆବଶ୍ୟକୟ ଷ୍ଟାଫ୍। ତେଣୁ ଠିକ୍‌ରେ ହୋଇପାରୁନି କାମ। କଟକ ଗ୍ରାମାଞ୍ଚଳ ଏସପିଙ୍କ ଅଧୀନରେ



ଆସୁଥିବା ଆଠଗଡ଼, ବଡମ୍ବା, ନରସିଂହପୁର ଏବଂ ମାଣିଆବନ୍ଧ ଥାନାରେ ଥାନା ବାବୁ ଅଛନ୍ତି, ହେଲେ ଯଦି କିଛି କାମରେ ସେ ଯଦି ଫିଲ୍ଡ ଡ୍ୟୁଟିକୁ ବାହାରିଗଲେ ତେବେ ଥାନା ଜଗିବା ପାଇଁ ମଧ୍ୟ କେହି ଷ୍ଟାଫ ନାହାନ୍ତି। ଆଇଆଇସିଙ୍କ ସହ ୩ ଏସ୍‌ଆଇ ରହିବା କଥା, ହେଲେ ଦୀର୍ଘଦିନ ଧରି ସବୁ ଏସ୍‌ଆଇ ପଦବୀ ଖାଲି। ଥାନା ବାବୁ, ୨ ଜଣ ଏଏସ୍‌ଆଇ ଓ ୪ ଜଣ କନଷ୍ଟେବଲଙ୍କୁ ନେଇ ଚଳାଉଛନ୍ତି ଥାନା। ଏହିଭଳି ବିଭିନ୍ନ ଥାନାର ଅବସ୍ଥା। ଆବଶ୍ୟକ ସଂଖ୍ୟକ କର୍ମଚାରୀ ନଥିବାରୁ ଅଧିକ ସମୟ ଡ୍ୟୁଟି କରିବାକୁ ବାଧ ହେଉଛନ୍ତି ପୋଲିସ କର୍ମୀ।

ବିଭିନ୍ନ କାରଣ ପାଇଁ ପୂରଣ ହୋଇ ପାରୁନାହିଁ ଖାଲି ପଡ଼ିଥିବା ପୋଲିସ ପଦବୀ। ଦୀର୍ଘ ଦୁଇବର୍ଷ ହେବ ପ୍ରକାଶ ପାଇଥିବା ୯୩୩ ପୋଲିସ ଏସଆଇ ପଦବୀ ସହ ମୋଟ୍ ୭ ହଜାର ୬୬୪ ପଦବୀରେ ହୋଇପାରୁନାହିଁ ନିଯୁକ୍ତି ପ୍ରକ୍ରିୟା। ନୂତନ କରି ଗଠନ ହୋଇଥିବା ଓୟୁଏସ୍‌ଏସ୍‌ଏସ୍‌ସି ଜରିଆରେ ଖୁବଶୀଘ୍ର ଏହି ପଦବୀ ପୂରଣ ହେବ ବୋଲି ସମସ୍ତଙ୍କ ଆଶା ରହିଛି। ରିପୋର୍ଟ ବି କହୁଛି ଯେ, ସମଗ୍ର ଦେଶରେ ଓଡ଼ିଶା ପୋଲିସ ୧୮ ଘଣ୍ଟା କାମ କରୁଛି। କାର୍ଯ୍ୟ କ୍ଷେତ୍ରରେ ଆବଶ୍ୟକତାଠାରୁ ଅଧିକ ସମୟ ଡ୍ୟୁଟି କଲେ ଚାପର ଶିକାର ହେବା ସ୍ୱାଭାବିକ।

# ସାଇବର ଅପରାଧ ବିରୋଧରେ ନୂଆ ଅସ୍ତ୍ର

## ଇ-ଜିରୋ ଏଫ୍‌ଆଇଆର୍

**କଟକ,୮।୭(ନି.ପ୍ର):** ରାଜ୍ୟରେ ବର୍ଦ୍ଧିତ ସାଇବର (ଅନ୍‌ଲାଇନ, ମୋବାଇଲ ଆଦି) ଆର୍ଥିକ ଠକେଇ ଘଟଣା ନିୟନ୍ତ୍ରଣ କରିବାକୁ ଓଡ଼ିଶା ପୋଲିସ ନୂଆ ପଦକ୍ଷେପ ଗ୍ରହଣ କରିଛି। ମାମଲାର ତ୍ୱରିତ ପଞ୍ଜୀକରଣ ପାଇଁ ଓଡ଼ିଶା ପୋଲିସର ଇ-ଜିରୋ ଏଫ୍‌ଆଇଆର୍ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ବୁଧବାର ରାଜ୍ୟ ପୋଲିସ ମୁଖ୍ୟାଳୟରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ବ୍ୟବସ୍ଥାର ଲୋକାର୍ପଣ କରିଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀ ମଧ୍ୟ ସାଇବର ଅପରାଧ ବିରୋଧରେ ଇ-ଜିରୋ ଏତଲା ପାଇଁ ଆହ୍ୱାନ ଦେଇଥିଲେ।

ନୂତନ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ ଡିଜିପି କହିଛନ୍ତି, ଏହି ବ୍ୟବସ୍ଥାରେ ରାଜ୍ୟ ଅପରାଧ ଅଭିଲେଖ ବ୍ୟୁରୋ (ଏସ୍‌ସିଆର୍‌ବି) ଜାତୀୟ ସାଇବର ହେଲ୍ପଲାଇନ୍ ୧୯୩୦କୁ ସିସିଟିଏନ୍‌ଏସ୍ ସହ ସମନ୍ୱୟ କରାଯାଇଛି। ନୂତନ ବ୍ୟବସ୍ଥା ଅନୁଯାୟୀ, ୧୦ ଲକ୍ଷ ଟଙ୍କା କିମ୍ବା ତା'ଠାରୁ ଅଧିକ ସାଇବର ଆର୍ଥିକ ଠକେଇ ସମ୍ବନ୍ଧୀୟ ଅଭିଯୋଗ ୧୯୩୦ରେ ପଞ୍ଜୀକୃତ ହେଲେ, ସିସିଟିଏନ୍‌ଏସ୍‌ରେ ସ୍ୱୟଂଚାଳିତ ଭାବେ ଇ-ଜିରୋ



ଏଫ୍‌ଆଇଆର୍ ଅନୁରୋଧ ସୃଷ୍ଟି ହେବ ଏବଂ ଏହା ଅପରାଧ ଶାଖାର ସାଇବର ପୋଲିସ ଷ୍ଟେସନକୁ ପଠାଯିବ। ପ୍ରାଥମିକ ଯାଞ୍ଚ ପରେ ସାଇବର ପୋଲିସ ଷ୍ଟେସନ ନିୟମିତ ଏଫ୍‌ଆଇଆର୍ ପଞ୍ଜୀକରଣ କରି ତଦନ୍ତ ଆରମ୍ଭ କରିପାରିବ। ମାମଲାକୁ ସମ୍ପୃକ୍ତ ଥାନାକୁ ସ୍ଥାନାନ୍ତର, ଜିରୋ ଏଫ୍‌ଆଇଆର୍ ଭାବେ ପଞ୍ଜୀକରଣ, ପୂର୍ବରୁ ଥିବା ମାମଲା ସହ ସଂଯୋଗ କିମ୍ବା ନିର୍ଦ୍ଧାରିତ ମାନଦଣ୍ଡ ପୂରଣ ନ କରୁଥିବା ଅଭିଯୋଗକୁ ବନ୍ଦ କରାଯାଇପାରିବ। (ପୃଷ୍ଠା:୫)



# ବର୍ଷାଦିନେ ଖାଆନ୍ତୁ ଏହି ଫଳ, ଆପଣଙ୍କୁ ସୁସ୍ଥ ରଖିବ

ସମସ୍ତେ ଏହା ଜାଣିଥାନ୍ତି ଯେ ଫଳ ଖାଇବା ଦ୍ୱାରା ଶରୀରକୁ ଆବଶ୍ୟକ ପରିମାଣରେ ପୁଷ୍ଟି ମିଳିଥାଏ। କେଉଁ ଫଳ ନିୟମିତ ଖାଇବା ଉଚିତ୍ ଏହା ମନେ ରଖିବା ଆବଶ୍ୟକ । କେଉଁ ଋତୁରେ କେଉଁ ଫଳ ଖାଇବା ଶରୀର ପାଇଁ ଲାଭଦାୟକ ହୋଇଥାଏ । ବର୍ଷା ଋତୁରେ ଶରୀରକୁ ଅତି ସହଜରେ ରୋଗ ହୋଇଥାଏ । ଏପରି ପରିସ୍ଥିତିରେ ଆପଣ ନିୟମିତ ଭାବରେ ଏପରି କିଛି ଫଳ ଖାଇଥା'ନ୍ତି ଯାହା ଆପଣଙ୍କ ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ରକ୍ଷା କରିବା ସହିତ ଆପଣଙ୍କୁ ଆବଶ୍ୟକୀୟ ପୁଷ୍ଟିକର ଖାଦ୍ୟ ଯୋଗାଇଥାଏ ଯାହା ଆପଣ ରୋଗ ଠାରୁ ଦୂରେଇ ରହିପାରିବେ ।

**ଡାଳିମ୍ବ:** ଡାଳିମ୍ବ ଖାଇବା ଶରୀର ପାଇଁ ଭଲ ହୋଇଥାଏ। କାରଣ ଡାଳିମ୍ବରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି ଯାହା ଆମ ଶରୀରର ମେଟାବୋଲିଜିମ୍ ବୃଦ୍ଧିରେ ସାହାଯ୍ୟ କରିଥାଏ। ଡାଳିମ୍ବ ଖାଇବାର ଗୋଟିଏ ସୁବିଧା ହେଉଛି ଏହାକୁ ଖାଇବା ଦ୍ୱାରା ଆମ ଶରୀରରେ ଲାଲ ରକ୍ତ କଣିକା ଶୀଘ୍ର ବିକଶିତ କରିଥାଏ। ବର୍ଷା ଋତୁରେ ରେ ଏହା କୌଣସି ଲୋକଙ୍କୁ କ୍ଷତି ପହଞ୍ଚାଇବ ନାହିଁ।

**ଲିଚୁ :** ଏଥିରେ ଆଣ୍ଟି-ଭାଇରାଲ୍ ଗୁଣ ଥିବାରୁ ଏହାକୁ ବର୍ଷାଦିନେ ଖାଇବା ଉଚିତ୍ । ଯାହା ଆମର ରକ୍ତ ସଞ୍ଚାଳନକୁ ଉନ୍ନତ କରିଥାଏ ।

**ସେଓ :** ପ୍ରତ୍ୟେକ ଋତୁରେ ସେଓ ନିହାତି ଖାଇବା ଜରୁରୀ ହୋଇଥାଏ । ଯଦି ଏହାକୁ ସବୁ ସମୟରେ ଖାଇ ପାରୁନାହାନ୍ତି ତେବେ ବର୍ଷା ଦିନେ ଏହାକୁ ନିହାତି ଖାଇବା ଦରକାର । ଏଥିରୁ ଭଲ ପରିମାଣର ଫାଇବର ମିଳିଥାଏ । ଏପରି ପରିସ୍ଥିତିରେ ସେଓ ଖାଇବା ଆପଣଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି କୁହାଯାଏ ।

ବର୍ଷା ଋତୁରେ ଶରୀରକୁ ସୁସ୍ଥ ଓ ରୋଗମୁକ୍ତ ରଖିବା ପାଇଁ ସନ୍ତୁଳିତ ଖାଦ୍ୟ ସହ ଋତୁ ଅନୁଯାୟୀ ଫଳ ଖାଇବା ଅତ୍ୟନ୍ତ ଜରୁରୀ। ଡାଳିମ୍ବ, ଲିଚୁ ଓ ସେଓ ଭଳି ଫଳ ଶରୀରର ପ୍ରତିରୋଧକ ଶକ୍ତି ବଢ଼ାଇବା ସହିତ ଆବଶ୍ୟକ ଭିଟାମିନ୍, ଖଣିଜ ଲବଣ ଓ ଫାଇବର ଯୋଗାଇଥାଏ। ଏହି ଫଳଗୁଡ଼ିକ ହଜମ ପ୍ରକ୍ରିୟାକୁ ସୁସ୍ଥ ରଖିବା ସହ ଶରୀରକୁ ସଂକ୍ରମଣରୁ ସୁରକ୍ଷା ଦେବାରେ ମଧ୍ୟ ସାହାଯ୍ୟ କରେ। ତେଣୁ ବର୍ଷା ଦିନରେ ପରିଷ୍କାର ଓ ତାଜା ଫଳକୁ ନିୟମିତ ଖାଦ୍ୟ ତାଲିକାରେ ସାମିଲ କରି ସୁସ୍ଥ ଜୀବନଶୈଳୀ ଆପଣାଇବା ଉଚିତ।



# ପଡ଼କାଷ୍ଟରେ କୃତିଙ୍କ ବଡ଼ ଖୁଲାସା
## କାହିଁକି କରାଇଲେ ଏଗ୍ ଫ୍ରିଜ୍

ବଲିଉଡ୍ ଅଭିନେତ୍ରୀ କୃତି ସାନନଙ୍କ ବଡ଼ ଖୁଲାସା । ନିଜ ମାତୃତ୍ୱର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ସେ ଏଗ୍ ଫ୍ରିଜ୍ କରାଇଥିବା କଥା ସାର୍ବଜନୀନ ଭାବେ ସ୍ୱୀକାର କରିଛନ୍ତି । ଏକ ପଡ଼କାଷ୍ଟରେ କୃତି ନିଜ ଜୀବନର ଏହି ବ୍ୟକ୍ତିଗତ ନିଷ୍ପତ୍ତି ବିଷୟରେ ଖୋଲାଖୋଲି କହିଛନ୍ତି ।

କରିଶ୍ମା ମେହେତାଙ୍କ ପଡ଼କାଷ୍ଟରେ ଯୋଗ ଦେଇ କୃତି ସାନନ କହିଛନ୍ତି ଯେ, ଜାତୀୟ ପୁରସ୍କାର ବିଜେତା ଚଳଚ୍ଚିତ୍ର ମିମି' ପାଇଁ ପ୍ରସ୍ତୁତି କରୁଥିବା ସମୟରେ ସେ ଏଗ୍ ଫ୍ରିଜ୍ କରାଇବାର ନିଷ୍ପତ୍ତି ନେଇଥିଲେ । ସେହି ଚରିତ୍ର ପାଇଁ ତାଙ୍କୁ ଓଜନ ବଢ଼ାଇବାକୁ ପଡୁଥିଲା । ଏହି ସମୟରେ ଏଗ୍ ଫ୍ରିଜିଂ ପ୍ରକ୍ରିୟା ମଧ୍ୟ ଶରୀରରେ କିଛି ପରିବର୍ତ୍ତନ ଆଣିପାରେ ବୋଲି ସେ ଜାଣିଥିଲେ । ତେଣୁ ସେ ଭାବିଥିଲେ ଏହି ସମୟ ହିଁ ସବୁଠାରୁ ଉପଯୁକ୍ତ ।

କୃତି କହିଛନ୍ତି, କେହି ଜଣେ ତାଙ୍କୁ ପରାମର୍ଶ ଦେଇଥିଲେ ଯେ, ସୁଯୋଗ ଥିଲେ ଏଗ୍ ଫ୍ରିଜ୍ କରାଇବା ଜଣେ ମହିଳାଙ୍କ ପାଇଁ ନିଜକୁ ଦିଆଯାଇଥିବା ସବୁଠାରୁ ମୂଲ୍ୟବାନ ଉପହାର ହୋଇପାରେ । ଏହି କଥା ତାଙ୍କ ମନରେ ଦୀର୍ଘଦିନ ଧରି ରହିଥିଲା । ପରେ ମିମି' ପାଇଁ ଓଜନ ବଢ଼ାଇବାର ଆବଶ୍ୟକତା ଆସିବା ପରେ ସେ ଏହି ପଦକ୍ଷେପ ନେଇଥିଲେ ।

ଏଗ୍ ଫ୍ରିଜିଂ ପ୍ରକ୍ରିୟା ସମୟରେ ହର୍ମୋନାଲ ଇଞ୍ଜେକ୍ସନ ନେବାକୁ ପଡେ। ଏହା ଫଳରେ କିଛି ସମୟ ପାଇଁ ଶରୀର ଫୁଲିଯିବା କିମ୍ବା ଓଜନ ବଢ଼ିଥିବା ଭଳି ଅନୁଭବ ହୋଇପାରେ । ତେଣୁ ଫିଲ୍ମ ପାଇଁ ଓଜନ ବଢ଼ାଇବା ଏବଂ ଏଗ୍ ଫ୍ରିଜିଂ ପ୍ରକ୍ରିୟାକୁ ଏକାସାଙ୍ଗରେ କରିବାକୁ ସେ ଉଚିତ ମନେ କରିଥିଲେ।

କୃତିଙ୍କ ମତରେ, ଯଦି ଜଣେ ମହିଳାଙ୍କ ପାଖରେ ଏହି ସୁବିଧା ଉପଲବ୍ଧ ଥାଏ, ତେବେ ଭବିଷ୍ୟତ ପାଇଁ ଏଗ୍ ଫ୍ରିଜ୍ କରାଇବା ଏକ ଭଲ ନିଷ୍ପତ୍ତି ହୋଇପାରେ । ଏହା କେବଳ ଏକ ମେଡିକାଲ ବିକଳ୍ପ ନୁହେଁ, ବରଂ ଭବିଷ୍ୟତର ଯୋଜନା ପାଇଁ ନିଜକୁ ଦିଆଯାଇଥିବା ଏକ ବଡ଼ ଏବଂ ବୁଦ୍ଧିମାନ ଉପହାର ବୋଲି ସେ କହିଛନ୍ତି ।



# କିପରି ଶେଷ ହେବ କଳିଯୁଗ
## ଜାଣନ୍ତୁ କେତେ ବର୍ଷ ବାକି ରହିଲା

ଜନ୍ମ ପରେ ଯେମିତି ମୃତ୍ୟୁ ନିଶ୍ଚିତ । ସେହିପରି ଯୁଗ ପରିବର୍ତ୍ତନ ମଧ୍ୟ ଅଟଳ ସତ୍ୟ । ହିନ୍ଦୁ ଧର୍ମ ଅନୁସାରେ ସମୟକୁ ୪ ଟି ଯୁଗରେ ବିଭକ୍ତ କରାଯାଇଛି । ସେଗୁଡିକ ହେଉଛି ସତ୍ୟ ଯୁଗ, ତ୍ରେତୟା ଯୁଗ, ଦ୍ୱାପର ଯୁଗ ଓ କଳି ଯୁଗ । ବର୍ତ୍ତମାନ କଳିଯୁଗର ସମୟ ଚାଲିଛି । କଳିଯୁଗ ମଣିଷର ଜୀବନ କିପରି ହେବ ତାହା ଶାସ୍ତ୍ରରେ ପୂର୍ବରୁ ବର୍ଣ୍ଣନା ହୋଇସାରିଛି । ଶିବ ପୁରାଣରେ କଳିଯୁଗର ଅନେକ ଆଶ୍ଚର୍ଯ୍ୟଜନକ ଭବିଷ୍ୟବାଣୀ ବର୍ଣ୍ଣିତ । ତେବେ ଆସନ୍ତୁ କଳିଯୁଗର ସ୍ୱଭାବ ବିଷୟରେ ଜାଣିବା ।

ଶିବ ପୁରାଣରେ କଳିଯୁଗର ଏକ ବିସ୍ତୃତ ବର୍ଣ୍ଣନା ଦିଆଯାଇଛି । ବିଶେଷ କରି ବିଦ୍ୟେଶ୍ୱର ସଂହିତାର ପ୍ରଥମ ଏବଂ ଦ୍ୱିତୀୟ ଅଧ୍ୟାୟରେ ବର୍ଣ୍ଣନା ହୋଇଛି । ଋଷିମାନଙ୍କ ମଧ୍ୟରେ ଆଲୋଚନା ମାଧ୍ୟମରେ, କଳିଯୁଗର ଆରମ୍ଭ ଏବଂ ଶେଷ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

ଶିବ ପୁରାଣ ଅନୁସାରେ କଳିଯୁଗ ସମୟରେ ମାନବଜାତି ପୁଣ୍ୟ କାର୍ଯ୍ୟରୁ ଦୂରେଇ ଯିବ ଏବଂ କୁକର୍ମ ଲିପ୍ତ ହେବେ। ଲୋକମାନେ ସତ କହିବାଠାରୁ ଦୂରେଇ ଯିବେ । ଅନ୍ୟମାନଙ୍କ ନିନ୍ଦା କରିବାରେ ଲୋକମାନେ ଲିପ୍ତ ହେବେ । ଧନ ସମ୍ପତ୍ତି ହଡ଼ପ କରିବାର ଇଚ୍ଛା ବୃଦ୍ଧି ପାଇବ । ମନ ଅନ୍ୟ ମହିଳାଙ୍କ ପ୍ରତି ଆକର୍ଷିତ ହେବ । ଲୋକମାନେ ହିଂସ୍ର ହୋଇଯିବେ ଏବଂ ନିଜ ଶରୀରକୁ ନିଜର ଆତ୍ମା ବୋଲି ଭାବିବେ । ଲୋକମାନେ ନାସ୍ତିକ, ଗୁଣହୀନ ଏବଂ ପଶୁବାଦୀ ମାନସିକତାରେ ପରିଣତ ହେବେ । ପିତାମାତାଙ୍କ ପ୍ରତି ଘୃଣା ବୃଦ୍ଧି ପାଇବ । ଲୋଭ ପାଇଁ ବ୍ରାହ୍ମଣମାନେ ନିଜ ଧର୍ମରୁ ଦୂରେଇ ଯିବେ ଏବଂ ବେଦ ଜ୍ଞାନ ବିକ୍ରି କରି ଜୀବିକା ଅର୍ଜନ କରିବେ । ଟଙ୍କା ପାଇଁ ଶିକ୍ଷା ବ୍ୟବହାର ହେବ ଏବଂ ଅହଂକାରରେ ଲୋକମାନେ ବୁଡି ରହିବେ।

କ୍ଷତ୍ରୀୟ ବର୍ଗର ମଧ୍ୟ ସେମାନଙ୍କର ଧର୍ମ ପରିତ୍ୟାଗ କରିବେ । ସେମାନଙ୍କର ସାହସର ଅଭାବ ରହିବ ଏବଂ ସେମାନେ ଅନୈତିକ ଉପାୟରେ ନିଜର ଜୀବିକା ଅର୍ଜନ କରିବେ । ବୈଶ୍ୟ ବର୍ଗ ମଧ୍ୟ ସେମାନଙ୍କ ଧର୍ମରୁ ଦୂରେଇ ଯିବେ ଏବଂ କେବଳ ଧନ ଅର୍ଜନ କରିବାରେ ଧ୍ୟାନ ଦେବେ । ଏମିତିରେ ଠକ ବ୍ୟବସାୟରେ ମଧ୍ୟ ମାତିବେ । ଶୁଦ୍ର ବର୍ଗ ସେମାନଙ୍କର କର୍ତ୍ତବ୍ୟ ପରିତ୍ୟାଗ କରି ଅନ୍ୟମାନଙ୍କ ଅଭ ୟ । ସ ଗ୍ରହଣ କରିବେ ଏବଂ ଦେଖେଇହେବା କାର୍ଯ୍ୟରେ ଲିପ୍ତ ହେବେ । ସମାଜର ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କର ଧର୍ମ ଏବଂ କର୍ତ୍ତବ୍ୟରୁ ଦୂରେଇ ଯିବେ । ଲୋକମାନେ କପଟୀ, ସ୍ୱାର୍ଥପର ଏବଂ ନିନ୍ଦାକାରୀ ହୋଇଯିବେ। ଧନୀ ବ୍ୟକ୍ତିମାନେ ମନ୍ଦ କାର୍ଯ୍ୟରେ ଲିପ୍ତ ହେବେ ଏବଂ ପଣ୍ଡିତମାନେ ମଧ୍ୟ ବିତର୍କରେ ଲିପ୍ତ ହେବେ ।



କଳିଯୁଗର ମହିଳାମାନେ ନୈତିକତାରୁ ବିଚ୍ୟୁତ ହେଉଥିବା, ସ୍ୱାମୀଙ୍କୁ ଅସମ୍ମାନ କରୁଥିବା ଏବଂ ସେମାନଙ୍କ ଶ୍ୱଶୁର ଘରର ଲୋକଙ୍କୁ ଅସମ୍ମାନ କଥା ମଧ୍ୟ କୁହାଯାଇଛି । ସେମାନେ ଅନୁଶାସନହୀନ ହେବେ ଏବଂ ପାରିବାରିକ ମୂଲ୍ୟବୋଧରୁ ଦୂରେଇ ଯିବେ। ଆଜି, ଆମେ ଶିବ ପୁରାଣରେ ବର୍ଣ୍ଣିତ ଅନେକ କଥା ବାସ୍ତବରେ ପରିଣତ ହେଉଥିବା ଦେଖୁଛୁ । ତଥାପି କଳିଯୁଗ ମାତ୍ର ପ୍ରାୟ ୫୦୦୦ ବର୍ଷ ଧରି ଚାଲିଛି ଏବଂ ଲକ୍ଷ ଲକ୍ଷ ବର୍ଷ ଶେଷ ହେବା ପୂର୍ବରୁ ମଧ୍ୟ ବାକି ଅଛି ।

# କାର୍ ଛାଡ଼ି ମେଟ୍ରୋରେ ଗଲେ ରଣଦୀପ ହୁଡ୍ଡା
## ମୁମ୍ବାଇ ବର୍ଷା ପାଇଁ ଆପଣାଇଲେ ସହଜ ବାଟ



ବଲିଉଡ ଅଭିନେତା ରଣଦୀପ ହୁଡ୍ଡା ପୁଣିଥରେ ସାଧାରଣ ଜୀବନଶୈଳୀ ପାଇଁ ଚର୍ଚ୍ଚାରେ। ନିକଟରେ ତାଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହେଉଛି । ଏଥିରେ ସେମାନେ ସୁଟିଂ ସରିବା ପରେ ନିଜ ବିଳାସପୂର୍ଣ୍ଣ କାର୍ ଛାଡି ମେଟ୍ରୋରେ ଯାତ୍ରା କରୁଛନ୍ତି। ଅଭିନେତାଙ୍କ ଏଭଳି ଅନ୍ଦାଜକୁ ଫ୍ୟାନ୍ସ ପ୍ରଶଂସା କରିଛନ୍ତି ।

ଭିଡିଓ ଦେଖିବା ପରେ ସୋସିଆଲ ମିଡିଆ ୟୁଜର୍ସ ରଣଦୀପ ହୁଡ୍ଡାଙ୍କୁ ଡାଉନ ଟୁ ଅର୍ଥ ଷ୍ଟାର ବୋଲି କହୁଛନ୍ତି । ଅନେକ ଲୋକ କହିବା ମୁତାବକ, ରଣଦୀପ ଏତେ ଲୋକପ୍ରିୟତା ପାଇବା ପରେ ସାଧାରଣ ଜୀବନଶୈଳୀ ଏବଂ ବ୍ୟବହାର ପାଇଁ ଅନ୍ୟ ଷ୍ଟାରଙ୍କ ଠାରୁ ଅଲଗା । ରଣଦୀପଙ୍କ ଭିଡିଓ ଏବେ ଖୁବ୍ ଭାଇରଲ ହେଉଛି । ଯାହାକୁ ନେଇ ଫ୍ୟାନ୍ସ ଲଗାତାର ପ୍ରତିକ୍ରିୟା ଦେଉଛନ୍ତି ।

ମୁମ୍ବାଇରେ ଲଗାତାର ବର୍ଷା ଯୋଗୁଁ ଅନେକ ଅଞ୍ଚଳରେ ସ୍ଥିତି ବେହାଲ ହୋଇପଡିଛି। ରାସ୍ତାରେ ପାଣି ଜମିବା ଯୋଗୁଁ ଲମ୍ବା ଟ୍ରାଫିକ ଜାମ୍ ଲାଗିଛି । ଏମିତିରେ ରଣଦୀପ ନିଜ କାର୍ ନେଇ ଯିବା ପରିବର୍ତ୍ତେ ମେଟ୍ରୋରେ ଯାତ୍ରା କରୁଛନ୍ତି । ରଣଦୀପ ଏବେ ଅନ୍ଧେରୀ ଇଷ୍ଟରେ ଏକ ସୁଟିଂ କରୁଛନ୍ତି । ସୁଟିଂ ଶେଷ ହେବା ପରେ ବର୍ଷା ଏବଂ ଟ୍ରାଫିକରୁ ବଞ୍ଚିବା ପାଇଁ ମେଟ୍ରୋରେ ଘରକୁ ଯାଉଛନ୍ତି । ସୋସିଆଲ ମିଡିଆରେ ରଣଦୀପଙ୍କ ଭିଡିଓ ଭାଇରଲ ହେଉଛି । ରଣଦୀପ ହୁଡ୍ଡାଙ୍କ ଅପକମିଂ ଫିଲ୍ମ ଇଠାରେ ଶ୍ରଦ୍ଧା କପୁରଙ୍କ ସହିତ ନଜର ଆସିବେ । ଅଗଷ୍ଟରେ ଫିଲ୍ମ ରିଲିଜ ହେବ। ଏହା ଏକ ବାୟୋପିକ ଫିଲ୍ମ । ଫିଲ୍ମର ଟିଜର ପୂର୍ବରୁ ରିଲିଜ ହୋଇସାରିଛି । ଏହାକୁ ଦର୍ଶକ ବହୁତ ପସନ୍ଦ କରୁଛନ୍ତି।

# କିପରି କଟିବ ଆଜିର ଦିନ

୯ ଜୁଲାଇ ୨୦୨୬

**ମେଷ:** ପାରିବାରିକ ଜୀବନରେ କେତୋଟି ଘଟଣାକୁ ବାଦ୍‌ଦେଲେ ପ୍ରାୟତଃ ଅସୁବିଧା ରହିବନି। ଅନ୍ୟ କଥାକୁ ଗୁରୁତ୍ୱ ନଦେଇ ଆତ୍ମନିର୍ଭରଶୀଳ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

**ବୃଷ:** କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିବେ। ବୃହସ୍ପତିଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ଶତ୍ରୁ ହ୍ରାସ ପାଇବେ। ଭୁଲ୍ ବୁଝାମଣାରୁ ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ମିଥୁନ:** ସାମାଜିକ ସ୍ତରରେ ପ୍ରତିଷ୍ଠାଲାଭ ପାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି। କଠୋର ପରିଶ୍ରମ ଜନିତ କାରଣରୁ ଶାରୀରିକ ଅସୁସ୍ଥତା ହୋଇପାରେ। ମହିଳାମାନେ କର୍ମତତ୍ପର ହେବେ।

**କର୍କଟ:** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟରୁ ଉପକୃତ ହେବେ। ପ୍ରଶାସନିକ ଆଲୋଚନା କ୍ଷେତ୍ରରେ ଅପରାହ୍ନ ସମୟରେ ଟେନସନ୍ କିଛି ମାତ୍ରାରେ କମିଯିବ। ପର ଉପରେ ନିର୍ଭର ହେବା ପାଇଁ ବାଧ୍ୟ ହେବାକୁ ପଡ଼ିପାରେ।

**ସିଂହ:** ଆକସ୍ମିକ ଭାବରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ମିଶିବାକୁ ଆସିଥିବା ବନ୍ଧୁଙ୍କ ସହ ଆଲୋଚନା କରିବାର ଅବସର ପାଇବେନି। ବ୍ୟବସାୟିକ କ୍ଷେତ୍ରରେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**କନ୍ୟା:** ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଦିନଟି ସଭାସମିତି, ଆଧ୍ୟାତ୍ମିକତା, ରାଜନୀତି, ପ୍ରଶାସନ ପାଇଁ ଭଲ।

**ତୁଳା:** ବନ୍ଧୁଙ୍କ ସହାନୁଭୂତିରୁ ବିବାଦୀୟ ଘଟଣାର ସମାଧାନ ହେବ। ଆର୍ଥିକ ସମସ୍ୟାର ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହୋଇନପାରେ।

**ବିଛା:** ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବାରୁ ବ୍ୟବସାୟରେ ମନାନ୍ତର ଦେଖାଦେବ। ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବା ସାଙ୍ଗକୁ ପୁରସ୍କୃତ ମଧ୍ୟ ହୋଇପାରନ୍ତି। ଜମିଜମା କାରଣକୁ ନେଇ କୌଣସି ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ଧନୁ:** ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ପୂର୍ବପରି ରହିବା ହେତୁ ସାମୟିକ ଚିନ୍ତା କରିବେ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇପାରନ୍ତି ।

**ମକର:** ହାତ ପାଆନ୍ତାକୁ ସୁଯୋଗ ଆସିଯିବା ହେତୁ ଅଟକି ରହିଥିବା କାମ ତ୍ୱରାନ୍ୱିତ ହେବ। ଘରେ ଆମୋଦ ପ୍ରମୋଦର ବାତାବରଣ ସୃଷ୍ଟି ହୋଇପାରେ। ଦୂରଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିବାର ଆଶଙ୍କା ରହିଛି।

**କୁମ୍ଭ:** ଶିକ୍ଷା, ସନ୍ତାନ ସମ୍ପର୍କ ଓ ଆଲୋଚନା କ୍ଷେତ୍ରରେ କେତେକ ବ୍ୟତିକ୍ରମର ସୂଚନା ରହିଛି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କଳା, ସାହିତ୍ୟ, ସାମ୍ବାଦିକତା ତଥା ସାହିତ୍ୟ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ମୀନ:** ବିଭିନ୍ନ ସମସ୍ୟାକୁ ସାମ୍ନା କରି ବ୍ୟସ୍ତତା ବୃଦ୍ଧି ପାଇବ। ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କ ଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ଭ୍ରମଣ ଯୋଗ ରହିଛି।

### ନିର୍ମାଣ ବିଭାଗ ପ୍ରକଳ୍ପ ଖର୍ଚ୍ଚ ସମୀକ୍ଷା କଲେ ପୂର୍ତ୍ତ ମନ୍ତ୍ରୀ

# ନିର୍ଦ୍ଧାରିତ ଅବଧିରେ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ପରାମର୍ଶ



ଭୁବନେଶ୍ୱର,୮।୭(ନିପ୍ର): ରାଜ୍ୟର ବିକାଶକୁ ତ୍ୱରିତ ଗତିରେ ଆଗେଇ ନେବା ପାଇଁ ରାସ୍ତାଘାଟ, କୋଠାବାଡ଼ି ଏବଂ ସେତୁ ଆଦି ନିର୍ମାଣ ପ୍ରକଳ୍ପ ସମୟ ଅବଧି ମଧ୍ୟରେ ଶେଷ କରିବାକୁ ପଡ଼ିବ। ଏଥି ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅନୁମୋଦନ ଏବଂ ୟୁଟିଲିଟି ସିଫ୍‌ଟିଂ ଆଦି ସମସ୍ୟାର ସମାଧାନ ଦିଗରେ ସମ୍ପୃକ୍ତ ମୁଖ୍ୟଯନ୍ତ୍ରୀ ଏବଂ ଅଧିକ୍ଷଣ ଯନ୍ତ୍ରୀମାନେ କାର୍ଯ୍ୟ କରିବା ଉପରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁତ୍ୱ ଦେଇଛନ୍ତି ।

ବୁଧବାର ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ବହୁ ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପ୍ରକ୍ରିୟାକୁ ଅଧିକ ତ୍ୱରିତ ଗତିରେ ଆଗକୁ ନେବାକୁ ପଡ଼ିବ। ଦୀର୍ଘ ଦିନ ଧରି ପଡିରହିଥିବା ପ୍ରକଳ୍ପକୁ ଆଗେଇ ନେବା ସହ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପ୍ରକଳ୍ପ ଅର୍ଥ ଖର୍ଚ୍ଚ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ସେଥିପାଇଁ ମୁଖ୍ୟଯନ୍ତ୍ରୀ ଓ ଅଧିକ୍ଷଣ ଯନ୍ତ୍ରୀମାନେ ନିୟମିତ ଅଞ୍ଚଳ ପରିଦର୍ଶନ ସହ ପ୍ରତି ମାସରେ କାର୍ଯ୍ୟର ଅଗ୍ରଗତି ଏବଂ ସମସ୍ୟା ସମାଧାନ ନେଇ ବୈଠକ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଡିଭିଜନୱାରୀ ବିଭିନ୍ନ ପ୍ରକଳ୍ପ ପାଇଁ ହୋଇଥିବା ଖର୍ଚ୍ଚ, ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତ ଇତ୍ୟାଦି ଉପରେ ବିଭଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ଆଲୋଚନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ. ଲକ୍ଷ୍ମୀକାନ୍ତ ପାଢ଼ୀ, ଅର୍ଥ ପରାମର୍ଶଦାତା ରତିକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାରେ ପୃଷ୍ଠ ଉତ୍ତାପକୁ ତୀବ୍ର କରୁଛି ଦ୍ରୁତ ସହରୀକରଣ ଓ ଭୂମି ଅବକ୍ଷୟ

ଭୁବନେଶ୍ୱର, ୮।୭ (ନି.ପ୍ର): ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ପୃଥିବୀ, ମହାସାଗର ଏବଂ ଜଳବାୟୁ ବିଜ୍ଞାନ ସ୍କୁଲର ଗବେଷକମାନଙ୍କ ଦ୍ୱାରା କରାଯାଇଥିବା ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ ସମଗ୍ର ଓଡ଼ିଶାରେ ଭୂମିପୃଷ୍ଠ ତାପଜ ହଟସ୍ପଟ୍‌ରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି, ଯାହା ରାଜ୍ୟର ଜଳବାୟୁ ଉପରେ ଦ୍ରୁତ ସହରୀକରଣ ଏବଂ ଭୂମି–ବ୍ୟବହାର ପରିବର୍ତ୍ତନର ବଢ଼ୁଥିବା ପ୍ରଭାବକୁ ଉଲ୍ଲେଖ କରିଛି। ଏହି ଗବେଷଣା ରୟାଲ ସୋସାଇଟି ଅଫ୍ କେମେଷ୍ଟ୍ରିର ଏକ ପ୍ରତିଷ୍ଠିତ ଜର୍ଣ୍ଣାଲ, ଏନଭାରମେଣ୍ଟାଲ୍ ସାଇନ୍ସ: ଆଡ଼ଭାନ୍ସେସରେ ପ୍ରକାଶିତ ହୋଇଛି।




ଦୀକ୍ଷୀକା ମହାପାତ୍ର ଏବଂ ଡକ୍ଟର ଦେବଦତ୍ତ ସ୍ୱାଇଁଙ୍କ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନରେ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ କିପରି ତାପଜ ହଟସ୍ପଟ୍ ବିକଶିତ ହୋଇଛି, ତାହା ବୁଝିବା ପାଇଁ ୨୦ ବର୍ଷର ସାଟେଲାଇଟ୍ ତଥ୍ୟ ବିଶ୍ଳେଷଣ କରାଯାଇଛି। ନିଷ୍କର୍ଷଗୁଡ଼ିକ ଦର୍ଶାଉଛି ଯେ ଦ୍ରୁତ ଗତିରେ ବଢ଼ୁଥିବା ସହରାଞ୍ଚଳ ଏବଂ ଶିଳ୍ପ ଅଞ୍ଚଳ, ବିଶେଷକରି ଖୋର୍ଦ୍ଧା, ଗଞ୍ଜାମ, କଟକ ଏବଂ ସୁନ୍ଦରଗଡ଼ରେ ପୃଷ୍ଠ ତାପମାତ୍ରାରେ ନିରନ୍ତର ବୃଦ୍ଧି ଘଟୁଛି। ଅନେକ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ତାପଜ ହଟସ୍ପଟ୍ କଭରେଜ୍ ବାର୍ଷିକ ୨% ରୁ ୯% ବୃଦ୍ଧି ପାଉଛି। ଆଶ୍ଚର୍ଯ୍ୟଜନକ କଥା ହେଉଛି, ଗବେଷଣାରୁ ଏହା ମଧ୍ୟ ଜଣାପଡିଛି ଯେ ବୃଦ୍ଧି ପାଉଥିବା ତାପ ଆଉ କେବଳ ସହରଗୁଡ଼ିକରେ ସୀମିତ ନୁହେଁ। ବଲାଙ୍ଗୀର, କଳାହାଣ୍ଡି, ରାୟଗଡା ଏବଂ ଗଜପତି ସମେତ ଅନେକ ଆଭ୍ୟନ୍ତରୀଣ ଏବଂ ପାହାଡ଼ିଆ ଜିଲ୍ଲା ଉଦ୍ଭିଦ ହ୍ରାସ, ଜଙ୍ଗଲ କ୍ଷୟ ଏବଂ କ୍ରମାଗତ ଭାବରେ ଅନୁର୍ବର ଜମି ଯୋଗୁଁ ନିରନ୍ତର ଉତ୍ତାପର ଚାପ ଅନୁଭବ କରୁଛନ୍ତି।

ଗବେଷକମାନେ ଉଲ୍ଲେଖ କରିଛନ୍ତି ଯେ ଏପରି ଥର୍ମାଲ୍ ହଟସ୍ପଟ୍‌ରେ ଦୀର୍ଘ ସମୟ ଧରି ରହିବା ଦ୍ୱାରା ଜନସ୍ୱାସ୍ଥ୍ୟ, ଶକ୍ତି ଚାହିଦା ଏବଂ ପରିବେଶଗତ ସ୍ଥାୟୀତ୍ୱ ଉପରେ ଗମ୍ଭୀର ପ୍ରଭାବ ପଡ଼ିପାରେ। ଏହି ଅଧ୍ୟୟନ ଦର୍ଶାଉଛି ଯେ ଉପଗ୍ରହ–ଆଧାରିତ ନିରୀକ୍ଷଣ କିପରି ଦୁର୍ବଳ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ କରିପାରିବ ଏବଂ ଜଳବାୟୁ ସ୍ଥିରତା ପାଇଁ ପ୍ରମାଣ–ଆଧାରିତ ଯୋଜନାକୁ ସମର୍ଥନ କରିପାରିବ। ଏହି ଆହ୍ୱାନର ମୁକାବିଲା ପାଇଁ ଅଧ୍ୟୟନଟି ଅଞ୍ଚଳ–ନିର୍ଦ୍ଦିଷ୍ଟ ସମାଧାନ ସୁପାରିଶ କରେ, ଯେଉଁଥିରେ ସହରାଞ୍ଚଳ ସବୁଜ ସ୍ଥାନର ବିସ୍ତାର, ତାପ–ପ୍ରତିରୋଧୀ ଭିତ୍ତିଭୂମି ଗ୍ରହଣ, ମାଙ୍ଗ୍ରୋଭ୍ ଏବଂ ନଦୀକୂଳ ଉଦ୍ଭିଦ ପୁନରୁଦ୍ଧାର ଏବଂ ସହରାଞ୍ଚଳ ଯୋଜନା ଏବଂ ପରିବେଶ ପରିଚାଳନାରେ ଉଚ୍ଚ–ରିଜୋଲ୍ୟୁସନ୍ ସାଟେଲାଇଟ୍ ତଥ୍ୟକୁ ଏକୀକୃତ କରିବା ଅନ୍ତର୍ଭୁକ୍ତ।

# ଆଇଏନଏଆଇର ଦୁଇ ଦିନିଆ 'ଟେକ୍ନୋଲୋଜି ସମ୍ମିଳନୀ'




ଭୁବନେଶ୍ୱର, ୮।୭ (ନି.ପ୍ର): ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ଓ ଜାତୀୟ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ପାଇଁ ଇଣ୍ଡିଆନ୍ ନ୍ୟାସନାଲ୍ ଏକାଡେମୀ ଅଫ୍ ଇଞ୍ଜିନିୟରିଂ (ଆଇଏନଏଆଇ) ପକ୍ଷରୁ 'ଟେକ୍ନୋଲୋଜି କନ୍‌କ୍ଲେଭ–୨୦୨୬' ଆସନ୍ତା ଜୁଲାଇ ୧୧ ଓ ୧୨ ତାରିଖରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏହି ଦୁଇ ଦିନିଆ କନ୍‌କ୍ଲେଭରେ ବଣ୍ଟିତ କ୍ଷୁଦ୍ର ଓ ମଧ୍ୟମ ଆକାରର ପରମାଣୁ ରିଆକ୍ଟର ମାଧ୍ୟମରେ ଦୀର୍ଘମିଆଦୀ ଶକ୍ତି ସୁରକ୍ଷା, ତୈଳ ଓ ପ୍ରାକୃତିକ ଗ୍ୟାସ ଅନ୍ୱେଷଣ, କୋଇଲା ଗ୍ୟାସିଫିକେସନ୍, କ୍ରିଟିକାଲ୍ ମିନେରାଲ୍ ଓ ରେୟାର ଆର୍ଥ ଉତ୍ତୋଳନ, ସେମିକଣ୍ଡକ୍ଟର ପ୍ରଯୁକ୍ତି, ସ୍ୱାସ୍ଥ୍ୟସେବା ପ୍ରଯୁକ୍ତି, ପରିବହନ ଓ ଲଜିଷ୍ଟିକ୍ସ ଏବଂ ଯୋଗାଯୋଗ ପ୍ରଯୁକ୍ତି ଭଳି ବିଷୟ ଉପରେ ବିଶେଷ ଆଲୋଚନା ହେବ ବୋଲି ବୁଧବାର ସୋଆରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଇଏନ୍‌ଏଆଇର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

ଇଞ୍ଜିନିୟରିଂ କ୍ଷେତ୍ରର ଗବେଷକ, ଅଧ୍ୟାପକ, ବୈଷୟିକ ବିଶେଷଜ୍ଞ ଓ ଶିଳ୍ପ କ୍ଷେତ୍ରର ପ୍ରତିନିଧିମାନଙ୍କ ପାଇଁ ଏହି କନ୍‌କ୍ଲେଭ ଜ୍ଞାନର ଆଦାନ–ପ୍ରଦାନ ଓ ବୈଷୟିକ ଆଲୋଚନାର ଏକ ପ୍ରମୁଖ ମଞ୍ଚ ହେବ। ଯୁବ ଇଞ୍ଜିନିୟରମାନଙ୍କୁ ଦେଶ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ କରାଇବା ସହ ସେଗୁଡ଼ିକର ନବସୃଜନାତ୍ମକ ସମାଧାନ ଖୋଜିବା ଏହାର ଉଦ୍ଦେଶ୍ୟ। ଏହା ସହିତ ଷ୍ଟାର୍ଟଅପ୍ ଓ ଉଦ୍ୟୋଗୀମାନଙ୍କୁ ଏହା ସେମାନଙ୍କର ଉଦ୍‌ଭାବନମୂଳକ ପ୍ରୟାସ ପ୍ରଦର୍ଶନ କରିବାର ସୁଯୋଗ ମଧ୍ୟ ପ୍ରଦାନ କରିବ ବୋଲି ସୋଆର ଆନ୍ତର୍ଜାତିକ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ତଥା ଅଲ୍ ଇଣ୍ଡିଆ କାଉନ୍‌ସିଲ ଫର ଟେକ୍ନିକାଲ୍ ଏଜୁକେସନର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ଆଇଆଇଟି ଖଡ଼ଗପୁରର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଆଚାର୍ଯ୍ୟ କହିଛନ୍ତି ଯେ ଏହି କନକ୍ଲେଭରେ ବିସ୍ତୃତ ସାରାଂଶ ଉପସ୍ଥାପନା ମାଧ୍ୟମରେ ଶିକ୍ଷାନୁଷ୍ଠାନ, ଗବେଷଣା ସଂସ୍ଥା ଓ ଶିଳ୍ପ କ୍ଷେତ୍ର ମଧ୍ୟରେ ସହଯୋଗ ବୃଦ୍ଧି କରାଯିବ। ୨୦୨୫ ମସିହାରେ ଆଇଆଇଟି ବମ୍ବେରେ ପ୍ରଥମ ଥର ପାଇଁ ଏହି କନ୍‌କ୍ଲେଭ ଆୟୋଜିତ ହୋଇଥିବା ବେଳେ ଦେଶରେ ଏହା ଦ୍ୱିତୀୟ ଥର ପାଇଁ ଆୟୋଜିତ ହେବାକୁ ଯାଉଛି। ପରିବହନ ଓ ଲଜିଷ୍ଟିକ୍ସ, ସ୍ୱାସ୍ଥ୍ୟସେବା ପ୍ରଯୁକ୍ତି ଏବଂ ଶକ୍ତି–ନିର୍ଭର ଶିଳ୍ପରେ ଶକ୍ତି ବ୍ୟବହାର ହ୍ରାସ ଓ ବିବିଧୀକରଣ ସଂପର୍କିତ ବିଷୟ ଉପରେ ପ୍ୟାନେଲ୍ ଆଲୋଚନା ମଧ୍ୟ ଅନୁଷ୍ଠିତ ହେବ।

### ନାଲକୋ–ଏନଏଲସି ଇଣ୍ଡିଆ ମଧ୍ୟରେ ଚୁକ୍ତିନାମା

# ଅନୁଗୋଳରେ ପ୍ରତିଷ୍ଠା ହେବ ୧୦୮୦ ମେଗାୱାଟ୍ ପାୱାର ପ୍ଲାଣ୍ଟ



ନୂଆଦିଲ୍ଲୀ/ଭୁବନେଶ୍ୱର, ୮।୭ (ନି.ପ୍ର): ଓଡ଼ିଶାର ଅନୁଗୋଳ ଠାରେ ୧୦୮୦ ମେଗାୱାଟ୍ ଥର୍ମାଲ୍ କ୍ୟାପଟିଭ୍ ପାୱାର ପ୍ଲାଣ୍ଟ ସ୍ଥାପନ ପାଇଁ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ଼ (ନାଲକୋ) ଏବଂ ଏନଏଲସି ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ମିଳିତ ଉଦ୍ୟମ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ କୋଇଲା ମନ୍ତ୍ରଣାଳୟର ଅତିରିକ୍ତ ସଚିବ ତଥା ଏନଏଲସି ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ଓ ପ୍ରବନ୍ଧ ନିର୍ଦ୍ଦେଶକ ସନୋଜ କୁମାର ଝା, ଭା.ପ୍ର.ସେ, ନାଲକୋର ଅଧ୍ୟକ୍ଷ ଓ ପ୍ରବନ୍ଧ ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ, ଖଣି ମନ୍ତ୍ରଣାଳୟର ଯୁଗ୍ମ ସଚିବ ବିବେକ କୁମାର ବାଜପେୟୀ, ନାଲକୋର ନିର୍ଦ୍ଦେଶକ ଜଗଦୀଶ ଆରୋରା, ନିର୍ଦ୍ଦେଶକ ଅଭୟ କୁମାର ବେହୁରିଆ, ଏନ୍‌ଏଲସି ଇଣ୍ଡିଆ ଲିମିଟେଡ୍‌ର ନିର୍ଦ୍ଦେଶକ (ବିତ୍ତ) ଡ଼. ପ୍ରସନ୍ନ କୁମାର ଆଚାର୍ଯ୍ୟଙ୍କ ସହ ଖଣି ତଥା କୋଇଲା ମନ୍ତ୍ରଣାଳୟ ଏବଂ ଉଭୟ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ମିଳିତ ଉଦ୍ୟମ କମ୍ପାନୀ ଆଇନ, ୨୦୧୩ ଅନୁଯାୟୀ ପଞ୍ଜିକୃତ ହେବ ଏବଂ ଏହାର ପଞ୍ଜିକୃତ କାର୍ଯ୍ୟାଳୟ ଚେନ୍ନାଇରେ ତଥା କର୍ପୋରେଟ୍ କାର୍ଯ୍ୟାଳୟ ଭୁବନେଶ୍ୱରରେ ରହିବ। ପ୍ରତ୍ୟେକ କମ୍ପାନୀର ୫୦% ଇକ୍ୱିଟି ରହିବା ସହ ବିଦ୍ୟୁତ୍ ଆଇନ, ୨୦୦୩ ର ଧାରା ୬୨ ଅନୁଯାୟୀ ୧୦୦% ବିଦ୍ୟୁତ ଯୋଗାଣ ନିମନ୍ତେ ନାଲକୋ ସହିତ ୨୫ ବର୍ଷର ବିଦ୍ୟୁତ କ୍ରୟ ଚୁକ୍ତିନାମା ଏବଂ କୋଲ୍ ଇଣ୍ଡିଆ ଅଧିସୂଚିତ ମୂଲ୍ୟରେ କୋଇଲା ନିମନ୍ତେ ଏନଏଲସି ଇଣ୍ଡିଆ ଲିମିଟେଡ୍ ସହିତ ଏକ ଦୀର୍ଘକାଳୀନ ଇନ୍ଧନ ଯୋଗାଣ ଚୁକ୍ତିନାମାର ଅଂଶ ଅଟେ। ଏହି ଚୁକ୍ତିନାମା ଭାରତ ସରକାରଙ୍କ ଖଣି ଏବଂ କୋଇଲା ମନ୍ତ୍ରଣାଳୟ ଅଧୀନରେ ଥିବା ଦୁଇଟି ନବରତ୍ନ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ କ୍ଷେତ୍ର ଉଦ୍ୟୋଗ ମଧ୍ୟରେ ରଣନୈତିକ ସହଭାଗୀତା ଅଟେ। ଚଳିତ ବର୍ଷ ଫେବୃଆରୀରେ ଚେନ୍ନାଇରେ ନାଲକୋ ଏବଂ ଏନଏଲସି ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ତାପଜ ଏବଂ ନବୀକରଣୀୟ ଶକ୍ତି ପ୍ରକଳ୍ପ ବିକାଶ ଏବଂ ଦୀର୍ଘକାଳୀନ କୋଇଲା ଯୋଗାଣ ବ୍ୟବସ୍ଥାରେ ସହଯୋଗ ପାଇଁ ବ୍ୟାପକ ଢାଞ୍ଚା ପ୍ରତିଷ୍ଠା ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

ସୂଚନାଯୋଗ୍ୟ ଯେ, ଦେଶର ଏକ ଅଗ୍ରଣୀ ଆଲୁମିନା ଏବଂ ଆଲୁମିନିୟମ ନିର୍ମାତା ଭାବେ ନାଲକୋ ଓଡ଼ିଶାର ଅନୁଗୋଳଠାରେ ବାର୍ଷିକ ୦.୫ ମେଟ୍ରିକ୍ ଟନ୍ ଉତ୍ପାଦନ କ୍ଷମତାର ଆଲୁମିନିୟମ ସ୍ମେଲ୍ଟର ସମ୍ପ୍ରସାରଣ କରୁଛି, ଯାହା ୨୦୩୦–୩୧ରେ କାର୍ଯ୍ୟକ୍ଷମ ହେବା ନିମନ୍ତେ ସମୟ ଧାର୍ଯ୍ୟ କରାଯାଇଛି। ଏହି ପ୍ଲାଣ୍ଟ ନିମନ୍ତେ ଅତିରିକ୍ତ ୮୦୦ ମେଗାୱାଟ୍ କ୍ୟାପ୍ଟିଭ୍ ପାୱାର ଆବଶ୍ୟକତା ରହିଛି। ଏହି ଆବଶ୍ୟକତା ପୂରଣ କରିବା ପାଇଁ ପ୍ରସ୍ତାବିତ ମିଳିତ ଉଦ୍ୟମକୁ ପର୍ଯ୍ୟାୟକ୍ରମେ ଅନୁଗୋଳସ୍ଥିତ ନାଲକୋ ସିପିପି ପରିସରରେ ସ୍ଥାପିତ କରାଯିବ। ଚୁକ୍ତିନାମା ମାଧ୍ୟମରେ ଏନଏଲସି ଇଣ୍ଡିଆ ଲିମିଟେଡ୍ ନାଲକୋକୁ ଆରସିଓ ମାନଦଣ୍ଡ ଅନୁଯାୟୀ ୨୦୦–୨୫୦ ମେଗାୱାଟ୍ ନବୀକରଣୀୟ ଶକ୍ତି ଯୋଗାଇଦେବ ବୋଲି ଲକ୍ଷ ରଖାଯାଇଛି।

### ଡାଳିମ୍ବମଡ଼ା ଗାଁ ପୁରୁଷ ଶୂନ୍ୟ

# ହତ୍ୟା ମାମଲାରେ ୮ ଗିରଫ

ନୟାଗଡ଼,୮।୭ (ନି.ପ୍ର): ନୟାଗଡ଼ ସଦର ଥାନା ଅଧୀନ ଡାଳିମ୍ବମଡ଼ା ଗାଁର ଅଭିମନ୍ୟୁ ସାହୁଙ୍କୁ ହତ୍ୟା ମାମଲାରେ ଅଟକ ରହିଥିବା ୮ ଜଣଙ୍କୁ ପୋଲିସ ଗିରଫ କରିଥିବାବେଳେ ଗାଁ ପୁରୁଷ ଶୂନ୍ୟ ହୋଇଯାଇଛି। ଅଭିଯୁକ୍ତମାନେ ହେଲେ ଦେବରାଜ ମହାପାତ୍ର (୭୪), ସୁବାସ ସାହୁ (୪୭), ବିଶ୍ୱ ମୋହନ ଜେନା(୪୦), ରମେଶ କୁମାର ସାହୁ (୪୫), ଗୋବର୍ଦ୍ଧନ ସାହୁ (୪୬), ପ୍ରଶାନ୍ତ ନାୟକ (୨୪), ବସନ୍ତ ସାହୁ (୨୫) ଓ ରଙ୍କ ନାୟକ (୫୫)। କେବଳ ଗିରଫଦାରୀ ଏତିକିରେ ସୀମିତ ରହିବ ନାହିଁ । ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ ସରିଛି ଓ ଖୁବ୍‌ଶୀଘ୍ର ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ ପାତ୍ର କହିଛନ୍ତି । ଅନ୍ୟପଟେ ଏହି ଗାଁରେ ବାସନ୍ଦ କରାଯାଇଥିବା ୫ଟି ପରିବାର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ପାତ୍ରଙ୍କୁ ଭେଟି ସେମାନଙ୍କୁ ଦିଆଯାଉଥିବା ନିର୍ଯାତନାରୁ ମୁକ୍ତ କରିବା ପାଇଁ ଗୁହାରି କରିଛନ୍ତି। ଗାଁରେ ଏପରି ଦମନଲୀଳା ଚଳାଇଥିବା କମିଟିର ସଦସ୍ୟମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ଦାବି କରିଛନ୍ତି ।

ମିଳିଥିବା ସୂଚନା ମୁତାବକ, ମୃତ ଅଭିମନ୍ୟୁଙ୍କ ପରିବାର ସହ ଏହି ଗାଁର ଗୋଲକ ବିହାରୀ ମୁଦୁଲି, ଲକ୍ଷ୍ମୀଧର ଲେଙ୍କା, ଅଲେଖ ଲେଙ୍କା ଓ ଜିତୁ ଲେଙ୍କା ଏସ୍ପିଙ୍କୁ ସାକ୍ଷାତ କରିଥିଲେ। ସମସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍ପି ସମସ୍ତଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଏହି ହତ୍ୟାକାଣ୍ଡ ପଛରେ ଜମିଜମା ବିବାଦ ରହିଥିବା ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି। ଯାହାକୁ ନେଇ ସେମାନେ ଦୀର୍ଘ ବର୍ଷ ହେଲା ଗାଁରୁ ବାସନ୍ଦ ରହିଥିଲେ। ଗାଁ ଲୋକ କେହି ସେ ପରିବାରକୁ କଥା କହୁନଥିଲେ। ଗ୍ରାମର ସମୂହ କାର୍ଯ୍ୟରେ ବାସନ୍ଦ ପରିବାରକୁ ଭାଗ ନେବାର ସୁଯୋଗ ମିଳୁନଥିଲା। ଯାହାକୁ କେନ୍ଦ୍ର କରି ବିଭିନ୍ନ ସମୟରେ ଗାଳିଗୁଲଜ ଲାଗି ରହୁଥିଲା। ମୃତ ଅଭିମନ୍ୟୁଙ୍କ ପିତା ଚିରଞ୍ଜିବି ସାହୁଙ୍କ ଅଭିଯୋଗ ଅନୁସାରେ ରବିବାର ସନ୍ଧ୍ୟାରେ ତାଙ୍କ ପୁଅ କୌଣସି କାମରେ ନିକଟ ଗ୍ରାମକୁ ଯାଇ ଫେରୁଥିବାବେଳେ ଗ୍ରାମର କେତେକ ଯୁବକ ପୁଅକୁ ଉଠାଇ ନେଇ ପିଟି ପିଟି ମାରି ଦେଇଥିଲେ।

# ବ୍ଲକ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀଙ୍କୁ ଗାଳିଗୁଲଜ ଓ ଧମକ



କାକଟପୁର, ୮।୭ (ନି.ପ୍ର): କାକଟପୁର ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପଶି ଗଣ୍ଡଗୋଳ କରିବା ଏବଂ ପିସି (ଶତକଡ଼ା ବ୍ୟବସାୟ/ଲାଞ୍ଚ) ନେବା ଅଭିଯୋଗକୁ କେନ୍ଦ୍ର କରି ଏକ ହଟଗୋଳର ଭିଡିଓ ଭାଇରାଲ ହୋଇଥିଲା। କନିଷ୍ଠ ଯନ୍ତ୍ରୀଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ୭ ଜଣଙ୍କ ନାମରେ ମାମଲା ରୁଜୁ କରିଥିବା ବେଳେ, ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରେସ ମିଟ୍ ଜରିଆରେ ଦାବି କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୩ ତାରିଖ ଶୁକ୍ରବାର ଦିନ ପୁରୀ ଜିଲ୍ଲା କାକଟପୁର ବ୍ଲକର କନିଷ୍ଠ ଯନ୍ତ୍ରୀ ଭାଗ୍ୟଧର ଧଳ ନିଜ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ କରୁଥିଲେ। ଏହି ସମୟରେ ବ୍ଲକ ଅଧୀନସ୍ଥ କାଢୁଅ ନୂଆଗାଁ ପଞ୍ଚାୟତରେ ୩ ମାସ ପୂର୍ବେ ହୋଇଥିବା ଏକ ସରକାରୀ କାର୍ଯ୍ୟର ବିଲ୍ ଟଙ୍କାରୁ 'ପିସି' କାଟିବା ଅଭିଯୋଗ ଆଣି ସେହି ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ କୈଳାସ ଲେଙ୍କା ଏବଂ ଭୀମସେନ ସେଠୀଙ୍କ ସମେତ କିଛି ଲୋକ କାର୍ଯ୍ୟାଳୟ ଭିତରକୁ ଜବରଦସ୍ତ ପଶିଥିଲେ। ସେମାନେ କନିଷ୍ଠ ଯନ୍ତ୍ରୀ ଶ୍ରୀ ଧଳଙ୍କୁ ଗାଳିଗୁଲଜ କରିବା ସହ ସରକାରୀ ଫାଇଲ୍ ଛଡ଼ାଇବା ଏବଂ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହି ସମଗ୍ର ଘଟଣାର ଏକ ଭିଡିଓ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଅପ୍ରୀତିକର ପରିସ୍ଥିତିକୁ ନେଇ ସମ୍ପୃକ୍ତ ଯନ୍ତ୍ରୀ ଗତ ମଙ୍ଗଳବାର ଦିନ କାକଟପୁର ଥାନାରେ ଏକ ଲିଖିତ ଏତଲା ଦାୟର କରିଥିଲେ। ପୋଲିସ ୭ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବୁଧବାର ଦିନ କାକଟପୁର ବ୍ଲକ ବିଡ଼ିଓ ନାରାୟଣ ଦୀକ୍ଷିତ ଏବଂ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ଏକ ସଂଯୁକ୍ତ ପ୍ରେସ ମିଟ୍ କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଛି। ଖୁବ୍ ଶୀଘ୍ର ଦୋଷୀମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ମାଗଣା ଫସଲ ବୀମା କରିବାକୁ ପରାମର୍ଶ

ଭୁବନେଶ୍ୱର,୮।୭(ନିପ୍ର): ରାଜ୍ୟର ଚାଷୀମାନଙ୍କ ପାଇଁ ଭଲ ଖବର। ସମବାୟ ବିଭାଗ ପକ୍ଷରୁ ୨୦୨୬ ଖରିଫ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫବିୱାଇ) ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଯୋଜନାରେ ଚାଷୀମାନେ ପ୍ରାକୃତିକ ବିପର୍ଯ୍ୟୟ ଜନିତ ଫସଲ ହାନି ପାଇଁ ବ୍ୟାପକ ଆର୍ଥିକ ସୁରକ୍ଷା ପାଇପାରିବେ। ଚଳିତ ବର୍ଷ ଓଡ଼ିଶା ସରକାର ଚାଷୀଙ୍କ ହିତ ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଚାଷୀମାନେ ୫ ଏକର ପର୍ଯ୍ୟନ୍ତ ଜମି ପାଇଁ ସମ୍ପୂର୍ଣ୍ଣ ମାଗଣାରେ ଫସଲ ବୀମା ସୁବିଧା ପାଇପାରିବେ। ଏଥିପାଇଁ ଚାଷୀଙ୍କ ଭାଗ ପ୍ରିମିୟମର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଆକାଉଣ୍ଟ ଯାଞ୍ଚ ପାଇଁ ଚାଷୀଙ୍କୁ ପ୍ଲଟ ପିଛା ମାତ୍ର ୧ ଟଙ୍କା ଦେବାକୁ ପଡ଼ିବ। ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଏବଂ ହଳଦୀର ବୀମା କରାଯିବ। ସମସ୍ତ ଋଣୀ ଚାଷୀ, ଅଣ–ଋଣୀ ଚାଷୀ ଏବଂ ଭାଗଚାଷୀ ଏହାର ଲାଭ ନେଇପାରିବେ।

ନାମ ପଞ୍ଜୀକରଣ ପାଇଁ ଆଧାର କାର୍ଡ କିମ୍ବା ଆଧାର ନାମଲେଖା ପ୍ରମାଣପତ୍ର ଜରୁରୀ। ଜମି ପଟ୍ଟା, ବ୍ୟାଙ୍କ ପାସବୁକ୍ ଓ ଫସଲ ସମ୍ବନ୍ଧୀୟ ଦସ୍ତାବେଜ୍ ଆବଶ୍ୟକ। ସ୍ଥାନୀୟ ପ୍ରାକୃତିକ ବିପର୍ଯ୍ୟୟ ସହ ଅମଳ ପରବର୍ତ୍ତୀ କ୍ଷୟକ୍ଷତି ମଧ୍ୟ ଏଥିରେ ସାମିଲ। ଚାଷୀମାନେ ନିକଟସ୍ଥ ପ୍ୟାକ୍ସ, ଲ୍ୟାମ୍ପ୍ସ କିମ୍ବା ସମ୍ପୃକ୍ତ ବ୍ୟାଙ୍କ ଶାଖା ଜରିଆରେ ଆବେଦନ କରିପାରିବେ। ଅଣ–ଋଣୀ ଚାଷୀମାନେ ଜନସେବା କେନ୍ଦ୍ର , ସମବାୟ ବ୍ୟାଙ୍କ, ବାଣିଜ୍ୟିକ ବ୍ୟାଙ୍କ ଶାଖା, ବୀମା ପ୍ରତିନିଧି କିମ୍ବା ସରକାରଙ୍କ ଅନୁମୋଦିତ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଜୁଲାଇ ୩୧ ସୁଦ୍ଧା ନାମ ପଞ୍ଜୀକରଣ କରିବେ। ଅଧିକ ସହାୟତା ପାଇଁ ଚାଷୀମାନେ ନିକଟସ୍ଥ କୃଷି ବିଭାଗ କାର୍ଯ୍ୟାଳୟ, ସମବାୟ ସମିତିର ଅଧିକାରୀଙ୍କ ସହ ସଂପର୍କ ସ୍ଥାପନ କରିପାରିବେ।

### ବହୁଚର୍ଚ୍ଚିତ ପିପିଲି ବେବିନା ଗଣଦୁଷ୍କର୍ମ ଓ ହତ୍ୟାକାଣ୍ଡ ମାମଲାର ରାୟ ପ୍ରକାଶ

# ଅମୂଲ୍ୟ ଚମ୍ପତିରାୟଙ୍କୁ କାରାଦଣ୍ଡ

ପିପିଲି,୮।୭ (ନି.ପ୍ର): ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ପ୍ରଶାନ୍ତ କୁମାର ମିଶ୍ର ୨୦୧୧ମସିହାର ବହୁ ଚର୍ଚ୍ଚିତ ବେବିନା ଗଣଦୁଷ୍କର୍ମ ଓ ହତ୍ୟାକାଣ୍ଡ ମାମଲାର ବୃତାନ୍ତ ଶୁଣାଣୀ କରି ପିପିଲି ଥାନାର ତତ୍କାଳୀନ ଥାନା ଆଇଆଇସି ଅମୂଲ୍ୟ ଚମ୍ପତିରାୟଙ୍କୁ ଦଣ୍ଡବିଧାନ କରିଛନ୍ତି । ବିଚାରପତି ସମସ୍ତ ସାକ୍ଷୀ ଓ ପ୍ରମାଣକୁ ଭିତି କରି ଅଭିଯୁକ୍ତ ଚମ୍ପତିରାୟଙ୍କୁ ୬ମାସ ଜେଲ ଦଣ୍ଡାଦେଶ ଦେଇଛନ୍ତି । ମାମଲା ରୁଜୁ କରିବାରେ ସେ ବିଳମ୍ବ କରି କର୍ତ୍ତବ୍ୟ ପାଳନରେ ଅବହେଳା କରିଥିବାରୁ ମାନ୍ୟବର ଅଦାଲତ ତାଙ୍କୁ ଦଣ୍ଡ ଦେଇଛନ୍ତି । ପିପିଲିଥାନା ଅର୍ଜୁନଗୋଦା ଗାଁରେ ଦଳିତ ଯୁବତୀ ବେବିନା ବେହେରାଙ୍କୁ ୨୦୧୧ ନଭେମ୍ବର ମାସ ୨୯ତାରିଖରେ ଗାଁ ପାଖ ବିଲରୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ଦୁର୍ବୃତ୍ତ ମାନେ ଗଣବଳାତ୍କାର କରିବା ପରେ ବିଲରେ ଫିଙ୍ଗି ଦେଇଥିବାର ପରିବାର ଲୋକେ ପୋଲିସରେ ଅଭିଯୋଗ କରିଥିଲେ । ବେବିନା କୋମାକୁ ଯିବାରୁ ତାଙ୍କୁ କଟକର ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା, ଯେଉଁଠାରେ ତାଙ୍କର ୨୦ ଜୁନ୍ ୨୦୧୨ ରେ ମୃତ୍ୟୁ ହୋଇଥିଲା। ତେବେ ଏହି ଘଟଣାରେ ପିପିଲି ପୋଲିସ୍ ଚୁପ ହୋଇ ବସିପଡିଥିବାରୁ ପିଡୀତାଙ୍କ ପରିବାର ରାଜ୍ୟ ମାନବାଧିକାରଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଥିଲେ ।

ରାଜ୍ୟ ମାନବାଧିକାର କମିଶନ ହସ୍ତକ୍ଷେପ କରିବା ପରେ ପୋଲିସ ୨୦୧୨ ମସିହା ଜାନୁଆରୀ ୯ତାରିଖରେ ଏକ ମାମଲା ରୁଜୁ କରିଥିଲା। ଘଟଣା ପରେ ପିପିଲି ପୋଲିସ ମାମଲା ରୁଜୁ କରି ନଥିଲା, ଏବଂ ପିପିଲି ଡାକ୍ତରଖାନାରେ ଡାକ୍ତରମାନେ ତ୍ରୁଟିପୂର୍ଣ୍ଣ ଚିକିତ୍ସା କରି ତାଙ୍କୁ ବିଷାକ୍ତ ସାପ କାମୁଡ଼ିଥିବା କହି ଆଂଟିଭେନମ୍ ସେରମ୍ ଇଞ୍ଜେକ୍ସନ ଦେଇଥିଲେ। ଗଳାକାଟି ହତ୍ୟା କରାଯାଇଥିବା ୧୯ ବର୍ଷୀୟା ଦଳିତ ଯୁବତୀ ବେବିନା ବେହେରାଙ୍କ ମାମଲା ପଞ୍ଜିକରଣ କିମ୍ବା ତଦନ୍ତ ନକରିବା ଅଭିଯୋଗରେ ଚମ୍ପତିରାୟଙ୍କୁ ତତ୍କାଳୀନ ଡିଜିପି ୨୦୧୨ ମସିହା ଜାନୁଆରୀ ୧୩ତାରିଖରେ ନିଲମ୍ବିତ କରିଥିଲେ ଏବଂ କର୍ତବ୍ୟରେ ଅବହେଳା ଦର୍ଶାଇ ସେହି ମାସ ୨୪ ତାରିଖରେ ସରକାର ତାଙ୍କୁ ଚାକିରିରୁ ବହିଷ୍କୃତ କରିଥିଲେ । ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଂଚକୁ ହସ୍ତାନ୍ତର କରାଯାଇଥିଲା । ଚମ୍ପତିରାୟ ତାଙ୍କ ବରଖାସ୍ତକୁ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲ (ସ୍ୟାଟ୍) ରେ ଚ୍ୟାଲେଞ୍ଜ କରିବା ପରେ ସ୍ୟାଟ୍ ତାଙ୍କ ବରଖାସ୍ତ ଆଦେଶକୁ ରଦ୍ଦ କରିଥିଲେ। ଏହାକୁ ନେଇ ରାଜ୍ୟ ସରକାର ପରବର୍ତୀ ସମୟରେ ୨୦୧୩ରେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଚମ୍ପତିରାୟଙ୍କ ବରଖାସ୍ତରେ ପ୍ରକ୍ରିୟାଗତ ତ୍ରୁଟି ଦର୍ଶାଇ ସ୍ୟାଟଙ୍କ ନିର୍ଦ୍ଦେଶକୁ ହାଇକୋର୍ଟ କାଏମ ରଖିଥିଲେ । ହାଇକୋର୍ଟଙ୍କ ଏହି ଆଦେଶକୁ ଚାଲେଂଜ କରି ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟ କାଏମ ରଖି ରାଜ୍ୟ ସରକାରଙ୍କ ଆବେଦନକୁ ଖାରଜ କରିଥିଲେ। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ତତ୍କାଳୀନ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଆନୁଷ୍ଠାନିକ ଭାବରେ ଚମ୍ପତିରାୟଙ୍କୁ ପୋଲିସ ସେବାରେ ପୁନଃସ୍ଥାପିତ କରିଥିଲେ । ଅକ୍ଟୋବର ୨୦୧୭ ରେ ତାଙ୍କୁ ରାଜ୍ୟ ପୋଲିସ ମୁଖ୍ୟାଳୟରେ ନିଯୁକ୍ତ କରି ପୁରୀ ପୋଲିସ ଅଧିକ୍ଷକଙ୍କ ନିକଟରେ ରିପୋର୍ଟ କରିବାକୁ ଅନୁମତି ଦେଇଥିଲେ । ଏହି ଘଟଣାରେ ତତ୍କାଳୀନ କୃଷି ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ସ୍ୱର୍ଗତ ପ୍ରଦୀପ ମହାରଥିଙ୍କୁ ଦୁଇ ଦୁଇ ଥର ମନ୍ତ୍ରୀପଦ ହରାଇବାକୁ ପଡିଥିଲା । ଚମ୍ପତିରାୟ ପୁଲିସ ଚାକିରିରୁ ଅବସର ନେଇଥିଲେ ମଧ୍ୟ ବିଚାରପତିଙ୍କ ରାୟ ପରେ ସେ ପୁଣି ଜେଲ ଯିବା ନେଇ ନିର୍ଦ୍ଦେଶ ରହିଛି । ଭବିଷ୍ୟତରେ ଏପରି ସମ୍ବେଦନଶୀଳ ମାମଲା ପ୍ରତି ପୁଲିସ ଅଧିକାରୀ ସଚେତନ ରହିବା ଉପରେ ରାୟରେ ବିଚାରପତି ଗୁରୁତ୍ୱାରୋପ କରିଛନ୍ତି ।

# ଆରକ୍ଷୀ ପ୍ରଶିକ୍ଷଣ ବିଦ୍ୟାଳୟରେ ଦୀକ୍ଷାନ୍ତ ସମାରୋହ



ନୟାଗଡ଼,୮।୭ (ନି.ପ୍ର): ନୟାଗଡ଼ ଆରକ୍ଷୀ ପ୍ରଶିକ୍ଷଣ ବିଦ୍ୟାଳୟଠାରେ ଦ୍ୱିତୀୟ ବ୍ୟାଚ ପିଏମଟି କ୍ୟାଡ଼ର ଯାନ ଚାଳକ ପ୍ରଶିକ୍ଷାର୍ଥୀ ଏବଂ ପଞ୍ଚମ ବ୍ୟାଚ ଡିଆଇସି ପ୍ରଶିକ୍ଷାର୍ଥୀମାନଙ୍କ ସମାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର ଯୋଗଦେଇ ପ୍ରଶୀକ୍ଷାର୍ଥିମାନଙ୍କୁ ଅଭିବାଦନ ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ। ରକ୍ଷୀ ପାହାଡ଼ର ପାଦଦେଶରେ ୧୯୬୨ ମସିହାରୁ ଗଢି ଉଠିଥିବା ଏହି ପ୍ରଶିକ୍ଷଣ ବିଦ୍ୟାଳୟର ଗରିମା ଉଲ୍ଲେଖ କରିବା ସହିତ ନୟାଗଡ଼ ପରି ବୀର ସହିଦର ମାଟିକୁ ଶତ ନମନ କରିଥିଲେ। ଏପରିକି ମା, ମାଟି ପାଇଁ ବୀର ଯବାନମାନେ ମାଓବାଦୀଙ୍କ ସମ୍ମୁଖ ଯୁଦ୍ଧରେ ଶହିଦ ହୋଇଥିବା ସେହି ରକ୍ତ ରଞ୍ଜିତ କଥାକୁ ମନେ ପକାଇବା ସହିତ ଏମିତି ଏକ ମାଟିରେ ସେ ଅବସ୍ଥାପିତ ହୋଇଥିବା ନେଇ ଗର୍ବ ଓ ଗୌରବ ମନେ କରିଥିଲେ। ସେ କହିଥିଲେ ଯେ ଯାନ ଚାଳକ ମାନେ ହେଉଛନ୍ତି ପୋଲିସ ବିଭାଗର ଅବିଚ୍ଛେଦ୍ୟ ଅଙ୍ଗ ତଥା ହୃତପିଣ୍ଡ ସଦୃଶ। ସେମାନଙ୍କର ଦୂରଦୃଷ୍ଟି, ସମୟୋଚିତ ବୁଦ୍ଧି, ବିଭାଗୀୟ ଅଙ୍ଗୀକାର ପ୍ରତିବଦ୍ଧତା ସେମାନଙ୍କର ସଫଳତା କ୍ଷେତ୍ରରେ ଏକ ପ୍ରମୁଖ ଉପାଦାନ ବୋଲି କହିଥିଲେ।

**ଅନୁଚିନ୍ତା**

ସଂସାରକୁ କେବଳ ସିଏ ହିଁ ଜିତିଛି
ଯିଏ ସତ୍ୟନିଷ୍ଠ ଓ ତ୍ୟାଗୀ ପୁରୁଷ ।

## ସମ୍ପାଦକୀୟ

# ପୋଲିସକର୍ମୀଙ୍କ ଆତ୍ମହତ୍ୟା

**ନି**କଟରେ କଟକ ଚାଉଳିଆଗଞ୍ଜ ଥାନାର ମହିଳା ଆଇଆଇସି ବିଯୁଟି ମହାନ୍ତି ଆତ୍ମହତ୍ୟା କରିଛନ୍ତି । ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ । ତଦନ୍ତ ଜାରି ରହିଛି । ଚଳିତବର୍ଷ ଫେବୃଆରୀରେ ମଧ୍ୟ ନୟାଗଡ଼ ପୋଲିସ ବ୍ୟାରାକର କନଷ୍ଟେବଲ ସୁନୀଲ ସେଠୀ ଓ ସୁନ୍ଦରଗଡ଼ରେ ମୁତୟନ ହୋଇଥିବା ସିଆରପିଏଫ୍ ହାବିଲଦାର ସୁଭାଷ ପ୍ରସାଦ ଆତ୍ମହତ୍ୟା କରିଥିଲେ । ରିପୋର୍ଟ ଅନୁଯାୟୀ, ୨୦୧୧ରୁ ୨୦୨୬ ମଧ୍ୟରେ ୨୦ ପୋଲିସକର୍ମୀ ଆତ୍ମହତ୍ୟା କରିଛନ୍ତି । ସେମାନଙ୍କ ମଧ୍ୟରେ ରହିଛନ୍ତି ଓଡ଼ିଶା ପୋଲିସ ଓ ରାଜ୍ୟରେ ମୁତୟନ ହୋଇଥିବା କେନ୍ଦ୍ରୀୟ ଅର୍ଦ୍ଧସାମରିକ ବଳର ଯବାନ । ଏହି ଅବଧି ମଧ୍ୟରେ ୪ ଜଣ ମଧ୍ୟ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଛନ୍ତି । ୧୫ ବର୍ଷ ମଧ୍ୟରେ ୨୦ ଜଣ ପୋଲିସ କର୍ମୀଙ୍କ ଆତ୍ମହତ୍ୟା କିଛି କମ୍ କଥା ନୁହେଁ । ଏହା ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ । ଆତ୍ମହତ୍ୟାର କାରଣ ଚାପଗ୍ରସ୍ତ ନିଶ୍ଚୟ । ହୋଇପାରେ ପାରିବାରିକ କାରଣରୁ ବା ଅନ୍ୟ କାରଣରୁ ଚାପଗ୍ରସ୍ତ କିମ୍ବା କାର୍ଯ୍ୟକ୍ଷେତ୍ରରେ ଚାପଗ୍ରସ୍ତ । ଦେଖିବାକୁ ଗଲେ ପୋଲିସକର୍ମୀଙ୍କ ପାଇଁ ରବିବାର ଅଥବା ନିଶ୍ଚିତ ଅବକାଶ ଭଳି ବ୍ୟବସ୍ଥା ବ୍ୟାବହାରିକ ରୂପରେ ହୋଇନଥାଏ । ଦିନ ରାତି ସେମାନଙ୍କୁ ମାନସିକ ରୂପରେ ସତର୍କ ରହିବାକୁ ପଡ଼ିଥାଏ । ଏହା ସହ ପାରିବାରିକ ଓ ବ୍ୟକ୍ତିଗତ ସମସ୍ୟା ଯୋଡ଼ି ହୋଇଗଲେ ଆହୁରି ବଢ଼ିଯାଏ ଚାପ । ଇଏଲ୍ ଓ ସିଏଲ୍‌ର ପ୍ରାବଧାନ ରହିଛି, କିନ୍ତୁ ଅଧିକାଂଶ ପୋଲିସକର୍ମୀ ଏହାର ଲାଭ ଉଠାଇ ପାରନ୍ତିନାହିଁ। ରାଜ୍ୟରେ ପୋଲିସ ବିଭାଗରେ ମଧ୍ୟ ହଜାର ହଜାର ପଦବୀ ଖାଲି ରହିଛି । ପଦବୀ ଖାଲି ରହିଥିବା ନେଇ ସ୍ପଷ୍ଟ ସୂଚନା ଦେଇଛନ୍ତି ରାଜ୍ୟ ପୋଲିସ ଡିଜି। ହଜାର ହଜାର ସଂଖ୍ୟାରେ ପଦବୀ ଖାଲି ରହିଲେ କାର୍ଯ୍ୟକ୍ଷେତ୍ରରେ ଚାପ ବୃଦ୍ଧି ପାଇବା ସ୍ୱାଭାବିକ । ବିଶେଷଜ୍ଞଙ୍କ ଅନୁଯାୟୀ, କେବଳ ଅନୁଶାସନାତ୍ମକ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ, ବରଂ ସଂସ୍ଥାଗତ ମନୋବୈଜ୍ଞାନିକ ସହାୟତା ଓ କାର୍ଯ୍ୟକ୍ଷେତ୍ରରେ ଉନ୍ନତ ସ୍ଥିତି ହେଉଛି ବର୍ତ୍ତମାନ ସମୟର ପ୍ରମୁଖ ଆବଶ୍ୟକତା ।

**ଦିନ ରାତି ମାନସିକ ରୂପରେ ସତର୍କ ରହିବାକୁ ପଡ଼ିଥାଏ । ଏହା ସହ ପାରିବାରିକ ଓ ବ୍ୟକ୍ତିଗତ ସମସ୍ୟା ଯୋଡ଼ି ହୋଇଗଲେ ଆହୁରି ବଢ଼ିଯାଏ ଚାପ ।**

# ପିଓକେରେ ଦମନଲୀଳା

**ପା**କ୍ ଅଧିକୃତ କାଶ୍ମୀର (ପିଓକେ)ରେ ଦୀର୍ଘ ଏକ ମାସ ଧରି ଜନତାଙ୍କ ଆନ୍ଦୋଳନ ଜାରି ରହିଛି । ଦିନକୁ ଦିନ ଆହୁରି ଉଗ୍ର ହେଉଛି ଏହି ଆନ୍ଦୋଳନ । ଲୋକଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ ନକରି ପାକ୍ ସରକାର ଏହି ଆନ୍ଦୋଳନ ଦବାଇବା ପାଇଁ ଦମନଲୀଳା ଚଳାଇଥିବା ଅଭିଯୋଗ କରିଛି ପିଓକେର ଜଏଣ୍ଟ ଆୱାମୀ ଆକ୍ସନ କମିଟି (ଜେଏଏସି) । ଏହି କମିଟି ଆନ୍ଦୋଳନର ନେତୃତ୍ୱ ନେଉଛି । ପାକ୍ ସୁରକ୍ଷା ବାହିନୀ ବିଭିନ୍ନ ସ୍ଥାନରେ ଆନ୍ଦୋଳନକାରୀଙ୍କ ଉପରେ ଗୁଳି ଚାଳନା କରୁଛନ୍ତି । ପାକ୍ ଦମନଲୀଳାରେ ୨୨ରୁ ଅଧିକ ଆନ୍ଦୋଳନକାରୀଙ୍କ ମୃତ୍ୟୁ ହେଲାଣି । ଶହ ଶହ ଆନ୍ଦୋଳନକାରୀ ଗିରଫ ହେଲେଣି । କିନ୍ତୁ ପାକ୍ ସରକାରଙ୍କ ଦମନଲୀଳା ଯେତେ ବଢ଼ୁଛି, ଜନତାଙ୍କ ଆକ୍ରୋଶ ମଧ୍ୟ ସେତେ ବୃଦ୍ଧି ପାଉଛି, ପ୍ରଦର୍ଶନକାରୀଙ୍କ ସଂଖ୍ୟା ମଧ୍ୟ ଲଗାତାର ବଢ଼ୁଛି ।



ଅବ୍‌ବାସପୁର, ଦୁଦିୟାଲ, ରାୱଲକୋଟ, ଚକ, ଇସ୍‌ମାଇଲ ଖାନ୍ ସହିତ ଆହୁରି ବହୁ ସ୍ଥାନରେ ଆନ୍ଦୋଳନକାରୀ ଏକଜୁଟ ହୋଇ ପ୍ରଦର୍ଶନ ଜାରି ରଖିଛନ୍ତି । ନ୍ୟୁଜିଲ୍ୟାଣ୍ଡର ଅକ୍‌ଲ୍ୟାଣ୍ଡରେ ବି କାଶ୍ମୀରୀ ସମ୍ପ୍ରଦାୟ ଆନ୍ଦୋଳନଙ୍କୁ ସମର୍ଥନ କରି ପାକିସ୍ତାନ ବିରୁଦ୍ଧରେ ପ୍ରଦର୍ଶନ କରିଛନ୍ତି । ଜେଏଏସି ପକ୍ଷରୁ କୁହାଯାଇଛି ଯେ, ସେମାଦେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବାବେଳେ ପାକ୍ ସରକାର ଗୁଳିଚାଳନା କରୁଛନ୍ତି । ଖାଦ୍ୟ ଓ ଔଷଧର ଅଭାବ ଦେଖାଦେଇଛି ପିଓକେରେ । ପାକ୍ ସରକାର ଏହାକୁ ଅଣଦେଖା କରିଚାଲିଛନ୍ତି । ଏଭଳି ସ୍ଥିତିରେ ଭାରତ ସହାୟତା କରିବାକୁ ନିବେଦନ କରୁଛନ୍ତି ଆନ୍ଦୋଳନକାରୀ। ଏଲ୍‌ଓସି ଏପଟେ ଥିବା ଜାମ୍ମୁ କ୍ଷେତ୍ରର ପୁଞ୍ଛ, ମେଣ୍ଡର, ରାଜୌରୀ, ଡୋଡ଼ା ଆଦି ଅଞ୍ଚଳର ଲୋକଙ୍କୁ ମଧ୍ୟ ଖାଦ୍ୟ ସାମଗ୍ରୀ ଓ ଔଷଧ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ସହାୟତା କରିବାକୁ ଅପିଲ କରିଛନ୍ତି । ଜେଏଏସିର ଜଣେ ପ୍ରମୁଖ ନେତା ଶୌକତ ନୱାଜ ମୀର୍‌ଙ୍କୁ ଗିରଫ କରାଯିବା ପରେ ଆନ୍ଦୋଳନ ଆହୁରି ତୀବ୍ର ହୋଇଛି । ଜେଏଏସି ପିଓକେର ପ୍ରତ୍ୟେକ ଜିଲ୍ଲାରୁ ୫୦ହଜାର ଲୋକ ଆନ୍ଦୋଳନରେ ସାମିଲ ହେବାକୁ ଡାକରା ଦେଇଛି । ଏହା ମଧ୍ୟ କହିଛି ଯେ, ଗୁଳିର ଜବାବ ଆମେ ବି ଗୁଳିରେ ଦେଇପାରିବୁ ।

# ଜୀବନର ସତ୍ୟ

**ବ**ନବାସ ସମୟରେ ଥରେ ପଞ୍ଚୁପାଣ୍ଡବ ଏକ ଜଳାଶୟକୁ ପାଣି ପିଇବାକୁ ଗଲେ। ଚାରିଭାଇ ପାଣି ପିଇବା ପାଇଁ ଯିବାରୁ ଜଣେ ଯକ୍ଷ ସେମାନଙ୍କୁ ସେଥିରୁ ନିବୃତ୍ତ ରହିବା ପାଇଁ କହିଲେ। ବାରଣ ନ ମାନି ପାଣି ପିଇବାରୁ ଚାରିଭାଇ ମରି ଶୋଇଲେ। ବହୁତ ବିଳମ୍ବ ହେବାରୁ ଯୁଧିଷ୍ଠିର ଭାଇମାନଙ୍କୁ ଖୋଜି ଜଳାଶୟ ନିକଟରେ ସେମାନଙ୍କୁ ମରି ପଡ଼ିଥିବା ଦେଖିଲେ। ଏହି ସମୟରେ ଯକ୍ଷ ବାହରି କହିଲେ– ଜଳାଶୟଟି ମୋ' ଅଧୀନରେ ଅଛି, ଯଦି ପାଣି ପିଇବାର ଅଛି ମୋ' ପ୍ରଶ୍ନ ଉତ୍ତର ଦେବାକୁ ପଡ଼ିବ। ଯୁଧିଷ୍ଠିର ରାଜିହେଲେ। ଯକ୍ଷ ପ୍ରଥମ ପ୍ରଶ୍ନ କଲେ: ମଣିଷର କିଏ ସାଥୀ– ଧୈର୍ଯ୍ୟ। ଦ୍ୱିତୀୟ ପ୍ରଶ୍ନ, ଯଶଲାଭର ଏକମାତ୍ର ଉପାୟ କ'ଣ–ଦାନ। ପବନ ଠାରୁ କିଏ ଅଧିକ ବେଗରେ ଯାଇଥାଏ–ମନ । ବିଦେଶ ଯାତ୍ରା କଲେ କିଏ ତୁମକୁ ସାହାଯ୍ୟ କରେ– ବିଦ୍ୟା। କ'ଣ ତ୍ୟାଗ କରି ମଣିଷ ପ୍ରିୟ ହୋଇଯାଏ–ଅହଂଭାବ। କ'ଣ ହଜାଇଲା ପରେ ମଣିଷକୁ ଦୁଃଖ ହୋଇ ନ ଥାଏ–କ୍ରୋଧ। କେଉଁ ଜିନିଷ ହଜାଇ ମଣିଷ ଧନୀ ହୋଇଥାଏ– ଲୋଭ। ବ୍ରାହ୍ମଣ ହେବା କେଉଁ କଥା ଉପରେ ନିର୍ଭର କରେ–ଶୀଳ ସ୍ୱଭାବ ଉପରେ। ଏମିତି କ'ଣ ଏକମାତ୍ର ଉପାୟ ଅଛି ଯେଉଁଥିରେ ଜୀବନ ସୁଖମୟ ହୋଇଥାଏ–ଭଲ ସ୍ୱଭାବ। ସର୍ବୋତ୍ତମ ଲାଭ କ'ଣ– ଆରୋଗ୍ୟ। ଧର୍ମରୁ ବଡ଼ରୁ ସଂସାରରେ କ'ଣ ଅଛି– ଉଦାରତା। ମନୁଷ୍ୟକୁ କିଏ ରକ୍ଷା କରେ–ଧର୍ମ। ଏହା ଶୁଣି ଯକ୍ଷ ଆନନ୍ଦିତ ହୋଇ ସମସ୍ତଙ୍କୁ ବଞ୍ଚାଇ ଦେଲେ। ଏହି କଥାରୁ ଆମକୁ ଅନେକ ଶିକ୍ଷା ମିଳେ। ଯେମିତି କାହାର ଲାଭ କରିପାରିବାନି ଯଦି କ୍ଷତି ମଧ୍ୟ କରିବା ନାହିଁ। କାହାକୁ ଦୁଃଖ ଦେବାନାହିଁ କିମ୍ବା ପ୍ରଶଂସା ନ କରିଲେ ନାହିଁ ଚଳିବ, ନିନ୍ଦା କରିବା ନାହିଁ।

**ଅମୃତ ଫଳ**

# ବିଶ୍ୱ ବଜାରରେ ବ୍ରହ୍ମୋସ୍ : ପ୍ରତିରକ୍ଷା ରପ୍ତାନୀ କ୍ଷେତ୍ରରେ ଭାରତର ଉଦୟ



ଡ. ସମନ୍ୱୟ ନନ୍ଦ

**ଏ**କ ସମୟ ଥିଲା ଯେତେବେଳେ ଭାରତକୁ ବିଶ୍ୱର ସର୍ବବୃହତ୍ ପ୍ରତିରକ୍ଷା ସାମଗ୍ରୀ ଆମଦାନୀକାରୀ ଦେଶମାନଙ୍କ ମଧ୍ୟରେ ଗଣନା କରାଯାଉଥିଲା। ଆଧୁନିକ ଅସ୍ତ୍ରଶସ୍ତ୍ର, କ୍ଷେପଣାସ୍ତ୍ର, ଯୁଦ୍ଧ ବିମାନ ଏବଂ ପ୍ରତିରକ୍ଷା ପ୍ରଣାଳୀ ପାଇଁ ଭାରତ ମୁଖ୍ୟତଃ ଆମେରିକା, ରୁଷ, ଫ୍ରାନ୍ସ ଓ ଇସ୍ରାଏଲ ଭଳି ଦେଶମାନଙ୍କ ଉପରେ ନିର୍ଭରଶୀଳ ଥିଲା। କିନ୍ତୁ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆସିଛି। ଗତ ଏକ ଦଶନ୍ଧି ମଧ୍ୟରେ ଏହି ପରିସ୍ଥିତିରେ ଦ୍ରୁତ ପରିବର୍ତ୍ତନ ହୋଇଛି। 'ମେକ୍ ଇନ୍ ଇଣ୍ଡିଆ', 'ଆତ୍ମନିର୍ଭର ଭାରତ' ଅଭିଯାନ ଏବଂ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ବେସରକାରୀ ସଂସ୍ଥାଗୁଡ଼ିକର ଭୂମିକା ମଧ୍ୟ ବଢ଼ିଛି। ଏହିସବୁ କାରଣ ଯୋଗୁ ଭାରତ ଆମଦାନୀକାରୀରୁ ରପ୍ତାନିକାରୀ ଦେଶରେ ପରିଣତ ହେବା ଦିଗରେ ଅଗ୍ରସର ହେଉଛି। ନିକଟ ଅତୀତରେ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରର ବିଶ୍ୱବ୍ୟାପୀ ଚାହିଦା ବୃଦ୍ଧି, ଦକ୍ଷିଣ-ପୂର୍ବ ଏସିଆରୁ ଆରମ୍ଭ କରି ଉପସାଗରୀୟ ଦେଶଗୁଡ଼ିକ ପର୍ଯ୍ୟନ୍ତ ଭାରତୀୟ ପ୍ରତିରକ୍ଷା ସାମଗ୍ରୀ ପ୍ରତି ବଢ଼ୁଥିବା ଆଗ୍ରହ ଏବଂ ପ୍ରତିରକ୍ଷା ରପ୍ତାନିରେ ବହୁଗୁଣ ବୃଦ୍ଧି ଏହି ପରିବର୍ତ୍ତନର ସ୍ପଷ୍ଟ ପ୍ରମାଣ।

ଯଦି ଆମେ ବିଶ୍ଳେଷଣ କରିବା ତେବେ ଜାଣି ପାରିବା, ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଭାରତର ପ୍ରତିରକ୍ଷା ରପ୍ତାନିର ସବୁଠାରୁ ବଡ଼ ସଫଳତା ଭାବେ ଉଭା ହୋଇଛି। ଫିଲିପାଇନ୍ସକୁ ଏହାର ସଫଳ ଯୋଗାଣ ପରେ ସଂପ୍ରତି ଭିଏତନାମ ସହ ଏହାର ରପ୍ତାନି ଚୁକ୍ତି ସମ୍ପନ୍ନ ହୋଇଛି। ଇଣ୍ଡୋନେସିଆ ସହ ମଧ୍ୟ ଚୁକ୍ତି ଅନ୍ତିମ ପର୍ଯ୍ୟାୟରେ ଥିବା ସୂଚନା ମିଳୁଛି। ଏହା ବ୍ୟତୀତ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସହ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଏବଂ 'ଆକାଶ ତୀର' ବାୟୁ ପ୍ରତିରକ୍ଷା ପ୍ରଣାଳୀର ରପ୍ତାନିକୁ ନେଇ ମଧ୍ୟ ଆଲୋଚନା ଜାରି ରହିଛି। ଏହା ସ୍ପଷ୍ଟ କରୁଛି ଯେ, ଭାରତୀୟ ପ୍ରତିରକ୍ଷା ସାମଗ୍ରୀ ଆଉ କେବଳ ଦେଶୀୟ ଆବଶ୍ୟକତା ପୂରଣରେ ସୀମିତ ନୁହେଁ, ବିଶ୍ୱ ପ୍ରତିରକ୍ଷା ବଜାରରେ ମଧ୍ୟ ସେଗୁଡ଼ିକ ନିଜର ବିଶ୍ୱସନୀୟତା ଓ ସାମର୍ଥ୍ୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛନ୍ତି।

ଭାରତର ପ୍ରତିରକ୍ଷା ରପ୍ତାନିରେ ଦ୍ରୁତ ଅଭିବୃଦ୍ଧିର ସବୁଠାରୁ ମୁଖ୍ୟ କାରଣ ହେଉଛି, ଏହାର ସ୍ୱଦେଶୀ ଉତ୍ପାଦନ କ୍ଷମତା। ଗତ କିଛି ବର୍ଷ ମଧ୍ୟରେ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ), ସରକାରୀ କ୍ଷେତ୍ରର ଉଦ୍ୟୋଗ ଏବଂ ବେସରକାରୀ କମ୍ପାନିମାନେ ଆଧୁନିକ ଅସ୍ତ୍ରଶସ୍ତ୍ର, ରାଡାର, କ୍ଷେପଣାସ୍ତ୍ର, ଡ୍ରୋନ୍, ତୋପ, ଗୋଳାବାରୁଦ ଓ ଇଲେକ୍ଟ୍ରୋନିକ୍ ଯୁଦ୍ଧ ପ୍ରଣାଳୀର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସରକାର ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ବେସରକାରୀ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବା ସହ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ସମ୍ବନ୍ଧୀୟ ନିୟମକୁ ସରଳ କରିଛନ୍ତି । ଏହାସହ ସ୍ୱଦେଶୀ ଶିଳ୍ପକୁ ଅଗ୍ରାଧିକାର ଦେଉଥିବା ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିଛନ୍ତି। ପରିଣାମ ସ୍ୱରୂପ ଦେଶରେ ପ୍ରତିରକ୍ଷା ଉତ୍ପାଦନ ପାଇଁ ଏକ ସୁଦୃଢ଼ ଏବଂ ବ୍ୟାପକ ଔଦ୍ୟୋଗିକ ଭିତ୍ତିଭୂମି ଗଢ଼ିଉଠିଛି।

ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ସଫଳତା କେବଳ ଏକ ପ୍ରଯୁକ୍ତିଗତ ଉପଲବ୍ଧିରେ ସୀମିତ ନୁହେଁ ବରଂ ଏହା ଭାରତର ରଣନୈତିକ ବିଶ୍ୱସନୀୟତାର ମଧ୍ୟ ଏକ ପ୍ରତୀକରେ ପରିଣତ ହୋଇଛି। ଧ୍ୱନିର ବେଗଠାରୁ ପ୍ରାୟ ତିନିଗୁଣ ଅଧିକ ଗତି, ଉଚ୍ଚ ଲକ୍ଷ୍ୟଭେଦୀ କ୍ଷମତା ଓ ସ୍ଥଳ, ସମୁଦ୍ର ଓ ଆକାଶଏହି ତିନୋଟି ପ୍ଲାଟଫର୍ମରୁ ପ୍ରକ୍ଷେପଣ କରିବାର କ୍ଷମତା ବ୍ରହ୍ମୋସକୁ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରମାନଙ୍କ ମଧ୍ୟରେ ସ୍ଥାନ ଦେଇଛି। ଭାରତୀୟ ସଶସ୍ତ୍ର ବାହିନୀରେ ଏହାର ସଫଳ ବ୍ୟବହାର ଓ ବାସ୍ତବ ପରିସ୍ଥିତିରେ ପ୍ରମାଣିତ କାର୍ଯ୍ୟକ୍ଷମତା ବିଦେଶୀ ଦେଶମାନଙ୍କର ଆସ୍ଥାକୁ ଆହୁରି ସୁଦୃଢ଼ କରିଛି। ଏହି କାରଣରୁ ବର୍ତ୍ତମାନ ବିଶ୍ୱର ଅନେକ ଦେଶ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର କ୍ରୟ କରିବା ପ୍ରତି ଗଭୀର ଆଗ୍ରହ ପ୍ରକାଶ କରୁଛନ୍ତି।

ପ୍ରତିରକ୍ଷା ସାମଗ୍ରୀର ରପ୍ତାନି କେବଳ ଏକ ଆର୍ଥିକ କାର୍ଯ୍ୟକଳାପରେ ସୀମିତ ନୁହେଁ, ବରଂ ଏହା ଧୀରେ ଧୀରେ ଭାରତର କୂଟନୀତିର ଏକ ପ୍ରଭାବଶାଳୀ ମାଧ୍ୟମରେ ପରିଣତ ହେଉଛି। ଫିଲିପାଇନ୍ସ, ଭିଏତନାମ ଓ ଇଣ୍ଡୋନେସିଆ ଭଳି ଦେଶଗୁଡ଼ିକୁ ପ୍ରତିରକ୍ଷା ସାମଗ୍ରୀ ଯୋଗାଇ ଭାରତ ଇଣ୍ଡୋ-ପାସିଫିକ୍ ଅଞ୍ଚଳରେ ନିଜର ରଣନୈତିକ ଭାଗୀଦାରିକୁ ଆହୁରି ସୁଦୃଢ଼ କରୁଛି। ସେହିପରି ସଂଯୁକ୍ତ ଆରବ ଏମିରେଟ୍ସ ଭଳି ଉପସାଗରୀୟ ଦେଶମାନଙ୍କ ସହ ସମ୍ଭାବ୍ୟ ପ୍ରତିରକ୍ଷା ସହଯୋଗ ଭାରତର ପଶ୍ଚିମ ଏସିଆ ନୀତିକୁ ନୂତନ ଶକ୍ତି ପ୍ରଦାନ କରୁଛି। ଏହାର ପରିଣାମ ସ୍ୱରୂପ ଭାରତର ବିଦେଶ ନୀତିରେ ପ୍ରତିରକ୍ଷା ସହଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବେ ଉଭା ହେଉଛି।

ଭାରତର ପ୍ରତିରକ୍ଷା ରପ୍ତାନି ବୃଦ୍ଧିର ଏକ ପ୍ରମୁଖ କାରଣ ହେଉଛି ଭାରତୀୟ ପ୍ରତିରକ୍ଷା ସାମଗ୍ରୀର ବ୍ୟୟ ତୁଳନାରେ ଲାଭ (କଷ୍ଟ ଏଫେକ୍ଟିଭନେସ)। ପଶ୍ଚିମ ଦେଶଗୁଡ଼ିକର ପ୍ରତିରକ୍ଷା ପ୍ରଣାଳୀ ତୁଳନାରେ ଭାରତୀୟ ପ୍ରତିରକ୍ଷା ସାମଗ୍ରୀ ଅପେକ୍ଷାକୃତ କମ୍ ମୂଲ୍ୟରେ ଉପଲବ୍ଧ ହେଉଥିବାବେଳେ, ସେଗୁଡ଼ିକର ଗୁଣବତ୍ତା, କାର୍ଯ୍ୟ କ୍ଷମତା ଏବଂ ପ୍ରଯୁକ୍ତିଗତ ମାନ ଆନ୍ତର୍ଜାତିକ ସ୍ତରରେ ପ୍ରତିଯୋଗିତାମୂଳକ ରହିଛି। ବିଶେଷକରି ବିକାଶଶୀଳ ଦେଶମାନଙ୍କ ପାଇଁ ଏହା ଏକ ଆକର୍ଷଣୀୟ ଓ ବ୍ୟବହାରିକ ବିକଳ୍ପ ଭାବେ ଉଭା ହୋଇଛି। ଏହି କାରଣରୁ ଏସିଆ, ଆଫ୍ରିକା ଏବଂ ପଶ୍ଚିମ ଏସିଆର ଅନେକ ଦେଶ ଭାରତକୁ ଏକ ବିଶ୍ୱସନୀୟ ପ୍ରତିରକ୍ଷା ସହଭାଗୀ ଭାବେ ଦେଖୁଛନ୍ତି।

ଭାରତରେ ବ୍ରହ୍ମୋସ୍ ଭଳି ପ୍ରଣାଳୀଗୁଡ଼ିକର ଅଧିକ ମାତ୍ରାରେ ଉତ୍ପାଦନ ଆରମ୍ଭ ହେବା ମଧ୍ୟ ରପ୍ତାନି ବୃଦ୍ଧି ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମ ଦେଶର ସେନା ଆବଶ୍ୟକତା ସହିତ ସହ ବିଦେଶୀ ଚାହିଦା ପୂରଣ କରିବା ପାଇଁ ଉତ୍ପାଦନ କ୍ଷମତାକୁ ବୃଦ୍ଧି କରାଯାଉଛି। ଫଳରେ କେବଳ ଯେ ସମୟୋଚିତ ଯୋଗାଣ ସମ୍ଭବ ହେବ ତା' ନୁହେଁ, ବିଶ୍ୱ ବଜାରରେ ଭାରତର ବିଶ୍ୱସନୀୟତା ମଧ୍ୟ ଆହୁରି ସୁଦୃଢ଼ ହେବ। ବଢ଼ୁଥିବା ଉତ୍ପାଦନ କ୍ଷମତା ଭବିଷ୍ୟତରେ ବଡ଼ ରପ୍ତାନି ଚୁକ୍ତି ହାସଲ କରିବାରେ ସହାୟକ ହେବ।

ପ୍ରତିରକ୍ଷା ରପ୍ତାନିରେ ଆର୍ଥିକ ଲାଭ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଦେଶରେ ଉଚ୍ଚ ପ୍ରଯୁକ୍ତି ଆଧାରିତ ଉତ୍ପାଦନକୁ




ପ୍ରୋତ୍ସାହନ ଦେଇଥାଏ, ହଜାର ହଜାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଚାକିରି ସୃଷ୍ଟି କରେ, ଗବେଷଣା ଓ ବିକାଶରେ ନିବେଶ ବୃଦ୍ଧି କରେ ଏବଂ ବିଦେଶୀ ମୁଦ୍ରା ଅର୍ଜନ କରିବାରେ ସହାୟକ ହୁଏ। ପ୍ରତିରକ୍ଷା ଶିଳ୍ପର ବିସ୍ତାର ଫଳରେ ଏମ୍ଏସ୍ଏମ୍ଇ, ଷ୍ଟାର୍ଟଅପ୍ ଏବଂ ବେସରକାରୀ କମ୍ପାନୀମାନଙ୍କ ପାଇଁ ମଧ୍ୟ ନୂତନ ସୁଯୋଗ ସୃଷ୍ଟି ହେଉଛି। ଯଦ୍ୱାରା ସମଗ୍ର ପ୍ରତିରକ୍ଷା ଯୋଗାଣ ଶୃଙ୍ଖଳ ସୁଦୃଢ଼ ହେଉଛି ଏବଂ ଭାରତର ଔଦ୍ୟୋଗିକ ଭିତ୍ତିଭୂମି ଆହୁରି ବ୍ୟାପକ ହେଉଛି।

ତେବେ ଏହାକୁ ନେଇ ଭାରତ ସମ୍ମୁଖରେ ଅନେକ ଚ୍ୟାଲେଞ୍ଜ ମଧ୍ୟ ରହିଛି। ବିଶ୍ୱ ପ୍ରତିରକ୍ଷା ବଜାରରେ ଆମେରିକା, ରୁଷ, ଫ୍ରାନ୍ସ, ଚୀନ ଏବଂ ଇସ୍ରାଏଲ ଭଳି ଦେଶମାନଙ୍କର ଶକ୍ତିଶାଳୀ ଉପସ୍ଥିତି ରହିଛି। ଏହି ପରିସ୍ଥିତିରେ ଭାରତ ପାଇଁ କେବଳ ଆଧୁନିକ ଅସ୍ତ୍ରଶସ୍ତ୍ର ବିକାଶ କରିବା ପର୍ଯ୍ୟାପ୍ତ ନୁହେଁ ବରଂ ବିକ୍ରୟ ପରବର୍ତ୍ତୀ ସେବା, ସ୍ପେୟାର ପାର୍ଟ୍ସର ଉପଲବ୍ଧତା, ପ୍ରଶିକ୍ଷଣ, ପ୍ରଯୁକ୍ତିଗତ ସହାୟତା ଏବଂ ସମୟୋଚିତ ଯୋଗାଣ ଭଳି ସେବାଗୁଡ଼ିକୁ ମଧ୍ୟ ସୁଦୃଢ଼ କରିବା ଆବଶ୍ୟକ। ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ଯଦି ଭାରତ ଏହି କ୍ଷେତ୍ରଗୁଡ଼ିକରେ ମଧ୍ୟ ବିଶ୍ୱସନୀୟତା ହାସଲ କରିବାରେ ସଫଳ ହେବ, ତେବେ ଏହା ବିଶ୍ୱ ପ୍ରତିରକ୍ଷା ରପ୍ତାନି ବଜାରରେ ଅଧିକ ସୁଦୃଢ଼ ସ୍ଥିତି ହାସଲ କରିପାରିବ।

ଭବିଷ୍ୟତ ଦୃଷ୍ଟିକୋଣରୁ ଭାରତର ସମ୍ଭାବନା ଅତ୍ୟନ୍ତ ଉଜ୍ଜ୍ୱଳ। ବ୍ରହ୍ମୋସ୍ ବ୍ୟତୀତ ଆକାଶ ବାୟୁ ପ୍ରତିରକ୍ଷା ପ୍ରଣାଳୀ, ପିନାକା ରକେଟ୍ ପ୍ରଣାଳୀ, ସ୍ୱଦେଶୀ ରାଡାର, ହେଲିକପ୍ଟର, ଡ୍ରୋନ୍ ଏବଂ ଅନ୍ୟାନ୍ୟ ପ୍ରତିରକ୍ଷା ପ୍ଲାଟଫର୍ମ ମଧ୍ୟ ବିଶ୍ୱ ବଜାରରେ ନିଜ ସ୍ଥାନ ଗଢ଼ିପାରିବେ। ଯଦି ସରକାର, ପ୍ରତିରକ୍ଷା ଶିଳ୍ପ ଏବଂ ଗବେଷଣା ସଂସ୍ଥାଗୁଡ଼ିକ ଏହି ଗତିରେ କାର୍ଯ୍ୟ କରି ଚାଲନ୍ତି, ତେବେ ଆଗାମୀ ବର୍ଷଗୁଡ଼ିକରେ ଭାରତ ବିଶ୍ୱର ପ୍ରମୁଖ ପ୍ରତିରକ୍ଷା ରପ୍ତାନିକାରୀ ଦେଶମାନଙ୍କ ଶ୍ରେଣୀରେ ସାମିଲ ହୋଇପାରିବ।

ତେଣୁ ଆମେ କହି ପାରିବା ଯେ, ଭାରତର ପ୍ରତିରକ୍ଷା ରପ୍ତାନି କେବଳ ଅସ୍ତ୍ରଶସ୍ତ୍ର ବିକ୍ରୟରେ ସୀମିତ ନୁହେଁ। ଏହା ଦେଶର ପ୍ରଯୁକ୍ତିଗତ ଦକ୍ଷତା, ଔଦ୍ୟୋଗିକ ଆତ୍ମନିର୍ଭରତା, ଆର୍ଥିକ ସାମର୍ଥ୍ୟ ଓ ରଣନୈତିକ କୂଟନୀତିର ଏକ ସମନ୍ୱିତ ପ୍ରତିଫଳନ। ବ୍ରହ୍ମୋସ୍ ଭଳି ସ୍ୱଦେଶୀ ପ୍ରତିରକ୍ଷା ପ୍ରଣାଳୀର ବିଶ୍ୱସ୍ତରୀୟ ସ୍ୱୀକୃତି, ବିଭିନ୍ନ ଦେଶ ସହ ବୃଦ୍ଧି ପାଉଥିବା ପ୍ରତିରକ୍ଷା ସହଯୋଗ ଚୁକ୍ତି ଏବଂ ରପ୍ତାନିରେ କ୍ରମାଗତ ଅଭିବୃଦ୍ଧି ଏହା ସ୍ପଷ୍ଟ କରୁଛି ଯେ, ଭାରତ ବିଶ୍ୱ ପ୍ରତିରକ୍ଷା ଶିଳ୍ପରେ ଏକ ଉଦୀୟମାନ ଶକ୍ତି ଭାବେ ନିଜର ସ୍ଥାନ ସୁଦୃଢ଼ କରିବାରେ ଲାଗିଛି। ଯଦି ଉତ୍ପାଦନ କ୍ଷମତାର ବିସ୍ତାର, ନବସୃଜନ ଏବଂ ଦୀର୍ଘମିଆଦୀ ପ୍ରତିରକ୍ଷା ସହଯୋଗକୁ ସମାନ ଗୁରୁତ୍ୱ ସହ ଆଗକୁ ବଢ଼ାଯାଏ, ତେବେ ଆଗାମୀ ବର୍ଷଗୁଡ଼ିକରେ ଭାରତ ନିଜର ପ୍ରତିରକ୍ଷା ଆବଶ୍ୟକତାକୁ ସ୍ୱଦେଶୀ ଭାବେ ପୂରଣ କରିବା ସଙ୍ଗେସଙ୍ଗେ ବିଶ୍ୱର ଅନେକ ଦେଶ ପାଇଁ ଏକ ବିଶ୍ୱସନୀୟ ପ୍ରତିରକ୍ଷା ସାମଗ୍ରୀ ଯୋଗାଣକାରୀ ଦେଶ ଭାବେ ପ୍ରତିଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଧୀରେ ଧୀରେ ଭାରତ ଏହି ଦିଗରେ ଅଗ୍ରସର ହେବାରେ ଲାଗିଛି।

ମୋ: ୯୪୩୮୪୧୩୭୦୪

# ଶ୍ରମିକ ପରିଚୟପତ୍ର ବାଧ୍ୟତାମୂଳକ ହେଉ



ସୌଜନ୍ୟ କୁମାର ପରିଡା

**କେ**ନ୍ଦୁଝରର ବାଂଶପାଳ, ତେଲକୋଇ ଓ ହରିଚନ୍ଦନପୁର ଅଞ୍ଚଳର ଆଦିମ ଜନଜାତି ଜୁଆଙ୍ଗ ସମ୍ପ୍ରଦାୟର ଯୁବକ ଯୁବତୀମାନେ ଜୀବିକା ସନ୍ଧାନରେ ଶହ ଶହ କିଲୋମିଟର ଦୂରକୁ ଯାଉଛନ୍ତି। ସେମାନଙ୍କ ନିକଟରେ ଥାଏ କେବଳ ଦୁଇମୁଠା ଅନ୍ନର ସ୍ୱପ୍ନ, ହୃଦୟରେ ପରିବାର ପାଇଁ କିଛି କରିବାର ଆଶା। କିନ୍ତୁ ଦୁର୍ଭାଗ୍ୟବଶତଃ ଅନେକଙ୍କ ପାଇଁ ସେହି ଯାତ୍ରା ଜୀବନର ଶେଷଯାତ୍ରା ପାଲଟିଯାଉଛି। କେହି ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି, କେହି ଅସୁସ୍ଥତାରେ ମୃତ୍ୟୁବରଣ କରୁଛନ୍ତି, ଆଉ କେହି ନିଖୋଜ ହୋଇ ଚିରଦିନ ପାଇଁ ଅନ୍ଧକାରରେ ହଜିଯାଉଛନ୍ତି। ପଛରେ ରହିଯାଉଛନ୍ତି କାନ୍ଦୁଥିବା ମା', ବିଧବା ପତ୍ନୀ, ଅନାଥ ସନ୍ତାନ ଓ ଭାଙ୍ଗିପଡ଼ିଥିବା ଏକ ପରିବାର।

ଏହି ଘଟଣାଗୁଡ଼ିକ କେବଳ ଖବରକାଗଜର ଶୀର୍ଷକ ନୁହେଁ। ଏଗୁଡ଼ିକ ଆମ ପ୍ରଶାସନିକ ବ୍ୟବସ୍ଥାର ଦୁର୍ବଳତା, ଶ୍ରମିକ ସୁରକ୍ଷା ବ୍ୟବସ୍ଥାର ଅପୂର୍ଣ୍ଣତା ଏବଂ ସମାଜର ସାମୂହିକ ବିଫଳତାର ନିରବ ସାକ୍ଷୀ।

ଦାଦନ ସମସ୍ୟା ଆଜିର ନୁହେଁ। ବର୍ଷ ବର୍ଷ ଧରି ଦାରିଦ୍ର୍ୟ, ବେକାରି ଓ ସ୍ଥାନୀୟ ଅଞ୍ଚଳରେ କାମର ଅଭାବ ହଜାର ହଜାର ଶ୍ରମିକଙ୍କୁ ବାହାର ରାଜ୍ୟକୁ ଯିବାକୁ ବାଧ୍ୟ କରୁଛି। ତାମିଲନାଡୁ, କେରଳ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, ଗୁଜରାଟ ପରି ରାଜ୍ୟରେ ସେମାନେ କାମ କରୁଛନ୍ତି। ହେଲେ ସେମାନଙ୍କ ମଧ୍ୟରୁ ଅନେକଙ୍କ ପାଖରେ କୌଣସି ସରକାରୀ ପଞ୍ଜୀକରଣ ନାହିଁ, ଶ୍ରମିକ ପରିଚୟପତ୍ର ନାହିଁ, ବୀମା ନାହିଁ, ଆଇନଗତ ସୁରକ୍ଷା ନାହିଁ। ତେଣୁ ବିପଦ ଆସିଲେ ସେମାନେ ଆଇନର ନୁହେଁ, ଭାଗ୍ୟର ଭରସାରେ ରହିଯାଆନ୍ତି।

ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଜଣେ ଶ୍ରମିକର ମୃତ୍ୟୁ ପରେ ତାଙ୍କ ପରିବାରର ଭବିଷ୍ୟତ କିଏ ବହନ କରିବ? ଯେଉଁ ବ୍ୟକ୍ତି ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ଥିଲେ, ତାଙ୍କ ଅନୁପସ୍ଥିତିରେ ସେହି ପରିବାର କେମିତି ବଞ୍ଚିବ? ଏହି ପ୍ରଶ୍ନର ଉତ୍ତର କେବଳ ସମବେଦନା ନୁହେଁ, ବରଂ ସୁଦୃଢ଼ ସାମାଜିକ ସୁରକ୍ଷା ବ୍ୟବସ୍ଥା।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ଏକ ଐତିହାସିକ ପଦକ୍ଷେପ ନେବାର ସମୟ ଆସିଛି। ରାଜ୍ୟର ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ବାଧ୍ୟତାମୂଳକ ବୈଧ ଶ୍ରମିକ ପରିଚୟପତ୍ର (Labour Card) ଓ ସମ୍ପୂର୍ଣ୍ଣ ଡିଜିଟାଲ ପଞ୍ଜୀକରଣ କରାଯିବା ଆବଶ୍ୟକ। ଏହା କେବଳ ଏକ କାର୍ଡ ନୁହେଁ, ଏହା ହେବ ଜଣେ ଶ୍ରମିକର ସୁରକ୍ଷା କବଚ।

ଏକ ବୈଧ ଶ୍ରମିକ କାର୍ଡ ଥିଲେ ସରକାରଙ୍କ ପାଖରେ ସେହି ଶ୍ରମିକଙ୍କ ସମ୍ପୂର୍ଣ୍ଣ ତଥ୍ୟ ରହିବ। ସେ କେଉଁ ଜିଲ୍ଲାର, କେଉଁଠି କାମ କରୁଛନ୍ତି, କେଉଁ ଠିକାଦାରଙ୍କ ଅଧୀନରେ କାମ କରୁଛନ୍ତି, ତାଙ୍କ ପରିବାରର ସଦସ୍ୟ କିଏ, ଜରୁରୀ ସମୟରେ କାହାକୁ ଯୋଗାଯୋଗ କରିବା ଦରକାର, ସମସ୍ତ ସୂଚନା ଉପଲବ୍ଧ ରହିବ। ଫଳରେ ଦୁର୍ଘଟଣା କିମ୍ବା ମୃତ୍ୟୁ ଘଟିଲେ ତୁରନ୍ତ ପରିବାରକୁ ସୂଚନା ମିଳିପାରିବା ସହିତ ତୁରନ୍ତ ସହାୟତା ପହଞ୍ଚିପାରିବ।



ଏହି ଶ୍ରମିକ କାର୍ଡ ସହ ସ୍ୱୟଂଚାଳିତ ଭାବେ ଦୁର୍ଘଟଣା ବୀମା, ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା, ପିଲାମାନଙ୍କ ଶିକ୍ଷା ସହାୟତା, ମୃତ୍ୟୁକାଳୀନ ଆର୍ଥିକ ଅନୁଦାନ, ଅସ୍ଥାୟୀ ଭତ୍ତା, ବୃଦ୍ଧାବସ୍ଥା ପେନସନ ଓ ଅନ୍ୟାନ୍ୟ କଲ୍ୟାଣମୂଳକ ଯୋଜନାକୁ ସଂଯୋଗ କରାଯିବା ଉଚିତ। ଯଦି ଜଣେ ଶ୍ରମିକ କାମ କରୁଥିବା ସମୟରେ ମୃତ୍ୟୁବରଣ କରନ୍ତି, ତେବେ ତାଙ୍କ ପରିବାରକୁ ବିନା ବିଳମ୍ବରେ ଆର୍ଥିକ ସହାୟତା ମିଳିବା ଦରକାର।

ଆଜି ବହୁ ପରିବାର ଏହି ସହାୟତାରୁ ବଞ୍ଚିତ ହେଉଛନ୍ତି, କାରଣ ହେଲା ମୃତ ବ୍ୟକ୍ତିଙ୍କର ଶ୍ରମିକ ଭାବେ କୌଣସି ସରକାରୀ ପରିଚୟ ନାହିଁ। ପ୍ରମାଣ ଅଭାବରୁ ମାସ ମାସ ଧରି କାର୍ଯ୍ୟାଳୟ ଦୌଡ଼ିବାକୁ ପଡୁଛି। କେହି ସହାୟତା ପାଉଛନ୍ତି, କେହି ପାଉନାହାନ୍ତି।

ଏହା ସହିତ ଦଲାଲ ପ୍ରଥା ଉପରେ କଡ଼ା ନିୟନ୍ତ୍ରଣ ଆଣିବା ଆବଶ୍ୟକ। ବିନା ଲାଇସେନ୍ସରେ କୌଣସି ବ୍ୟକ୍ତି ଶ୍ରମିକ ନେଇ ବାହାର ରାଜ୍ୟକୁ ଯାଇପାରିବେ ନାହିଁ। ପ୍ରତ୍ୟେକ ଶ୍ରମିକଙ୍କ ଯାତ୍ରା ପୂର୍ବରୁ ଅନଲାଇନ ପଞ୍ଜୀକରଣ, ଚୁକ୍ତିପତ୍ର, ମଜୁରିର ବିବରଣୀ, କାର୍ଯ୍ୟସ୍ଥଳର ଠିକଣା ଏବଂ ନିଯୁକ୍ତିଦାତାଙ୍କ ସୂଚନା ଶ୍ରମ ବିଭାଗ ପାଖରେ ରହିବା ଉଚିତ।

ଗ୍ରାମ ପଞ୍ଚାୟତ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଞ୍ଚ, ୱାର୍ଡ ସଦସ୍ୟ ଓ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକୁ ଏହି ଅଭିଯାନରେ ସାମିଲ କରାଯିବା ଆବଶ୍ୟକ। ପ୍ରତ୍ୟେକ ଗାଁରେ କେତେ ଶ୍ରମିକ ବାହାର ରାଜ୍ୟକୁ ଯାଉଛନ୍ତି, ତାହାର ଏକ ଅଦ୍ୟତନ ତାଲିକା ରହିବା ଦରକାର।

ଶ୍ରମ ବିଭାଗର ଅଧିକାରୀମାନେ କେବଳ କାର୍ଯ୍ୟାଳୟରେ ବସି କାଗଜପତ୍ର ଦେଖିଲେ ଚଳିବ ନାହିଁ। ସେମାନଙ୍କୁ ନିୟମିତ ଭାବେ ଗାଁକୁ ଯାଇ ଲୋକଙ୍କ ସହ ମିଶିବାକୁ ପଡ଼ିବ। ସଚେତନତା ଶିବିର କରିବାକୁ ପଡ଼ିବ। ଶ୍ରମିକଙ୍କୁ ତାଙ୍କ ଅଧିକାର ବିଷୟରେ ବୁଝାଇବାକୁ ପଡ଼ିବ। କାରଣ ଆଇନ ବିଷୟରେ ଜ୍ଞାନ ନ ଥିଲେ ଅଧିକାର କେବଳ କାଗଜରେ ସୀମିତ ରହିଯାଏ।

ସରକାରଙ୍କ ପାଇଁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାମ ହେଉଛି ସ୍ଥାନୀୟ ସ୍ତରରେ ରୋଜଗାର ସୁଯୋଗ ବୃଦ୍ଧି କରିବା। ଯଦି ଗାଁରେ ପର୍ଯ୍ୟାପ୍ତ କାମ, ଶିଳ୍ପ, କ୍ଷୁଦ୍ର ଉଦ୍ୟୋଗ ଓ ଜୀବିକାର ସୁଯୋଗ ସୃଷ୍ଟି ହେବ, ତେବେ ଦାଦନ ପ୍ରଥା ସ୍ୱାଭାବିକ ଭାବେ ହ୍ରାସ ପାଇବ।

ଏକ ସଭ୍ୟ ସମାଜର ପରିଚୟ କେବଳ ବଡ଼ ବଡ଼ କୋଠା, ଚଉଡ଼ା ରାସ୍ତା କିମ୍ବା ଉଚ୍ଚ ଅଟ୍ଟାଳିକା ନୁହେଁ। ସେହି ସମାଜରେ ସବୁଠାରୁ ଦୁର୍ବଳ ଲୋକଟି କେତେ ସୁରକ୍ଷିତ, ତାହା ହିଁ ପ୍ରକୃତ ବିକାଶର ମାପକାଠି।

ବାରମ୍ବାର ବିକାଶର କଥା କୁହାଯାଉଛି। କିନ୍ତୁ ଯଦି ଜଣେ ଶ୍ରମିକଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଭୋକରେ ଦିନ କାଟେ, ପିଲା ପାଠ ପଢ଼ା ଛାଡ଼ିଦିଏ, ବୃଦ୍ଧ ମାତାପିତା ଔଷଧ ନ ପାଇ କଷ୍ଟ ପାଆନ୍ତି, ତେବେ ସେହି ବିକାଶର ଅର୍ଥ କ'ଣ?

ଜଣେ ଶ୍ରମିକ କେବଳ ଶ୍ରମ ବିକ୍ରି କରୁନାହାନ୍ତି। ସେ ନିଜ ପରିବାରର ସ୍ୱପ୍ନ, ସନ୍ତାନର ଭବିଷ୍ୟତ ଓ ସମାଜର ଅର୍ଥନୀତିକୁ ବହନ କରୁଛନ୍ତି। ସେଥିପାଇଁ ତାଙ୍କ ସୁରକ୍ଷା କେବଳ ସରକାରର ନୁହେଁ, ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ।

ଆଜି ସମୟ ଆସିଛି କେବଳ ଦୁଃଖ ପ୍ରକାଶ କରିବାର ନୁହେଁ, ବରଂ ସ୍ଥାୟୀ ସମାଧାନ ଆଣିବାର। ଓଡ଼ିଶାର ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ବୈଧ ଶ୍ରମିକ କାର୍ଡ, ବାଧ୍ୟତାମୂଳକ ପଞ୍ଜୀକରଣ, ଦୁର୍ଘଟଣା ବୀମା, ପରିବାର ସୁରକ୍ଷା ଓ ଦ୍ରୁତ କ୍ଷତିପୂରଣ ବ୍ୟବସ୍ଥାକୁ ଆଇନଗତ ଭାବେ ସୁନିଶ୍ଚିତ କରାଯିବା ଆବଶ୍ୟକ।

କୌଣସି ମା' ତାଙ୍କ ପୁଅର ମୃତଦେହକୁ ଚିହ୍ନିବା ପାଇଁ ମାସ ମାସ ଅପେକ୍ଷା ନ କରନ୍ତୁ। କୌଣସି ସ୍ତ୍ରୀ ସ୍ୱାମୀଙ୍କ ମୃତ୍ୟୁ ପରେ ସରକାରୀ ସହାୟତା ପାଇଁ କାର୍ଯ୍ୟାଳୟ ଦୁଆରେ ଘୁରିବାକୁ ବାଧ୍ୟ ନ ହୁଅନ୍ତୁ। କୌଣସି ଶିଶୁ କେବଳ ବାପାଙ୍କ ପରିଚୟପତ୍ର ନ ଥିବାରୁ ଶିକ୍ଷାରୁ ବଞ୍ଚିତ ନ ହେଉ।

ପ୍ରତ୍ୟେକ ଶ୍ରମିକଙ୍କ ହାତରେ ଏକ ବୈଧ ଶ୍ରମିକ କାର୍ଡ ଥାଉ। କାରଣ ସେହି କାର୍ଡ କେବଳ ଏକ ପରିଚୟପତ୍ର ନୁହେଁ, ଏହା ଏକ ପରିବାରର ଭବିଷ୍ୟତ, ଏକ ଶିଶୁର ସ୍ୱପ୍ନ ଏବଂ ଜଣେ ଶ୍ରମିକଙ୍କ ସମ୍ମାନ ଓ ସୁରକ୍ଷାର ଜୀବନରେଖା।

ମୋ: ୮୨୪୯୯୪୩୨୪୭

ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ଲେଖା ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ମତ । ଏହା 'ପ୍ରତିଦିନ'ର ମତ ନୁହେଁ ।

# ରୋଗୀଙ୍କୁ ନେଇ ମେଡିକାଲ୍ ଯାଉଥିବା ଆମ୍ବୁଲାନ୍ସ ଜଙ୍ଗଲ ଭିତରେ ଅଚଳ




ଭଞ୍ଜନଗର, ୮।୭ (ନି.ପ୍ର): ଜଣେ ଗୁରୁତର ରୋଗୀଙ୍କୁ ମେଡିକାଲ ନେବା ସମୟରେ ଜଙ୍ଗଲ ରାସ୍ତାରେ ଅଚଳ ହୋଇଗଲା ୧୦୮ ଆମ୍ବୁଲାନ୍ସ । ଏଭଳି ଏକ ସମ୍ବେଦନଶୀଳ ଘଟଣା ମଙ୍ଗଳବାର ରାତିରେ ଭଞ୍ଜନଗର ଜଙ୍ଗଲ ଅଞ୍ଚଳରେ ଦେଖିବାକୁ ମିଳିଛି । ବୌଦ୍ଧ ଜିଲ୍ଲା ପୁରୁଣା କଟକ ଥାନା ଅନ୍ତର୍ଗତ ଦାମପଦର ଗ୍ରାମର ଚେର ମହାନନ୍ଦିଆ (୬୫) ଦୀର୍ଘ ଦିନ ହେବ ଶ୍ୱାସ ରୋଗରେ ପୀଡ଼ିତ ଥିଲେ ଏବଂ ତାଙ୍କ ଛାତିରେ ପାଣି ଜମି ଯାଇଥିଲା । ଚିକିତ୍ସା ପାଇଁ ପରିବାର ଲୋକେ ତାଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ମାତ୍ର ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର (ରେଫର୍) କରିଥିଲେ । ଫୁଲବାଣୀ ମେଡିକାଲରୁ ରୋଗୀଙ୍କୁ ନେଇ ବ୍ରହ୍ମପୁର ଅଭିମୁଖେ ବାହାରିଥିବା ୧୦୮ ଆମ୍ବୁଲାନ୍ସଟି ରାଞ୍ଚି-ବିଜୟୱାଡା କରିଡ଼ରର ମୁଜାଗଡ଼-ଭଞ୍ଜନଗର ଘନ ଜଙ୍ଗଲ ରାସ୍ତାରେ ହଠାତ୍ ଅଚଳ ହୋଇପଡ଼ିଥିଲା । ନିଶାର୍ଦ୍ଧରେ ଜଙ୍ଗଲ ମଧ୍ୟରେ ଗାଡ଼ି ଖରାପ ହେବା ଯୋଗୁ ରୋଗୀଙ୍କ ଜୀବନ ବିପଦରେ ପଡ଼ିଥିବା ବେଳେ ପରିବାର ଲୋକେ ଚିନ୍ତାରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ । ଆମ୍ବୁଲାନ୍ସ ଚାଳକ କୌଣସି ମତେ ଗାଡ଼ିକୁ ଠେଲି ଠେଲି ଭଞ୍ଜନଗର ବନ ବିହାର ପର୍ଯ୍ୟନ୍ତ ଆଣିଥିଲେ ମଧ୍ୟ ସେଠାରେ ଗାଡ଼ିଟି ସମ୍ପୂର୍ଣ୍ଣ ସ୍ଥାଣୁ ପାଲଟିଯାଇଥିଲା । ଏହାପରେ ଅଚଳ ଗାଡ଼ିର ଚାଳକ ତୁରନ୍ତ ଭଞ୍ଜନଗର ୧୦୮ ଆମ୍ବୁଲାନ୍ସ ସେବାର ସହଯୋଗ ଲୋଡ଼ିଥିଲେ । ଖବର ପାଇ ଭଞ୍ଜନଗର ଆମ୍ବୁଲାନ୍ସ ତୁରନ୍ତ ବନ ବିହାର ନିକଟରେ ପହଞ୍ଚି ଗୁରୁତର ରୋଗୀଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲ ଅଭିମୁଖେ ବାହାରିଥିଲାଛ ଶେଷ ଖବର ସୁଦ୍ଧା ରୋଗୀଙ୍କୁ ସୁରକ୍ଷିତ ଭାବେ ବ୍ରହ୍ମପୁର ନିଆଯାଉଛି । ତେବେ ଜଣେ ଜୀବନ ମରଣ ସହ ସଂଗ୍ରାମ କରୁଥିବା ଗୁରୁତର ରୋଗୀଙ୍କୁ ସ୍ଥାନାନ୍ତର ବେଳେ ଆମ୍ବୁଲାନ୍ସର ସ୍ଥିତି ଏଭଳି ରହିବା ସ୍ୱାସ୍ଥ୍ୟ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାର ଏହି ଦିଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଗାଡ଼ିଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ କରନ୍ତୁ ବୋଲି ସାଧାରଣରେ ଦୃଢ଼ ଦାବି ହେଉଛି ।

# ଦୋକାନ ଟିଣ ଛପର ଭାଙ୍ଗି ମୋବାଇଲ୍ ନେଇଗଲେ ଦୁର୍ବୃତ୍ତ

କୋଷାଗୁମୁଡା, ୮।୭ (ନି.ପ୍ର): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ କୋଟାଗାଁ ଠାରେ ଥିବା ରାମଶାଇ ଭତ୍ରାଙ୍କ ମୋବାଇଲ ଦୋକାନରୁ ଗତ କାଲି ମଧ୍ୟ ରାତ୍ରରେ ଟିଣ ଛପର କାଢି ଲକ୍ଷେ ଟଙ୍କାରୁ ଊର୍ଦ୍ଧ୍ୱ ମୋବାଇଲ ଶହ ମୋବାଇଲ ସାମଗ୍ରୀ ଦୃବୃର୍ତ୍ତମାନେ ନେଇଯାଇଛନ୍ତି । ରାମଶାଇ ଭତ୍ରା ଆଜି ଦୋକାନ ଖୋଲିବାକୁ ଯାଇ ଦେଖିଲେ ଉପରୁ ଟିଣ କାଢି ଲୋକଙ୍କର ଥିବା ରିପାୟାର ମୋବାଇଲ ଓ ମୋବାଇଲ ସାମଗ୍ରୀ ଚୋରି ନେଇଥିବା ଦେଖି ତୁରନ୍ତ କୋଡିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଗତ କାଲି କୋଟାଗାଁ ସାପ୍ତାହିକ ହାଟ ଥିବାରୁ ମାଲିକ ସନ୍ଧ୍ୟା ସମୟରେ ଦୋକାନ ବନ୍ଦ କରି ଚାଲିଯାଇଥିଲେ । ଦୃବୃର୍ତ୍ତମାନେ କୌଣସି ଟଙ୍କା ନପାଇ ରିପାୟାର ପାଇଁ ଥିବା ୧୦ ଟା ମୋବାଇଲ ଓ ମୋବାଇଲ ସାମଗ୍ରୀକୁ ମିଶାଇ ଲକ୍ଷେ ଟଙ୍କାରୁ ଊର୍ଦ୍ଧ୍ୱ ଚୋରି ଯାଇଥିବା ନିଜ ଏତଲାରେ ରାମଶାଇ ଭତ୍ରା ଉଲେଖ କରିଛନ୍ତି । ଖବର ପାଇଁ କୋଡିଙ୍ଗା ପୋଲିସ ପହଁଚି ତଦନ୍ତ ଚାଲୁରଖିଥିବା ସୂଚନା ମିଳିଛି ।

# ଠିକାଦାର ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ



ହିଞ୍ଜିଳିକାଟୁ,୮।୭ (ନି.ପ୍ର): ବୁରୁପଡ଼ା ମା' ଶ୍ୟାମଳାଇ ମନ୍ଦିର କଲ୍ୟାଣ ମଣ୍ଡପଠାରେ ବୁଧବାର ହିଞ୍ଜିଳିକାଟୁ ଠିକାଦାର ସଂଘର ତୃତୀୟ ଗୁରୁତ୍ୱପୂର୍ଣ୍ଣ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଠିକାଦାରମାନଙ୍କ ସ୍ୱାର୍ଥ ସୁରକ୍ଷା,ସଂଘର ଏକତା ବଜାୟ ରଖିବା ଏବଂ ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ସଂଘର ସମସ୍ତ ସଦସ୍ୟ ସରକାରୀ ବିଭାଗର ସମସ୍ତ ଇ-ଟେଣ୍ଡର ଓ ଅଫଲାଇନ୍ ଟେଣ୍ଡରରେ କେବଳ ସରକାରୀ ଧାର୍ଯ୍ୟ ସିଡ୍ୟୁଲ ରେଟ୍ ଅନୁଯାୟୀ ବିଡ୍ କରିବେ । କୌଣସି ସଦସ୍ୟ ସିଡ୍ୟୁଲ ରେଟ୍ରୁ କମ୍ ଦରରେ ଟେଣ୍ଡର ଦାଖଲ କରିବେ ନାହିଁ । ଅନ୍ୟ ଏକ ପ୍ରସ୍ତାବ ଅନୁଯାୟୀ କୌଣସି ସଦସ୍ୟ ଠିକାଦାର ସଂଘର ନିଷ୍ପତ୍ତିକୁ ଅମାନ୍ୟ କରି ସିଡ୍ୟୁଲ ରେଟ୍ରୁ କମ୍ ଦରରେ ବିଡ୍ କରି ସରକାରୀ କାର୍ଯ୍ୟ ହାସଲ କଲେ, ସେହି ଠିକାଦାରଙ୍କୁ ଉକ୍ତ କାର୍ଯ୍ୟର ଆନୁମାନିକ ମୂଲ୍ୟ ସଂଘ ନିଷ୍ପତ୍ତି ଅନୁସାରେ ହିଞ୍ଜିଳିକାଟୁ ଠିକାଦାର ସଂଘ ନିକଟରେ ଜମା କରିବାକୁ ପଡ଼ିବ । ଭବିଷ୍ୟତରେ ସଂଘର ନିଷ୍ପତ୍ତି ଓ ନିୟମାବଳୀକୁ କଡ଼ାକଡ଼ି ପାଳନ କରିବା ସହ ଉଲ୍ଲଂଘନକାରୀ ସଦସ୍ୟଙ୍କ ବିରୋଧରେ ସାଙ୍ଗଠନିକ ନିୟମ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଭାରେ ସ୍ପଷ୍ଟ କରାଯାଇଥିଲା । ସଭାରେ ଠିକାଦାରମାନଙ୍କ ବିଭିନ୍ନ ଦାବି, ସମସ୍ୟା ଓ ଉନ୍ନୟନମୂଳକ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଏହି ସମସ୍ତ ସମସ୍ୟା ପ୍ରତି ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସଭାରୁ ଦାବି କରାଯାଇଥିଲା । ଉପରୋକ୍ତ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା ।

# ପ୍ରକଳ୍ପ ଅଧିକାର ଓ ବିକାଶ ଧାରାର ବିକଳ୍ପ ସ୍ୱର




ଦଶପଲ୍ଲା, ୮।୭ (ନି.ପ୍ର): ଟିପିସିଓଡ଼ିଏଲର ଓଡିଶା ସିଏସଆର ମୁଖ୍ୟ ପ୍ରଦୀପ ଘୋଷଲ ପ୍ରକଳ୍ପ ଅଧିକାର ମାଧ୍ୟମରେ ସରକାରୀ ଯୋଜନା ବିଷୟରେ ଲୋକ କିପରି ଜାଣି ପାରିବେ ଓ ତାର ସୁଫଳ ସେମାନଙ୍କ ପାଖରେ କିପରି ପହଞ୍ଚି ପାରିବ ଏହାର ପରିକଳ୍ପନା କରିଥିଲେ । ଏ ପ୍ରୟାସ ବାସ୍ତବରେ ସମଗ୍ର ଦେଶରେ ସାମାଜିକ ବିକାଶ କ୍ଷେତ୍ରରେ ସୃଷ୍ଟି କରିଛି ନୂତନ ଦୃଷ୍ଟାନ୍ତ । ସାମାଜିକ ବିକାଶ ଧାରାରେ ପ୍ରକଳ୍ପ ଅଧିକାର ଏକ ପ୍ରମୁଖ ଦିଗ ଓ ସାମାଜିକ ସେବା ଆଧାରିତ ଅଭିନ୍ନ କୌଶଳ । ଏହା ଏକ ପ୍ରକଳ୍ପ ନୁହେଁ ପରନ୍ତୁ ବିକାଶର ବିକଳ୍ପ ସ୍ୱର । ଯାହାର ମୂଳ ତତ୍ତ୍ୱ ହେଉଛି ତଳେ ଥିବା ବଞ୍ଚିତଙ୍କ ପାଖକୁ ଯାଅ , ସେମାନଙ୍କ ସମସ୍ୟା ବୁଝ , ସେମାନଙ୍କ କଥା ଶୁଣ, ସମୀକ୍ଷା କର, ପ୍ରଚଳିତ ସରକାରୀ ନୀତି ନିୟମକୁ ଅନୁଧ୍ୟାନ କର, ଅସୁବିଧାକୁ ଗଭୀର ଭାବେ ବିଚାର କର ଏବଂ ସେମାନଙ୍କୁ ଉପଯୁକ୍ତ ପରାମର୍ଶ ଦେବା ସହିତ ଆବଶ୍ୟକ ସହଯୋଗ କର ଓ ସେମାନଙ୍କୁ ଭଲ ପାଅ ତେବେ ଯାଇ ବିକାଶ ସମ୍ଭବ ହେବଛ ବାସ୍ତବରେ ଏକଥା ସଫଳ ହେଇଛି, ଦଶପଲ୍ଲାରେ ଓ ଏହାର ପ୍ରଭାବ ପଡ଼ିଛି ସମଗ୍ର ଓଡ଼ିଶାରେ ଟିପିସିଡ଼ିଏଲର ସାମାଜିକ ଦାୟିତ୍ୱବୋଧ ମୁଖ୍ୟ ଅଧିକାରୀ ଶ୍ରୀ ଘୋଷଲଙ୍କ ନିଷ୍ଠାପର ଉଦ୍ୟମ ଦ୍ୱାରା । ସାମାଜିକ ବିକାଶ ବିଶେଷଜ୍ଞ ପ୍ରଦୀପ ଘୋଷାଲ ଜଣେ ଦକ୍ଷ ଓ ସାମାଜିକ ଦୂରଦର୍ଶୀ ସମ୍ପର୍ଣ୍ଣ ଉତ୍ତମ ପରିଚାଳକ ତଥା ଓଡିଶାର କଳା ସଂସ୍କୃତିକୁ ଭଲ ପାଉଥିବା ଅନନ୍ୟ ବ୍ୟକ୍ତିତ୍ୱ ଯିଏ ଦଶପଲ୍ଲା ଭଳି ଆଦିବାସୀ ବହୁଳ ଅବହେଳିତ ଆକାଂକ୍ଷୀ ବ୍ଲକରେ ଥିବା ଅବହେଳିତ ଗରିବ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ସୃଷ୍ଟି କରିଛନ୍ତି । ଉତ୍ତମ ପରିଚାଳନା, ନେତୃତ୍ୱ,ପ୍ରେରଣା ଓ ଉତ୍ସାହ ଯେତିକି ଜରୁରୀ ସାମାଜିକ ବିକାଶ କ୍ଷେତ୍ରରେ ନିଜର ପ୍ରତିବଦ୍ଧତା ଓ ବୃତ୍ତିଗତ ଦକ୍ଷତା ସେତିକି ଜରୁରୀ ବୋଲି ସେ କହନ୍ତି ଏଂ ଅଧିକାର କାର୍ଯ୍ୟକ୍ରମ' ଏକ ସୃଜନଶୀଳ ପ୍ରୟାସ ଓ ସାମାଜିକ ବିକାଶ ଧାରା ଏହା ମାଧ୍ୟମରେ ହଜାର ହଜାର ଗରିବ ଲୋକ ସରକାରୀ କଲ୍ୟାଣମୂଳକ ଯୋଜନାର ସୁଫଳ ପାଇବାରେ ସମର୍ଥ ହେଇଛନ୍ତି । ଦଶପଲ୍ଲାରୁ ଆରମ୍ଭ ହୋଇଥିବା ପ୍ରକଳ୍ପ ଅଧିକାର ଦ୍ୱାରା ଗ୍ରାମାଞ୍ଚଳରେ ଥିବା ଶତାଧିକ ଗରିବ ଲୋକ ପାଇଛନ୍ତି ସାମାଜିକ ନ୍ୟାୟ, ସରକାରୀ ଯୋଜନାର ସୁଫଳ, ହୋଇଛି ଶସକ୍ତ ଗ୍ରାମ ସମୂହଛ ଦୁର୍ବଳ ବର୍ଗର ଲୋକଙ୍କୁ ସରକାରୀ ଯୋଜନା ବିଷୟରେ ସଚେତନ କରିବା ଓ ଆବଶ୍ୟକ ସହଯୋଗ କରିବା ଲକ୍ଷ୍ୟ ନେଇ ଆରମ୍ଭ ହେଇଥିବା ଅଧିକାର ଜନସେବା କେନ୍ଦ୍ରର ସଫଳତାର ବାର୍ତ୍ତା ଦୂର ଦୁରାନ୍ତ ଗ୍ରାମରେ ପହଁଚିବାରେ ଲାଗିଛିଛଟାଟା ପାୱାର ଓଡ଼ିଶା ଓ ଟି.ପି. ସି. ଓ. ଡ଼ି. ଏଲ ର ମୁଖ୍ୟ ସାମାଜିକ ଦାୟିତ୍ୱବୋଧ ଅଧିକାରୀ ଶ୍ରୀ ଘୋଷଲ କହନ୍ତି ଗର୍ବ ଅଂହକାର ଦୂର କରି ଗ୍ରାମୀଣ ଗରିବ ଲୋକଙ୍କୁ ଭଲ ପାଇବା ଦ୍ୱାରା ସମାଜ ସମୃଦ୍ଧ ହୁଏ ତେଣୁ ଏ ଦିଗ ପ୍ରତି ଅଣଦେଖା କରିବା ଉଚିତ ନୁହେଁ ବୋଲି ସେ ବିଶ୍ୱାସ କରନ୍ତି ।

# ମହାନତା ଦେଖାଇଲେ ଭଞ୍ଜନଗର ଅତିରିକ୍ତ ଏସ୍‌ପି ରଞ୍ଜନ କୁମାର ଦେ

ଭଞ୍ଜନଗର, ୮।୭ (ନି.ପ୍ର) : ପୋଲିସ ସର୍ବଦା ଶକ୍ତ ଏବଂ କଠୋର ଭାବେ ଅନେକଙ୍କ ମନରେ ଚିତ୍ର ରହିଥିବା ବେଳେ ପୋଲିସ ଭିତରେ ଥିବା ମଣିଷଟି ମଧ୍ୟ ଅନେକ ସମ୍ବେଦନଶୀଳ ମାନବିକତାର ପରିଚୟ ସୃଷ୍ଟି କରିପାରେ । ଏଭଳି ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ଭଞ୍ଜନଗର ଅତିରିକ୍ତ ଏସ୍ପି ରଞ୍ଜନ କୁମାର ଦେ ଜଣେ ଆହାତ ବ୍ୟକ୍ତିଙ୍କୁ ନିଜର ସରକାରୀ ଗାଡିରେ ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା ବ୍ୟବସ୍ଥା କରାଇ ମାନବ ଜୀବନର ମହାନତାକୁ ପ୍ରଦର୍ଶନ କରିଛନ୍ତି । ଗତକାଲି ରାତିରେ ଶ୍ରୀ ଦେ ତାରସିଂ ଥାନା ଅଧିନ ଗାଲେରୀ ଇଲାକାକୁ କେଣସି କାର୍ଯ୍ୟରେ ଯିବା ସମୟରେ କୁଲାଡ଼ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଜଣେ ବ୍ୟକ୍ତି ଗୁରୁତର ଭାବେ ଆହାତ ହୋଇ ପଡିଥିବା ଦେଖିବାକୁ ପାଇଥିଲେ । ଯୁବକ ଜଣକ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖି ଶ୍ରୀ ଦେ ନିଜ ଗାଡିକୁ ଅଟକାଇବା ସହ କାଳ ବିଳମ୍ବ ନକରି ଯୁବକ ଜଣକୁ ଉଦ୍ଧାର କରି ନିଜର ସରକାରୀ ଗାଡିରେ ଭଞ୍ଜନଗର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ସେ ନିଜେ ଉପସ୍ଥିତ ରହି କର୍ମଚାରୀ ଶିବରାମ ପ୍ରଧାନ ସ୍ଥାନୀୟ ଦୁଇ ଯୁବକ ଟୁକୁନା ସାହୁ, କୃଷ୍ଣଚନ୍ଦ୍ର ଦାସଙ୍କ ସହାୟତାରେ ଆହତଙ୍କୁ ମେଡିକାଲ ପହଞ୍ଚାଇ ଜରୁରୀକାଳୀନ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା କରାଇଥିଲେଛ ଆହାତ ଜଣକ ହେଲେ ଭଞ୍ଜନଗର ଥାନା ନିଗମାନନ୍ଦ ମାର୍ଗ ର ସାଗର ମହାରଣା ( ୩୨) । ନିଜ ସ୍କୁଟିରୁ ଭାରସାମ୍ୟ ହରାଇ ଖସିପଡ଼ି ଦୁର୍ଘଟଣାରେ ଆହତ ହୋଇ ରାସ୍ତାରେ ପଡିଥିଲେ । ସେଠାରେ ଉପସ୍ଥିତ ଥିବା ଡାକ୍ତର ସାଗରଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିବା ଜଣାପଡିଛି । ଚିକିତ୍ସା ବିଜ୍ଞାନ ଅନୁସାରେ, ଦୁର୍ଘଟଣା ବା ଗୁରୁତର ଆହତ ହେବାର ପ୍ରଥମ ଏକ ଘଣ୍ଟା ଜୀବନ ବଞ୍ଚାଇବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ ହୋଇଥାଏ । ଶ୍ରୀ ଦେ, ଠିକ୍ ସମୟରେ ଉପସ୍ଥିତ ବୁଦ୍ଧି ଖଟାଇ ଯୁବକଙ୍କୁ ମେଡିକାଲରେ ପହଞ୍ଚାଇଥିବାରୁ ତାଙ୍କର ମୂଲ୍ୟବାନ ଜୀବନ ବଞ୍ଚିଯାଇଛି । ତାଙ୍କର ଏଭଳି ସହାନୁଭୂତିପୂର୍ଣ୍ଣ ଏବଂ ଦାୟିତ୍ୱବାନ କାର୍ଯ୍ୟ ପାଇଁ ସ୍ଥାନୀୟ ଜନସାଧାରଣ ଏବଂ ବୁଦ୍ଧିଜୀବୀ ମହଲରେ ତାଙ୍କୁ ବେଶ୍ ପ୍ରଶଂସା କରାଯାଉଛି ।

# 'ପ୍ରତିଦିନ'ର ପ୍ରଭାବ: ପୁନଃ ନିଯୁକ୍ତ ପିଏଚଡି କର୍ମଚାରୀ ଛଟେଇ, ସରକାରୀ କ୍ୱାର୍ଟର ଖାଲି ପାଇଁ ନିର୍ଦ୍ଦେଶ

ବରଗଡ, ୮।୭ (ନି.ପ୍ର): ପ୍ରତିଦିନ'ରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ଆକ୍ସନ ମୋଡ୍‌କୁ ଆସିଛି । ଅବସର ପରେ ପୁନଃ ନିଯୁକ୍ତି ପାଇଥିବା ଜଣେ ପିଏଚଡି କର୍ମଚାରୀଙ୍କୁ ଏବେ ଛଟେଇ କରାଯାଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ଉକ୍ତ କର୍ମଚାରୀ ଦୀର୍ଘ ବର୍ଷ ଧରି ବିଭାଗରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ । କିନ୍ତୁ କର୍ମଚାରୀ ଅଭାବ ଦର୍ଶାଇ ତାଙ୍କୁ ମାସିକ ୫ ହଜାର ଟଙ୍କା ସମ୍ମାନୀରେ ପୁନଃ ନିଯୁକ୍ତି ଦିଆଯାଇଥିଲା । ଏହି ପୁନଃ ନିଯୁକ୍ତି କେଉଁ ଆଧାରରେ ଏବଂ କେଉଁ ସ୍ୱାର୍ଥରେ କରାଯାଇଥିଲା, ଏହା ସରକାରୀ ନିୟମ ଅନୁସାରେ ଥିଲା କି ନାହିଁ ଏବଂ ସରକାରଙ୍କ ଅନୁମୋଦନ ମିଳିଥିଲା କି ନାହିଁ–ଏହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଥିଲା । ଖବର ପ୍ରକାଶ ପରେ ସମ୍ବଲପୁର ଏସିଇଏଚ୍ ଘଟଣାକୁ ଗୁରୁତ୍ୱର ସହ ନେଇ ବରପାଲି ବିଭାଗୀୟ ଅଧିକାରୀଙ୍କୁ ଡାକି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ଏହାପରେ ଉକ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତିରୁ ଛଟେଇ କରାଯାଇଥିବା ସହ ସେ ରହୁଥିବା ସରକାରୀ କ୍ୱାର୍ଟର କିଛି ଦିନ ମଧ୍ୟରେ ଖାଲି କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଦୀର୍ଘ ବର୍ଷ ଧରି ବିଭାଗରେ ପ୍ରଭାବ ବିସ୍ତାର କରିଆସୁଥିବା ଏହି କର୍ମଚାରୀଙ୍କ ଅଧ୍ୟାୟର ଏପରି ଅବସାନ ସ୍ଥାନୀୟ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ପୁନଃ ନିଯୁକ୍ତି ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇଥିଲା କି ନାହିଁ, ସେନେଇ ପ୍ରଶାସନ ପକ୍ଷରୁ ଆଗାମୀ ଦିନରେ ଅଧିକ ସ୍ପଷ୍ଟତା ଆସିବାକୁ ଅପେକ୍ଷା ।

# ବୁଗୁଡ଼ାରେ କ୍ଲକ୍ ଟାୱାର ସଜାଡିବାକୁ ଦାବି

ବୁଗୁଡା, ୮।୭ (ନି.ପ୍ର): ବୁଗୁଡା ସହରର ମଦନ ମୋହନ ଛକରେ ଶୋଭା ପାଉଥିବା କ୍ଲକ୍ ଟାୱାରରେ ଲାଗିଥିବା ଚାରୋଟିଯାକ କ୍ଲକ୍ ଦୀର୍ଘ ଦିନ ହେଲା ଖରାପ ହୋଇପଡିଥିଲା ବେଳେ ଏନଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ଗତ ୨୦୨୪ ଫେବୃୟାରୀ ୨ ତାରିଖରେ ମଦନ ମୋହନ ଛକରେ ସ୍ଥାପିତ ଉକ୍ତ କ୍ଲକ ଟାୱାରଟି ଉଦଘାଟିତ ହୋଇଥିଲା ବେଳେ ସାଧାରଣରେ ଖୁସି ବ୍ୟକ୍ତ କରାଯାଇଥିଲା । କିନ୍ତୁ, ଏବେ ଟାୱାରରେ ଲାଗିଥିବା ଘଡି ଚାରୋଟି ସଠିକ୍ ଭାବେ କାମ କରୁନଥିବାରୁ ଲୋକଙ୍କ ଖୁସିରେ ଭଟ୍ଟା ପଡିଯାଇଛି । ଘଡି ଚାରୋଟି ଭୁଲ ସମୟ ଦର୍ଶାଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଏ ନେଇ ଅଭିଯୋଗ କଲେ ମଧ୍ୟ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଉଦାସୀନତା ମନୋଭାବ ଯୋଗୁଁ କୌଣସି ସୁଫଳ ମିଳୁନାହିଁ । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଉକ୍ତ ଟାୱାରରେ ଅକାମୀ ଘଡି ଚାରୋଟି ଖଞ୍ଜି ଦେଇ ବେଶ୍ ମୁନାଫା କମାଇଥିବା ନେଇ ସାଧାରଣରେ ଆଲୋଚନା ଜୋର ଧରିଥିବା ବେଳେ ଲୋକେ ବନ୍ଦ ଘଡିକୁ ଚାହିଁ ଅଶୁଭ ମନେ କରୁଛନ୍ତି । ପ୍ରବଳ ଜନ ଅସନ୍ତୋଷ ସାଙ୍ଗକୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେଉଁ କାରଣରୁ ଘଡି ଚାରୋଟିକୁ ସଜଡା ଯାଇପାରୁନାହିଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ବିପୁଳ ବିସ୍ଫୋରକ ସାମଗ୍ରୀ ଜବତ: ୫ ଗିରଫ

ହିଞ୍ଜିଳିକାଟୁ,୮।୭(ନି.ପ୍ର): ପାହାଡରୁ ପଥର ବ୍ଲାଷ୍ଟିଂ ସକାଶେ ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରଖିବା ଅଭିଯୋଗରେ ହିଞ୍ଜିଳି ପୁଲିସ ୫ ଜଣଙ୍କୁ ଗିରଫ କରିଛି । ଗିରଫ ମାନେ ହେଲେ କନିସି ଥାନା ନୂଆଁଗାଁର ଭଗବାନ ନାୟକ (୫୫), ଶେରଗଡ ଥାନା ମହୁରୀକଣା ଗ୍ରାମର ପିଣ୍ଟୁ ନାୟକ (୨୫), ଦର୍ଜି ମହାନ୍ତି (୪୦), ବିପ୍ର ନାୟକ (୪୦) ଓ ଚନ୍ଦନ ମହାନ୍ତି (୨୭) । ଗିରଫ ଯୁବକ ମାନଙ୍କ ଠାରୁ ପଥର ବ୍ଲାଷ୍ଟିଂ ସକାଶେ ବ୍ୟବହୃତ ୨୯୯ ଟି ଜିଲୋଟିନ୍ ଷ୍ଟିକ୍, ତମ୍ବା ତାର ୧ ବଣ୍ଡଲ, ୩ଟି ଡ୍ରିଲିଂ ମେସିନ ଓ ୫୧ କିଲୋଗ୍ରାମ ଏମୋନିଆ ନାଇଟ୍ରେଟ୍ ପାଉଡରକୁ ଜବତ କରିଛି । ଏ ନେଇ ହିଞ୍ଜିଳି ଥାନାରେ କେସ ନଂ – ୪୬୫/୨୬ ରେ ଏକ ମାମଲା ରୁଜୁ କରି ଗିରଫ ଯୁବକଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ତଥା ଥାନା ଏସଆଇ ରଶ୍ମିରଞ୍ଜନ ସାମଲଙ୍କ ସୂତ୍ରରୁ ପ୍ରକାଶ । ସମ୍ପ୍ରତି ଗଞ୍ଜାମ ଜିଲ୍ଲାର ବିଭିନ୍ନ ପଥର କ୍ୱାରୀରୁ ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ ସହାୟତାରେ ପଥର ବ୍ଲାଷ୍ଟିଂ କରାଯିବା ସହ ବେଆଇନ ଭାବେ ପଥର ଚୋରା ଚାଲାଣ କରାଯାଇଥିବା ଅଭିଯୋଗ ହୋଇ ଆସୁଥିଲା । ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିସ୍ ବିସି ଘଟଣାର ତତ୍ପରତା ପ୍ରକାଶ କରି ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରଖୁଥିବା ବ୍ୟକ୍ତି ବିଶେଷଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ପ୍ରଦାନ କରି ଗିରଫ କରିବା ସହ ବେଆଇନ ଭାବେ ଗଛିତ ବିସ୍ଫୋରକ ସାମଗ୍ରୀ ଜବତ କରିବା ପାଇଁ ଗଞ୍ଜାମ ଜିଲ୍ଲାର ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ରାତିରେ ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଶେରଗଡ ବ୍ଲକ ତଥା ହିଞ୍ଜିଳି ଥାନା ବୋଦାଲୁଣ୍ଡି ପଥରକ୍ୱାରୀ ଉପରେ ଅତର୍କିତ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ପାହାଡରୁ ପଥର ବ୍ଲାଷ୍ଟିଂ ସକାଶେ ଗଛିତ ରଖାଯାଇଥିବା ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଯଥା ୨୯୯ ଟି ଜିଲୋଟିନ୍ ଷ୍ଟିକ୍, ତମ୍ବା ତାର ୧ ବଣ୍ଡଲ, ୩ଟି ଡ୍ରିଲିଂ ମେସିନ ଓ ୫୧ କିଲୋଗ୍ରାମ ଏମୋନିଆ ନାଇଟ୍ରେଟ୍ ପାଉଡରକୁ ଜବତ କରାଯିବା ସହ ୫ ଜଣଙ୍କୁ ଗିରଫ କରାଯାଇଥିଲା । ଆଗାମୀ ଦିନରେ ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରଖିଥିବା ବ୍ୟକ୍ତିଙ୍କୁ ଗିରଫ କରିବା ସହ ବିସ୍ଫୋରକ ସାମଗ୍ରୀ ଜବତ କରି ସେମାନଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି । ଚଢ଼ାଉରେ ଥାନା ଏସଆଇ ସୁରେଶ କୁମାର ସାହୁ, ଏଏସଆଇ ସ୍ୱଦେଶ ଦାଶ, କନେଷ୍ଟବଳ ବସନ୍ତ ଉପାଧ୍ୟାୟ, କୈଳାସ ମଲ୍ଲିକ, ଦଣ୍ଡପାଣି ମଲ୍ଲିକ ଅଂଶ ଗ୍ରହଣ କରିଥିଲେ ।

# ତ୍ରୟୋଦଶ ତମ ସାଧାରଣ ଅଧିବେଶନ

ଦଶପଲ୍ଲା, ୮।୭ (ନି.ପ୍ର): ବହୁ ପ୍ରତିକ୍ଷିତ ବାଦବିବାଦ ପରେ ବୁଧବାର ଦିନ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଦଶପଲ୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆନୁଷ୍ଠାନିକ ଭାବେ ବୈଠକ ଆରମ୍ଭ ହୋଇଥିଲା । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇଥିବା ବେଳେ ବ୍ଲକ ଅଧକ୍ଷା ସୁନନ୍ଦା ସାହୁ,ଉପାଧକ୍ଷା ଅନୁପମା ବେହେରା, ଜିଲ୍ଲାପରିଷଦ ସଭ୍ୟ ହରିଶ୍ଚନ୍ଦ୍ର ଯାନୀ,ସତ୍ୟଭାମା ନାୟକ,ବିଡ଼ିଓ ଶରତ କୁମାର ମଲିକ, ଏଇଓ ସନାତନ ଭୋଳ ସହିତ ସମସ୍ତ ଜନପ୍ରତିନିଧି ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଗତ ଜାନୁଆରୀ ମାସରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହାପରେ ନିର୍ଦ୍ଧାରିତ ସମୟରେ ପରବର୍ତ୍ତୀ ବୈଠକ ବସି ନପାରିବାରୁ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧିମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା । ବ୍ଲକର ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଦର୍ଶାଇ ବ୍ଲକ ଅଧକ୍ଷା ସୁନନ୍ଦା ସାହୁଙ୍କ ନେତୃତ୍ୱରେ ଜନପ୍ରତିନିଧିମାନେ ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣଧାରଣା ଦେଇଥିଲେ । ବିଡିଓଙ୍କୁ ସମିତି ବୈଠକ ଡାକିବା ପାଇଁ ଏହି ଆନ୍ଦୋଳନ ମାଧ୍ୟମରେ ଦୃଢ଼ ଦାବି କରାଯାଇଥିଲା ।

# ଦୁଇ ନିଖୋଜ ଯୁବକ ଉଦ୍ଧାର

ବରଗଡ, ୮।୭ (ନି.ପ୍ର): ପଦ୍ମପୁର ଅଞ୍ଚଳର ଖାଞ୍ଜ ପାହାଡ଼କୁ କନସିଂହା ଗ୍ରାମର ୯ ଜଣ ସାଙ୍ଗ ମିଶି ବୁଲିବାକୁ ଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ରାଜ ମଲ୍ଲିକ ଓ ଗଣେଶ ଡୁଡୁକା ନାମକ ଦୁଇ ଯୁବକ ଗତକାଲିଠାରୁ ନିଖୋଜ ହୋଇଯାଇଥିଲେ । ପାହାଡ଼ର ଅପର ପାର୍ଶ୍ୱ ଦେଇ ଯିବା ସମୟରେ ସେମାନେ ରାସ୍ତା ଭୁଲି ଛତିଶଗଡ଼ ସୀମା ଭିତରକୁ ପହଞ୍ଚିଯାଇଥିବା ଜଣାପଡ଼ିଛି । ଘଟଣା ଜଣାପଡ଼ିବା ପରେ ବନ ବିଭାଗ, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଗତକାଲିଠାରୁ ବ୍ୟାପକ ଖୋଜାଖୋଜି ଚାଲିଥିଲା । ଶେଷରେ ଆଜି ଛତିଶଗଡ଼ ରାଜ୍ୟର ମହାସମୁନ୍ଦ ଜିଲ୍ଲା ଅନ୍ତର୍ଗତ ବନୁଭଟା ଅଞ୍ଚଳରୁ ଉଭୟ ଯୁବକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ।

# ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଦଶପଲ୍ଲା, ୮।୭ (ନି.ପ୍ର): ଦଶପଲ୍ଲା କୁଞ୍ଜବନଗଡ଼ ଠାରେ ମହାପ୍ରଭୁ ଶ୍ରୀ ପତିତପାବନ ଜୀଉଙ୍କ ରଥଯାତ୍ରା ନିମନ୍ତେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଆଜି ବ୍ଲକ୍ ସଭା ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶ୍ରୀ ଜୀଉଙ୍କ ରଥଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ ଓ ନୀଳାଦ୍ରି ବିଜେ ପାଇଁ ନୀତିକାନ୍ତି ସମୟ ନିର୍ଘଣ୍ଟ , ରଥ ଚଳାଚଳ ପଥର ସ୍ଥିତି, ଠାକୁରଙ୍କ ସୁନା, ରୂପା ଅଳଙ୍କାର ସଂରକ୍ଷଣ ସୁରକ୍ଷା, ଆଇନ୍ – ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ଅଗ୍ନିଶମ, ବିଦ୍ୟୁତ, ଆମ୍ବୁଲାନ୍ସ, ପାନୀୟ ଜଳ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଆମିଷ ବିକ୍ରୟ ନିଷେଧ ଆଦି ପ୍ରମୁଖ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲାଛ ପ୍ରଭୁଙ୍କ ପହଣ୍ଡି ଠାରୁ ନିଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତିକୁ ଶୃଙ୍ଖଳିତ କରିବା ସହିତ ଶ୍ରୀ ଗୁଣ୍ଡିଚା ରଥଯାତ୍ରା ଓ ବାହୁଡ଼ାକୁ ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ କରିବା ପାଇଁ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ ମୁଖ୍ୟ ଅତିଥି ଭାବରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ତହସିଲଦାର ସ୍ମିତିରଞ୍ଜନ ଶତପଥୀ, ଏନଏସି ଅଧ୍ୟକ୍ଷା ଇଂ ପୁନମ୍ ପ୍ରିୟଦର୍ଶିନୀ, ବି.ଡି.ଓ ଶରତ କୁମାର ମଲ୍ଲିକ, ଏନ୍.ଏ.ସି ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଚନ୍ଦ୍ରଶେଖର ବାରିକ, ସାଂସଦଙ୍କ ବ୍ଲକ୍ ପ୍ରତିନିଧି କିଶୋର ଚନ୍ଦ୍ର ଦଳ ବେହେରା, ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ା ଏବଂ ଏସ୍.ଡି.ପି.ଓ ସୃଷ୍ଟି ପ୍ରଧାନଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଓ ରଥଯାତ୍ରା କମିଟିର ସଦସ୍ୟ ଯୋଗଦେଇଥିଲେ ।

# ସ୍ୱାଧୀନତା ସଂଗ୍ରାମର ଆଦ୍ୟନାଦ : ଏକ ତୁଳନାତ୍ମକ ଅଧ୍ୟୟନ ପୁସ୍ତକ ଲୋକାର୍ପିତ




ଛତ୍ରପୁର, ୮।୭ (ନି.ପ୍ର): ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁର ଠାରେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପୁସ୍ତକ ଲୋକାର୍ପଣ ବର୍ଣ୍ଣାଢ୍ୟ ଉତ୍ସବରେ ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସାରସ୍ୱତ ଉତ୍ସବରେ କଲେଜ ଅଧକ୍ଷ ଡ଼ଃ.ଅଜୟ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ଅବିଭକ୍ତ ଗଞ୍ଜାମ ଜିଲ୍ଲାର ଏକ ଗୌରବାନ୍ୱିତ ଅଧ୍ୟାୟକୁ ଆଧାର କରି ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ରଚିତ ପୁସ୍ତକ ଭାରତରେ ସ୍ୱାଧୀନତା ସଂଗ୍ରାମର ଆଦ୍ୟନାଦ: ଏକ ତୁଳନାତ୍ମକ ଅଧ୍ୟୟନର ଲୋକାର୍ପଣ ଉତ୍ସବ ତଥା ତତ୍ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ସମ୍ମାନସ୍ପଦ କୁଳପତି ତଥା ଐତିହାସିକ ଡ଼ଃ ଚଣ୍ଡି ପ୍ରସାଦ ନନ୍ଦ, ମୁଖ୍ୟଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ଼ଃ. ଅମୀୟ କୁମାର ପଟ୍ଟନାୟକ , ମୁଖ୍ୟବକ୍ତା ଭାବେ ସରକାରୀ ସ୍ନାତକ ମହାବିଦ୍ୟାଳୟ, ଧରାକୋଟର ଅଧକ୍ଷ ଡ଼ଃ ସୁଜିତ ପଣ୍ଡା, ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ଼ଃ ମନ୍ମଥ ପାଢ଼ୀ, ଉପାନ୍ତ ପ୍ରହରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପାରଳାଖେମୁଣ୍ଡି, ସ୍ନାତକୋତ୍ତର ଇତିହାସ ବିଭାଗର ବିଭାଗୀୟ ମୁଖ୍ୟ ସୁଶାନ୍ତ ଦାସ ପ୍ରମୁଖ ବହୁ ବିଶିଷ୍ଟ ଗଣ୍ୟମାନ୍ୟ ଅତିଥି ଯୋଗଦାନ କରି ଏହି ସାରସ୍ୱତ ସମ୍ମାନ ଉତ୍ସବରେ ଯୋଗଦେଇ ଆଲୋଚ୍ୟ ବିଷୟରେ ମତପୋଷଣ କରିଥିଲେ । ପାରଳାଖେମୁଣ୍ଡିର ସୁପ୍ତ ଇତିହାସକୁ ଲୋକ ଲୋଚନକୁ ଆଣିଥିବାରୁ ଅତିଥିମାନେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କର ଭୂୟସୀ ପ୍ରଶଂସା କରିଥିଲେ ଏବଂ କଲମ ମୁନରେ ଉତ୍ସର୍ଗୀକୃତ ସେବା ପାଇଁ ସର୍ଭିଏ ସାଧୁବାଦ ଜଣାଇଛନ୍ତି । ପାରଳା ମହାରାଜା ଗୌରଚନ୍ଦ୍ର ଗଜପତି ୨ଙ୍କ ତତ୍ତ୍ୱାବଧାନରେ ୧୭୬୭ ମସିହାରେ ପାଇକ ଓ ବିଷୋୟୀମାନେ ଆନ୍ଦୋଳନରେ ନେତୃତ୍ୱ ନେଇଥିବା ଲେଖକ ଉପସ୍ଥାପନ କରିଥିଲେ । ଏହା ପାରଳାର ପ୍ରଥମ ସଶକ୍ତ ଆନ୍ଦୋଳନର ପ୍ରଥମ ପୃଷ୍ଠଭୂମି ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ୧୭୬୭ – ୧୮୫୭ ପର୍ଯ୍ୟନ୍ତ ଦୀର୍ଘ ୯୦ ବର୍ଷ ଧରି ଏହି ଆନ୍ଦୋଳନ ଜାରି ରହିଥିଲା ବୋଲି ଲେଖକ ଉପସ୍ଥାପନ କରିଥିଲେ । ଏହି ଉତ୍ସବରେ ବିଶିଷ୍ଟ ଅତିଥି, ସାହିତ୍ୟିକ, ବୁଦ୍ଧିଜୀବୀ ଏବଂ ପାଠକବୃନ୍ଦ ଉପସ୍ଥିତ ରହି ଏହି ପୁସ୍ତକ ଭାରତର ସ୍ୱାଧୀନତା ସଂଗ୍ରାମର ପ୍ରାରମ୍ଭିକ ପର୍ଯ୍ୟାୟକୁ ଏକ ତୁଳନାତ୍ମକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରି ଇତିହାସ ଅନୁସନ୍ଧାନ କ୍ଷେତ୍ରରେ ଏକ ମୂଲ୍ୟବାନ ସଂଯୋଜନ ଭାବେ ବିବେଚିତ ହେବ ବୋଲି ଅତିଥି ମାନେ ମତପୋଷଣ କରିଥିଲେ । ପ୍ରାରମ୍ଭରେ ମହାବିଦ୍ୟାଳୟର ଇତିହାସ ବିଭାଗର ପ୍ରଫେସର ଶ୍ରୀ ନରେଶ ଚନ୍ଦ୍ର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଇତିହାସ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଶ୍ରୀମତୀ ସାପା ରଞ୍ଜିତା କାର୍ଯ୍ୟକ୍ରମକୁ ସଫଳତାର ସହ ସଂଯୋଜନା କରିଥିଲେ । ଏହି ଏହି ଅବସରରେ ଛତ୍ରପୁର, ବ୍ରହ୍ମପୁର ଓ ପାରଳାଖେମୁଣ୍ଡିରୁ ଶତାଧିକ ସାହିତ୍ୟିକ, ବୁଦ୍ଧିଜୀବୀ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଅଧାପିକା ଶୁଚିସ୍ମିତା ବେହେରା ସମସ୍ତ ଅତିଥି, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

**AFFIDAVIT**

By virtue of an affidavit No.8945, Dt. 18.06.2026 sworn before the Executive Magistrate, Jajpur, I, Sanjay Malik, 51 yrs, S/o-Bhaba Malik, Vill-Sunapal,Po-Dolagram Damodarpur,Ps-Alakund,Dist-Jajpur, Odisha,Pin-755013, declare that I have changed the name of my minor son from Hemas Malik (old name) to Himanshu Malik (new name).Henceforth, he will be known as Himanshu Malik for all future purposes.

Sanjay Malik
Deponent

**AFFIDAVIT**

By virtue of an affidavit CF No.57, Dt. 16.03.2026 sworn before the Executive Magistrate, Bhubaneswar, I, Puspanjali Swain, 43 yrs, W/o-Susanta Kumar Swain, At-Nilapanitanki Basti, near OMC Colony, Gopabandhu Nagar,Unit-8,Po/Ps-Nayapalli, Bhubaneswar-751012, Dist-Khordha, declare that previously my name was Santoshi Swain which is mentioned in my LIC Policy No. 597152361 but now my name has been changed to Puspanjali Swain. Hence, this affidavit is to be produced before the concerned authority of LIC for necessary correction of my name as Puspanjali Swain.

**Puspanjali Swain.**
Deponent

**AFFIDAVIT**

By virtue of an affidavit CF No.56, Dt. 16.03.2026 sworn before the Executive Magistrate, Bhubaneswar, I, Susanta Kumar Swain, 53 yrs, S/o-Late Biswanath Swain, At-Nilapanitanki Basti, near OMC Colony, Gopabandhu Nagar, Unit-8, Po/Ps-Nayapalli, Bhubaneswar-751012, Dist-Khordha, declare that previously my name was Raju Swain which is mentioned in my LIC Policy No.597152360 but now my name has been changed to Susanta Kumar Swain. Hence, this affidavit is to be produced before the concerned authority of LIC for necessary correction of my name as Susanta Kumar Swain.

Susanta Kumar Swain.
Deponent

**AFFIDAVIT**

By virtue an affidavit Executive Magistrate Kakatpur, I Prasanna Rout S/0- Late Madhusudan Rout,Currently resident Village,At- Naranpur, Samili Chandanpur, Po - Patapur, Ps-Kakatpur, Dist-Puri, Odisha Pin-752108,Declared that I have change My Son 's name from , Ganesh Rout to Sourav Rout, Henceforth,he shall be known as Sourav Rout for all future purposes.

**Prasanna Rout**

## ଅତ୍ୟାଧୁନିକ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ

ବୋଲଗଡ,୮।୭(ନି.ପ୍ର): ବେଗୁନିଆ ବ୍ଲକର ବ୍ଲକ ସ୍ତରୀୟ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ ପାଇଁ ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ କୁଶୁପାଲ୍ଲା ଠାରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୧୨କୋଟି ଟଙ୍କା ବ୍ୟୟରେ ଏହି ଷ୍ଟାଡିୟମ ନିର୍ମାଣ ହେବ। ଏହା ମଧ୍ୟରେ ଇଣ୍ଡୋର ଷ୍ଟାଡିୟମ ମଧ୍ୟ ରହିବ। ପ୍ରାୟ ୮. ୫ଏକର ଜମି ଉପରେ ଏହା ନିର୍ମାଣ କରାଯିବ। ଆୟୋଜିତ ଶିଳାନ୍ୟାସ ସଭାରେ ମୁଖ୍ୟ ଅତିଥି ଶ୍ରୀମତୀ ଷଡଙ୍ଗୀ ଯୋଗଦେଇ ବୋଲଗଡ ବେଗୁନିଆରେ ହୋଇଥିବା ଉନ୍ନତି ମୂଳକ କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ୨୦୨୭ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ବେଗୁନିଆ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ରଣବିଜୁଳି ପଞ୍ଚାୟତ ସମିତି ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଜିଲ୍ଲାପରିଷଦ ସଭ୍ୟ ଅନାଦି ସାହୁ ବ୍ଲକ ଉପାଧକ୍ଷା ସାବିତ୍ରୀ ମହାପାତ୍ର ସ୍ଥାନୀୟ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ସମିତିସଭ୍ୟ ପ୍ରକାଶ ବଳିୟାରସିଂଙ୍କ ସମେତ ବହୁ ଜନ ପ୍ରତିନିଧି ଉପସ୍ଥିତ ଥିଲେ। ପରିଶେଷରେ ବିଜେପି ଜିଲ୍ଲା ସମ୍ପାଦକ ବିଦ୍ୟୁତ କାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



## ବିଦ୍ୟାଳୟ ପରିସରରେ ବନମହୋତ୍ସବ ପାଳିତ

ହରଭଙ୍ଗା,୮।୭(ନି.ପ୍ର): ୭୭ ତମ ବନମହୋତ୍ସବ -୨୦୨୬ ଅବସରରେ ବୌଦ୍ଧ ବନଖଣ୍ଡ ମାଧପୁର ବନାଞ୍ଚଳ ପକ୍ଷରୁ ବାପୁଜୀ ଉଚ୍ଚ ବିଦ୍ୟାଳୟ ଆଡ଼େନିଗଡ଼ ପରିସରରେ ବନମହୋତ୍ସବ ପାଳିତହୋଇ ଯାଇଛି। ବିଦ୍ୟାଳୟ ପରିସରରେ ଲାଗିଲା ଔଷଧୀୟ ବୃକ୍ଷ ସହ ଫଳନ୍ତି ଗଛ। ସପ୍ତାହ ବ୍ୟାପି ଚାଲିଥିବା ବନମହୋତ୍ସବ ଶେଷ ଦିନରେ ବୌଦ୍ଧ ବନଖଣ୍ଡ ମାଧପୁର ରେଞ୍ଜ ପକ୍ଷରୁ ଆଡ଼େନିଗଡ଼ ବାପୁଜୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନମହୋତ୍ସବ ପାଳିତ ହୋଇ ଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଦ୍ୟାଳୟପ୍ରଧାନ ଶିକ୍ଷକ, ଛାତ୍ର ଛାତ୍ରୀ ସମସ୍ତେ ମିଶି ବିଭିନ୍ନ ଔଷଧୀୟ ବୃକ୍ଷ ସହ ଫଳନ୍ତି ଗଛ ଲଗେଇଥିଲେ।



ବିଭାଗ ପକ୍ଷରୁ ଗଛ ଗୁଡ଼ିକର ସଠିକ ଯତ୍ନ ନେବା ସହ ଦୈନନ୍ଦିନ ଜୀବନ ରେ ବୃକ୍ଷ ର ଉପକାରିତା ଉପରେ ଫରେଷ୍ଟର ଅଭିମନ୍ୟୁ ମହାନ୍ତି ଛାତ୍ର ଛାତ୍ରୀ ଙ୍କୁ ଉପଦେଶ ଦେଇଥିଲେ। ଜଳବାୟୁ ପରିବର୍ତନ ର ମୁକାବିଲା, ଜଙ୍ଗଲ ର ସବୁଜିମା ବୃଦ୍ଧି ଓ ପରିବେଶ ସନ୍ତୁଳନ ରକ୍ଷା ଉଦେଶ୍ୟ ରେ ବନବିଭାଗ ପକ୍ଷରୁ ବ୍ୟାପକ ଭାବେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି। ସ୍କୁଲ ପରିସରରେ ଗଛ ଲଗାଯିବା କାର୍ଯ୍ୟକ୍ରମକୁ ନେଇ ସ୍କୁଲର ପ୍ରଧାନ ଶିକ୍ଷକ ବେଶ ଖୁସି ବ୍ୟକ୍ତ କରିଥିଲେ। ଏବଂ ଛାତ୍ର ଛାତ୍ରୀ ମାନେ ମଧ ଗୋଟେ ଗୋଟେ ଗଛ ଲଗେଇ ନିଜକୁ ଧନ୍ୟ ମନେ କରିବା ସହିତ ଖୁସି ହୋଇଥିବା ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ବନପାଳ ଅଭିମନ୍ୟୁ ମହାନ୍ତିଙ୍କ ସହିତ ଭକ୍ତ ବତ୍ସଳ ମଲିକ, ବନରକ୍ଷି ମୃତ୍ୟୁଞ୍ଜୟ ମହାରଣା, ମଞ୍ଜୁଲତା ସାହୁ, ମିଲି କିସପଟା, ଗୀତାଞ୍ଜଳି ଏକ୍କା, ସୀତାରାମ ବେହେରାଙ୍କ ସହିତ ବିଭାଗ ର ସମସ୍ତ ୱାଚର, ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ର ଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଆଇସିଏସଇ ବାଲେଶ୍ୱର ଜୋନସ୍ତରୀୟ ସ୍କେଟିଙ୍ଗ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି

ଜଳେଶ୍ୱର,୮।୭(ନି.ପ୍ର): ଆସନ୍ତା ଜୁଲାଇ ୧୦ ତାରିଖ ସକାଳ ୮ ଘଟିକା ଠାରୁ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ ଜଳେଶ୍ୱର ସେଣ୍ଟ ଜେମ୍ସ କନଭେଣ୍ଟ ସ୍କୁଲ ଓ ନର୍ଥ ଓଡ଼ିଶା ସ୍କେଟିଙ୍ଗ ଏକାଡେମୀ ମିଳିତ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ଜାତୀୟ ରାଜପଥ ସନ୍ନିକଟ ଲକ୍ଷ୍ମଣନାଥ ଟୋଲ୍ ପ୍ଲାଜା ନିକଟରେ ଆଇ.ସି.ଏସ. ଇ ବାଲେଶ୍ୱର ଜୋନ୍



ସ୍ତରୀୟ ସ୍କେଟିଙ୍ଗ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସଭାପତି ସୁକୁମାର ରଣାଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ସାଧାରଣ ସମ୍ପାଦକ ଭୂପତି ଭୋଇ, ପଦ୍ମିନୀ ଦାଶ,ତପସ୍ୱିନୀ ସାହୁ,ପ୍ରତିଭା ରାଣୀ ଜେନା, ସୁଲତାନା ବିବି, ଚିତ୍ରଲେଖା ବେହେରା,କୋଚ୍ ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଏକାଡ଼େମୀ ବରିଷ୍ଠ ସଭ୍ୟ ସୁମନ୍ତ ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ବାଲେଶ୍ୱର,ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ଅବସ୍ଥିତ ଆଇ.ସି.ଏସ. ଇ ସ୍କୁଲ ଛାତ୍ର ମାନେ ଅଂଶ ଗ୍ରହଣ କରିବେ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଭୋଇ ସୂଚନା ଦେଇଛନ୍ତି।

## ଉନ୍ମୋଚିତ ହେଲା ଶିଶୁ କିଶୋର ପତ୍ରିକା 'କିଚିରିମିଚିରି'ର ରଥ ସଂଖ୍ୟା

ବାଲେଶ୍ୱର,୮।୭(ନି.ପ୍ର): ବାଲେଶ୍ୱରରୁ ପ୍ରକାଶ ପାଉଥିବା ଶିଶୁ-କିଶୋର ପତ୍ରିକା 'କିଚିରିମିଚିରି'ର ରଥସଂଖ୍ୟା ଜୁଲାଇ ୭ ତାରିଖ ଅପରାହ୍ଣ ୫ ଘଟିକା ସମୟରେ ମାକଲପୁର ସ୍ଥିତ 'ସ୍ରଷ୍ଟା ନାଟ୍ୟାଳୟ' ପରିସରରେ ଉନ୍ମୋଚିତ ହୋଇଯାଇଛି। ଏକାଡେମୀ ପୁରସ୍କୃତ ବରିଷ୍ଠ ତଥା ବିଶିଷ୍ଟ ସହ ଅତିଥିମାନଙ୍କୁ ମଂଚ ଅହ୍ୱାନ କରିଥିଲେ। ପତ୍ରିକାର ମୁଖ୍ୟ ସମ୍ପାଦକ ପୀତାମ୍ବର ଦାସ ପତ୍ରିକା ପ୍ରକାଶନର ଆଭିମୁଖ୍ୟ ସମ୍ବନ୍ଧରେ ନିଜ ବକ୍ତବ୍ୟ ରଖିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ବାଲେଶ୍ୱର ମାଟିରେ ଶିଶୁ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଏହି ପତ୍ରିକାର ପ୍ରକାଶନ ସହାୟକ




ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉନ୍ମୋଚନ ଉତ୍ସବରେ ଅତିଥି ଭାବେ ବିଶିଷ୍ଟ ଗବେଷକ ତଥା ସୁପ୍ରାବନ୍ଧିକ ଡକ୍ଟର ରାଧାରଂଜନ ପଟ୍ଟନାୟକ, ଶିଶୁ ସାହିତ୍ୟର ଅନ୍ୟତମ ଧୂରୀଣ ଲେଖକ ସାହିତ୍ୟିକ ବ୍ରଜେନ୍ଦ୍ର ନାଥ ଗିରି, 'ଧ୍ୱନି ପ୍ରତିଧ୍ୱନି' ଖବରକାଗଜର ମୁଖ୍ୟ ସମ୍ପାଦକ ତଥା ଔପନ୍ୟାସିକ ସୃଷ୍ଟିଧର ପରିଡ଼ା, ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ସମ୍ପାଦକ ଡ଼କ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ମିଳିତ ଭାବେ ପତ୍ରିକାଟିକୁ ଉନ୍ମୋଚନ କରି ଶିଶୁ ସାହିତ୍ୟ ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିବା ସହ ଶିଶୁ-କିଶୋର ପତ୍ରିକା ପ୍ରକାଶନର ଆବଶ୍ୟକତା ପୂରଣ କରିବା ପାଇଁ ଶ୍ରୀ ପୀତାମ୍ବର ଦାସଙ୍କ ଏତାଦୃଶ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହ ପତ୍ରିକାର ସମ୍ପାଦିକା ମୋନାଲିସା ପ୍ରଧାନଙ୍କୁ ମଧ୍ୟ ସାଧୁବାଦ ଜଣାଇଥିଲେ। ପ୍ରାରମ୍ଭରେ ପ୍ରାକ୍ କଥନ କବି ପଦ୍ମଲୋଚନ ପ୍ରଧାନ ରଖିବା ହେବ ବୋଲି କହିବା ସହ ପ୍ରକାଶକ କମଳ ଦାସଙ୍କୁ ଏଥିପାଇଁ ସାଧୁବାଦ ଜଣାଇଥିଲେ। ସମଗ୍ର କାର୍ଯ୍ୟକ୍ରମକୁ କବି ରମେଶ ଚନ୍ଦ୍ର ବେହେରା, ଗୌରୀ ଶଙ୍କର ସାହାଣୀ, କଲ୍ୟାଣୀ ନନ୍ଦ, ଶାନ୍ତି ବିଶି, ଶାନ୍ତିଲତା ପଣ୍ଡା, ସୁକାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେଛ ଏଥିରେ କବି ନଟବର ପାଢ଼ୀ, ଡ. ସାରଙ୍ଗଧର ତ୍ରିପାଠୀ, ସର୍ବେଶ୍ୱର ପଣ୍ଡା, ନିରଞ୍ଜନ ରାଉତ, ପ୍ରଭାକର ସାହୁ, ରମାକାନ୍ତ ମହାନ୍ତି, ରାମପ୍ରସାଦ ପ୍ରଧାନ, ଅଜୟ ରାଉଳ, ଦେବାଶିଷ ସିଂ, ଲକ୍ଷ୍ମଣ ବିଶ୍ୱାଳ, ଲକ୍ଷ୍ମୀଧର ଜେନା, ଜୟନ୍ତୀ ବେହେରା, ସୁନାମଣି ଜେନା, ପୁଷ୍ପଲତା ଚକ୍ରବର୍ତ୍ତୀ, ବାସନ୍ତୀ ଦେ, ତୃପ୍ତିରାଣୀ ପାତ୍ର, ସୁବ୍ରତା ମହାନ୍ତି, ସ୍ନିଗ୍ଧା ସାମନ୍ତରାୟ, ସଂଗୀତା ବାରିକ, ଜୁମରନାଥ ପାତ୍ର, ପୁଷ୍ପିତା ପାଢ଼ୀ, ଦିବାକର ମହାନ୍ତି, ସମରାଇ କର, ରତିକାନ୍ତ ମଲ୍ଲିକ, ପ୍ରସନ୍ନ କୁମାର ଦାସ, ମଦନ ମୋହନ ସାହୁ ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଜନବସତି ଦେଇ ୩୩ କେଭି ବିଦ୍ୟୁତ ତାର ଟଣାକୁ ବିରୋଧ
## ସମାଧାନ ପାଇଁ ଗ୍ରାମରେ ପହଞ୍ଚିଲେ ବୌଦ୍ଧ ତହସିଲଦାର

ବୌଦ୍ଧ,୮।୭(ନି.ପ୍ର): ବୌଦ୍ଧ ଜିଲ୍ଲା ବାଉଁଶୁଣି ପଞ୍ଚାୟତ ଅନ୍ତର୍ଗତ ଜମଘାଟି ମୌଜାର ଜନବସତି ଓ ସ୍କୁଲ ଉପର ଦେଇ ୩୩ କେଭି ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ସଂଯୋଗକୁ ନେଇ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ବାରମ୍ବାର ବିରୋଧ ସତ୍ତ୍ୱେ ଠିକାସଂସ୍ଥା ଜୋର୍ ଜବରଦସ୍ତ ପୋଲ ପୋତି ତାର ଟାଣିବାକୁ କେନ୍ଦ୍ର କରି ଅସନ୍ତୋଷ ଦେଖାଦେଇଥିଲା। ଯାହା ଫଳରେ ଗ୍ରାମବାସୀ ବୌଦ୍ଧ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଶେଷରେ ସମାଧାନ ପାଇଁ ବୌଦ୍ଧ ତହସିଲଦାର ଅନିତା କୁମାରୀ ସାହୁ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଛନ୍ତି। ସୂଚନା ଅନୁଯାୟୀ, ବୌଦ୍ଧ ଜିଲ୍ଲା ଗୁହ୍ଲିଆଠାରେ ନିର୍ମାଣ ହେଉଥିବା ଏକ ନୂତନ ଗ୍ରୀଡ୍/ଫିଡର୍ ପାଇଁ ବାଉଁଶୁଣି ଅଞ୍ଚଳରୁ ୩୩ କେଭି ବିଦ୍ୟୁତ ଲାଇନ ନିଆଯାଉଛି। ତେବେ ଏହି ଉଚ୍ଚ କ୍ଷମତା ସମ୍ପନ୍ନ ଲାଇନଟି ସ୍ଥାନୀୟ ଜନବସତି ଏବଂ ସ୍କୁଲ ଉପର ଦେଇ ଯାଉଥିବାରୁ ଏହା ଜନଜୀବନ ପ୍ରତି ବିପଦ ସୃଷ୍ଟି କରିବ ବୋଲି ଗ୍ରାମବାସୀ ଆଶଙ୍କା କରିବା ସହ ଗାଁ ବାହାରେ ଉକ୍ତ ତାର ନେବା ପାଇଁ ଦାବୀ କରିଥିଲେ। ପୂର୍ବରୁ ଗ୍ରାମବାସୀ ଏହାକୁ ବାରମ୍ବାର ବିରୋଧ କରି ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ସେମାନଙ୍କ ଅଭିଯୋଗକୁ ଅମାନ୍ୟ କରି ଠିକାସଂସ୍ଥା ଜୋର୍ଜବରଦସ୍ତ କାମ ଆଗେଇ ନେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆଜି ବୌଦ୍ଧ ତହସିଲଦାର ଅନିତା କୁମାରୀ ସାହୁ, ବିଦ୍ୟୁତ୍ ବିଭାଗ ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ପହଞ୍ଚି ସ୍ଥାନୀୟ ଜନସାଧାରଣ, ଗ୍ରାମର ଭଦ୍ରବ୍ୟକ୍ତି ଓ ବିଦ୍ୟୁତ ବିଭାଗ ସହ ଆଲୋଚନା କରିଛନ୍ତି। ସ୍କୁଲ ଓ ଜନବସତି ଅଞ୍ଚଳରେ ଯେଭଳି କୌଣସି ଅଘଟଣ ନଘଟେ ଏବଂ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କିଭଳି ବିକଳ୍ପ ବ୍ୟବସ୍ଥା କରାଯାଇପାରିବ ସେ ନେଇ ସ୍ଥାନିୟ ଲୋକେ ବୌଦ୍ଧ ତହସିଲଦାରଙ୍କୁ କହିଥିଲେ। ଯଦି ଏହାର ସମାଧାନ ନହୁଏ ଦେବେ ଆନ୍ଦୋଳନ କରାଯିବ ବୋଲି ଲୋକେ ଚେତାବନୀ ଦେଇଛନ୍ତି।



## ନୂତନ ବସଷ୍ଟାଣ୍ଡ ନିର୍ମାଣକୁ ନେଇ ବିବାଦ

ମ.ରାମପୁର,୮।୭(ନି.ପ୍ର): କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ମୁଖ୍ୟାଳୟରେ ଚାଲିଥିବା ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟକୁ ନେଇ ବିବାଦ ଦେଖାଦେଇଛି। କାମ ଆରମ୍ଭରୁ ହିଁ ନିମ୍ନମାନର ସାମଗ୍ରୀ ବ୍ୟବହାର ଓ ନିର୍ମାଣରେ ଅନିୟମିତତା ହେଉଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ସାମନ୍ତରା,ଉଦ୍ଧବ ପଣ୍ଡା,ପୟଧର ସାହୁଙ୍କ ଅଭିଯୋଗ ଅନୁସାରେ, ଏଭଳି ଗୁରୁତ୍ୱପୂର୍ଣ୍ଣ ସରକାରୀ ପ୍ରକଳ୍ପରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହେବାରୁ ନିର୍ମାଣର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି। ଏହାସହ ସରକାରୀ ନିୟମ ଅନୁଯାୟୀ ପ୍ରକଳ୍ପର ମୂଲ୍ୟ, କାର୍ଯ୍ୟାବଧି ଏବଂ ଠିକାଦାରଙ୍କ ବିବରଣୀ ସମ୍ବଳିତ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ ଥିବା ସତ୍ତ୍ୱେ କାର୍ଯ୍ୟସ୍ଥଳରେ ସେପରି କୌଣସି ଫଳକ ନଥିବା ଅଭିଯୋଗ ହୋଇଛି। ଠିକାଦାର ଓ ସମ୍ପୃକ୍ତ ବିଭାଗୀୟ ଇଞ୍ଜିନିୟରଙ୍କ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କ କହିବା ଅନୁସାରେ, ଅଭିଯୋଗ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉ ନଥିବାରୁ



ଜନଅସନ୍ତୋଷ ବଢ଼ିଚାଲିଛି। ଅଞ୍ଚଳବାସୀ ଉକ୍ତ ପ୍ରକଳ୍ପର ନିରପେକ୍ଷ ତଦନ୍ତ କରିବା ସହ ଯଦି କୌଣସି ଅନିୟମିତତା ପ୍ରମାଣିତ ହୁଏ, ତେବେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ବୃହତ୍ତର ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଲଗାଣ ବର୍ଷା ଭାଙ୍ଗିଲା ଘର, ବର୍ତ୍ତିଲେ ୨ ପରିବାର

ବୋଲଗଡ,୮।୭(ନି.ପ୍ର): ବୋଲଗଡ ବ୍ଲକରେ ଲଗାଣ ବର୍ଷାରେ ଦୁଇଟି ପରିବାର ର ୪ବଖରା ମାଟି ଘର ଭାଙ୍ଗି ଯାଇଛି। ରାତିରେ ଶୋଇଥିବା ବେଳେ ଘର ଭୁଶୁଡି ପଡିଥିଲା। ଜୀବନ ବଞ୍ଚାଇବା ପାଇଁ ସମସ୍ତେ ବାହାରକୁ ଚାଲି ଆସିଥିଲେ। ସାନପଦର ପଞ୍ଚାୟତ ରାସୋଳ ଗ୍ରାମର ବିକ୍ରମ ପରିଡା ଓ ଖଙ୍ଗୁରିଆ ପଂଚାୟତ ଚନ୍ଦ୍ରଶେଖରପୁର ମୌଜା ର ସୌମ୍ୟରଞ୍ଜନ ବେହେରାଙ୍କ ଘର ଭାଙ୍ଗିଯାଇଛି। ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ମାନେ ଘଟଣା ସ୍ଥଳ ପରିଦର୍ଶନ କରି ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ତୁରନ୍ତ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।



## ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

କୋଇଡା,୮।୭(ନି.ପ୍ର): କୋଇଡାରେ ପୁଣି ନରହନ୍ତା ଦନ୍ତା ର ଆତଙ୍କ ହାତୀ ଭୟରେ ଘରକୁ ନଯାଇ ଶୋଇ ଥିଲେ ପଡ଼ୋଶୀ ଘରେ । କିଏ ଜାଣି ଥିଲା ସେହି ଜାଗାରେ ଯମ ହୋଇ ଛିଡ଼ାହୋଇଥିଲା ହାତୀ । ଏହି ପରି ଏକ ଦୁଃଖଦ ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲା କୋଇଡା ରେଞ୍ଜ ଯାମୁଡ଼ି ସେକ୍ସନ ର ଡିମ୍ବାଟୋଲା ଗ୍ରାମରେ ଛ ଡିମ୍ବାଟୋଲା ବସ୍ତିର ଯାଲୁଆ ଓରାମ (୭୫)ଏକୁଟିଆ ରୁହନ୍ତି । କୌଣସି କାମରେ ଯାଲୁଆ ଓରାମ ପଡୋଶୀ ଘରକୁ ଯାଇଥିଲେ । ରାତି ହୋଇ ଯିବାରୁ ହାତୀ ଭୟରେ ପଡୋଶୀ ଘରେ ରହିଯାଇ ଥିଲେ । ବୁଧବାର ସକାଳୁ ସକାଳୁ ଉଠି ନିଜ ଘରକୁ ଫେରୁଥିବା ବେଳେ ହଠାତ ହାତୀ ହାବୁଡ଼ରେ ପଡି ଯାଇଥିଲେ । ନିଜକୁ ବଞ୍ଚାଇବା ପାଇଁ ଚେଷ୍ଟା କରିଥିଲେ ମଧ ନିଜକୁ ବଞ୍ଚାଇ ପାରିନଥିଲେ। ଦନ୍ତାହାତୀ ଶୁଣ୍ଡରେ ଟେକି ନେଇ କଚାଡି ଦେଇଥିଲା । ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ଛଖବର ପାଇ ଘଟଣା ସ୍ଥଳରେ ବନ କର୍ମଚାରୀ ପହଞ୍ଚି ଥିଲେ । ହାତୀ ଆକ୍ରମଣକୁ ନେଇ ଗାଁ ଲୋକଙ୍କ ମଧ୍ୟରେ ସାମାନ୍ୟ ଉତ୍ତେଜନା ଦେଖା ଦେଇଥିଲା । ଖବର ପାଇ କୋଇଡା ରେଞ୍ଜର ଅଶୀତ କୁମାର ପାତ୍ର , କେ ବଲାଙ୍ଗ ଥାନା ଅଧିକାରୀ ଅଶୋକ ବେହେରା ପହଁଚି ଲୋକଙ୍କୁ ବୁଝା ଶୁଝା କରିବା ସହିତ ସୁଧି କ୍ରିୟା ପାଇଁ ଏକ ଲକ୍ଷ ଟଙ୍କା ଓ କାଗଜ ପତ୍ର ଦାଖଲ କରିବା ପରେ ୯ଲକ୍ଷ ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଶବକୁ ବ୍ୟବଛେଦ ନିମନ୍ତେ କେ ବଲାଙ୍ଗ ଡାକ୍ତରଖାନା ପଠାଇ ଥିଲେ ।

## ବିସ୍ଥାପିତଙ୍କ ଧାରଣା ଓ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ରାଉରକେଲା,୮।୭(ନି.ପ୍ର): ରାଉରକେଲା ସ୍ଥାନୀୟ ବିସ୍ଥାପିତ ସଂଘ – ୭୦ ଗ୍ରାମର ବାସିନ୍ଦାମାନଙ୍କ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରତିବାଦ ସମୟରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବନ୍ଦ କରାଯାଇଥିଲା ଏବଂ ବିସ୍ଥାପିତ ସଂଘ ନେତା ଖାଡା କୁଜୁରଙ୍କ ନେତୃତ୍ୱରେ, ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୁରୁଣା ଦାବିକୁ ପୁନରାବୃତ୍ତି କରି ରାଉରକେଲା ସ୍ଥାନୀୟ ବିସ୍ଥାପିତ ସଂଘ ପକ୍ଷରୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗତ ୨୦୧୩ ଫେବୃୟାରୀ ୮ ତାରିଖ ଦିନ ୫ମ ଆରପିଡିଏସି ବୈଠକରେ ବିସ୍ଥାପିତ ବଢତି ପରିବାରର ସଦସ୍ୟମାନଙ୍କୁ ୩ ମାସ ମଧ୍ୟରେ ରାଉରକେଲା ଇସ୍ପାତ କାରଖାନାରେ ଚାକିରି ଦେବା ପାଇଁ ଏକ ପ୍ରସ୍ତାବ ଗୃହିତ ହୋଇଥିଲା। କିନ୍ତୁ ଦୀର୍ଘ ୬ ବର୍ଷ ମଧ୍ୟରେ ଏହି ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରି ନଥିଲାଛ ତେଣୁ ୨୦୧୯ ଷଷ୍ଠ ଆରପିଡିଏସି ବୈଠକ ପାନପୋଷ ଆଇଟିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ବିସ୍ଥାପିତ ବଢତି ପରିବାରର ୧୦୯୮ ଜଣଙ୍କୁ ଚାକିରି ଦେବା ପାଇଁ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ବୋର୍ଡରେ ପାରିତ କରି ଅଧିକରୁ ଅଧିକ ଚାକିରି ଦେବା ପାଇଁ ତତ୍କାଳୀନ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ସେହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ନାହାଁନ୍ତି। ଏଥିସହିତ ସପ୍ତମ ଆରପିଡିଏସି ବୈଠକ କେବେ କରାଯିବ, ତାହାର ମଧ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ, ଜଣେ ବିଭାଗୀୟ ଅଧିକାରୀଙ୍କୁ ରାଉରକେଲା ସ୍ଥାନୀୟ ବିସ୍ଥାପିତ ସଂଘ – ୭୦ ଗ୍ରାମର ବାସିନ୍ଦାମାନଙ୍କ ପକ୍ଷରୁ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିସହିତ ଯଦି ୧୫ ଦିନ ମଧ୍ୟରେ ଏହି ମାମଲାର ଶୁଣାଣି ନ ହୁଏ ତେବେ ବିସ୍ଥାପିତ ସଂଘ ପକ୍ଷରୁ ତୀବ୍ର ପ୍ରତିବାଦର ଚେତାବନୀ ଦିଆଯାଇଛି।



## ଗାଁ ସାଥୀଙ୍କୁ ପଞ୍ଚାୟତ ପକ୍ଷରୁ ଏନ୍‌ଏମ୍‌ଏମ୍‌ଏସ୍ ଆପ୍ ପ୍ରଦାନ କରାନଯିବାରୁ ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,୮।୭(ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅଧିନ ଅଟାଳ ଗ୍ରାମପଞ୍ଚାୟତରେ ଗାଁସାଥୀ(ମେଟ) ଭାବରେ କାର୍ଯ୍ୟରତ ସୁଜାତା ପରିଡାଙ୍କୁ ପଞ୍ଚାୟତ ପକ୍ଷରୁ ଏନ. ଏମ. ଏମ. ଏସ. ଆପ୍ ପ୍ରଦାନ କରାନଯିବା ପ୍ରତିବାଦରେ ସେ ଆଜି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଶ୍ରୀମତୀ ପରିଡା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ସେ ଗତ ୨୦୦୮ମସିହାରୁ ଅଟାଳ ପଞ୍ଚାୟତରେ ଗାଁସାଥୀ(ମେଟ) ଭାବରେ ସୁଚାରୁ ରୂପେ କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ଏବେ ତାଙ୍କୁ ପଞ୍ଚାୟତ ପକ୍ଷରୁ ବେଆଇନ ଭାବେ ଏମଜିଏନଆରଇଜିଏସ ପ୍ରକଳ୍ପରେ କାର୍ଯ୍ୟ କରିବାକୁ ନଦିଆଯିବା ସହ ଏନ. ଏମ. ଏମ. ଏସ. ଆପ ପ୍ରଦାନ କରାଯାଉନି। ଏସମ୍ପର୍କରେ ସେ ଆଳି ବ୍ଲକରେ ହୋଇଥିବା ଜିଲ୍ଲା ସ୍ତରୀୟ ଜନ ଶୁଣାଣି ଶିବିରରେ ମଧ ଅଭିଯୋଗ କରିଥିଲେ। ଏହାପରେବି ତାଙ୍କୁ ପଞ୍ଚାୟତ ପକ୍ଷରୁ ଏନଏମଏମଏସ ଆପ ପ୍ରଦାନ କରାଯାଉନାହିଁ। ତେଣୁ ସେ ଆଜି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଗାଁସାଥୀ ସଙ୍ଘ ଜିଲ୍ଲା ସଭାପତି ଅନିଲ କୁମାର ଜେନାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଏହା ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଳି ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।



## ବ୍ରାଉନ ସୁଗାର ଜବତ୍, ଅଭିଯୁକ୍ତ କୋର୍ଟ ଚାଲାଣ

ରାଉରକେଲା,୮।୭(ନି.ପ୍ର): ପ୍ଲାଣ୍ଟସାଇଟ୍ ଥାନାର ଏସ୍ଆଇ ସିଦ୍ଧାର୍ଥ ପ୍ରଧାନ ଥାନା ପୁଲିସ କର୍ମଚାରୀଙ୍କ ସହିତ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ଦିନ ପେଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ରାଉରକେଲାର ଟ୍ରାଫିକ୍ ଗେଟ୍ ସ୍ଥିତ ଚାରି ଚକିଆ ପାର୍କିଂରେ ଏକ ଅବକାରୀ ମାମଲା ଚିହ୍ନଟ କରିଥିଲେ। ଅଭିଯୁକ୍ତ ମହମ୍ମଦ ଆଫତାବ ସ୍କୁଲ ଏବଂ କଲେଜ ଯାଉଥିବା ଛାତ୍ରମାନଙ୍କ ସମେତ ନିରୀହ ଲୋକଙ୍କୁ ନିଜର ଆର୍ଥିକ ଲାଭ ପାଇଁ ବିକ୍ରୟ କରିବା ଉଦ୍ଦେଶ୍ୟରେ ବ୍ରାଉନ ସୁଗାର ଅର୍ଥାତ୍ ନିଷେଧିତ ହେରୋଇନ୍ ନିଜ ପାଖରେ ରଖି ବିକ୍ରୟ କରିବା ପାଇଁ ନେଉଥିଲେ। ପୁଲିସ ପକ୍ଷରୁ ତାଙ୍କୁ ଗିରଫ କରାଯିବା ସହିତ ୧୮ ଗ୍ରାମ୍ ହେରୋଇନ୍ ଜବତ କରାଯାଇଛି। ଅଭିଯୁକ୍ତ ହେଲେ ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଧିନସ୍ଥ ଗୋପବନ୍ଧୁପାଲ୍ଲି ୱାର୍ଡ ନମ୍ବର-୪ର ଏମଡି ଅଫତାବ (ବୟସ ୩୧ ବର୍ଷ)ଛ ଅଭିଯୁକ୍ତ ଏମଡି ଅଫତାଭଙ୍କ ନିକଟରୁ ମୋଟ ୧୮ ଗ୍ରାମ ଚୋରା ହେରୋଇନ୍ ଜବତ କରାଯିବା ସହ ଗୋଟିଏ ହିରୋ କୀପ୍ୟାଡ୍ ମୋବାଇଲ୍ ଫୋନ୍, ଗୋଟିଏ ଟିଭିଏସ୍ ଜୁପିଟର ସ୍କୁଟି ଯାହାର ପଞ୍ଜିକରଣ ନମ୍ବର OD-14S-8918କୁ ମଧ୍ୟ ଜବତ କରାଯାଇଛି। ଅଭିଯୁକ୍ତ ବିରୋଧରେ ପୂର୍ବରୁ ପ୍ଲାଣ୍ଟସାଇଟ୍ ଥାନାରେ ୪ଟି ଅପରାଧିକ ମାମଲା ରହିଛି। ଅଭିଯୁକ୍ତ ଏମଡି ଅଫତାଭ ବିରୋଧରେ ପ୍ଲାଣ୍ଟସାଇଟ୍ ଥାନା କେସ୍ ନମ୍ବର -୭୦୭/ତା୦୮-୭-୨୦୨୬ରିଖରେ ଏକ ମାମଲା ରୁଜୁ କରାଯିବା ସହ ୨୧(ବି)/୨୫ ଏନଡିପିଏସ୍ ଧାରାରେ କୋର୍ଟ ଚାଲାଣ କରାଯାଇଛି।

## ଅନୁପ୍ରବେଶକାରୀଙ୍କୁ ହଟାଅ, ମହାକାଳପଡ଼ାକୁ ବଞ୍ଚାଅ
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମତ୍ସ୍ୟଜୀବୀ ସଂଘର ପ୍ରତିବାଦ

କେନ୍ଦ୍ରାପଡ଼ା,୮।୭(ନି.ପ୍ର): ମହାକାଳପଡ଼ା ଅଞ୍ଚଳରେ କଥିତ ବେଆଇନ ଅନୁପ୍ରବେଶ, ଜଙ୍ଗଲ ଜମି ଜବରଦଖଲ ଓ ଏହାକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ସୁରକ୍ଷା ସମସ୍ୟାର ପ୍ରତିବାଦରେ ସୋମବାର ମହାକାଳପଡ଼ା-ମାର୍ଶାଘାଇ ମତ୍ସ୍ୟଜୀବୀ ସଂଘ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅନୁପ୍ରବେଶକାରୀଙ୍କୁ ହଟାଅ, ମହାକାଳପଡ଼ାକୁ ବଞ୍ଚାଅ ସ୍ଲୋଗାନ ଦେଇ ସଂଘର ସଦସ୍ୟମାନେ ଅଞ୍ଚଳର ସୁରକ୍ଷା, ମତ୍ସ୍ୟଜୀବୀଙ୍କ ଜୀବନ ଓ ଜୀବିକାର ସୁରକ୍ଷା ସହ ବେଆଇନ ଅନୁପ୍ରବେଶ ରୋକିବାକୁ ସରକାର ଓ ପ୍ରଶାସନଙ୍କ ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି। ପ୍ରତିବାଦକାରୀଙ୍କ ଅଭିଯୋଗ ଅନୁଯାୟୀ, ମହାକାଳପଡ଼ା ବ୍ଲକର ଜମ୍ବୁ, ଖରିନାସି, ବଟିଘର, ରାମନଗର ସମେତ ବିଭିନ୍ନ ପଞ୍ଚାୟତରେ କିଛି ବ୍ୟକ୍ତି ବେଆଇନ ଭାବେ ଜଙ୍ଗଲ ଜମି ଜବରଦଖଲ କରି ବସବାସ କରୁଛନ୍ତି। ସେମାନଙ୍କ ଦାବି ହେଉଛି, ଏହା ଫଳରେ ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ଓ ବେଆଇନ ଚିଙ୍ଗୁଡ଼ି ଘେରି ବୃଦ୍ଧି ପାଇଥିବା ସହ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ସମସ୍ୟା ନେଇ ବାରମ୍ବାର ଜମ୍ବୁ ମେରାଇନ ଥାନା ଓ ମହାକାଳପଡ଼ା ତହସିଲ କାର୍ଯ୍ୟାଳୟକୁ ଅବଗତ କରାଯାଇଥିଲେ ମଧ୍ୟ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ସେମାନେ ରାଜପଥକୁ ଓହ୍ଲାଇଥିବା କହିଛନ୍ତି। ପ୍ରତିବାଦ ସମୟରେ ସଂଘର ନେତୃବୃନ୍ଦ ମଦନ ମାଝୀ, ଗନ୍ଧର୍ବ ବେହେରା ଓ ସୁନୟନା ସେଠୀ ନିଜ ମତ ରଖି ଅନୁପ୍ରବେଶ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସଂଘ ପକ୍ଷରୁ ଆହୁରି ଅଭିଯୋଗ କରାଯାଇଛି ଯେ, ଉପକୂଳବର୍ତ୍ତୀ ରାଜନଗର ଓ ମହାକାଳପଡ଼ା ଅଞ୍ଚଳରେ କଥିତ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବହୁଗୁଣ ବୃଦ୍ଧି ପାଇଥିବା ସହ ନକଲି ପରିଚୟପତ୍ର ଜରିଆରେ ସେମାନେ ସ୍ଥାୟୀ ଭାବେ ବସବାସ କରୁଥିବା ଦାବି କରାଯାଇଛି। ତେବେ ଏହି ଦାବିଗୁଡ଼ିକର ସ୍ୱାଧୀନ ସରକାରୀ ପୁଷ୍ଟି ହୋଇନାହିଁ। ପ୍ରତିବାଦ ପରେ କେନ୍ଦ୍ରାପଡ଼ାର ରାଜସ୍ୱ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ରନାଥ ମଲ୍ଲିକ ମହାକାଳପଡ଼ା ତହସିଲଦାରଙ୍କୁ ଘଟଣାର ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।



## ମହାରାଜା ବିରମିତ୍ରୋଦୟ ସିଂହଦେଓଙ୍କ ଜୟନ୍ତୀ ପାଳିତ

ସୁବର୍ଣ୍ଣପୁର,୮।୭(ନି.ପ୍ର): ସୁବର୍ଣ୍ଣପୁରର ପ୍ରଜାବତ୍ସଳ ଓ ଦୂରଦର୍ଶୀ ଶାସକ ମହାରାଜା ବିରମିତ୍ରୋଦୟ ସିଂହଦେଓଙ୍କ ୧୫୩ତମ ଜୟନ୍ତୀ ବୁଧବାର ଶ୍ରଦ୍ଧା ଓ ଗାମ୍ଭୀର୍ଯ୍ୟର ସହ ପାଳିତ ହୋଇଯାଇଛି। ଏହି ଅବସରରେ ବିରମିତ୍ରୋଦୟ ସିଂହଦେଓ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ଓଡ଼ିଆ ଭାଷାଭିତ୍ତିକ ଓଡ଼ିଶା ରାଜ୍ୟ ଗଠନରେ ମହାରାଜା ବିରମିତ୍ରୋଦୟ ସିଂହଦେଓଙ୍କ ଅବଦାନ ଐତିହାସିକ ଭାବେ ସ୍ୱୀକୃତ। ଶିକ୍ଷା, ସାମାଜିକ ଉନ୍ନତି ଓ ପ୍ରଶାସନିକ କ୍ଷେତ୍ରରେ ତାଙ୍କର ଦୂରଦର୍ଶୀ ପଦକ୍ଷେପ ସୁବର୍ଣ୍ଣପୁର ସହ ସମଗ୍ର ଓଡ଼ିଶା ପାଇଁ ଚିରସ୍ମରଣୀୟ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁରର ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପଧାନ, ପୌର ପରିଷଦ ଅଧକ୍ଷା ଶ୍ରୀମତୀ ତାମସୀ ତାମସ୍ମିତା ନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀ ରଷି ମାଝୀ, ପୂର୍ବତନ ପୌର ପରିଷଦ ଅଧକ୍ଷ ପ୍ରକାଶ ଚନ୍ଦ୍ର ସାହୁ, ପୀୟୁଷ ପଣ୍ଡା, ମହାନଦୀ ସାହିତ୍ୟ ସଂସଦ ସଭାପତି ଡ଼. ସୌରଭ ଖମାରୀ, ସଚେତନ ନାଗରିକ ମଞ୍ଚ ସଭାପତି ସିତାଂଶୁ ଶେଖର ମିଶ୍ର, ଦୁଃଖିରାମ ନାୟକ, ଅକ୍ଷୟ କୁମାର ସେଠୀ, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଜ୍ୟୋତିରଞ୍ଜନ ପଟ୍ଟନାୟକ, ଗୋପାଳଜୀ ଯୋଗାଳୟର ଡ଼. ଆର୍ତ୍ତତ୍ରାଣ ବାବୁ, ଡ଼. ସନ୍ତୋଷ ତ୍ରିପାଠୀ ଏବଂ ପ୍ରଦୀପ କୁମାର ପୁରୋହିତ ପ୍ରମୁଖ ଉପସ୍ଥିତ ରହି ମହାରାଜାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଜୟନ୍ତୀ ଅବସରରେ



ମହାରାଜା ବିରମିତ୍ରୋଦୟ ସିଂହଦେଓଙ୍କ ଜନକଲ୍ୟାଣମୂଳକ କାର୍ଯ୍ୟ, ଶିକ୍ଷା ପ୍ରତି ତାଙ୍କର ଅବଦାନ ଓ ସୁବର୍ଣ୍ଣପୁରର ସାମଗ୍ରିକ ବିକାଶ ପାଇଁ ତାଙ୍କ ଭୂମିକାକୁ ସ୍ମରଣ କରାଯାଇଥିଲା। ଉପସ୍ଥିତ ବ୍ୟକ୍ତିବିଶେଷମାନେ ତାଙ୍କ ଆଦର୍ଶକୁ ଅନୁସରଣ କରି ସୁବର୍ଣ୍ଣପୁରର ସର୍ବାଙ୍ଗୀଣ ବିକାଶ ପାଇଁ ସମସ୍ତଙ୍କୁ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ।

### ଦିଗଶିରା ଗଣ୍ଡାପଡ଼ାବାସୀ ୪ ଦିନ ହେବ ଅନ୍ଧାରରେ

# ବିଦ୍ୟୁତ ସେବାରୁ ବଞ୍ଚିତ ପଡ଼ାବାସୀ

ଡୁଙ୍ଗୁରିପାଲି,୮।୭(ନି.ପ୍ର): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସ୍ଥିତ ଦିଗଶିରା ଗଣ୍ଡାପଡାବାସୀ ୪ ଦିନ ହେବ ଅନ୍ଧାରରେ ରହିଛନ୍ତି। ଗତ ଶନିବାର ଦିନରୁ ଲଘୁଚାପ ବର୍ଷା ଲାଗି ରହିଥିଲା । ରବିବାର ଦିନରୁ ଉକ୍ତ ପଡାରେ ବିଦ୍ୟୁତ ନାହିଁ । ଯାହା ଫଳରେ ପଡାରେ ବିଦ୍ୟୁତ ନ ଥିବାରୁ ଛାତ୍ରୀଛାତ୍ର ମାନେ ପାଠ ପଢିପାରୁ ନାହିଁ । ପଡାବାସୀ ରାତ୍ରି ସମୟରେ ନାହିଁ ନ ଥିବାର ଅସୁବିଧାର ଶମ୍ମୁଖୀନ ହୋଇ ବିଦ୍ୟୁତ ସେବାରୁ ବଞ୍ଚିତ ହେଉଛନ୍ତି । ବିଦ୍ୟୁତ ବିଭାଗ ଟୋଲ ଫ୍ରି ନମ୍ବରକୁ ଅନେକବାର କଲ କଲେ ମଧ ପଡାବାସୀଙ୍କୁ ବିଦ୍ୟୁତ ସଂଯୋଗ ହୋଇପାରି ନାହିଁ । ଏପରି ବିଭାଗୀୟ ଅଧିକାରୀଙ୍କୁ ମଧ ସମସ୍ୟା ଜଣାଇଥିଲେ ମଧରେ ବିଦ୍ୟୁତ ସଂଯୋଗ ହୋଇପାରି ନାହିଁ । ଆଜିକୁ ୪ ଦିନ ହେବ ପଡାବାସୀ ଅନ୍ଧାରକାର ଭିତରେ



ରହିଛନ୍ତି। ପଡାପାଖରେ ଥିବା ଟାସଫର୍ମର ଅଚଳ ହୋଇ ଯାଇଥିବାରୁ ପଡାବାସୀ ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଛନ୍ତି । ତୁରନ୍ତ ବିଦ୍ୟୁତ ସଂଯୋଗ କରିବା ଦେବା ପାଇଁ ପୂର୍ବତନ ୱାର୍ଡ ସଭ୍ୟ ଦୀନବନ୍ଧୁ ସୁନାଙ୍କ ସମେତ ପଡାବାସୀ ଦାବି କରିଛନ୍ତି ।

# କାଗଜ କଲମରେ କୃଷି ବିକାଶ: ୩୧ ପଞ୍ଚାୟତ ପାଇଁ ୬ ଭିଏଡବ୍ଲ୍ୟୁ

ଧାମନଗର,୮।୭(ନିପ୍ର): କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା, କୃଷିର ଆଧୁନିକୀକରଣ ନେଇ ବିଭିନ୍ନ ଯୋଜନାର କଥା କହୁଥିବା ବେଳେ ଧାମନଗର ବ୍ଲକର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଖରିଫ ଚାଷର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟରେ କୃଷି ବିଭାଗରେ କର୍ମଚାରୀଙ୍କ ଘୋର ଅଭାବ ଯୋଗୁଁ ଚାଷୀମାନେ ସମୟୋପଯୋଗୀ ସହାୟତା, ବୈଷୟିକ ପରାମର୍ଶ ଓ ସରକାରୀ ଯୋଜନାର ସୁବିଧା ପାଇବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଧାମନଗରରେ ୩୧ ଟି ଗ୍ରାମପଞ୍ଚାୟତ ଓ ଦୁଇଟି ଏନଏସି ରହିଥିବା ବେଳେ କେବଳ ୬ ଜଣ ଗ୍ରାମ୍ୟ କୃଷି କର୍ମଚାରୀ (ଭିଏଡବ୍ଲ୍ୟୁ) କାର୍ଯ୍ୟରତ ଅଛନ୍ତି। ଜଣେ ଜଣେ କର୍ମଚାରୀଙ୍କୁ ୫ରୁ ୭ଟି ପଞ୍ଚାୟତର ଦାୟିତ୍ୱ ବହନ କରିବାକୁ ପଡୁଛି। ଏଭଳି ପରିସ୍ଥିତିରେ ନିୟମିତ କ୍ଷେତ୍ର ପରିଦର୍ଶନ, ଚାଷୀଙ୍କ ସମସ୍ୟା ସମାଧାନ, ରୋଗପୋକ



ନିୟନ୍ତ୍ରଣ ସମ୍ପର୍କରେ ପରାମର୍ଶ ଏବଂ ସରକାରୀ ଯୋଜନାର ତଦାରଖ ସଠିକ ଭାବେ କରିବା ସମ୍ଭବ ହେଉନାହିଁ।

ସୂଚନା ଅନୁଯାୟୀ, ପ୍ରଦୀପ ସିଂହଙ୍କୁ ଧୂଷୁରୀ ଏନଏସି ସହିତ ସାହସପୁର, ହସନାବାଦ ଓ ବମକୁରା ପଞ୍ଚାୟତର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଭୀମସେନ ସାମଲ, ଅଜୟ କୁମାର ଦାସ, ଅବିନାଶ ଜେନା, ହୈମବତୀ ନାୟକ ଏବଂ ଦୀପିକା ସାହୁଙ୍କ ମଧ୍ୟରେ ୫ ରୁ ୬ ପଞ୍ଚାୟତର ଦାୟିତ୍ୱ ମିଳିଛି। କୃଷକ ପଞ୍ଜୀକରଣ (ଫାର୍ମର ଆଇଡି), ଜମି ପଟ୍ଟା ସଂଶୋଧନ, ବିହନ ବଣ୍ଟନ, ଫସଲ ବୀମା, କୃଷି ଯନ୍ତ୍ରପାତି ସହାୟତା, ପିଏମ୍-କିଷାନ ଓ ସିଏମ- କିଷାନ ଯୋଜନା ଆଦିର କାର୍ଯ୍ୟ କ୍ଷେତ୍ର କର୍ମଚାରୀଙ୍କ ଅଭାବ ଯୋଗୁଁ ପ୍ରଭାବିତ ହେଉଛି। ଚାଷୀମାନେ ଦଲିଲ ସଂଶୋଧନ ଓ ପଞ୍ଜୀକରଣ ସମ୍ପର୍କରେ ସଠିକ ସୂଚନା ପାଉ ନାହାନ୍ତି। ଧାମନଗର ବନ୍ୟାପ୍ରବଣ ଅଞ୍ଚଳ ହୋଇଥିବାରୁ ବର୍ଷା ଋତୁରେ ଧାନ ତଳି ନଷ୍ଟ, ଜଳବନ୍ଦୀ, ରୋଗପୋକ ଆକ୍ରମଣ ଓ ଅନ୍ୟାନ୍ୟ କୃଷି ସମସ୍ୟା ଦେଖା ଦେଇଥାଏ। ଚାଷୀମାନଙ୍କ କହିବା ଅନୁଯାୟୀ, ଗାଁକୁ କୃଷି କର୍ମଚାରୀଙ୍କ ଆସିବା କମିଯାଇଛି। ଫଳରେ ଚାଷ ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିବାକୁ ପଡୁଛି। ଏଥିରେ ସମୟ ଓ ଅର୍ଥର ଅପଚୟ ହେଉଛି। କର୍ମଚାରୀ ସଂଖ୍ୟା କମ ଥିବାରୁ ପରିସ୍ଥିତି ସମ୍ଭାଳିବା କଷ୍ଟକର ହୋଇପଡ଼ିଛି। ଖାଲି ପଡ଼ିଥିବା ସମସ୍ତ ପଦବୀରେ ସ୍ଥାୟୀ ନିଯୁକ୍ତି ଦେବାକୁ କୃଷକ ମହଲରେ ଦାବି ହୋଇଛି।

## ଜୁଆ ଆଡ୍ଡା ଉପରେ ଚଢ଼ାଉ ୨ଗିରଫ, ୫ ଗାଡ଼ି ଜବତ

ଦାରିଙ୍ଗବାଡ଼ି,୮।୭(ନି.ପ୍ର): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ପୋଲିସ ପକ୍ଷରୁ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୬ହଜାର ୫ଶହ ଟଙ୍କା ସହ ୪ବାଇକ ଓ ଗୋଟିଏ ସ୍କୁଟି ଜବତ କରିଥିବା ବେଳେ ଦୁଇଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଦାରିଙ୍ଗବାଡ଼ି ଥାନା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମଙ୍ଗଳବାର ରାତି ଶ୍ରୀନିକେତା ଆଡକି ଜଙ୍ଗଲ ଅଞ୍ଚଳରେ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିବା ବେଳେ ୨ଜଣଙ୍କୁ ଗିରଫ କରି ସେମାନଙ୍କଠାରୁ ୬ ହଜାର ୫ଶହ ଟଙ୍କା ସହ ୪ଟି ବାଇକ ଓ ଗୋଟିଏ ସ୍କୁଟି ଜବତ କରିଛି। ଗିରଫ ଦୁଇ ଜଣ ହେଲେ ପାଟା ଗ୍ରାମର ବିଭୁ ଦିଗାଲ ଓ ଦଣ୍ଡିମାହା ଗ୍ରାମର ବିମଳ ପ୍ରଧାନ । ପୋଲିସ ଚଢ଼ାଉ ବେଳେ ଅନ୍ୟ ଜୁଆଡ଼ିମାନେ ଅନ୍ଧାରର ସୁଯୋଗ ନେଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଛନ୍ତି ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବାବେଳେ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସର ଉଦ୍ୟମ ଜାରି ରହିଥିବା ନେଇ ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା ସୂଚନା ଦେଇଛନ୍ତି ।

# କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ପାଲଲହଡ଼ା ଗସ୍ତକୁ ନେଇ ପ୍ରଶାସନିକ ତତ୍ପରତା



ପାଲଲହଡା,୮।୭(ନିପ୍ର): ପାଲଲହଡା ଉପଖଣ୍ଡରେ କେନ୍ଦ୍ରୀୟ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ ଓ ଅସ୍ଥାୟୀ ଗୃହ ଉଦ୍‌ଘାଟନ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ୧୦ ତାରିଖରେ ଆସିବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ପାଲଲହଡ଼ା ଗସ୍ତକୁ ନେଇ ପ୍ରଶାସନିକ ସ୍ତରରେ ଜୋରଦାର ପ୍ରସ୍ତୁତି ଚାଲିଛି। ଏହି ପରିପ୍ରେକ୍ଷୀରେ ପାଲଲହଡ଼ା ବିଧାୟକ ତଥା ଅନୁଗୋଳ ଜିଲ୍ଲା ଯୋଜନା କମିଟି ଅଧକ୍ଷ ଅଶୋକ ମହାନ୍ତି ବୁଧବାର ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଏକ ବିସ୍ତୃତ ସମୀକ୍ଷା ବୈଠକ କରିଥିଲେ। ବିଠକରେ କାର୍ଯ୍ୟକ୍ରମର ପ୍ରସ୍ତୁତି, ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ୍ ପରିଚାଳନା, ପାନୀୟ ଜଳ, ବିଦ୍ୟୁତ, ପରିମଳ ବ୍ୟବସ୍ଥା, ପାର୍କିଂ, ମଞ୍ଚ ପରିଚାଳନା ଇତ୍ୟାଦି ନେଇ ଆଲୋଚନା ହୋଇଥିଲା।

ଏହାପରେ ବିଧାୟକ ଶ୍ରୀ ମହାନ୍ତି ସମ୍ପୃକ୍ତ ଅଧିକାରୀମାନଙ୍କ ସହ କାର୍ଯ୍ୟକ୍ରମ ସ୍ଥଳକୁ ଯାଇ ତଦାରଖ କରିଥିଲେ। ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ପୂର୍ବରୁ ସମ୍ପୂର୍ଣ୍ଣ କରିବା ପାଇଁ ସେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ବୈଠକରେ ସ୍ୱାଗତ ସମ୍ବର୍ଦ୍ଧନା, ଗସ୍ତ ସମୟସୂଚୀ ଓ ମା' କୁଣ୍ଢେଇବିରା ମନ୍ଦିର ଦର୍ଶନ କରିବାର କାର୍ଯ୍ୟକ୍ରମ ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା। ବୈଠକରେ ଉପ ଜିଲ୍ଲାପାଳ ରବୀନ୍ଦ୍ର ପଟେଲ, ଏସଡିପିଓ କୈଳାସ ଚନ୍ଦ୍ର ସେଠୀ, କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ, ମଲ୍ୟଗିରି ମହାବିଦ୍ୟାଳୟର କୁଳପତି, ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ, ବିଜେପି ମଣ୍ଡଳ ସଭାପତି ଆଶିଷ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଷ୍ଟାଣ୍ଡିଂ କମିଟି ବୈଠକରେ ଆୟୁର୍ବେଦିକ ମେଡିକାଲ କଲେଜ ଦାବି ଉଠାଇଲେ ପାରଳା ବିଧାୟକ

ପାରଳାଖେମୁଣ୍ଡି,୮।୭(ନିପ୍ର): ଭୁବନେଶ୍ୱରରେ ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ପାରଳା ବିଧାୟକ ରୁପେଶ ପାଣିଗ୍ରାହୀ ବୈଠକରେ ଉପସ୍ଥିତ ରହି ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ସହ ଜିଲ୍ଲାରେ ଆୟୁର୍ବେଦିକ ମେଡିକାଲ କଲେଜ ସ୍ଥାପନ କେବେ ହେବ



ବୋଲି ପ୍ରଶ୍ନ କରିଥିଲେ। ଗତ ମାସରେ ସ୍ୱାସ୍ଥ୍ୟ ସଚିବ ଗଜପତି ଓ ରାୟଗଡ଼ା ଜିଲ୍ଲା ଗସ୍ତ କରି ସମସ୍ୟା ଅନୁଧ୍ୟାନ କରି ତୁରନ୍ତ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗଜପତି ଜିଲ୍ଲାରେ ଆୟୁର୍ବେଦିକ ମେଡିକାଲ କଲେଜ ନିର୍ମାଣ କରାଯିବ ବୋଲି ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଏହା ଆରମ୍ଭ ହୋଇ ନ ଥିବାରୁ ଭିତ୍ତି ପ୍ରସ୍ତର କେବେ ପଡ଼ିବ ବୋଲି ପ୍ରଶ୍ନ କରିଥିଲେ ବିଧାୟକ। ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗରମରେ ରୋଗୀ ଓ ସେମାନଙ୍କ ଆଟେଣ୍ଡାଣ୍ଟ ହନ୍ତସନ୍ତ ହେଉଛନ୍ତି। ୱାର୍ଡରେ ଲାଗିଥିବା ଏସି ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିଛି। ଗରମ ଓ ଗୁଳୁଗୁଳି ସମୟରେ ୱାର୍ଡ ସମେତ ଶିଶୁ ଓ ପ୍ରସୂତି ବିଭାଗ ଏବଂ ଆଇସିୟୁରେ ଲାଗିଥିବା ଏସି କାମ କରୁନାହିଁ। ଫଳରେ ରୋଗୀଙ୍କ ଯନ୍ତ୍ରଣା ଦ୍ୱିଗୁଣିତ ହେଉଛି। ଏଥିପ୍ରତି ଧ୍ୟାନ ଦେବା ସହ ଡାକ୍ତର ଓ ନର୍ସଙ୍କ ନିଯୁକ୍ତି ଉପରେ ଗୁରୁତ୍ୱ ଦେଇଛନ୍ତି ବିଧାୟକ। ଗୁମ୍ମା, ଗାଇବା, କାଶୀନଗର, ମୋହନା, ଉଦୟଗିରି ଆଦି ଡାକ୍ତରଖାନାରେ ଡାକ୍ତର ଓ ନର୍ସ ନିଯୁକ୍ତି ଦେବାକୁ ବିଧାୟକ ଦାବି କରିଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରଶାନ୍ତ ବେହେରା, ଉମା ଚରଣ ମଲ୍ଲିକ, ପ୍ରକାଶ ଚନ୍ଦ୍ର ସେଠୀ, ସୁଭାଷିନୀ ଜେନା ପ୍ରମୁଖଙ୍କ ସମେତ ସ୍ୱାସ୍ଥ୍ୟ ସଚିବ ଉପସ୍ଥିତ ଥିଲେ।

### ଘର ଡିହ ପାଇଁ ରକ୍ତାକ୍ତ ସଂଘର୍ଷ, ୪ ଗୁରୁତର

# ଏତେଲା ଦେବାକୁ ଆସି ଜଣେ ଅଟକ

ନିଆଳି,୮।୭(ନି.ପ୍ର): ନିଆଳି ଥାନା ଅଧିନସ୍ତ ବାହାରଣା ଗ୍ରାମରେ ଘର ଡିହକୁ ନେଇ ଦୁଇ ପରିବାର ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇ କଟକ ବଡ଼ ଡାକ୍ତର ଖାନାରେ ଚିକିତ୍ସା ହେଉଛନ୍ତି। ସୂଚନା ମୁତାବକ ଉକ୍ତ ଥାନା ଅଧିନସ୍ତ ବାହାରଣା ଗ୍ରାମରେ ସରତ କୁମାର ପ୍ରଧାନ ଓ ଭରତ କୁମାର ପ୍ରଧାନ ଙ୍କ ପରିବାର ମଧ୍ୟରେ ଘର ଡିହକୁ ନେଇ ବହୁ ସମୟରେ ତୁ ତୁ ମେଁ ମେଁ ହୋଇଥାନ୍ତି। କିନ୍ତୁ ବୁଧବାର ଦିନ ସକାଳ ଉଭୟ ପରିବାର ହିତାହିତ ଜ୍ଞାନ ଭୁଲି ଶୋଦା ସୋଦି ପିଟା ପିଟି ହୋଇଥିଲେ। ରକ୍ତାକ୍ତ ଅବସ୍ଥାରେ ଉଭୟ ପରିବାରରୁ ୪ ଜଣ ଙ୍କୁ କଟକ ବଡ଼ ଡାକ୍ତର ଖାନା ପଠାଯାଇଥିବା ବେଳେ ଭରତ ପ୍ରଧାନ ର ସ୍ତ୍ରୀ ଏବଂ ପୁଅ ଓ ଶରତ ପ୍ରଧାନ ଗୁରୁତର ହୋଇଥିବା ବେଳେ ତାଙ୍କ ମୁଣ୍ଡରୁ ରକ୍ତ ବାହାରିଛି। ସମସ୍ତେ ଚିକିତ୍ସା ହେଉଥିବା ବେଳେ ଆଗୁଆ କଟକ ବଡ଼ ଡାକ୍ତର ଖାନା ଯିବା ବଦଳରେ ନିଆଳି ଥାନାରେ ଶରତ ପ୍ରଧାନଙ୍କ ପୁଅ ବିଶ୍ୱଜିତ ପ୍ରଧାନ (୩୨)ଲିଖିତ ଅଭିଯୋଗ କରିଥିଲେଛଏହି ସମୟରେ ନିଆଳି ଥାନାର ଏସ ଆଇ ଅମ୍ବିକା ପ୍ରଧାନ ବିଶ୍ୱଜିତ ଙ୍କୁ ଅଟକ ରଖିଛନ୍ତି। ଖବର ଲେଖା ହେଲା ବେଳକୁ ଭରତ କୁମାର ପ୍ରଧାନଙ୍କ ପକ୍ଷରୁ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଏସ ଆଇ ଅମ୍ବିକା ପ୍ରଧାନ ସୂଚନା ଦେଇଛନ୍ତି। ଏ ନେଇ ନିଆଳି ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ଅବସରପ୍ରାପ୍ତ ଆଶାକର୍ମୀଙ୍କ ଆତ୍ମହତ୍ୟା

ନିଆଳି,୮।୭(ନି.ପ୍ର): ନିଆଳି ଥାନା ଅନ୍ତର୍ଗତ ରାଣୀଓଳା ପଞ୍ଚାୟତ ଢିଅବରିଷଣ ଗ୍ରାମର ଅବସରପ୍ରାପ୍ତ ଆଶା କର୍ମୀ ଜେମାମଣି ସେଠୀ (୬୩)ଆଜି ଗଛରେ ଦଉଡି ଦେଇ ଆତ୍ମ ହତ୍ୟା କରିଥିବା ନେଇ ତାଙ୍କ ଝିଅ କିରଣ ବାଳା ସେଠୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଇଛି । କିରଣ ବାଳା ତାଙ୍କ ଅଭିଯୋଗରେ ତାଙ୍କ ମା ଖରାବେଳେ ଖାଇସାରି ୨ଟା ବେଳ ଠାରୁ କେଉଁ ଆଡେ ପଳାଇଯାଇଥିଲେ ୫ ଘଂଟାଏ ପରେ ଘର ଠାରୁ କିଛି ଦୂର ବରଗୁଡ଼ିକୁଦ କଣ୍ଟା ଗାଡ଼ିଆ ମେଳକ ଠାରେ ଥିବା ମଙ୍ଗଳା ମନ୍ଦିର ପଛପଟେ ଥିବା ଏକ ଗଛରେ ନିଜ ଶାଢୀରେ ଝୁଲୁ ଥିବାର ଦେଖିବାକୁ ପାଇଥିଲେ ।

## ଦୁର୍ଘଟଣାରେ ଜନସ୍ୱାସ୍ଥ୍ୟ କର୍ମଚାରୀଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା,୮।୭(ନି.ପ୍ର): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କଜଳା ଶାଖା କେନାଲରେ ପଡି କେନ୍ଦ୍ରାପଡ଼ା ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ନିରଞ୍ଜନ ବେହେରା(୪୪)ଙ୍କ ମୃତ୍ୟୁ ହୋଇଯାଇଛି। ତାଙ୍କ ଘର କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ସାହସପୁର ଗ୍ରାମରେ ବୋଲି ଜଣାପଡିଛି। ସୋମବାର ରାତିରେ ସେ ବାଇକରେ ଘରକୁ ଫେରୁଥିବା ବେଳେ କଜଳା ଶାଖା କେନାଲ ମଧ୍ୟକୁ ବାଇକ ସହ ପଡି ଯାଇଥିଲେ। ବାଇକ ତଳେ ସେ ଚାପି ହୋଇ ଯାଇଥିଲେ। ମଙ୍ଗଳବାର ସକାଳୁ ସ୍ଥାନୀୟ ଲୋକେ ତାଙ୍କୁ ଦେଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କେନ୍ଦ୍ରାପଡ଼ା ସଦର ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ହେବା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

# ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ଅନୁଷ୍ଠିତ

**ଦାରିଙ୍ଗବାଡି,୮।୭(ନି.ପ୍ର):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବନାଞ୍ଚଳ ତରଫରୁ ବୁଧବାର ନୂତନ ଭାବେ ଯୋଗ ଦେଇଥିବା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସିମନବାଡ଼ି ସରକାରୀ ଉଚ୍ଚବିଦ୍ୟାଳୟ ଠାରେ ୭୭ ତମ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ପ୍ରତି ବର୍ଷ ଭଳି ଜୁଲାଇ ମାସର ପ୍ରଥମ



ସପ୍ତାହର ସାତ ଦିନକୁ ବନ ମହୋତ୍ସବ ଭାବେ ପାଳନ କରାଯାଇଥାଏଛ ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ପ୍ରଧାନ ଓ ଅନ୍ୟ ଅତିଥି ମାନେ ବୃକ୍ଷ ରୋପଣ, ଜଙ୍ଗଲ ରକ୍ଷା ଓ ପରିବେଶ ସୁରକ୍ଷା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଆଜିର ଏହି ଯୁଗରେ 'ଏକ ପେଡ୍ ମା କେ ନାମ୍ ଅନୁଯାୟୀ ସବୁଆଡ଼େ ଏହି କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ସାମିଲ ହୋଇ ବିଦ୍ୟାଳୟ ପରିସର ମଧ୍ୟରେ ବିଭିନ୍ନ କିସମର ବୃକ୍ଷ ଚାରା ରୋପଣ କରିଥିଲେ। ଆତ, ନିମ୍ବ, ଆମ୍ବ, ଜାମୁ, ପିଜୁଳି, ସମେତ ବିଭିନ୍ନ ପ୍ରକାର ଔଷଧୀୟ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ସିମନବାଡି ସେକ୍ସନର ବନପାଳ ବନିତା ପ୍ରଧାନ, ବନରକ୍ଷୀ ରାହୁଲ କୁମାର, କୁମୁଦ ଚନ୍ଦ୍ର ବେହେରା, ବନମାଳୀ ଗୌଡ଼ ସିମନବାଡ଼ି ସେକ୍ସନର ବନପାଳ ବନିତା ପ୍ରଧାନ, ବନରକ୍ଷୀ ରାହୁଲ କୁମାର୍, କୁମୁଦ ବେହେରା ପ୍ରମୁଖ ସାମିଲ ହୋଇ ପ୍ରମୁଖ ଯୋଗଦେଇ ଚାରା ରୋପଣରେ ସହଯୋଗ କରିଥିଲେ।

**ଗାଇସିଲାଟ :** ବରଗଡ ଜିଲ୍ଲା ଗାଇସିଲାଟ ବ୍ଲକ ତାଳପାଲି ନୋଡାଲ ଉଚ୍ଚ ବିଦ୍ୟାଳୟ, ତାଳପାଲିଠାରେ ବନ ମହୋତ୍ସବ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ



କରାଯାଇଥିଲାଛ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଂର୍କିତନ ସେଠ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଗାଇସିଳେଟ ବନ ବିଭାଗର ଫରେଷ୍ଟର ଶ୍ରୀ ରାଜେନ୍ଦ୍ର ସିଂହ ମୁଖ୍ୟ ଅତିଥି ଏବଂ ବୁରୋମୁଣ୍ଡା ଆର୍.କେ.ୟୁ.ଜି. ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସ୍ନିଗ୍ଧାରାଣୀ ଦାଶ, ବରିଷ୍ଠ ସାମ୍ବାଦିକ ବିନାୟକ ପ୍ରସାଦ ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିବାବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା ଯୋଗଦାନ କରିଥିଲେ । ପରିବେଶ ସୁରକ୍ଷା, ବୃକ୍ଷରୋପଣର ଆବଶ୍ୟକତା ଓ ସବୁଜ ପରିବେଶ ଗଠନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିଥିଲେ। ପୃଥିବୀ ଓ ଜୀବଜଗତର ସୁତଲରକ୍ଷା ନିମନ୍ତେ ବୃକ୍ଷ ରୋପଣ ଏକମାତ୍ର ବିକଳ୍ପ ବୋଲି ମତ ପ୍ରକାଶ ପାଇଥିଲା । ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ମିଳିତ ଭାବେ ୨୦୦ଟି ଚାରାରୋପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ସମସ୍ତେ ରୋପଣ କରାଯାଇଥିବା ଚାରାଗୁଡ଼ିକର ଯତ୍ନ ନେବା ସହ ପରିବେଶ ସୁରକ୍ଷା ପାଇଁ ସଦା ସଚେତନ ରହିବାକୁ ଶପଥ ଗ୍ରହଣ କରାଯାଇଥିଲା ।

**ଟିକାବାଲି :** କନ୍ଧମାଳ ଜିଲ୍ଲା ଟିକାବାଲି ସ୍ଥିତ ଏ.ଏମ୍.ସି.ଏସ୍ ମହାବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ଅବସରରେ ମଙ୍ଗଳବାର ଦିନ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର




ଅଧକ୍ଷ ଶ୍ରୀଯୁକ୍ତ ବିଷ୍ଣୁ ପ୍ରସାଦ ରଥ ମହୋଦୟ କାର୍ଯ୍ୟ କ୍ରମର ଶୁଭାରମ୍ଭ କରି ବୃକ୍ଷ ରୋପଣ ର ଆବଶ୍ୟକତା ଓ ପରିବେଶ ସୁରକ୍ଷାରେ ଏହାର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେଛ ଏହି କାର୍ଯ୍ୟକ୍ରମ ରେ ଜାତୀୟ ସେବା ଯୋଜନା ସଂଯୋଜକ ଜ୍ଞାନରଞ୍ଜନ ଭୋଇ, ରେଡକ୍ରସ ର ସଂଯୋଜକ ରତନ କୁମାର ଦିଗାଲ,ଏତ୍ ସମେତ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଏହି ବୃକ୍ଷରୋପଣ ରେ ସାହାଯ୍ୟ ସହଯୋଗ କରିଥିଲେ। ଏହି ବୃକ୍ଷ ରୋପଣ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ କ୍ୟାମ୍ପସ୍ ପରିସର ମଧ୍ୟରେ ପ୍ରାୟ ୧୦୦ ଗୋଟି ଚାରା ରୋପଣ କରିଥିଲେ। ପରିବେଶ ର ସୁରକ୍ଷା ଓ ଶୁଦ୍ଧତା , ସବୁଜିମା ବୃଦ୍ଧି ଲକ୍ଷ୍ୟ ରେ ଆୟୋଜିତ କାର୍ଯ୍ୟକ୍ରମକୁ ସମସ୍ତେ ପ୍ରଶଂସା କରିଥିଲେ।

**ଫୁଲବାଣୀ :** ଫୁଲବାଣୀ ବନ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ବନମହୋତ୍ସବ ଉତ୍ସାହର ସହ ପାଳନ କରାଯାଇଥିଲାଛ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୁପେ କନ୍ଧମାଳ ଜିଲ୍ଲାପାଳ ଶ୍ରୀ ବେଦଭୂଷଣ, ସମ୍ମାନିତ ଅତିଥିରୂପେ କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାମେନ୍ଦ୍ର ପ୍ରସାଦ, ଫୁଲବାଣୀ ଡିଏଫଓ ଶ୍ରୀ ପ୍ରତାପ କୋଟାପଲ୍ଲୀ, ବାଲିଗୁଡ଼ା ଡିଏଫଓ ଶ୍ରୀ ଘନଶ୍ୟାମ ମହାନ୍ତ, ଫୁଲବାଣୀ ସହକାରୀ ବନ ସଂରକ୍ଷକ ଶ୍ରୀମତୀ ଶ୍ୱେତଲୀନା ସାହୁ, ଶ୍ରୀ ଉଦିତ କୁମାର ପ୍ରଧାନ , କେଏଲ୍ ଏସିଏଫ୍ ଶ୍ରୀ ଶିଶିର କୁମାର



ଝଙ୍କାର, କନ୍ଧମାଳ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ପି. ପଦ୍ମା, ଫୁଲବାଣୀ ବନ ବିଭାଗର ସମସ୍ତ ରେଞ୍ଜ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭ ସାର୍ତ୍ତାଗୁଡ଼ା ବୃଦ୍ଧାଶ୍ରମ ପରିସରରେ ଏକ ଔପଚାରିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ ହୋଇଥିଲା। ପରିବେଶ ସଂରକ୍ଷଣ ଓ ସବୁଜ ପରିବେଶ ଗଠନ ପ୍ରତି ସାମୂହିକ ପ୍ରତିବଦ୍ଧତାର ପ୍ରତୀକ ସ୍ୱରୂପ ଆୟୋଜିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀ ସକ୍ରିୟ ଭାବେ ଭାଗ ନେଇଥିଲେ। ଏହି ଅବସରରେ ବନୀକରଣ ଓ ପ୍ରାକୃତିକ ସମ୍ପଦର ସୁରକ୍ଷାରେ ଜନସାଧାରଣଙ୍କ ସହଭାଗିତାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲାଛ ବୃକ୍ଷରୋପଣ କାର୍ଯ୍ୟକ୍ରମ ପରେ ଫୁଲବାଣୀ ଡିଏଫଓଙ୍କ ସମ୍ମିଳନୀ କକ୍ଷରେ ଏକ ଔପଚାରିକ ସଭା ଅନୁଷ୍ଠିତ ହୋଇଥିଲାଛ ସଭାରେ ବନମହୋତ୍ସବର ଗୁରୁତ୍ୱ, ନିରନ୍ତର ବନ ପରିଚାଳନା, ଜୈବ ବିବିଧତାର ସଂରକ୍ଷଣ ଏବଂ ବନ ସୁରକ୍ଷାରେ ସ୍ଥାନୀୟ ସମୁଦାୟର ସକ୍ରିୟ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ଅତିଥିମାନେ ବନ ବିଭାଗର କାର୍ଯ୍ୟକୁ ପ୍ରଶଂସା କରିବା ସହ ବନ ସୁରକ୍ଷା ଓ ସଂରକ୍ଷଣ ପାଇଁ ସମସ୍ତଙ୍କ ମିଳିତ ପ୍ରୟାସକୁ ଆହୁରି ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ମାଣିଡୁବା ଭିଏସଏସ୍ କୁ ଉପଖଣ୍ଡ ସ୍ତରୀୟ ମୁଖ୍ୟମନ୍ତ୍ରୀ ବନ ସୁରକ୍ଷା ଓ ସଂରକ୍ଷଣ ପୁରସ୍କାର ପ୍ରଦାନଛ ବନ ପରିଚାଳନା ଓ ସମୁଦାୟଭିତ୍ତିକ ବନ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାଣିଡୁବା ଭିଏସଏସ୍‌କୁ ସମ୍ମାନିତ କରାଯିବା ସହ୫୦,୦୦୦ ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଥିଲା। ବନ ସଂରକ୍ଷଣ ପ୍ରତି ସମସ୍ତଙ୍କ ଦୃଢ଼ ସଂକଳ୍ପ ଓ ଭବିଷ୍ୟତ ପିଢ଼ି ପାଇଁ ଜିଲ୍ଲାର ସମୃଦ୍ଧ ବନ ସମ୍ପଦକୁ ସୁରକ୍ଷିତ ରଖିବାର ପ୍ରତିଶ୍ରୁତି ସହ କାର୍ଯ୍ୟକ୍ରମର ସମାପନ ଘୋଷଣା କରାଯାଇଥିଲା।

**ଜି.ଉଦୟଗିରି :** ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ରଟିଙ୍ଗିଆ ସଂରକ୍ଷିତ ଜଙ୍ଗଲରେ ସାମୁହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜି.ଉଦୟଗିରି ବନ ଅଧିକାରୀଙ୍କ ସହ ବନ କର୍ମଚାରୀ ଯୋଗ ଦେଇଥିଲେ । ବନଶ୍ରୀ ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ସାମିଲ ହୋଇ ଚାରାରୋପଣ କରିଥିବାବେଳେ ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମେଣ୍ଟର ଜିତେନ୍ଦ୍ର କୁମାର ସାମଲ ଆଜିର କାର୍ଯ୍ୟକ୍ରମ କୁ ପରିଚାଳନା କରିଥିବା ବେଳେ ସ୍ୱପ୍ନାରାଣୀ ଗୌଡ଼, ମମତା ଆଲୁକ, ଦେବେନ୍ଦ୍ର କୁମାର ପଣ୍ଡା, ରାଜେନ୍ଦ୍ର ବଡତ୍ୟା ପ୍ରମୁଖ ସହଯୋଗ କରିଥିଲେ । ସେହି ଭଳି ରାବାନାଜୁ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ପି.ମଧୁମିତା ପ୍ରଧାନ ଓ ସହକାରୀ ଶିକ୍ଷୟିତ୍ରୀ ତୃପ୍ତି ପ୍ରଧାନ ଙ୍କ ନେତୃତ୍ୱରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ତଥା ପୁରାତନ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କ ସକ୍ରିୟ ସହଯୋଗରେ ଚାରାରୋପଣ,ବନମହୋତ୍ସବ-୨୦୨୬ ପାଳନ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ବୃକ୍ଷରୋପଣ ଏବଂ ବଣ୍ଟନ କରାଯିବା ସହ ପରିବେଶ ସୁରକ୍ଷା,ସବୁଜିମା ବୃଦ୍ଧି ଏବଂ ବୃକ୍ଷ ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ସମସ୍ତଙ୍କୁ ସଚେତନ



କରାଯାଇଥିଲା । ସମସ୍ତଙ୍କ ଉତ୍ସାହପୂର୍ଣ୍ଣ ଅଂଶ ଗ୍ରହଣରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇ ଥିଲା । ସେହିଭଳି ବିଶ୍ୱ ପରିବେଶ ଦିବସ ତରଫରୁ ଆଜି ରାଇକିଆ ବ୍ଲକ ନିକଟ ହନୁମାନ ମନ୍ଦିର ପ୍ରାଙ୍ଗଣ ରେ ଜୈବ ବିବିଧତା ପରିଚାଳନା କମିଟି (ଭୁବନେଶ୍ୱର) ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା। ଏଥିରେପାହାଡ ଅନୁଷ୍ଠାନର ନିର୍ଦ୍ଦେଶକ ପଞ୍ଚାନନ ମିଶ୍ରଙ୍କ ସହଯୋଗରେ ଦୁର୍ଗାଶଙ୍କର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଔ ଏହି କାର୍ଯ୍ୟକ୍ରମରେ ରାଇକିଆ ବାନାଞ୍ଚଳ ର ବନପାଳ ଦେବସ୍ମିତା ମିଶ୍ର,ବନରକ୍ଷି ଲିଲି ମଲ୍ଲିକ,ସାଂସଦ ପ୍ରତିନିଧି ସନ୍ତୋଷ ଲେଙ୍କା ଏବଂ BMC ର ସଦସ୍ୟ ଉପସ୍ଥିତ ରହି ବିଶ୍ୱ ପରିବେଶ ଦିବସ ର ମହତ୍ତ୍ୱ ଓ ବୃକ୍ଷ ରୋପଣ ଉପରେ ସମସ୍ତ ଙ୍କୁ ଅବଗତ କରିଥିଲେ ।

**ବାଲେଶ୍ୱର :** ସଦର ବ୍ଲକ ଗେଙ୍ଗୁଟି ଗ୍ରାମପଞ୍ଚାୟତର ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ମହାସମାରୋହରେ ବିଦ୍ୟାଳୟର ଏକାବନତମ ପ୍ରତିଷ୍ଠା ଦିବସ ଓ ବନ ମହୋତ୍ସବ ପାଳିତ ହୋଇଯାଇଛି। ପୁରାତନ ବିଦ୍ୟାର୍ଥୀ ପରିଷଦ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୃକ୍ଷରୋପଣ, ଚାରାବଣ୍ଟନ ଓ କୃତି ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ସଂଗଠନର ସଭାପତି ଜଳଧର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ. କାଳିପଦ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀ ପରିଷଦର ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରିବା ସହ ଏଭଳି ସଂଗଠନ ପ୍ରତି ବିଦ୍ୟାଳୟରେ ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ପ୍ରାକ୍ତନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାହୁ, ବିଦ୍ୟାଳୟର ପ୍ରଥମ ଦିନର ଛାତ୍ରୀ ବନଲାତା ଦାସ, ଜମିଦାତା ପରିବାରୁ ବିଜୟ କୁମାର ପରିଡା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦ୍ରୋଣାଚାର୍ଯ୍ୟ ପଟ୍ଟାୟତ ଓ ସଂଗଠନର ଉପଦେଷ୍ଟା ପିତାମ୍ବର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେଛ ସଂଗଠନର ସମ୍ପାଦକ କବି ସୁଧାକର ସେଠୀ ମଞ୍ଚ ପରିଚାଳନା କରିଥିବା ବେଳେ ସହ ସମ୍ପାଦକ ନବକୁମାର ନାୟକ ମଞ୍ଚାସୀନ ଅତିଥିଙ୍କୁ ଆହ୍ୱାନ କରିଥିଲେ ଏବଂ ସାବିତ୍ରୀରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେଛ ଚଳିତ ମ୍ୟାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଅଭିପ୍ସା ସାମଲ, ଦ୍ୱିତୀୟ ରାଜଲକ୍ଷ୍ମୀ ସାମଲ ଓ ତୃତୀୟ କୁମାରୀ ରିତୁପର୍ଣ୍ଣା ପ୍ରଧାନଙ୍କୁ ବିଦ୍ୟାର୍ଥୀ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ସହ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ଓ ମାନପତ୍ର ଦିଆଯାଇଥିଲାଛ ଚିତ୍ରାଙ୍କନରେ ମୋନାଲୀ ସେନାପତି, ଶତାବ୍ଦୀ ମହାପାତ୍ର ଓ ସୁପ୍ତିଶ୍ରୀ ନାୟକ, ସାଧାରଣ ଜ୍ଞାନରେ ବର୍ଷାପ୍ରିୟଦର୍ଶିନୀ ନାୟକ, ସଞ୍ଜୟ ସିଂ ଓ ଲିପ୍ସାରାଣୀ ଜେନା ଏବଂ ବକ୍ତୃତାରେ ସୁଭଲିପ୍ସା ନାୟକ, ପ୍ରତ୍ୟାଶା ଆଚାର୍ଯ୍ୟ ଓ ଶୁଭ୍ରାଂଶୁ ପୁହାଣ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଥିଲେ। ପରିବେଶ ପ୍ରତି ଅବଦାନ ପାଇଁ ଅବନୀ କୁମାର ରାଉତଙ୍କୁ ଚଳିତ ବର୍ଷର ବୃକ୍ଷ ବନ୍ଧୁ ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରେ ବୃକ୍ଷରୋପଣ କରାଯିବା ସହ ସମସ୍ତ ଛାତ୍ରଛାତ୍ରୀଙ୍କୁ ତିନିଶହରୁ ଅଧିକ ଚାରାଗଛ



ବଣ୍ଟନ କରାଯାଇଥିଲା। ସମସ୍ତ ଛାତ୍ରଛାତ୍ରୀ ଏହି ଚାରାଗଛକୁ ବଞ୍ଚାଇ ରଖିବା ପାଇଁ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଇଂ ମନ୍ମଥ କୁମାର ବାରିକ। ପରିଷଦର ସଦସ୍ୟ ପ୍ରଶାନ୍ତ କୁମାର ସାମଲ ଓ ଯତୀନ କୁମାର ମହାନ୍ତି ପ୍ରମୁଖ ସଂଗଠନର ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଇଂ ସବ୍ୟସାଚୀ ପ୍ରଧାନ, ବିଶ୍ୱରଂଜନ ସାମଲ ଓ ପାର୍ଥ ସାରଥୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ଖାଲି ପଡିଛି ୯୨ ଶିକ୍ଷକ ପଦବୀ,ଛାତ୍ରଛାତ୍ରୀଙ୍କ ପାଠପଢା ବ୍ୟାହତ

ହିନ୍ଦୋଳ, ୮।୭ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ,କେଉଁଠି ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି ତ କେଉଁଠି ବିଦ୍ୟାଳୟର ଆନୁସଙ୍ଗିକ ବ୍ୟବସ୍ଥା ପୁରା ଭୁଶୁଡି ପଡିଛି । ହିନ୍ଦୋଳ ଉପଖଣ୍ଡରେ ସ୍କୁଲ ଓ ଗଣଶିକ୍ଷା ବ୍ୟବସ୍ଥାକୁ ନେଇ ଏବେ ସଙ୍କଟ ଦେଖା ଦେଇଛି । ଶିକ୍ଷକ ଅଭାବ ସାଙ୍ଗକୁ ପ୍ରଶାସନିକ ଶୂନ୍ୟତା ଓ ପଦୋର୍ନତି ପ୍ରକ୍ରିୟାରେ ଅଚଳାବସ୍ଥା ଲାଗି ବ୍ଲକର ଅନେକ ସରକାରୀ ବିଦ୍ୟାଳୟରେ ପାଠପଢ଼ା ନୂତନ ଶିକ୍ଷା ବର୍ଷରୁ ପ୍ରଭାବିତ ହୋଇଛି । ସରକାର ଗୁଣାତ୍ମକ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ଉପଖଣ୍ଡରେ କିନ୍ତୁ ବାସ୍ତବ ଚିତ୍ର ଓଲଟା ରହିଛି । ବ୍ଲକରେ ପ୍ରାୟ ୯୨ ଟି ଶିକ୍ଷକ ପଦବୀ ଦୀର୍ଘ ଦିନ ହେବ ଖାଲିପଡିଥିବା ବେଳେ ୪୩ ଟି ପ୍ରଧାନ ଶିକ୍ଷକ ପଦବୀମଧ୍ୟ ଖାଲି ପଡିଛି । ଏପରିକି ୧୫ ରୁ ଉର୍ଦ୍ଧ ବିଦ୍ୟାଳୟରେ କେବଳ ଜଣେ ଶିକ୍ଷକଙ୍କ ଭରସାରେ ଶିକ୍ଷାଦାନ ଚାଲିଛି । ସେହି ଜଣେ ଶିକ୍ଷକଙ୍କୁ ସମସ୍ତ ପ୍ରକାର ଶ୍ରେଣୀର ପାଠ ପଢା ସହିତ ମଧ୍ୟାନ ଭୋଜନ, ସରକାରୀ ରିପୋର୍ଟ, ଓ ପ୍ରଶାସନିକ କାର୍ଯ୍ୟ ମଧ ସମ୍ଭାଳିବାକୁ ପଡୁଛି । ଫଳରେ ଗୁଣାତ୍ମକ ଶିକ୍ଷା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି । ଅନେକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନଥିବାରୁ ଭାରପ୍ରାପ୍ତ ଶିକ୍ଷକଙ୍କ ଦ୍ୱାରା ବିଦ୍ୟାଳୟ ପରିଚାଳିତ ହେଉଛି । ଯାହାଦ୍ୱାରା ଶିକ୍ଷକ ଓ ପ୍ରଶାସନିକ ସ୍ତରକୁ ପ୍ରଭାବିତ କରୁଛି । ହିନ୍ଦୋଳ ବ୍ଲକରେ ୮୬ ଟି ପ୍ରାଇମେରୀ ବିଦ୍ୟାଳୟ, ୯୧ ଟି ଅପରପ୍ରାଇମେରୀ ବିଦ୍ୟାଳୟ, ୪ ଟି ସେବାଶ୍ରାମ ବିଦ୍ୟାଳୟ, ଓ ଗୋଟିଏ ଆଦର୍ଶ ବିଦ୍ୟାଳୟ ରହିଛି । ଏବେ ପ୍ରାୟ ସମସ୍ତ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ସମସ୍ୟା ଲାଗି ରହିଛି । ଏହି କାରଣରୁ ଅବିଭାବକ ମାନେ ନିଜର ପିଲାଙ୍କୁ ଏବେ ସରକାରୀ ବିଦ୍ୟାଳୟ ଛାଡି ଏବେ ବେସରକାରୀ ବିଦ୍ୟାଳୟ ମୁହାଁ ହେଉଥିବା ଦେଖିବାକୁ ମିଳୁଛି । ଏପରି ପରିସ୍ଥିତି ମଧ୍ୟରେ ଜୁଲାଇ ୮ ରୁ ୧୭ ତାରିଖ ମଧ୍ୟରେ ସମସ୍ତ ବିଦ୍ୟାଳୟରେ ସ୍କୁଲ ପରିଚାଳନା କମିଟି, ଏସଏମସି, ୱାର୍କିଙ୍ଗ କମିଟି ଓ ଶିକ୍ଷକ କମିଟି ଗଠନ ଲାଗି ସରକାରୀ ନିର୍ଦ୍ଦେଶ କ୍ରମେ ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି । ତେବେ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ଅଭାବ ମଧ୍ୟରେ କେବଳ କମିଟି ଗଠନ ସହିତ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣରେ ଲକ୍ଷାଧିକ ଟଙ୍କା ବ୍ୟୟ କରି ଶିକ୍ଷା ବ୍ୟବସ୍ଥାର ସୁଧାର ସମ୍ଭବ ହୋଇପାରିବ ନାହିଁ ବୋଲି ଉପଖଣ୍ଡର ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଏଭଳି ସ୍ଥଳେ ସରକାର ଓ ଜିଲ୍ଲା ପ୍ରଶାସନ ହିନ୍ଦୋଳ ବ୍ଲକକୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଶିକ୍ଷା ବ୍ୟବସ୍ଥାକୁ ସୁଧାରିବା ପାଇଁ ଉପଖଣ୍ଡର ଶିକ୍ଷାବିତ, ବୁଦ୍ଧିଜୀବୀ, ଓ ଅବିଭାବକ ମହଲରେ ଦାବି ହେଉଛି ।

## ତହସିଲଦାରଙ୍କ ସରକାରୀ କ୍ୱାର୍ଟରରେ ତାଲା ଭାଙ୍ଗିଲେ ଦୁର୍ବୃତ୍ତ



ଚମ୍ପୁଆ,୮।୭(ନି.ପ୍ର): ଚମ୍ପୁଆ ତହସିଲଦାର ସତ୍ୟବ୍ରତ ସାହୁ ଘରେ ନଥିବା ବେଳେ ତାଙ୍କ ସରକାରୀ କ୍ୱାର୍ଟର ତାଲା ଭଙ୍ଗାରୁଜା କରାଯାଇଥିବା ବେଳେ ଏନେଇ ପୋଲିସକୁ ସୂଚନା ଦେଇଥିବା ଜଣାଯାଇଛି । ତହସିଲଦାର ବୋର୍ଡ ଅଫ୍ ରେଭେନ୍ୟୁ, କଟକରେ ଭାଇଭା ପରୀକ୍ଷା ଦେବା ପାଇଁ ୭ ଜୁଲାଇରେ ସଦର ମୁଖ୍ୟାଳୟ ଛାଡ଼ି ଯାଇଥିଲେ। ଫେରିବା ପରେ ସେ ଦେଖିଥିଲେ ଯେ କ୍ୱାର୍ଟରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଘର ଭିତରକୁ ପ୍ରବେଶ କରି ବିଭିନ୍ନ ସାମଗ୍ରୀ ସହ ଅସବାବପତ୍ରକୁ ଫିଙ୍ଗାପିଙ୍ଗି କରି ନଷ୍ଟ କରିଦେଇଛନ୍ତି। ଏଥିସହ ପାଣି ଟାଙ୍କିର ପାଣି ଛାଡ଼ି ଦେଇଥିବାରୁ ସମଗ୍ର କ୍ୱାର୍ଟର ଜଳମଗ୍ନ ହୋଇ ଘର ଭିତରେ ଥିବା ସାମଗ୍ରୀର କ୍ଷତି ହୋଇଛି। ଘଟଣା ସଂପର୍କରେ ଖବର ପାଇ ଚମ୍ପୁଆ ଥାନା ଆଇଆଇସି ସ୍ୱରୂପ ନାୟକ ସଦଳବଳେ ଘଟଣାସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଥିଲେ।

## ବିଦା ହେଲେ ବିବାଦୀୟ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ



ଆନନ୍ଦପୁର,୮।୭(ନି.ପ୍ର): କେନ୍ଦୁଝର ଜିଲ୍ଲାରେ ବିଭିନ୍ନ ବ୍ଲକ୍‌ରେ କାର୍ଯ୍ୟ କରୁଥିବା ୧୧ ଜଣ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । କେନ୍ଦୁଝର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପଂଚାୟତ ଅଧିକାରୀ ଚିଠି ନଂ–୯୦୭, ତା–୦୭.୦୭.୨୦୨୬ ରେ ହାଟଡ଼ିହି ବ୍ଲକ୍‌ରେ କାର୍ଯ୍ୟରତ ପିଇଓ ରମେଶ ଚନ୍ଦ୍ର ମାଝୀଙ୍କୁ ଘସିପୁରା ବ୍ଲକ୍ ଓ ବିକଳ୍ପ ନାୟକଙ୍କୁ ବାଂଶପାଳ ବ୍ଲକ୍‌କୁ ବଦଳି କରାଯାଇଥିବା ଜଣାପଡ଼ିଛି । ଉଭୟଙ୍କ ବିରୁଦ୍ଧରେ ଅଭିଯୋଗର ଲମ୍ବା ଫର୍ଦ୍ଦ ରହିଛି । ବିକଳ୍ପ ନାୟକ ପୂର୍ବରୁ ହାଟଡ଼ିହି ବ୍ଲକ୍ ଅ'ଗର୍ତ ସୁଲଣ ପଂଚାୟତରେ କାର୍ଯ୍ୟ କରୁଥିବା ସମୟରେ ଭତ୍ତା ଟଙ୍କା ଅତ୍ମସାତ୍ କରିଥିବାର ଅଭିଯୋଗ ହୋଇଥିଲା । ପରେ ତାଙ୍କୁ ବାଲିବରେଇ ପଞ୍ଚାୟତ ଦାୟୀତ୍ୱ ଦେବା ପରେ ସେଠାରେ ମଧ୍ୟ ଭତ୍ତା ଟଙ୍କା ଉଠାଇ ହିତାଧିକାରୀଙ୍କୁ ନବାଣ୍ଟି ଆଉ ଧରାଛୁଆଁ ଦେଇନଥିଲେ । ତାଙ୍କ ବିରୁଦ୍ଧରେ ଏସବୁ ଅଭିଯୋଗ ପରେ ତାଙ୍କ ଠାରୁ ପଞ୍ଚାୟତ ଦାୟୀତ୍ୱ ଅପସାରଣ କରି ବ୍ଲକ୍ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଥିଲେ ମଧ୍ୟ ଗତ ୨ ବର୍ଷ ମଧ୍ୟରେ ଥରେ ହେଲେ ବ୍ଲକ୍ କାର୍ଯ୍ୟାଳୟକୁ ଅସିନଥିବା ଅଭିଯୋଗ ହୋଇଛି । ସେହିପରି ରମେସ ଚନ୍ଦ୍ର ମାଝୀ ବର୍ତ୍ତମାନ ଶାଳଣିଆଁ, ପଢିଆରୀପଲ୍ଲୀ ଓ ବଡ଼ରଂପାସ ପଂଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଅଛନ୍ତି । ଶାଳଣିଆଁ ଗ୍ରାମପଞ୍ଚାୟତରେ ଆବାସଗୃହ ଯୋଜନାରେ ଆଦୌ ଘର କରିନଥିବା ହିତାଧିକାରୀଙ୍କ ଘର ସଂପୂର୍ଣ୍ଣ ହୋଇଥିବା ଦର୍ଶାଇ ମନରେଗା ଅର୍ଥକୁ ସେମାନଙ୍କ ଅଗୋଚରରେ ଅନ୍ୟ ଜାବକାର୍ଡଧାରୀଙ୍କ ଖାତାକୁ ପଠାଇବା, ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ସଂର୍ପକୀୟଙ୍କୁ ସହାୟତା ରାଶି ପ୍ରଦାନ ନକରିବା, ଅଯୋଗ୍ୟ ହିତାଧିକାରୀଙ୍କୁ ବାସଗୃହ ଯୋଜନାରେ ସାମିଲ କରିବା, ସରକାରୀ ଜମିରୁ ମାଟି ଖୋଳି ବିକ୍ରି କରିବା, ମନରେଗା ଯୋଜନାରେ ଗୋଚର ଜମିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ସହ ମୃତ ବ୍ୟକ୍ତିଙ୍କ ନାଁରେ ଭତ୍ତା ଟଙ୍କା ଉଠାଇ ଆତ୍ମସାତ୍ କରିବା ଭଳି ଅଭିଯୋଗ ଶ୍ରୀ ମାଝୀଙ୍କ ବିରୁଦ୍ଧରେ ରହିଛି । ପୂର୍ବରୁ ଶ୍ରୀ ମାଝୀ ଡଅଁର ପଞ୍ଚାୟତରେ କାର୍ଯ୍ୟ କରୁଥିବା ବେଳେ ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ହିସି ହେମ୍ବ୍ରମ ପଞ୍ଚାୟତରେ ଭତ୍ତା, ରାଜ୍ୟ ଅନୁଦାନ ପାଣ୍ଠି, କେନ୍ଦ୍ରୀୟ ଅନୁଦାନ ପାଣ୍ଠି ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତା ଓ ଅନୁଦାନ ଆତ୍ମସାତ ହୋଇଥିବା ଦର୍ଶାଇ ୨୦୨୧ ମସିହା ଡ଼ିସେମ୍ବର ୨୧ ତାରିଖ ରେ ତାଙ୍କ ବିରୁଦ୍ଧରେ ଓଡ଼ିଶା ଲୋକାୟୁକ୍ତଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ।

## ଉପଜିଲ୍ଲାପାଳଙ୍କ ଶିକ୍ଷାନୁଷ୍ଠାନ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା



କରଞ୍ଜିଆ,୮।୭(ନି.ପ୍ର): ପୂର୍ବ ନିର୍ଦ୍ଧାରିତ ଗସ୍ତସୂଚୀ ଅନୁଯାୟୀ ପାଞ୍ଚପୀଢ଼ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ୍ ଡ଼. ଦୟାସିନ୍ଧୁ ପରିଡା ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ କରଞ୍ଜିଆ ଓ ଠାକୁରମୁଣ୍ଡା ବ୍ଲକର ବିଭିନ୍ନ ଉଚ୍ଚ ମାଧ୍ୟମିକ ଓ ଡିଗ୍ରୀ ମହାବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷାର ଗୁଣବତ୍ତା, ଭିତ୍ତିଭୂମି ଓ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଅଗ୍ରଗତିର ସମୀକ୍ଷା କରିଥିଲେ। ତାଙ୍କ ସହ ଆସିଷ୍ଟାଣ୍ଟ କଲେକ୍ଟର ନିହାର ରନ ସେଠୀ ମଧ୍ୟ ଉପସ୍ଥିତ ରହି ପରିଦର୍ଶନ କାର୍ଯ୍ୟରେ ସାମିଲ ହୋଇଥିଲେ। ଗସ୍ତ ସମୟରେ କରିଆ ବ୍ଲକ ଅନ୍ତର୍ଗତ କାଦଡିହାସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟ ଏବଂ ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଫୁଲମତି ହେମ୍ବ୍ରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପଡ଼ିଆବେଡ଼ାକୁ ପରିଦର୍ଶନ କରାଯାଇଥିଲା। ଉପଜିଲ୍ଲାପାଳ ଶିକ୍ଷାନୁଷ୍ଠାନର ଶୈକ୍ଷିକ ପରିବେଶ, ଶ୍ରେଣୀଗୃହର ଅବସ୍ଥା, ଷ୍ଟାଫ୍ କମନ୍ ରୁମ୍, ଛାତ୍ର ଓ ଛାତ୍ରୀଙ୍କ ପାଇଁ ପୃଥକ ଶୌଚାଳୟ, ପାନୀୟ ଜଳ, ଖେଳପଡ଼ିଆ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧାର ଉପଲବ୍ଧତା ସଂପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଜ୍ୟୋତିର୍ମୟୀ ତ୍ରିପାଠୀ, ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଭାଗବତ ଲେଙ୍କା ଏବଂ ଫୁଲମତି ହେମ୍ବ୍ରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଚୈତନ୍ୟ ମହାନ୍ତଙ୍କ ସହ ଆଲୋଚନା କରି ଶିକ୍ଷାନୁଷ୍ଠାନର ବିଭିନ୍ନ ଆବଶ୍ୟକତା, ସମସ୍ୟା ଓ ଭବିଷ୍ୟତ ଯୋଜନା ସଂପର୍କରେ ଅବଗତ ହୋଇଥିଲେ। କେବଳ ପ୍ରଶାସନିକ ସମୀକ୍ଷାରେ ସୀମିତ ନ ରହି ଉପଜିଲ୍ଲାପାଳ ଓ ଆସିଷ୍ଟାଣ୍ଟ କଲେକ୍ଟର ଶ୍ରେଣୀଗୃହକୁ ଯାଇ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ପ୍ରଶ୍ନୋତ୍ତର କରିଥିଲେ। ସେମାନଙ୍କ ପାଠପଢ଼ା, ବିଭିନ୍ନ ବିଷୟରେ ବୁଝାମଣା, ଉଚ୍ଚଶିକ୍ଷା ଓ ଭବିଷ୍ୟତ ଲକ୍ଷ୍ୟ ସଂପର୍କରେ ପଚାରିବା ସହ ଛାତ୍ରଛାତ୍ରୀଙ୍କ ମନରେ ଥିବା ବିଭିନ୍ନ ସନ୍ଦେହ ଓ ଦ୍ୱନ୍ଦ୍ୱ ଦୂର କରିଥିଲେ। ପ୍ରଶାସନିକ ଅଧିକାରୀଙ୍କ ସହ ଏଭଳି ମୁକ୍ତ ଆଲୋଚନାର ସୁଯୋଗ ପାଇ ଛାତ୍ରଛାତ୍ରୀମାନେ ବେଶ୍ ଉତ୍ସାହିତ ଓ ପ୍ରେରିତ ହୋଇଥିବା ଦେଖିବାକୁ ମିଳିଥିଲା। ନିଜ ଅଭିଭାଷଣରେ ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା କହିଥିଲେ ଯେ, କେବଳ ପାଠପଢ଼ାରେ ସଫଳତା ହାସଲ କରିବା ଯଥେଷ୍ଟ ନୁହେଁ ବରଂ ନୈତିକ ମୂଲ୍ୟବୋଧ, ଶୃଙ୍ଖଳା, ସାମାଜିକ ଦାୟିତ୍ୱବୋଧ ଓ ମାନବିକ ଗୁଣର ବିକାଶ ମଧ୍ୟ ସମାନ ଭାବେ ଜରୁରୀ। ଏହି ପ୍ରସଙ୍ଗରେ ସେ ନିଜ ଜୀବନର ସଂଘଷର୍ମୟ ଅନୁଭୂତି ବର୍ଣ୍ଣନା କରି ଛାତ୍ରଛାତ୍ରୀଙ୍କୁ ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଓ ଆତ୍ମବିଶ୍ୱାସ ସହ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। ସେହିପରି ଶିକ୍ଷକ ଓ ର୍କମଚାରୀମାନଙ୍କୁ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଅଧିକ ଗୁରୁତ୍ୱ ଦେବା, ସେମାନଙ୍କ ଦକ୍ଷତା ବିକାଶ ସହ ନୈତିକ ଶିକ୍ଷା ପ୍ରଦାନ କରିବା ଏବଂ ଏକ ସୁସ୍ଥ ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଉପଖଣ୍ଡ ପ୍ରଶାସନର ଏହି ଅଭିନବ ପରିଦର୍ଶନ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମନରେ ନୂତନ ଉତ୍ସାହ, କୌତୁହଳ ଓ ଆତ୍ମବିଶ୍ୱାସ ସୃଷ୍ଟି କରିଥିବା ବେଳେ ଶିକ୍ଷାର ଗୁଣବତ୍ତା ବୃଦ୍ଧି ଓ ଶିକ୍ଷାନୁଷ୍ଠାନର ସାମଗ୍ରିକ ବିକାଶ ଦିଗରେ ଏହା ଏକ ସକାରାତ୍ମକ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି। ଏହି ସୂଚନା କରିଆ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ପାଇଛି।

## ପ୍ରଧାନଶିକ୍ଷକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ହାଟଡିହି,୮।୭(ନି.ପ୍ର): ହାଟଡିହି ବ୍ଲକ ଡ଼ିମିରିଆ ପ୍ରାଥମିକ ବିଦ୍ୟାଳୟରୁ ବିଦାୟ ନେଇଛନ୍ତି ପ୍ରଧାନଶିକ୍ଷକ ବିବେକାନନ୍ଦ ବେହେରା। ଏଥିପାଇଁ ଗ୍ରାମବାସୀ ଓ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଦିଆ ଯାଇଛି ଉଚ୍ଛସ୍ୱିତ ବିଦାୟ ସମ୍ବର୍ଦ୍ଧନା। ଆଜି ସକାଳେ ଶତାଧିକ ଅଭିଭାବକ, ଗ୍ରାମବାସୀ, ପୁରାତନ ଛାତ୍ରଛାତ୍ରୀ ଓ ସହକର୍ମୀ ମାନେ ତାଙ୍କୁ ତାଙ୍କ ବ୍ରାହ୍ମଣୀକଳା ବାସଭବନରୁ ବାଜା ବଜାଇ, ବାଣ ଫୁଟାଇ ଭବ୍ୟ ଶୋଭାଯାତ୍ରାରେ ଡ଼ିମିରିଆ ସ୍କୁଲ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ସେଠାରେ ଅଜୟ କୁମାର ରାଉଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅବସରକାଳୀନ ସଭାରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ହାଟଡିହି ବ୍ଲକର ବିଇଓ ରାଜୀବ ଦଳେଇ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣଚନ୍ଦ୍ର ଯେନା, ହାବଳେଶ୍ୱର ଗ୍ରାମ ପଞ୍ଚାୟତର ସରପଞ୍ଚ ରମାକାନ୍ତ ନାୟକ, ପ୍ରାକ୍ତନ ବ୍ଲକ ଶିକ୍ଷା ଅଧୁକାରୀ ଶରତ କୁମାର ରାଉତ, ପ୍ରାକ୍ତନ ବ୍ଲକ ଶିକ୍ଷା ଅଧୁକାରୀ ଉତ୍ତମ କୁମାର ନାୟକ, ବାଂଶପାଳ ବ୍ଲକର ପ୍ରାକ୍ତନ ବ୍ଲକ ଶିକ୍ଷା ଅଧୁକାରୀ ସନାତନ ରାଉତ, ଅବସର ପ୍ରାପ୍ତ ବରିଷ୍ଠ ପ୍ରଧାନ ଶିକ୍ଷକ ବାସୁଦେବ ନାୟକ, ପ୍ରାଥମିକ ଶିକ୍ଷକ ସଂଘର ବ୍ଲକ ସଭାପତି ଶ୍ରୀକାନ୍ତ କୁମାର ସାଇଁ, ଷଡଙ୍ଗ ସାଧନ କେନ୍ଦ୍ର ସଂଯୋଜକ ରାଜେନ୍ଦ୍ର କୁମାର ବଳ, ଶାଳଣିଆଁ ସର୍କଲ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିଜୟ କୁମାର ସେଠୀ, ପ୍ରାକ୍ତନ ଏବିଇଓ ବିନୋଦ କୁମାର ରାଉତ, ପ୍ରାକ୍ତନ ଏବିଇଓ ସୁରେଶ କୁମାର ଜେନା, ସଡ଼ଙ୍ଗ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ପଲେଇ, ବାରଟିପୁରା ନୀଳକଣ୍ଠେଶ୍ୱର ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବର୍ଣ୍ଣ କୁମାର ପଲେଇ, ଇଞ୍ଚୋଳ ସରକାରୀ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ପଟ୍ଟନାୟକ, ଆଇତିପୁର ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଜେନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ଅବସର ନେଉଥିବା ପ୍ରଧାନଶିକ୍ଷକ ବିବେକାନନ୍ଦ ବେହେରାଙ୍କ କର୍ମମୟ ଜୀବନୀ ଉପରେ ଆଲୋକପାତ କରିଥିଲେ।

## ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ଡିଭିଜନ କାର୍ଯ୍ୟ ବଣ୍ଟନକୁ ନେଇ ଚର୍ଚ୍ଚା

ଆନନ୍ଦପୁର,୮।୭(ନି.ପ୍ର): ଆନନ୍ଦପୁର ଗ୍ରାମ୍ୟ ଉନୟନ ଡିଭିଜନକୁ ନନ୍‌ପ୍ଲାନରେ ଆସିଥିବା ପ୍ରାୟ ଏକ କୋଟି ଟଙ୍କାର ଅନୁଦାନକୁ ହାତେଇବା ପାଇଁ ଉଦ୍ୟମ କରି ବିଫଳ ହେବା ଘଟଣା ଡିଭିଜନର ପୂର୍ବବର୍ଷ ମାନଙ୍କରେ ହୋଇଥିବା ଦୁର୍ନୀତି ଓ କେଳେଙ୍କାରୀକୁ ପଦାରେ ପକାଇଦେଇଛି । ଅନୁମୋଦିତ ଆୱାର୍ଡ କାର୍ଯ୍ୟବଣ୍ଟନ ପରେ ହେଉଥିବା ଗୁଜବ ଚର୍ଚ୍ଚାର ବିଷୟ ହୋଇଛି । ଅପରପକ୍ଷରେ ଆଲଟମେଣ୍ଟ ନଥାଇ ହୋଇଥିବା କାର୍ଯ୍ୟର ବିଲ ଦୀର୍ଘ ବର୍ଷ ଧରି ପଡିରହିଥିବା ବେଳେ ଚଳିତ ବର୍ଷର ଅନୁଦାନରୁ ପେମେଣ୍ଟ କରିବା ପାଇଁ କସରତ କରି ବିଫଳ ହେବାରୁ ନିକଟରେ ଅବସର ନେଇଥିବା ଅଧିକ୍ଷଣ ଯନ୍ତ୍ରୀଙ୍କ ମୁଣ୍ଡରେ ଅଠା ବୋଳିବା ଉଦ୍ୟମ ଫସର ଫାଟି ଯାଇଛି । ବିଗତ ବର୍ଷ ମାନଙ୍କରେ ଉକ୍ତ ଡିଭିଜନକୁ ଅଧିକ ମାତ୍ରାରେ ନନପ୍ଲାନ ଆଲଟମେଣ୍ଟ ଆସୁଥିଲା । ବର୍ତ୍ତମାନ ଅନ୍ୟ ଡିଭିଜନ ମାନଙ୍କ ତୁଳନାରେ ଆନନ୍ଦପୁର ଡିଭିଜନକୁ ଖୁବ କମ୍ ପରିମାଣର ଆଲଟମେଣ୍ଟ ମିଳୁଛି ଏବଂ ବହୁଦିନର ବ୍ୟବଧାନ ପରେ କୋଟିଏ ଟଙ୍କାରୁ ଅଧିକ ଟଙ୍କା ଅନୁଦାନ ଆସିଥିଲା । ଏହି ଡିଭିଜନରେ ଅତୀତରେ କୋଟି କୋଟି ଟଙ୍କା ବିନା ଟେଣ୍ଡରରେ କାର୍ଯ୍ୟାଦେଶ ଦେଇ ଆଦୌ କାମ ନ କରି କିମ୍ବା ଖୁବ୍ ଅଳ୍ପ କାମ କରି ବିଲ ନେଇଯିବା ସତ୍ତ୍ୱେ ଏବେ ମଧ୍ୟ କୋଟି କୋଟି ଟଙ୍କାର ବକେୟା ବିଲ ପଡ଼ିରହିଛି । ସରକାରଙ୍କ ପକ୍ଷରୁ ବିନା ଆଲଟମେଣ୍ଟରେ କାର୍ଯ୍ୟ ନ କରିବାପାଇଁ ସ୍ପଷ୍ଟ ନିର୍ଦ୍ଦେ ଥିବା ସତ୍ତ୍ୱେ ସେତେବେଳର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କୌଣସି ଚାପର ବଶବର୍ତ୍ତି ହୋଇ କିମ୍ବା ଅନ୍ୟ କୌଣସି କାରଣରୁ ସରକାରୀ ନିର୍ଦ୍ଦେଶ ନାମାକୁ ନ ମାନି କାର୍ଯ୍ୟ କରିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ସେ ସବୁର ବିଲ୍ ପେମେଣ୍ଟ ନହୋଇ ପଡ଼ିରହିଛି । କେତେକ ଠିକାଦାର ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବାରୁ ସରକାର ଏବେ ସେ ସବୁ କାମର ବିଲ ପେମେଣ୍ଟ ନ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ଯାହା ସରକାରଙ୍କ ପାଇଁ ଏକ ବାଧ୍ୟବାଧକତା ରହିଛି,ଏହି ସମୟରେ କିଛି ଟଙ୍କା ଜରୁରୀ ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଆସିଥିବା ଅନୁଦାନରୁ ପୁରୁଣାବିଲ ପେମେଣ୍ଟ କରାଯାଇଛି ।

## ତିନି ସନ୍ତାନର ଜନନୀ ନିଖୋଜ

ପାଟଣା, ୮।୭(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଟାଙ୍ଗରପଡା ପଞ୍ଚାୟତ ଅନ୍ତର୍ଗତ ଭୀମାପଡା ଗ୍ରାମର ଜଣେ ବିବାହିତା ମହିଳା ନିଖୋଜ ଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ପାଟଣା ଥାନାର ଭୀମାପଡା ଗ୍ରାମର ଚନ୍ଦ୍ରମଣି ମହାନ୍ତଙ୍କ ଝିଅ କୁନି ମହାନ୍ତଙ୍କ ବିବାହ ଘଟଗାଁ ଥାନା ଅନ୍ତର୍ଗତ ଡୁମୁରିଆ ପଞ୍ଚାୟତର ବାଲିଯୋଡି ଗ୍ରାମର ତ୍ରିଲୋଚନ ମହାନ୍ତ (ପିତା–ସନାତନ ମହାନ୍ତ)ଙ୍କ ସହ ହୋଇଥିଲା। ପରିବାର ଲୋକଙ୍କ କହିବା ଅନୁସାରେ, ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ଚାଲିଥିବା ବେଳେ ଗତ ୪ ଜୁନ ତାରିଖ ଠାରୁ କୁନି ମହାନ୍ତ କେଉଁଆଡେ ଚାଲିଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ମହିଳାଙ୍କ ପିତା ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରିବାର ପକ୍ଷରୁ



ଅଭିଯୋଗ ଅନୁସାରେ, ପୋଲିସ ପକ୍ଷରୁ ଖୋଜାଖୋଜି କରାଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ମହିଳାଙ୍କ କୌଣସି ସନ୍ଧାନ ମିଳିନାହିଁ। କୁନି ମହାନ୍ତ ତିନିଜଣ ସନ୍ତାନଙ୍କୁ ଘରେ ଛାଡ଼ି ନିଖୋଜ ହୋଇଥିବାରୁ ପରିବାର ଲୋକେ ଗଭୀର ଚିନ୍ତାରେ ରହିଛନ୍ତି । ଘଟଣାର ସଠିକ୍ ତଦନ୍ତ କରି ମହିଳାଙ୍କୁ ଶୀଘ୍ର ଠାବ କରିବାକୁ ପରିବାର ଲୋକେ ଘଟଗାଁ ପୋଲିସଙ୍କୁ ଦାବି କରିଛନ୍ତି ।

## ବାଲି ବୋଝେଇ ହାଇୱା ଜବତ

ହାଟଡିହି,୮।୭(ନି.ପ୍ର): ବେଆଇନ ବାଲି କାରବାରରେ ରୋକ ଲଗାଇବା ପାଇଁ ପୋଲିସ ଜୋରଦାର ଧରପଗଡ଼ ଚଳାଇଛି। ଯାହାଦ୍ୱାରା ବାଲି ଚୋରା ଚାଲାଣରେ ବହୁ ପରିମାଣରେ ରୋକ ଲାଗି ପାରିଛି। ଆନନ୍ଦପୁର ଏସଡିପିଓଙ୍କ ନିର୍ଦ୍ଦେଶରେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ବେଳେ ସୋସୋ ଥାନା ପୋଲିସ ବେଆଇନ ଭାବେ ବାଲି ପରିବହନ କରୁଥିବା ୨ଟି ବାଲି ବୋଝେଇ ହାଇୱାକୁ ଜବତ କରିଛି। ଏହି ବାଲି ବୋଝେଇ ଗାଡି ଗୁଡିକ ବୈତରଣୀ ନଦୀରୁ ବାଲି ବୋଝେଇ କରି ଆଗରପଡା ଅଭିମୁଖେ ଯାଉଥିବା ବେଳେ ପୋଲିସ ଅଟକାଇ ବାଲି ପରିବହନ ସମ୍ବନ୍ଧୀୟ କାଗଜପତ୍ର ଯାଞ୍ଚ କରିଥିଲା। କିନ୍ତୁ ଡ୍ରାଇଭର ମାନେ କୌଣସି ବୈଧ କାଗଜ ପତ୍ର ଦେଖାଇ ପାରିନଥିଲେ। ଫଳରେ ବାଲି ବୋଝେଇ ଗାଡି ଗୁଡ଼ିକୁ ଜବତ କରାଯାଇଥିବା ସୋସୋ ଥାନା ଅଧିକାରୀଣୀ ସୂଚନା ଦେଇଛନ୍ତି। ଜବଦ ଗାଡି ଗୁଡ଼ିକୁ ସୋସୋ ଥାନା ପରିସରକୁ ଅଣା ଯାଇଛି। ଏନେଇ ସୋସୋ ଥାନାରେ ମାମଲା ରୁଜୁ ହୋଇଛି।

## ଘର ଭିତରେ ମହିଳାଙ୍କ ଆତ୍ମହତ୍ୟା

ପାଟଣା,୮।୭(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଟାଙ୍ଗରପଡା ପଞ୍ଚାୟତର ବାଲିବନ୍ଧ ଉପର ସାହିରେ ଜଣେ ବିବାହିତା ମହିଳା ଘର ଭିତରେ ଫାଶୀରେ ଝୁଲିଥିବା ଅବସ୍ଥାରେ ମୃତଦେହ ମିଳିଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ମହିଳା ଜଣଙ୍କ ହେଲେ ସୁପ୍ରିୟା ମହାନ୍ତ (୨୪)। ସେ ବାଲିବନ୍ଧ ଉପର ସାହିର ତ୍ରିଥବାସୀ ମହାନ୍ତଙ୍କ ପୁଅ ଦେବେନ୍ଦ୍ର ମହା' (୨୭)ଙ୍କ ପତ୍ନୀ ବୋଲି ଜଣାପଡ଼ିଛି। ସୁପ୍ରିୟାଙ୍କ ବିବାହ ପ୍ରାୟ ୪ ବର୍ଷ ପୂର୍ବେ ମୟୂରଭ ଜିଲ୍ଲାର କରଞ୍ଜିଆ ଥାନା କିଆଭଳା ଗ୍ରାମରୁ ବିବାହ ହୋଇଥିଲା। ତାଙ୍କର ଏକ ୪ ବର୍ଷର କନ୍ୟା ସଂାନ ରହିଛି। ଖବର ପାଇ ପାଟଣା ପୋଲିସ ଘଟଣାସ୍ଥଳରେ ପହଁଚି ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା। ଏହି ଘଟଣାରେ ପାଟଣା ଥାନାରେ ୟୁ.ଡି. କେସ୍ ନଂ. ୩୫/୨୬ ରୁଜୁ ହୋଇଛି। ପାଟଣା ଥାନାର ଏଏସ୍‌ଆଇ ଧନେଶ୍ୱର ପାତ୍ର ଘଟଣାର ତଦନ୍ତ କରୁଛନ୍ତି। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଘରୋଇ କଳହକୁ କେନ୍ଦ୍ର କରି ଏହି ଘଟଣା ଘଟିଥାଇପାରେ ବୋଲି ଚର୍ଚ୍ଚା ହେଉଛି। ତେବେ ପୋଲିସ ପକ୍ଷରୁ ଏହାର ପ୍ରକୃତ କାରଣ ସଂପର୍କରେ କୌଣସି ଚୂଡ଼ାନ୍ତ ମତ ପ୍ରକାଶ କରାଯାଇନାହିଁ।

## ଦେଓ ଜଳସେଚନ ପ୍ରକଳ୍ପରେ ୨୭.୦୬% ଜଳ ସଂରକ୍ଷିତ

କରଞ୍ଜିଆ,୮।୭(ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଦେଓ ଜଳସେଚନ ପ୍ରକଳ୍ପର ଜଳଭଣ୍ଡାର ସ୍ଥିତି ସଂପର୍କରେ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ବର୍ତ୍ତମାନ ଜଳଭଣ୍ଡାରର ଜଳସ୍ତର ୪୦୪.୩୯ ମିଟର ରହିଥିବାବେଳେ ଏହାର ପୂର୍ଣ୍ଣ ଜଳଧାରଣ କ୍ଷମତା ୪୧୨.୦୦ ମିଟର ରହିଛି। ଲଗାତାର ବର୍ଷା ସତ୍ତ୍ୱେ ଜଳଭଣ୍ଡାରରେ ବର୍ତ୍ତମାନ ୧୬୧୧.୪୦ ହେକ୍ଟର–ମିଟର ଜଳ ସଂରକ୍ଷିତ ହୋଇଛି, ଯାହା ମୋଟ ଜଳଧାରଣ କ୍ଷମତାର ୨୭.୦୬ ପ୍ରତିଶତ ବୋଲି ପ୍ରକଳ୍ପ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପ୍ରକଳ୍ପ କାର୍ଯ୍ୟାଳୟର ତଥ୍ୟ ଅନୁଯାୟୀ ବର୍ତ୍ତମାନ ଜଳଭଣ୍ଡାରକୁ ୩୩.୩୩୦ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ମୋଟ ଜଳ ନିଷ୍କାସନ ପରିମାଣ ୦.୦୧୦ କ୍ୟୁସେକ ରହିଛି। ଏହି ଜଳ କୌଣସି ସ୍ପିଲୱେ କିମ୍ବା କେନାଲ ମାଧ୍ୟମରେ ଛଡ଼ାଯାଉ ନାହିଁ, କେବଳ ବାଷ୍ପୀଭବନ ଯୋଗୁଁ ଏତିକି ପରିମାଣର ଜଳ କ୍ଷୟ ହେଉଛି। ପ୍ରକଳ୍ପର ୫ଟି ସ୍ପିଲୱେ ଗେଟ୍ ଏବଂ ୨ଟି କେନାଲ ହେଡ୍ ରେଗୁଲେଟର ଗେଟ୍ ସଂପୂର୍ଣ୍ଣ ବନ୍ଦ ରହିଥିବାରୁ ବର୍ତ୍ତମାନ ସୁଦ୍ଧା ଜଳ ନିଷ୍କାସନର କୌଣସି ଆବଶ୍ୟକତା ପଡ଼ିନାହିଁ। ଅନ୍ୟପକ୍ଷରେ, ଗତ ୨୪ ଘଣ୍ଟା ମଧ୍ୟରେ ପ୍ରକଳ୍ପ ଅଞ୍ଚଳରେ ୨.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବର୍ଷାରତୁ ଜାରି ରହିଥିବାରୁ ଜଳଭଣ୍ଡାରର ଜଳସ୍ତର ଉପରେ ପ୍ରକଳ୍ପ କର୍ତ୍ତୃପକ୍ଷ ନିରନ୍ତର ନଜର ରଖିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଆବଶ୍ୟକତା ଅନୁଯାୟୀ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ଶିକ୍ଷାବିତ୍ ହରିହର ନାଥଙ୍କ ଦେହାନ୍ତ

ଆନନ୍ଦପୁର,୮।୭(ନି.ପ୍ର): ଫକୀରପୁର ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା ମୁଗୁପୁର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିହର ନାଥଙ୍କ ଦେହାନ୍ତ ହୋଇଯାଇଛି । ଶ୍ରୀ ନାଥ ନାରାୟଣ ନନ୍ଦ ସ୍ମୃତି କମିଟିର ସଭାପତି, ଫକୀରପୁର ସାହିତ୍ୟ ସଂସଦର ଉପଦେଷ୍ଟା, ଫକୀରପୁର ଯୋଗ କେନ୍ଦ୍ରର ସଂପାଦକ ଓ ଗୟାଧର ସାହୁ ସ୍ମୃତି ସଂସଦର ଉପଦେଷ୍ଟା ଓ ଜଣେ ଶିକ୍ଷାବିତ୍ ଆଉ ଜଣେ ମେଳାପୀ ମିଷ୍ଟଭାଷୀ ମଣିଷ ଥିଲେ । ତାଙ୍କର ଜନ୍ମ ୧୩.୭.୧୯୪୩ ହୋଇଥିବା ବେଳେ ୬.୭.୨୦୨୬ ସୋମବାର ସକାଳ ୯.୪୦ ରେ ଇହଲୀଳା ସମ୍ବରଣ କରିଛନ୍ତି । ସେ ଫକୀରପୁର ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଓ ହୀରକ ଜୟନ୍ତୀ ନିମନ୍ତେ ଚେଷ୍ଟା କରିଥିଲେ । ତାଙ୍କ ଅବର୍ତ୍ତମାନରେ ଫକୀରପୁର ଜଣେ ମହାନ ବ୍ୟକ୍ତିତ୍ୱ ହରାଇଛି ବୋଲି ସମସ୍ତେ ମତ ପ୍ରକାଶ କରିଛନ୍ତି ।

## ବନ୍ଦ ଥିବା କ୍ରସରରୁ ୧୪.୯୬ ଲକ୍ଷ ଟଙ୍କା ଜରିମାନା ଆଦାୟ



ପାଟଣା,୮।୭(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅଙ୍କୁରା ପଥର ଖଣି କ୍ରଶରରୁ ଖଣି ବିଭାଗ ପକ୍ଷରୁ ୧୪ ଲକ୍ଷ ୯୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଘଟଣାକୁ ନେଇ ସ୍ଥାନୀୟ ମହଲରେ ବିଭିନ୍ନ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି ଯେ, ଯଦି କ୍ରଶରଟି ଲିଜ ଅବଧି ଶେଷ ହେବା ପରେ ବନ୍ଦ ଥିଲା, ତେବେ କେଉଁ ଆଧାରରେ ଏବଂ କେଉଁ ଅବଧିର ଅନିୟମିତତାକୁ ନେଇ ଜରିମାନା ଧାର୍ଯ୍ୟ କରାଗଲା । ଏହା ସଂପର୍କରେ ଖଣି ବିଭାଗ ପକ୍ଷରୁ ବିସ୍ତୃତ ସ୍ପଷ୍ଟୀକରଣ ଆସିବା ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରୁଛନ୍ତି। ତେବେ ଜିଲ୍ଲା ଖଣି ବିଭାଗର କହିବା ଅନୁଯାୟୀ, ଲିଜ ଅବଧି ପରେ ନିୟମ ଉଲ୍ଲଂଘନ ସଂପର୍କିତ ତଦନ୍ତ ଆଧାରରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା ଏବଂ ନିୟମାନୁସାରେ ୧୪ ଲକ୍ଷ ୯୬ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିଲା। ସଂସ୍ଥା ପକ୍ଷରୁ ମଧ୍ୟ ଉକ୍ତ ଜରିମାନା ପୈଠ କରାଯାଇଥିବା ସୂଚନା ମିଳିଛି।

## ମେଡିକାଲ କଲେଜ ଷ୍ଟାଫ୍ ନର୍ସ ନିଯୁକ୍ତିରେ ଦୁର୍ନିତୀର ଖୁଲାସା ହେବ କେବେ?



ତାଳଚେର, ୮।୭ (ନି.ପ୍ର): ତାଳଚେର ସ୍ଥିତ ପବିତ୍ର ମୋହନ ମେଡିକାଲ୍ କଲେଜ୍‌ରେ ଷ୍ଟାଫ୍ ନର୍ସ ଓ ସ୍ୱାସ୍ଥ୍ୟ କର୍ମି ନିଯୁକ୍ତିରେ ମହାଦୁର୍ନିତୀର ଲୋକଙ୍କ ସାମ୍ନାକୁ ଆସିଥିଲେ ମଧ ଏହି ଘଟଣା ଆଜକୁ ଦୁଇମାସ ବିତି ଯାଇଥିଲେ ମଧ ଏଥିରେ ଯେଉଁ ଅଧିକାରୀ ଓ ଦଲାଲ ସମ୍ପୃକ୍ତ ତାଙ୍କୁ ଏଯାଏଁ ଗିରଫ କରାନଯିବା ଅଂଚଳବାସୀଙ୍କ ମନରେ ଶକ୍ତ ଆଘାତ ଦେଇଛି । ଏହି ସମ୍ପର୍କରେ କଂଗ୍ରେସ୍ ପକ୍ଷରୁ ୫ଦଫା ଦାବୀ ନେଇ ରାଜ୍ୟପାଳ ଉଦ୍ଦେଶ୍ୟରେ ତାଳଚେର ଉପଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ସେହିଭଳି ବିଜେଡ଼ି ପକ୍ଷରୁ ମଧ ସମାନ ଦାବି ରଖିଥିଲେ । ସେହିଭଳି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲ୍ଲାପାଳଙ୍କୁ ମଧ ଦାବୀପତ୍ର ପ୍ରଦାନ କରାଯାଇଛି । ଦାବୀପତ୍ରରେ ଉଲ୍ଲେଖ କରାଯାଇଥିଲା ଯେ, ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ୍ ଓ ହସପିଟାଲ୍‌ରେ ଷ୍ଟାଫ ନର୍ସ ତଥା ଏଏନଏମ୍ ଓ ଜିଏନଏମ୍ ରେ ଚାକିରୀ କରିଥିବା ବ୍ୟକ୍ତି ବିଶେଷ ମାନେ ଜାଲ୍ ସାର୍ଟିଫିକେଟ୍ ଦେଇ ନିଯୁକ୍ତି ପାଇଛନ୍ତି । ଏମସିଏଲ୍ ଦ୍ୱାରା ଟେଣ୍ଡର ପାଇଥିବା ଠିକା ସଂସ୍ଥା କମାଣ୍ଡୋସିକ୍ୟୁରିଟି ଏଜେନ୍ସି ବିନା ଆଡଭାଟାଇଜମେଣ୍ଟରେ ଏହି ନିଯୁକ୍ତି ପ୍ରକ୍ରିୟା କରି ମାତ୍ରାଧିକ ଅର୍ଥ ନେଇ ଜାଲ୍ ସାର୍ଟିଫିକେଟ୍ ଦ୍ୱାରା ନିଯୁକ୍ତି ପ୍ରଦାନ କରାଯାଇଛି । ସ୍ୱାସ୍ଥ୍ୟ ବିଭାଗ ଏବଂ ସାଧାରଣ ରୋଗୀଙ୍କ ଜୀବନକୁ ମରଣଯନ୍ତାରେ ପକାଇ ଏହି ସଂସ୍ଥା କୋଟି କୋଟି ଟଙ୍କା ଆତ୍ମସାତ କରିଥିବା ଆମେ ଖବର ପାଇଛୁ ଯେ, ପିଏମପିଏମଜିଏଚ୍‌ରେ କମାଣ୍ଡୋ ସିକ୍ୟୁରିଟି ଏଜେନ୍ସିରେ କାର୍ଯ୍ୟରତ ମୁଖ୍ୟ ଏହି ଜାଲ୍ ସାର୍ଟିଫିକେଟ୍ କାର୍ଯ୍ୟରେ ଲିପ୍ତ ରିହ ସାଧାରଣଙ୍କ ଠାରୁ ଲକ୍ଷାଧିକ ଅର୍ଥ କଲେକସନ୍ କରିଛନ୍ତି । ଏହି ବଡ ଧରଣର ଜାଲ୍ ସାର୍ଟିଫିକେଟ୍ ନିଯୁକ୍ତି ରାକେଟ୍ ଉପରେ ଉପଯୁକ୍ତ ତଦନ୍ତ କରାଯାଇ ଆସନ୍ତା ୭ ଦିନ ମଧ୍ୟରେ ଦୋଷୀଙ୍କ ବିରୁଧରେ ଏତଲା ଦାୟର କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଏଠାରେ ପ୍ରକାଶ ଥାଉକି, ସରକାରଙ୍କୁ ଅଧିକ ରାଜସ୍ୱ ଦେଇ ଦେଶର ସବୁଠାରୁ ଅଧିକ ପ୍ରଦୂଷଣ ଖାଇ ବିଭିନ୍ନ ମାରାତ୍ମକ ରୋଗରେ ଜର୍ଜରିତ ତାଳଚେରବାସୀଙ୍କ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ କୋଇଲା ଖଣି ସାହାଯ୍ୟରେ ରାଜ୍ୟ ସରକାର ମେଡିକାଲ୍ କଲେଜ୍ ତିଆରି କଲେ । ଏହି କଲେଜରେ ଲୋକଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଅଭିଜ୍ଞ ଡାକ୍ତର, ଷ୍ଟାଫ୍ ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି କରାଗଲା । କିନ୍ତୁ ଦୁଃଖର ବିଷୟ ଅଭିଜ୍ଞ ଡାକ୍ତର ମାନଙ୍କୁ ଏଠାରୁ ଅନ୍ୟତ୍ର ସ୍ୱାସ୍ଥ୍ୟସେବା କାର୍ଯ୍ୟରେ ନିୟୋଜିତ କରାଗଲା । ଏହା ତାଳଚେରବାସୀଙ୍କ ପାଇଁ ଦୁଃଖ ଓ ପରିତାପର ବିଷୟ । ୬୫୩ ଜଣ ସ୍ୱାସ୍ଥ୍ୟ କର୍ମି ଓ ଷ୍ଟାଫ୍ ନର୍ସ ରାଜ୍ୟ ସରକାର ଏଜେନ୍ସି ମାଧମରେ ଏଠାରେ ନିଯୁକ୍ତି ଦେଲେ । କିନ୍ତୁ ବର୍ତମାନ ୬୫୩ ଜଣ ସ୍ୱାସ୍ଥ୍ୟ କର୍ମିଙ୍କ ମଧ୍ୟରୁ ୯୧ ଜଣ ଷ୍ଟାଫ ନର୍ସଙ୍କ ସାର୍ଟିଫିକେଟ୍ ଯାଞ୍ଚ କରିବାରୁ ୬୦ ଜଣ ଷ୍ଟାଫ ନର୍ସ ଜାଲ୍ ପ୍ରମାଣପତ୍ର ମାଧମରେ ନିଯୁକ୍ତି ପାଇ ଥିବାର ପ୍ରମାଣ ମିଳିଛି । ସମସ୍ତ ୬୫୩ ଜଣ ସ୍ୱାସ୍ଥ୍ୟ କର୍ମିଙ୍କ ସାର୍ଟିଫିକେଟ୍ ଯାଞ୍ଚ ହେଲେ ଆହୁରୀ ଅଧିକ ଜାଲ୍ ସାର୍ଟିଫିକେଟ୍‌ରେ ନିଯୁକ୍ତି ପାଇଥିବା ସନ୍ଦେହ କରାଯାଉଛି । କିଛି ମୁଷ୍ଟିମେୟ ନେତା ଓ କର୍ମଚାରୀ ଅର୍ଥ କାରବାର କରି ଏହି ଦୁର୍ନିତୀରେ ଲିପ୍ତ ରହି ରୋଗୀ ମାନଙ୍କ ଜୀବନ ସହିତ ଖେଳ ଖେଳିଥିବାରୁ ଏବଂ ଏଭଳି ରୋଗୀଙ୍କ ସହ ଯେଉଁ ବ୍ୟକ୍ତି ତଥା ବଡବଡିଆ ସାମିଲ୍ ଅଛନ୍ତି ତାଙ୍କ ବିରୁଧରେ ଫୌଜଦାରୀ ମାମଲା ରୁଜୁ କରାଯାଉ ।

# ସାମନ୍ତରା ଏକାଡେମୀର ସଫଳତା
# ନୌସେନାରେ ନିଯୁକ୍ତି ପାଇଁ ୨୮ ମନୋନୀତ

ବ୍ରହ୍ମପୁର,୭।୭(ନିପ୍ର) ଭାରତୀୟ ନୌସେନା ପାଇଁ ନିଯୁକ୍ତି ପରୀକ୍ଷା ସର୍ବ ଭାରତୀୟ ସ୍ତରରେ ସାମନ୍ତରାୟ ଏକାଡ଼େମୀର ୨୮ ଜଣ ଛାତ୍ରଛାତ୍ରୀ ସର୍ବଭାରତୀୟ ସ୍ତରରେ ନୌସେନାରେ ମନୋନୀତ ହୋଇଛନ୍ତି । ସଫଳ ଛାତ୍ରଛାତ୍ରୀମାନେ ନୌସେନା ଦ୍ୱାରା ଅନୁଷ୍ଠିତ ସର୍ବ ଭାରତୀୟ ପରୀକ୍ଷାରେ ଦୁଇ ଦୁଇଟି ଲିଖିତ ପରେ ଶାରିରୀକ ଦକ୍ଷତା ଓ ମେଡ଼ିକାଲ୍ ଟେଷ୍ଟ ଗୁଡ଼ିକ ସଫଳତାର ସହ ଉତୀର୍ଣ୍ଣ ହୋଇ ମେରିଟ୍‌ରେ ସ୍ଥାନ ପାଇଛନ୍ତି । ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଶେଷତଃ ଜଣେ ଝିଅଙ୍କ ସର୍ବ ଭାରତୀୟ ସ୍ତରରେ ସଫଳତା ଉଲ୍ଲେଖନୀୟ । ଏହି ପରୀକ୍ଷାରେ ଏକାଡ଼େମୀର ଏକ ସମ୍ବର୍ଦ୍ଧନା ସଭାରେ କୃତି ଛାତ୍ରଙ୍କ




ଅଭିଭାବକଙ୍କୁ ସମ୍ବର୍ଦ୍ଧନା କରିବା ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ଡ଼ାକ୍ତର ଲଳିତ ମୋହନ ସାମନ୍ତରାୟ ମନୋନୀତ ଛାତ୍ରଛାତ୍ରୀଙ୍କୁ ସଫଳତାର ସହ ପ୍ରଶିକ୍ଷଣ ସମ୍ପାଦନ କରି ପିତା ମାତା ଓ ଏକାଡ଼େମୀର ନାଁ ରଖିବାକୁ ପ୍ରେରଣା ଦେଇଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ ସମସ୍ତ ଅଭିଭାବକଙ୍କୁ ଧନ୍ୟବାଦ୍ ଜ୍ଞାପନ କରିବା ସହ ପ୍ରୟାସରତ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ କରି ସଫଳ ହେବାକୁ ଆହ୍ୱାନ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ଉପଦେଷ୍ଟା ଗୋକୁଳାନନ୍ଦ ତ୍ରିପାଠୀ ଛାତ୍ରଛାତ୍ରୀଙ୍କ ସଫତଳା କାମନା ସହ ଉତ୍ସାହିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ସଫଳ କରିଥିଲେ ।

# ରେଳମନ୍ତ୍ରୀଙ୍କୁ ରେଳପଥ ଉନ୍ନୟନ କମିଟିର ଦାବିପତ୍ର

ବ୍ରହ୍ମପୁର, ୭।୭(ନିପ୍ର): ଗଞ୍ଜାମ ଜିଲ୍ଲା ସହ ଦକ୍ଷିଣ ଓଡ଼ିଶାର ସାମଗ୍ରିକ ବିକାଶ ସହ ରେଳ ଭିତ୍ତିଭୂମି ଉନ୍ନତିକରଣ ଏବଂ ଯାତ୍ରୀଙ୍କ ପାଇଁ ଅନ୍ୟାନ୍ୟ ସୁବିଧାସୁଯୋଗ ସୃଷ୍ଟି ପାଇଁ ଦକ୍ଷିଣ ଓଡ଼ିଶା ରେଳପଥ ଉନ୍ନୟନ ମିଳିତ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଆଜି ବ୍ରହ୍ମପୁରଠାରେ ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ବ୍ରହ୍ମପୁରର ଆୟ ବାର୍ଷିକ ୧୦୦ କୋଟିରୁ ଅଧିକ ହୋଇଥିବାରୁ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପଗୁଡ଼ିକୁ ତୁରନ୍ତ ମଞ୍ଜୁରୀ ଓ କାର୍ଯ୍ୟକାରୀ କରିବାକୁ କମିଟି ଦାବି କରିଛି । ଗୋଳନ୍ଥରା କୋଚିଂ ଡ଼ିପୋର କାର୍ଯ୍ୟ ନିମନ୍ତେ ଆର୍ଥିକ ଅନୁଦାନ ବ୍ୟବସ୍ଥା, ୮୦ ମିଟର ପ୍ରଶସ୍ତ ରୁଫ୍ ପ୍ଲାଜା ନିର୍ମାଣ, ବ୍ରହ୍ମପୁରସମ୍ବଲପୁର (ରେଢ଼ାଖୋଲ), ଗୋପାଳପୁର-ରାୟଗଡ଼ା (ସିଙ୍ଗାପୁର) ରେଳପଥ ନିର୍ମାଣ, ରେଳ ୱାଗନ୍ କାରଖାନା ସ୍ଥାପନ ସହ ବ୍ରହ୍ମପୁର-ମୁମ୍ବାଇ, ବ୍ରହ୍ମପୁର-ଦିଲ୍ଲୀ, ବ୍ରହ୍ମପୁର-ଚେନ୍ନାଇ, ହାୱଡ଼ା, ବ୍ରହ୍ମପୁର-ଅଯୋଧ୍ୟା, ବ୍ରହ୍ମପୁର-ପୁରୀ ଟ୍ରେନ୍ ଚଳାଚଳ ଦାବି କରାଯାଇଛି । କ୍ରୀୟାନୁଷ୍ଠାନ କମିଟି ଆବାହକ ସରୋଜ ରଞ୍ଜନ ପଟ୍ଟନାୟକ ଓ ବିଭିନ୍ନ ଗଣ ସଙ୍ଗଠନର ସଦସ୍ୟ ଏହି ଦାବି ପ୍ରତି ଦୃଷ୍ଟି ଦେବାକୁ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଏହା ହସିତ୍ ବ୍ରହ୍ମପୁର-ଉଧନା ଦୈନିକ ଚଳାଚଳ ନିମନ୍ତେ ବହୁ ପ୍ରତିକ୍ଷିତ ଦାବି ପୂରଣ ସହ ବ୍ରହ୍ମପୁର ସେଷ୍ଟନର ପୁନର୍ବିନ୍ୟାସ ନିମନ୍ତେ ୩୨୨ କୋଟି ଆର୍ଥିକ ଅନୁଦାନ ପାଇଁ କମିଟି ପକ୍ଷରୁ ରେଳମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଦିଆଯାଇଥିଲା ।

# ରେଳ ଧାରଣାରୁ ମାଂସ ଭର୍ତ୍ତି ବ୍ୟାଗ ଜବତ

ବ୍ରହ୍ମପୁର:, ୭।୭(ନିପ୍ର) ଜେଲ୍ ରୋଡ୍ ନିକଟ ରେଳ ଧାରଣା କଡ଼ରୁ ଜଣେ ବ୍ୟକ୍ତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି । ଚଳନ୍ତା ଟ୍ରେନ୍‌ରୁ ଖସି ପଡ଼ିବାରୁ ସେ ଆହତ ହୋଇଥିବା କୁହାଯାଉଛି । ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏମ୍‌କେସିଜି ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି । ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟରୁ ମିଳିଥିବା ଏକ ବ୍ୟାଗ୍ ଭିତରୁ ମାଂସ ଜବତ ହୋଇଛି ।


## ଓରିଏଣ୍ଟ ପେପର୍ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍

CIN: L21011OR1936PLC000117
ପଞ୍ଜୀକୃତ କାର୍ଯ୍ୟାଳୟ : ୟୁନିଟ୍ ୮, ପ୍ଲଟ ନଂ ୭, ଭୋଇନଗର, ଭୁବନେଶ୍ୱର- ୭୫୧୦୧୨ (ଓଡ଼ିଶା)
ଫୋନ୍ : (୦୬୭୪) ୨୩୯୬୯୩୦.
ଇ-ମେଲ୍ : cosec@opil.in, ୱେବସାଇଟ୍ : www.orientpaper.in.

ଭିଡ଼ିଓ କନ୍‌ଫରେନ୍ସିଂ (ଭିସି)/ଅନ୍ୟାନ୍ୟ ଅଡ଼ିଓ ଭିଜୁଆଲ ମାଧ୍ୟମ (ଓଏଭିଏମ୍) ମାଧ୍ୟମରେ ହେବାକୁ ଥିବା ୯୦ ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ସମ୍ବନ୍ଧରେ ସୂଚନା

ପ୍ରିୟ ସଦସ୍ୟ(ମାନେ),

ଏତଦ୍‌ଦ୍ୱାରା ସୂଚନା ଦିଆଯାଉଛି ଯେ କମ୍ପାନୀର ସଦସ୍ୟମାନଙ୍କର ୯୦ ତମ ଏଜିଏମ୍ ଶୁକ୍ରବାର, ୩୧ ଜୁଲାଇ ୨୦୨୬ ଅପରାହ୍ନ ୨.୩୦ ଘଣ୍ଟାରେ ଭିସି/ଓଏଭିଏମ୍ ମାଧ୍ୟମରେ କମ୍ପାନୀଗୁଡ଼ିକର ଆଇନ, ୨୦୧୩ର ବିଧି ବ୍ୟବସ୍ଥା ଅନୁସାରେ, ଏବଂ ସେଥିରେ ଥିବା ରୁଲ୍‌ଗୁଡ଼ିକ ଅନୁଯାୟୀ, ଭାରତର ସିକ୍ୟୁରିଟିଜ୍ ଏବଂ ଏକ୍ସଚେଞ୍ଜ ବୋର୍ଡ (ଲିଷ୍ଟିଂ ଓବ୍ଲିଗେସନ୍ସ ଏବଂ ଡିସ୍‌କ୍ଲୋଜର ରିକ୍ୱାରମେଣ୍ଟସ୍) ରେଗୁଲେସନ୍ସ, ୨୦୧୫ ଏବଂ ଜେନେରାଲ୍ ସର୍କୁରାଲ ନଂ. ୦୩/୨୦୨୫, ତାରିଖ ୨୨ ସେପ୍ଟେମ୍ବର ୨୦୨୫, ଏହା ସହିତ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ଆନୁସଙ୍ଗିକ ସର୍କୁଲାରଗୁଡିକ ଏବଂ ସିକ୍ୟୁରିଟିଜ ଏବଂ ଏକ୍ସଚେଞ୍ଜ ବୋର୍ଡ ଅଫ ଇଣ୍ଡିଆ ପକ୍ଷରୁ ସମୟ ସମୟରେ ଜାରି କରାଯାଇଥିବା ସର୍କୁଲାରଗୁଡିକ ପାଠ କରାଯାଇ ଅନୁଷ୍ଠିତ ହେବ।

୯୦ ତମ ଏଜିଏମ୍‌ର ବିଜ୍ଞପ୍ତି ଏବଂ ଆର୍ଥିକ ବର୍ଷ ୨୦୨୫-୨୬ର ବାର୍ଷିକ ରିପୋର୍ଟ ସେହି ସମସ୍ତ ସଦସ୍ୟମାନଙ୍କ ନିକଟକୁ ପଠାଯିବ ଯେଉଁମାନଙ୍କର ଇମେଲ ଠିକଣା କମ୍ପାନୀ/ଡିପୋଜିଟୋରୀ ପାଟିସିପାଣ୍ଟସ୍(ମାନେ) ଙ୍କ ନିକଟରେ ପଞ୍ଜୀକୃତ ହୋଇଛି। ଏଜିଏମ୍‌ର ବିଜ୍ଞପ୍ତି ଏବଂ ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ ବାର୍ଷିକ ରିପୋର୍ଟ କମ୍ପାନୀର ୱେବସାଇଟ୍ www.orientpaper.in, ଷ୍ଟକ ଏକ୍ସଚେଞ୍ଜର ୱେବସାଇଟ୍ ଯଥା ବିଏସ୍‌ଇ ଲିମିଟେଡ୍ ଏବଂ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍‌ର ୱେବସାଇଟ୍ ଯଥାକ୍ରମେ www.bseindia.com ଏବଂ www.nseindia.com ଏବଂ ଏନ୍ଏସ୍‌ଡିଏଲ୍‌ର ୱେବସାଇଟ୍ www.evoting.nsdl.com ରେ ଉପଲବ୍ଧ। ଯେଉଁ ସଦସ୍ୟମାନେ ସେମାନଙ୍କ ଇ-ମେଲ୍ ଠିକଣା ପଞ୍ଜୀକୃତ କରାଇ ନାହାନ୍ତି ସେମାନେ ବାର୍ଷିକ ରିପୋର୍ଟ ପାଇବା ପାଇଁ ସେମାନଙ୍କ ପଞ୍ଜୀକୃତ ଠିକଣାରେ କମ୍ପାନୀ/ଦି ଡିପୋଜିଟୋରୀ ପାଟିସିପାଣ୍ଟସ୍(ମାନଙ୍କ) ରେକର୍ଡ ଅନୁଯାୟୀ ସଠିକ୍ ୱେବ୍ ଲିଙ୍କ ଥିବା ଏକ ପତ୍ର ପାଇବେ। ଅନୁରୋଧ କଲେ କମ୍ପାନୀ ଆର୍ଥିକ ବର୍ଷ ୨୦୨୫-୨୬ର ବାର୍ଷିକ ରିପୋର୍ଟର ଏକ ହାର୍ଡ କପି ପ୍ରଦାନ କରିପାରିବ ।

କମ୍ପାନୀ ଏଜିଏମ୍ ନିମନ୍ତେ ଭିସି/ଓଏଭିଏମ୍ ସୁବିଧା ଏବଂ ଇ-ଭୋଟିଂ ସୁବିଧା ପ୍ରଦାନ କରିବା ନିମନ୍ତେ ଏନ୍ଏସ୍‌ଡିଏଲ୍ ସହିତ ଏକ ଚୁକ୍ତି କରିଛି । ସଦସ୍ୟମାନେ ଅନ୍ତିମ ତାରିଖ ଅର୍ଥାତ୍ ୨୪ ଜୁଲାଇ ଶୁକ୍ରବାର ୨୦୨୬ ସୁଦ୍ଧା ଭିସି/ଓଏଭିଏମ ମାଧ୍ୟମରେ ଏଜିଏମରେ ଯୋଗ ଦେବା ପାଇଁ ନିମ୍ନଲିଖିତ ପ୍ରକ୍ରିୟାଗୁଡିକ ଯାହା ଏଜିଏମ ନୋଟିସରେ ଦିଆଯାଇଛି ସେଗୁଡିକ ଅନୁସରଣ କରିବେ । ଏଜିଏମ୍ ସମୟରେ ଇ-ଭୋଟିଂ ସୁବିଧା ଉପଲବ୍ଧ ହେବ ଏବଂ ଯେଉଁ ସଦସ୍ୟମାନେ ସେୟାରଗୁଡିକ ବାସ୍ତବ କିମ୍ବା ଡିମାଟ ଆକାରରେ ଧାରଣ କରିଥିବେ ଏବଂ ଏଜିଏମରେ ଯୋଗଦେଇଛନ୍ତି ଏବଂ ରିମୋର୍ଟ ଇ-ଭୋଟିଂ ମାଧ୍ୟମରେ ସେମାନଙ୍କର ଭୋଟ ପ୍ରଦାନ କରିନାହାନ୍ତି, ସେମାନେ ଏଜିଏମ୍‌ରେ ଭୋଟ ଦେବାପାଇଁ ସମର୍ଥ ହେବେ । ଯେଉଁ ସଦସ୍ୟମାନେ ସେୟାରଗୁଡିକ ଡିମାଟ ଏବଂ ବାସ୍ତବ ଆକାରରେ ଧାରଣ କରିଛନ୍ତି ଏବଂ ଯେଉଁମାନେ ସେମାନଙ୍କର ଇ-ମେଲ୍ ଠିକଣା ପଞ୍ଜୀକୃତ କରିନାହାଁନ୍ତି, ସେମାନଙ୍କ ନିମନ୍ତେ ରିମୋଟ ଇ-ଭୋଟିଂ ପ୍ରଣାଳୀ ବିଷୟରେ ଏଜିଏମ୍ ନୋଟିସ୍‌ରେ ସୂଚନା ଦିଆଯାଇଛି।

ଇ-ମେଲ୍ ଠିକଣା ପଞ୍ଜୀକରଣ/ଅପଡେଟ୍ କରିବା ନିମନ୍ତେ : (କ) ଯେଉଁ ସଦସ୍ୟମାନେ ସେୟାର (ଗୁଡିକ) ବାସ୍ତବ ଆକାରରେ ଧାରଣ କରିଛନ୍ତି, ସେମାନେ କେୱାଇସି ଫର୍ମ **ISR-1, ISR -2** ଏବଂ **SH -13** ( ଦୟା କରି ଫର୍ମ **KFIN** ୱେବସାଇଟ୍ : **https://ris.kfintech.com/clientservices/isc/isrforms.aspx**ରୁ ଡାଉନଲୋଡ କରନ୍ତୁ), ଏହା ସହିତ ଅନୁରୋଧପତ୍ରରେ ଫୋଲିଓ ନଂ ଉଲ୍ଲେଖ କରି ସ୍ୱପ୍ରମାଣିତ ପାନ୍, ଆଧାର, ପଞ୍ଜୀକୃତ ଠିକଣା/ବ୍ୟାଙ୍କ ବିବରଣୀ /ଇ-ମେଲ୍ ଏବଂ ସଦସ୍ୟଙ୍କ ମୋବାଇଲ ନଂ ଉଲ୍ଲେଖ ଥିବା ଡକ୍ୟୁମେଣ୍ଟସ୍ ଡାକ ଯୋଗେ କମ୍ପାନୀର ଆର୍‌ଟିଏଙ୍କ ନିକଟକୁ ପଠାଇବେ। ଏ ସମ୍ବନ୍ଧରେ ଯଦି କୌଣସି ପ୍ରଶ୍ନ ଥାଏ ତେବେ ଦୟା କରି ଶ୍ରୀ ଏସ୍ ବାଲାଜୀ ରେଡ୍ଡୀ,ସିନିୟର ମ୍ୟାନେଜର, କେଫିନ ଟେକ୍ନୋଲଜି ଲିମିଟେଡ୍ ('ଆର୍‌ଟିଏ') ଙ୍କୁ (ନିଃଶୁଳ୍କ ନଂ.) : ୧୮୦୦୩୦୯୪୦୦୧ କିମ୍ବା କମ୍ପାନୀକୁ ଇ-ମେଲ୍ ଠିକଣା cosec@opil.in ରେ ଯୋଗାଯୋଗ କରିବେ । (ଖ) ଯେଉଁ ସଦସ୍ୟମାନେ ସେୟାର(ଗୁଡିକ) ଇଲେକ୍ଟ୍ରୋନିକ ପ୍ରଣାଳୀରେ ଧାରଣ କରିଛନ୍ତି, ସେମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନଙ୍କର ଇ-ମେଲ୍ ଠିକଣା ସେମାନଙ୍କର ସମ୍ବନ୍ଧିତ ଡିପୋଜିଟୋରୀ ପାଟିସପାଣ୍ଟସ ("**DPs**")ଙ୍କ ନିକଟରେ ପଞ୍ଜୀକରଣ /ଅପଡେଟ୍ କରାଇନେବେ, ଯାହାଦ୍ୱାରା ସେମାନେ କମ୍ପାନୀଠାରୁ ସମସ୍ତ ସୂଚନା ଇଲେକ୍ଟ୍ରୋନିକ ମାଧ୍ୟମରେ ପାଇପାରିବେ ।

ସଦସ୍ୟମାନଙ୍କୁ ଏଜିଏମ୍‌ର ବିଜ୍ଞପ୍ତିରେ ନିର୍ଦ୍ଧାରିତ ସମସ୍ତ ସୂଚନାକୁ ଯତ୍ନର ସହ ପଢିବାକୁ, ବିଶେଷକରି ଏଜିଏମ୍‌ରେ ଯୋଗ ଦେବା ପାଇଁ ରହିଥିବା ନିର୍ଦ୍ଦେଶାବଳୀ, ରିମୋଟ୍ ଇ-ଭୋଟିଂ ଜରିଆରେ କିମ୍ବା ଏଜିଏମ୍‌ରେ ଭୋଟ୍ ଦେବା ସମୟରେ ଭୋଟ୍ ଦେବାର ପ୍ରଣାଳୀ ପଢିବାକୁ ଅନୁରୋଧ କରାଯାଉଛି।

ଓରିଏଣ୍ଟ ପେପର୍ ଏବଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ନିମନ୍ତେ
ସ୍ୱା-
ଆର୍ .ପି .ଦତ୍ତ
କମ୍ପାନୀ ସେକ୍ରେଟାରୀ

କୋଲକାତା, ୦୭ ଜୁଲାଇ, ୨୦୨୬


# ବାଳିକା ବିଦ୍ୟାଳୟରେ ବନ ମହୋତ୍ସବ

ବ୍ରହ୍ମପୁର, ୭।୭(ନିପ୍ର) ସ୍ଥାନୀୟ ଗୋସାଇଁନୂଆଗାଁ ବାଳିକା ବିଦ୍ୟାଳୟ ପରିସରରେ ବୃକ୍ଷ ପ୍ରେମୀ ସୁବାଷ ଚନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଅନୀଲ୍ କୁମାର ସାହୁ, ଧୀରଜ ସାବତ, ମୁକୁନ୍ଦ ଗୌଡ଼, ବିଟୁ ଦଳେଇ, ଶଙ୍କର ବେହେରା, ପ୍ରଫେସର ଅମୂଲ୍ୟ ତ୍ରିପାଠୀ, ସୀମାଞ୍ଚଳ ବେହେରା, ପଙ୍କଜ ସାବତ, କୈଳାଶ ପଟ୍ଟନାୟକ, ରଷିକେଶ, ମନୋଜ ରାଉଳ, ଜେ. ରାମା ରାଓ, ପ୍ରଭାକର ମହାନ୍ତି, ଅରୁଣ ମିଶ୍ର, ଜିତେନ୍ଦ୍ର ପଟ୍ଟନାୟକ, ନାଗେଶ୍ୱର ରାଓ ଦୋରା, ଏନ୍. ରାମ ପ୍ରସାଦ ରାଓ ଏବଂ ସମସ୍ତ ସ୍କୁଲର ଶିକ୍ଷୟିତ୍ରୀ, ଛାତ୍ରୀ ସମେତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ।


**ଦ. ପ୍ର ରେଳପଥ - ଟେଣ୍ଡର**

**ଇ-ଟେଣ୍ଡର ନୋଟିସ୍ ନଂ. ଏବଂ ଅପଲୋଡିଂ ତାରିଖ: E-DY-WW-Canteen-2026, Date 04.07.2026.** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ଡେପୁଟୀ ଚିଫ୍ ମେକାନିକାଲ ଇଂଜିନିୟର (ୱାଗନ)/ ଖଡଗପୁର ୱାର୍କସପ୍, ଦକ୍ଷିଣ ପୂର୍ବ ରେଳପଥ,ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖିତ ତାରିଖର ପୂର୍ବାହ୍ନ ୧୧.୦୦ଘଣ୍ଟା ପୂର୍ବରୁ ଖୋଲା ଇ-ଟେଣ୍ଡର (ସର୍ଭିସ୍ କଣ୍ଟ୍ରାକ୍ଟ) ଆହ୍ୱାନ କରୁଛନ୍ତି ଏବଂ ଏହା ପୂର୍ବାହ୍ନ ୧୧.୦୦ ଘଣ୍ଟାରେ ଖୋଲିବ। **କାର୍ଯ୍ୟର ନାମ:** ଦକ୍ଷିଣ ପୂର୍ବ ରେଳପଥ, ଖଡଗପୁରର ଡବ୍ଲ୍ୟୁଆର୍‌ଏସ୍ କ୍ୟାଣ୍ଟିନରେ ବାସନକୁସନ, ଉପକରଣ ଏବଂ ବିଭିନ୍ନ ଆନୁଷଙ୍ଗିକ ସରଞ୍ଜାମ ପରିଷ୍କାର କରିବା ସହିତ ରୋଷେଇ କରିବା, ପରଷିବା/ମିଲ୍, ଟିଫିନ୍ ଏବଂ ସ୍ନାକ୍ସ ବିକ୍ରୀ କରିବା। **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ଟ. ୭୫,୦୬,୮୦୨.୨୦ ଜିଏସ୍‌ଟି **@18%.** ସହିତ, **ଅମାନତ ରାଶି:** ଟ.୧,୫୦,୧୦୦/-. **ଇ-ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ୨୭.୦୭.୨୦୨୬ ର ପୂର୍ବାହ୍ନ ୧୧.୦୦ ଘଣ୍ଟା। ୱେବସାଇଟ ତଥ୍ୟ ଓ ବିବରଣୀ: www.ireps.gov.in. ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ www.ireps.gov.in. ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନ୍‌ଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ।

PR-432


# ଡିଏଭି ସ୍କୁଲରେ ବନ ମହୋତ୍ସବ



ବ୍ରହ୍ମପୁର. ୭।୭(ନିପ୍ର) ସ୍ଥାନୀୟ ଗୋସାଇଁନୂଆଗାଁ ଗ୍ରାମ ଡ଼ିଏଭି ପବ୍ଲିକ୍ ସ୍କୁଲରେ ଏକ ସପ୍ତାହ ବ୍ୟାପୀ ଆୟୋଜିତ ବନ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷା ଧାରାଶ୍ରୀ ପାଢ଼ୀଙ୍କ ଅଧକ୍ଷତାରେ ଏକ ସପ୍ତାହ ବ୍ୟାପି ବୃକ୍ଷ ରୋପଣ ସହ ପରିବେଶର ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଚାରା ପ୍ରଦାନ କରାଯିବା ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା । ଉଦ୍‌ଯାପନ ସମାରୋହରେ ସମସ୍ତଙ୍କୁ ଅଧକ୍ଷା ଶ୍ରୀ ପାଢ଼ୀ ବନ ମହୋତ୍ସବର ଉଦ୍ଦେଶ୍ୟ ନେଇ ନିଜର ମତ ଉପସ୍ଥାପନ କରିଥିଲେ । ଏହି ଉଦ୍‌ଯାପନ କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତଥିଲେ । ମୁଖ୍ୟ ଅତିଥି ରୂପେ ବନାଞ୍ଚଳ ବିଭାଗର ଆସିଷ୍ଟାଣ୍ଟ କଞ୍ଜରଭେଟର ସସ୍ମିତା ବିଶ୍ୱାଳ, ସମ୍ମାନୀତ ଅତିଥବ ଭାବେ ଇକୋ କ୍ଲବ୍‌ର ସଂଯୋଜକ ଡ଼. ଶଙ୍କର ନାରାୟଣ ବେଜ୍ ପ୍ରମୁଖ ଯୋଗ ଦେଇ ଇଥିଲେ ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପଦରେ ୬୦ ପ୍ରାର୍ଥୀ

ବ୍ରହ୍ମପୁର,୭।୭(ନିପ୍ର): ବିଶ୍ୱବିଦ୍ୟାଳୟରେ ଗତ ମଇ ମାସରୁ ଖାଲି ପଡ଼ିଥିବା କୁଳପତି ନିଯୁକ୍ତି ନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଛି । ଗତ ଏପ୍ରିଲ୍ ୨୨ ତାରିଖରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ନୂତନ କୁଳପତି ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପଦ ନିମନ୍ତେ ୭୪ ଜଣ ଆବେଦନ କରିଥିଲେ । ଇତି ମଧ୍ୟରେ ସମସ୍ତ ଆବେଦନ ଯାଞ୍ଚ୍ କରାଯାଇ ୧୪ ଆବେଦନକୁ ବାଦ ଦିଆଯାଇଥିଲା । ଭୁବନେଶ୍ୱରରେ ଅବଶିଷ୍ଟ ୬୦ ଜଣଙ୍କ ମଧ୍ୟରୁ ସଟଲିଷ୍ଟ ପ୍ରସ୍ତୁତି ପାଇଁ ବୈଠକ ବସିବ ବୋଲି ନିଷ୍ପତ୍ତି ନିଆଯାଇଛି । ସଟ୍‌ଲିଷ୍ଟ ପରେ ଉପଯୁକ୍ତ ପ୍ରାର୍ଥୀଙ୍କୁ ସାକ୍ଷାତାକାର ନିମନ୍ତେ ଡ଼କାଯିବ । କୁଳପତି ଦୌଡ଼ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ରହିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଖଲ୍ଲିକୋଟ ଜୁନିୟର କଲେଜର ଡ଼. ସନ୍ଧ୍ୟାରାଣୀ ପଟ୍ଟନାୟକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପୂର୍ବତନ ପ୍ରଫେସର ତଥା ଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ପ୍ରଫେସର ଦେବୀ ପ୍ରସାଦ ମିଶ୍ର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ତଥା ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି, ହାଇଦ୍ରାବାଦ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଶିବ କୁମାର ଉଦଗାତା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରଫେସର ସଦାନନ୍ଦ ନାୟକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ସତ୍ୟ ନାରାୟଣ ପାଠୀ, ପୂର୍ବତନ ପ୍ରଫେସର ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଧାକର ପାତ୍ର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନର ପ୍ରଫେସର ତଥା ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ରହିଛନ୍ତି । ବର୍ତ୍ତମାନ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅସୀମା ସାହୁ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅତିରିକ୍ତ କୁଳପତି ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି ।


## CUTTACK MUNICIPAL CORPORATION

**"e" PROCUREMENT NOTICE**
**Tender ID : 2026_ORULB_133648**
**Bid Referrence No MC (KMC) KTC_DIV-II- No 06/2026-27**
**Tender Call Notice No. 7040 (PW) Date. 07.07.2026**

Name of Works : Civil Works
No of Works : 02 Nos
Bid Value : Rs. 6.27 Lakh to Rs 8.69
Date of completion : One Calendar Month to Three Calendar Months

**Date and Time schedule :**

| Start | End | Opening |
|---|---|---|
| 3.00 PM on dt. 08.07.2026 | 5.00 PM on dt.18.07.2026 | 11.00 A.M. on dt.22.07.2026 |

**Tender Details : can be seen from the procurement portal : www.tendersorissa.gov.in**

sd/-
Executive Engineer,
City Division-I

Caption No: 13001/1105/2627



Mail I.D- ee_nimapara@yahoo,co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, NIMAPARA**

No :- Tender Online-Divn.NPR-07 12026-27 Date:- 24.06.2026

**e - Procuremen NOTICE**

1. Name of the work : Road Works for the year 2026-27.
2.TotalNo. of Projects : 10 (Ten) nos ofprojects.
3. Estimated cost of projects : Varies from Rs.5.08 lakh to Rs. 18.64 lakh
**4.Class of contractor**
A) E,stimated Cost ibove Rs 20.00lakhs and upto Rs. 300.00Lakhs. "B" Class (of Odisha PWD) or relevant Class of other licensing authorities.
B) Estimated Cost Inore than Rs 20.00laks and Lrpto Rs. ,10.00Lakhs. "C" Class & 668" Class (of Odisha PWD) or relevant Class of other licensing authorities.
C) Estirnated Cost upto Rs. 20.00Lakhs IVlocle of Submission of tender "D" Class & *C' Class (of Odisha PWD) or relevant Class of other licensing authorities.
5. Modd of submission of tender : Tender should be submitted online only in website www.tendersorissa. gov. in
6. Period of Completion : As per TCN
7. Other details.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nimapara. | Tender On-line-Divn. NPR-07/2026-27 | 09.07.06.2026 at 11.00 A.M. | 17.07.2026 up to 5.00 P.M | 17.07.2026 up to 11.00 P.M | 18.07.2026 at 11.00 A.M. Office of the S.E. R.W. Division, Nimapara. |

Further details can be seen from thewebsite www.tendersorissa.gov.in

Sd/-
Superintending Engineer,
Rural Works Division, Nimapara

Caption No : 25001/676/2627



**GOVERNMENT OF ODISHA**
**OFFICE OF THE SUPERINTENDINGENGINEER**
**RURAL WORKS DIVISION: GUNUPUR**

**Lr.No.3117/Dated.23.06.2026 e-mail id: eerwgunupur@gmail.com**
**GEPNIC e-Procurement Notice**
**(Bid Identification No.-SERWGNP-Online-06/2026-27)**

1 Name of the Work : Building Works
2 Total No. of Works : 06Nos (Percentage rate tender)
3 Estimated Cost : As mentioned in Col. 3 of TCN Annexure
4 Class of Contractor : As mentioned in Col. 5 of TCN Annexure
5 Period of Completion : As mentioned in Col. 4 of TCN Annexure
6 EMD : As mentioned in Col. 6 of TCN Annexure
7 Paper Cost : As mentioned in Col. 7 of TCN Annexure
8 Other details:

| Procurement Officer | Bid Identification No. | Availability of Tender online for Bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Gunupur | SERWGNP-Online-06/2026-27 | 10.07.2026 at 11.00 A.M. | 22.07.2026 up to 5.00 P.M. | 23.07.2026 at 11.00 A.M |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Other details can be seen in the bidding documents, which is available in website www.tendersodisha.gov.in Any subsequent addendum or corrigendum will be made available in the above website.

Sd/-
Superintending Engineer,
Rural Works Division, Gunpur

Caption No : 25001/666/2627


# ଓଡ଼ିଆରେ ନିମନ୍ତ୍ରଣ ପତ୍ର ଛାପି ସମ୍ବର୍ଦ୍ଧିତ

ବ୍ରହ୍ମପୁର, ୭।୭(ନିପ୍ର): ସ୍ଥାନୀୟ ଆସିକାରୋଡ୍‌ସ୍ଥିତ ତୁଳସୀ ନଗର ତୃତୀୟ ଲାଇନ୍ ନିବାସୀ ପ୍ରମୋଦ କୁମାର ସାହୁଙ୍କ ନାତି ରିଷି କୁମାରଙ୍କ ବ୍ରତୋପନୟନ ଉତ୍ସବ କାର୍ଯ୍ୟକ୍ରମ ସକାଶେ ଓଡ଼ିଆ ଭାଷାରେ ନିମନ୍ତ୍ରଣ ପତ୍ର ଛପାଇଥିଲେ । ଏହି ନିମନ୍ତ୍ରଣ ପତ୍ର ବନ୍ଧୁବାନ୍ଧବ ଏବଂ ସାଙ୍ଗସାଥୀଙ୍କୁ ବଣ୍ଟନ କରିଥିଲେ । ଏହି ଖବର ପାଇବା ପରେ ଓଡ଼ିଆ ଭାଷା ଆନ୍ଦୋଳନ ପକ୍ଷରୁ ସମ୍ପୃକ୍ତ ସଦସ୍ୟଙ୍କ ନିକଟରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ସଙ୍ଗଠନର ପ୍ରତିଷ୍ଠାତା ସଭାପତି ତ୍ରିନାଥ ମହାରଣାଙ୍କ ନେତୃତ୍ୱରେ ଭୋଜି ସ୍ଥଳରେ ପହଞ୍ଚି ବହୁ ନିମନ୍ତ୍ରିତଙ୍କ ଗହଣରେ ଓଡ଼ିଆ ଭାଷା ଆନ୍ଦୋଳନ ରିଷି କୁମାରର ଜେଜେ ବାପା ପ୍ରମୋଦ କୁମାର ସାହୁ,




ଜେଜେମା ପ୍ରଭାସିନୀ ସାହୁଙ୍କୁ ଉପଢ଼ୌକନ ଓ ଫୁଲତୋଡ଼ା ପ୍ରଦାନ କରି ସମ୍ବର୍ଦ୍ଧନା ଏବଂ ନବବ୍ରହ୍ମଚାରିଙ୍କୁ ଫୁଲତୋଡ଼ା ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ମୋହନ ଚରଣ ସ୍ୱାଇଁ, ଲିଙ୍ଗରାଜ ମହାପାତ୍ର, ସୀମାଞ୍ଚଳ ପତି, ପଙ୍କଜ କୁମାର ନାୟକ ସମେତ ଅନ୍ୟ ସଦସ୍ୟ ଉପସ୍ଥିତଥିଲେ । ଓଡ଼ିଆ ଭାଷା ଆନ୍ଦୋଳନର ସଭାପତି ଶ୍ରୀ ମହାରଣା ସମସ୍ତଙ୍କୁ ଅନୁରୋଧ କଲେ ସବୁ ଭାଷାକୁ ଭଲ ପାଅ କିନ୍ତୁ ନିଜ ମାତୃଭାଷାକୁ ସମୃଦ୍ଧ କରିବା ଏବଂ ନିଜ ପିଲାଙ୍କୁ ପାପା, ମମି, ଆଣ୍ଟି, ଅଙ୍କଲ ବଦଳରେ ବାପା, ମାଆ, ମାଉସୀ, ମଉସା ପରିବାରରେ ପିଲାଙ୍କୁ ଶିକ୍ଷା ଦେଇ ପବିତ୍ର ଡ଼ାକକୁ ସୁରକ୍ଷିତ କରନ୍ତୁ । ଏହି ଅବସରରେ ଶ୍ରୀ ମହାରଣା ଅନୁରୋଧ କରିଥିଲେ ଜନସାଧାରଣ ନିଜର ମାଙ୍ଗଳିକ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷାରେ ନିମନ୍ତ୍ରଣ ପତ୍ର ଛପାଇବା ଓ ବେନେର ଲଗାନ୍ତୁ ଏବଂ ନିଜ ବାସଗୃହରେ ଓଡ଼ିଆରେ ନାମଫଳକ ଲେଖନ୍ତୁ ।

ପ୍ରଥମ ପୃଷ୍ଠାରୁ..

## ସିରିଆରେ ଫ୍ରାନ୍ସ ରାଷ୍ଟ୍ରପତି ...

ସିରିଏଲ ବିସ୍ଫୋରଣରେ ପୋଲିସ କର୍ମଚାରୀଙ୍କ ସହ ୧୮ ଜଣ ଆହତ ହୋଇଥିବା ସୂଚନା ରହିଛି। ମାକ୍ରନ ମଧ୍ୟ ସିରିଆର ରାଷ୍ଟ୍ରପତି ଅହମଦ ଅଲ୍-ଶାରାଙ୍କୁ ସାକ୍ଷାତ କରିଛନ୍ତି। ମାକ୍ରନ ମଧ୍ୟ ସିଭିଲ ସୋସାଇଟି ଗୋଷ୍ଠୀଙ୍କ ସହ ବୈଠକ କରିଛନ୍ତି।

## ଫିଟ୍‌ନେସ ନିୟମ ...

ଫିଟନେସ, ବୀମା, ପର୍ମିଟ ନଥିଲେ ଗାଡ଼ି ଜବତ ହେବ। ଅଭ୍ୟାସଗତ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ ଏସ୍‌ଟିଏଫ୍ କଠୋର ହୋଇଛି। ଯେଉଁ ଅଧିକାରୀ ଯାଞ୍ଚ ନିୟମ ପାଳନ କରିବେନାହିଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ମାଓଡ଼ମ୍ପରୁ ବିପୁଳ ...

ନୂଆପଡ଼ା ଜିଲ୍ଲା ପୋଲିସ ମୁଖ୍ୟାଳୟର ସୂଚନା ଅନୁଯାୟୀ, ମିଳିତ ସୁରକ୍ଷା ବାହିନୀ ପକ୍ଷରୁ ଏହି ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରହିଥିଲା। ଅପରେସନ ବେଳେ ଠାବ ହୋଇଥିଲା ମାଓଡମ୍ପ। ଏହି ମାଓଡ଼ମ୍ପରେ ୨ଟି ଦେଶୀ ବନ୍ଧୁକ, ହାତତିଆରି କାର୍ବାଇନ୍ ଓ ମାଗାଜିନ୍, ୨୯ଟି ଅଫୁଟା ଏକେ୪୭ ଗୁଳି, ଏସ୍‌ଏଲ୍‌ଆର୍ ୫୪ଟି ଅଫୁଟା ଗୁଳି, ଦୁଇଟି ଟିଫିନ୍ ଆଇଇଡ଼ି, ୮ଟି ଜିଲାଟିନ୍ ଷ୍ଟିକ୍, ଗୋଟିଏ ମଲ୍ଟି ମିଟର, ଗୋଟିଏ ୧୨ଭୋଲ୍ଟ ବ୍ୟାଟେରୀ, ୧.୫ କିଲୋଗ୍ରାମ ଗନ୍‌ପାଉଡ଼ର, ୟୁରିଆ, ସୌରଶକ୍ତି ସଂଗ୍ରହ ପ୍ଲେଟ୍, କୋଡ଼େକ୍ସ ତାର, ଲୁହାଗୁଳି ୧ କିଗ୍ରା, ମାଓବାଦୀ ପୋଷାକ, ଜୋତା, ରନ୍ଧା ବାସନ କୁସନ, ଔଷଧ କିଟ୍ ଆଦି ରହିଥିଲା।

## ହଟିବେ ଦଲାଲ...

ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଏଣିକି ଜମି ପଞ୍ଜୀକରଣ ପାଇଁ ଆଉ ବାରମ୍ବାର ରେଜିଷ୍ଟ୍ରେସନ ଅଫିସକୁ ଦୌଡ଼ିବାକୁ ପଡ଼ିବନି। କେବଳ ଜମିମାଲିକଙ୍କୁ ଚିହ୍ନଟ ପାଇଁ ଅଫିସ ଯିବାକୁ ହେବ। ରେଜିଷ୍ଟ୍ରେସନ ପରେ ଦଲିଲ ମଧ୍ୟ ଅନ୍‌ଲାଇନରେ ମିଳିବ। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ଖୁବଶୀଘ୍ର ଜାରି ହେବ ଏସ୍‌ଓପି। ରାଜସ୍ୱ ଅଧିକାରୀଙ୍କୁ ମଧ୍ୟ ସ୍ୱତନ୍ତ୍ର ଟ୍ରେନିଂ ଦିଆଯିବ।

## କେରଳରେ ଭୂସ୍ଖଳନ...

ସେଠାରେ ଥିବା ଏକ ଟ୍ରଲରକୁ ଘୋଷାଡ଼ି ନେଇଥିଲା। ୨୪ ଘଣ୍ଟାରେ ସେହି ଅଞ୍ଚଳରେ ହୋଇଥିଲା ୨୬୫ ମିମି ବର୍ଷା। ଏହି ପ୍ରବଳ ବର୍ଷା ହିଁ ଭୂସ୍ଖଳନର କାରଣ। ଭୂସ୍ଖଳନ ପରେ ନିକଟସ୍ଥ ଆବାସିକ ଘର ଓ ହୋମ୍‌ଷ୍ଟେଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଛି। କେତେକ ଗାଡ଼ି ମଧ୍ୟ ମାଟି ଓ କାଦୁଅରେ ଦବି ରହିଛି। ମାଟି କାଦୁଅ ଭିତରୁ ୫ ଜଣ ଆହତଙ୍କୁ ଉଦ୍ଧାରକାରୀ ଟିମ୍ ଉଦ୍ଧାର କରିଛନ୍ତି।


## ସର୍ବସାଧାରଣ ବିଜ୍ଞପ୍ତି

(ଇନ୍‌ସଲ୍‌ଭେନସୀ ଆଣ୍ଡ ବ୍ୟାଙ୍କରପ୍ଟସୀ କୋର୍ଡ ୨୦୧୬ର ଧାରା ୧୦୨ (୧) ଅନ୍ତର୍ଗତ)
ଋଣଗ୍ରହୀତା ସୁଚିତ୍ରା ଦାସଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ

| ଗୁରୁତ୍ୱପୂର୍ଣ୍ଣ ବିବରଣୀ | | |
|---|---|---|
| ୧. | ବ୍ୟକ୍ତିଗତ ଗ୍ୟାରେଣ୍ଟିଦାତା(ପିଜି)ଙ୍କ ନାମ | ଶ୍ରୀମତୀ ସୁଚିତ୍ରା ଦାସ |
| ୨. | ବ୍ୟକ୍ତିଗତ ଗ୍ୟାରେଣ୍ଟିଦାତାଙ୍କ ପଞ୍ଜିକୃତ କାର୍ଯ୍ୟାଳୟ / ମୁଖ୍ୟ କାର୍ଯ୍ୟାଳୟ/ବାସସ୍ଥାନ ଠିକଣା | କ୍ୱାର୍ଟର ନଂ.: ଏନ୍/୧/୪୧, ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୫ |
| ୩. | ବିଚାରକ କର୍ତ୍ତୃପକ୍ଷଙ୍କ ଆଦେଶର ବିବରଣୀ | IBC, 2016ର ଧାରା 100 ଅନ୍ତର୍ଗତ C.P. (IB) No.17/CB/2024 ରେ NCLT, କଟକ ବେଞ୍ଚ ଦ୍ୱାରା ୦୨.୦୭.୨୦୨୬ ତାରିଖରେ ପାସ୍ କରାଯାଇଥିବା ଆଦେଶ |
| ୪. | ଇନସଲଭେନସୀ ରିଜୋଲ୍ୟୁସନ ପ୍ରକ୍ରିୟାର ଆରମ୍ଭ ତାରିଖ | ୦୨.୦୭.୨୦୨୬ |
| ୫. | ରିଜୋଲ୍ୟୁସନ ପ୍ରଫେସନାଲଙ୍କ ନାମ ଏବଂ ପଞ୍ଜିକୃତ ନଂ | ନାମ: ସୁରେଶ ଚନ୍ଦ୍ର ପଟ୍ଟନାୟକ IBBI Registration No.: IBBI/IPA-002/IP-N00759/2018-19/12384 |
| ୬. | ବୋର୍ଡ ପଞ୍ଜିକରଣ ଅନୁଯାୟୀ ରିଜୋଲ୍ୟୁସନ ପ୍ରଫେସନାଲଙ୍କ ଠିକଣା ଏବଂ ଇ-ମେଲ | ସୁରେଶ ଚନ୍ଦ୍ର ପଟ୍ଟନାୟକ ଜିକେଭି-୩୮, ଗତି କୃଷ୍ଣ ଭିଲ୍ଲା, ଟଙ୍କପାଣୀ ରୋଡ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୧୦୧୮ ଇମେଲ ଆଇଡି-suresh_pattanayak@yahoo.co.in |
| ୭. | ରିଜୋଲ୍ୟୁସନ୍ ପ୍ରଫେସନାଲଙ୍କ ସହିତ ଯୋଗାଯୋଗ ପାଇଁ ବ୍ୟବହାର କରିବାକୁ ଥିବା ଠିକଣା ଏବଂ ଇ-ମେଲ | ସୁରେଶ ଚନ୍ଦ୍ର ପଟ୍ଟନାୟକ ୩୪୧, ତଳ ମହଲା, ବିଜେବି ନଗର, ଭୁବନେଶ୍ୱର, ଜିଲ୍ଲା:ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୧୪ ପ୍ରୋସେସ୍ ଇମେଲ ଆଇଡି-swarnapgrp@gmail.com |
| ୮. | ଦାବୀ ଦାଖଲ କରିବାର ଅନ୍ତିମ ତାରିଖ | ୨୩.୦୭.୨୦୨୬ |
| ୯. | ଗୁରୁତ୍ୱପୂର୍ଣ୍ଣ ଫର୍ମ ଯେଉଁଠାରେ ଉପଲବ୍ଧ: | କ) ଇନସଲଭେନସୀ ଆଣ୍ଡ ବ୍ୟାଙ୍କରପ୍ଟସୀ ବୋର୍ଡ ଅଫ୍ ଇଣ୍ଡିଆ (କର୍ପୋରେଟ ଋଣଗ୍ରହୀତାଙ୍କ ବ୍ୟକ୍ତିଗତ ଗ୍ୟାରେଣ୍ଟିଦାତାଙ୍କ ପାଇଁ ଇନସଲଭେନସୀ ରିଜୋଲ୍ୟୁସନ ପ୍ରକ୍ରିୟା) ନିୟମାବଳୀ ୨୦୧୯ର ନିୟମାବଳୀ ୭(୧)ର ଫର୍ମ ବି ଖ) ୱେବ୍ ଲିଙ୍କ: **https://ibbi.gov.in/home/downloads** |

ଏତଦ୍‌ଦ୍ୱାରା ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛିକି, ଧାରା ୧୦୦ ଅର୍ନ୍ତଗତ ବିଚାରକ କର୍ତ୍ତୃପକ୍ଷ ଏନ୍‌ସିଏଲ୍‌ଟି, କଟକ **ଶ୍ରୀମତୀ ସୁଚିତ୍ରା ଦାସଙ୍କ** ଇନସଲଭେନସୀ ରିଜୋଲ୍ୟୁସନ୍ ପ୍ରକ୍ରିୟା ତା. ୦୨ ଜୁଲାଇ ୨୦୨୬ରିଖରେ ଆରମ୍ଭ କରିବାକୁ ଆଦେଶ ଦେଇଛନ୍ତି।
ଉପରୋକ୍ତ ବ୍ୟକ୍ତିଗତ ଗ୍ୟାରେଣ୍ଟିଦାତାଙ୍କ କ୍ରେଡିଟରମାନଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଅଛି ଏଣ୍ଟ୍ରି ନଂ. ୭ ଅଧିନରେ ଉଲ୍ଲେଖ କରାଯାଇଥିବା ଠିକଣାରେ ରିଜୋଲ୍ୟୁସନ୍ ପ୍ରଫେସନାଲଙ୍କ ନିକଟରେ **ତା.୨୩.୦୭.୨୦୨୬ରିଖ** କିମ୍ବା ପୂର୍ବରୁ ପ୍ରମାଣ ସହିତ ସେମାନଙ୍କର ଦାବୀ ଦାଖଲ କରନ୍ତୁ। କ୍ରେଡିଟରମାନେ ସେମାନଙ୍କର ଦାବୀ ପ୍ରମାଣ ସହିତ ଇଲେକ୍ଟ୍ରୋନିକ କିମ୍ବା ଡାକ / କୋରିୟର୍ ମାଧ୍ୟମରେ ଦାଖଲ କରିବେ ।
ଦାବୀର ମିଥ୍ୟା କିମ୍ବା ବିଭ୍ରାନ୍ତିକର ପ୍ରମାଣ ଦାଖଲ ଦଣ୍ଡନୀୟ।

**ସ୍ୱା/- ସୁରେଶ ଚନ୍ଦ୍ର ପଟ୍ଟନାୟକ**
**ରିଜୋଲ୍ୟୁସନ ପ୍ରଫେସନାଲ**
**ପଞ୍ଜିକୃତ ନଂ.: IBBI/IPA-002/IP-N00759/2018-19/12384**
**ଏଏଫ୍ଏ ନଂ.: AA2/12384/02/311226/204005 ବୈଧତା- ୩୧.୧୨.୨୦୨୬ ପର୍ଯ୍ୟନ୍ତ**
**ଠିକଣା- ଜିକେଭି-୩୮, ଗତି କୃଷ୍ଣ ଭିଲ୍ଲା, ଟଙ୍କପାଣୀ ରୋଡ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୧୦୧୮**
**ଯୋଗାଯୋଗ ନଂ.: ୯୮୬୧୦୧୯୫୫୪/୭୮୯୪୪୧୨୦୯୪,**
**ଇମେଲ ଆଇଡି-suresh_pattanayak@yahoo.co.in**

ତାରିଖ: ୦୮.୦୭.୨୦୨୬
ସ୍ଥାନ: ଭୁବନେଶ୍ୱର



## ସର୍ବସାଧାରଣ ବିଜ୍ଞପ୍ତି

(ଇନ୍‌ସଲ୍‌ଭେନସୀ ଆଣ୍ଡ ବ୍ୟାଙ୍କରପ୍ଟସୀ କୋର୍ଡ ୨୦୧୬ର ଧାରା ୧୦୨ (୧) ଅନ୍ତର୍ଗତ)
ଋଣଗ୍ରହୀତା ଡଃ. ଚିତ୍ତରଞ୍ଜନ ଦାସଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ

| ଗୁରୁତ୍ୱପୂର୍ଣ୍ଣ ବିବରଣୀ | | |
|---|---|---|
| ୧. | ବ୍ୟକ୍ତିଗତ ଗ୍ୟାରେଣ୍ଟିଦାତା(ପିଜି)ଙ୍କ ନାମ | ଡଃ. ଚିତ୍ତରଞ୍ଜନ ଦାସ |
| ୨. | ବ୍ୟକ୍ତିଗତ ଗ୍ୟାରେଣ୍ଟିଦାତାଙ୍କ ପଞ୍ଜିକୃତ କାର୍ଯ୍ୟାଳୟ / ମୁଖ୍ୟ କାର୍ଯ୍ୟାଳୟ/ବାସସ୍ଥାନ ଠିକଣା | କ୍ୱାର୍ଟର ନଂ.: ଏନ୍/୧/୪୧, ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୫ |
| ୩. | ବିଚାରକ କର୍ତ୍ତୃପକ୍ଷଙ୍କ ଆଦେଶର ବିବରଣୀ | IBC, 2016ର ଧାରା 100 ଅନ୍ତର୍ଗତ C.P. (IB) No.16/CB/2024 ରେ NCLT, କଟକ ବେଞ୍ଚ ଦ୍ୱାରା ୦୨.୦୭.୨୦୨୬ ତାରିଖରେ ପାସ୍ କରାଯାଇଥିବା ଆଦେଶ |
| ୪. | ଇନସଲଭେନସୀ ରିଜୋଲ୍ୟୁସନ ପ୍ରକ୍ରିୟାର ଆରମ୍ଭ ତାରିଖ | ୦୨.୦୭.୨୦୨୬ |
| ୫. | ରିଜୋଲ୍ୟୁସନ ପ୍ରଫେସନାଲଙ୍କ ନାମ ଏବଂ ପଞ୍ଜିକୃତ ନଂ | ନାମ: ସୁରେଶ ଚନ୍ଦ୍ର ପଟ୍ଟନାୟକ IBBI Registration No.: IBBI/IPA-002/IP-N00759/2018-19/12384 |
| ୬. | ବୋର୍ଡ ପଞ୍ଜିକରଣ ଅନୁଯାୟୀ ରିଜୋଲ୍ୟୁସନ ପ୍ରଫେସନାଲଙ୍କ ଠିକଣା ଏବଂ ଇ-ମେଲ | ସୁରେଶ ଚନ୍ଦ୍ର ପଟ୍ଟନାୟକ ଜିକେଭି-୩୮, ଗତି କୃଷ୍ଣ ଭିଲ୍ଲା, ଟଙ୍କପାଣୀ ରୋଡ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୧୦୧୮ ଇମେଲ ଆଇଡି-suresh_pattanayak@yahoo.co.in |
| ୭. | ରିଜୋଲ୍ୟୁସନ୍ ପ୍ରଫେସନାଲଙ୍କ ସହିତ ଯୋଗାଯୋଗ ପାଇଁ ବ୍ୟବହାର କରିବାକୁ ଥିବା ଠିକଣା ଏବଂ ଇ-ମେଲ | ସୁରେଶ ଚନ୍ଦ୍ର ପଟ୍ଟନାୟକ ୩୪୧, ତଳ ମହଲା, ବିଜେବି ନଗର, ଭୁବନେଶ୍ୱର, ଜିଲ୍ଲା:ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୧୪ ପ୍ରୋସେସ୍ ଇମେଲ ଆଇଡି-swarnapgrp@gmail.com |
| ୮. | ଦାବୀ ଦାଖଲ କରିବାର ଅନ୍ତିମ ତାରିଖ | ୨୩.୦୭.୨୦୨୬ |
| ୯. | ଗୁରୁତ୍ୱପୂର୍ଣ୍ଣ ଫର୍ମ ଯେଉଁଠାରେ ଉପଲବ୍ଧ: | କ) ଇନସଲଭେନସୀ ଆଣ୍ଡ ବ୍ୟାଙ୍କରପ୍ଟସୀ ବୋର୍ଡ ଅଫ୍ ଇଣ୍ଡିଆ (କର୍ପୋରେଟ ଋଣଗ୍ରହୀତାଙ୍କ ବ୍ୟକ୍ତିଗତ ଗ୍ୟାରେଣ୍ଟିଦାତାଙ୍କ ପାଇଁ ଇନସଲଭେନସୀ ରିଜୋଲ୍ୟୁସନ ପ୍ରକ୍ରିୟା) ନିୟମାବଳୀ ୨୦୧୯ର ନିୟମାବଳୀ ୭(୧)ର ଫର୍ମ ବି ଖ) ୱେବ୍ ଲିଙ୍କ: **https://ibbi.gov.in/home/downloads** |

ଏତଦ୍‌ଦ୍ୱାରା ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛିକି, ଧାରା ୧୦୦ ଅର୍ନ୍ତଗତ ବିଚାରକ କର୍ତ୍ତୃପକ୍ଷ ଏନ୍‌ସିଏଲ୍‌ଟି, କଟକ **ଡଃ. ଚିତ୍ତରଞ୍ଜନ ଦାସଙ୍କ** ଇନସଲଭେନସୀ ରିଜୋଲ୍ୟୁସନ୍ ପ୍ରକ୍ରିୟା ତା. ୦୨ ଜୁଲାଇ ୨୦୨୬ରିଖରେ ଆରମ୍ଭ କରିବାକୁ ଆଦେଶ ଦେଇଛନ୍ତି।
ଉପରୋକ୍ତ ବ୍ୟକ୍ତିଗତ ଗ୍ୟାରେଣ୍ଟିଦାତାଙ୍କ କ୍ରେଡିଟରମାନଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଅଛି ଏଣ୍ଟ୍ରି ନଂ. ୭ ଅଧିନରେ ଉଲ୍ଲେଖ କରାଯାଇଥିବା ଠିକଣାରେ ରିଜୋଲ୍ୟୁସନ୍ ପ୍ରଫେସନାଲଙ୍କ ନିକଟରେ **ତା.୨୩.୦୭.୨୦୨୬ରିଖ** କିମ୍ବା ପୂର୍ବରୁ ପ୍ରମାଣ ସହିତ ସେମାନଙ୍କର ଦାବୀ ଦାଖଲ କରନ୍ତୁ। କ୍ରେଡିଟରମାନେ ସେମାନଙ୍କର ଦାବୀ ପ୍ରମାଣ ସହିତ ଇଲେକ୍ଟ୍ରୋନିକ କିମ୍ବା ଡାକ / କୋରିୟର୍ ମାଧ୍ୟମରେ ଦାଖଲ କରିବେ ।
ଦାବୀର ମିଥ୍ୟା କିମ୍ବା ବିଭ୍ରାନ୍ତିକର ପ୍ରମାଣ ଦାଖଲ ଦଣ୍ଡନୀୟ।

**ସ୍ୱା/- ସୁରେଶ ଚନ୍ଦ୍ର ପଟ୍ଟନାୟକ**
**ରିଜୋଲ୍ୟୁସନ ପ୍ରଫେସନାଲ**
**ପଞ୍ଜିକୃତ ନଂ.: IBBI/IPA-002/IP-N00759/2018-19/12384**
**ଏଏଫ୍ଏ ନଂ.: AA2/12384/02/311226/204005 ବୈଧତା- ୩୧.୧୨.୨୦୨୬ ପର୍ଯ୍ୟନ୍ତ**
**ଠିକଣା- ଜିକେଭି-୩୮, ଗତି କୃଷ୍ଣ ଭିଲ୍ଲା, ଟଙ୍କପାଣୀ ରୋଡ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୧୦୧୮**
**ଯୋଗାଯୋଗ ନଂ.: ୯୮୬୧୦୧୯୫୫୪/୭୮୯୪୪୧୨୦୯୪,**
**ଇମେଲ ଆଇଡି-suresh_pattanayak@yahoo.co.in**

ତାରିଖ: ୦୮.୦୭.୨୦୨୬
ସ୍ଥାନ: ଭୁବନେଶ୍ୱର

# ସୁରଟ –ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସର ନିୟମିତ ଚଳାଚଳ



ଭୁବନେଶ୍ୱର, ୦୮।୭(ନିପ୍ର)ଓଡ଼ିଶା ଏବଂ ଗୁଜରାଟ ମଧ୍ୟରେ ଯାତ୍ରୀଙ୍କ ସୁବିଧା ଏବଂ ରେଳ ସଂଯୋଗକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଭାରତୀୟ ରେଳବାଇ ୧୯୦୨୧/୧୯୦୨୨ ସୁରଟ ଉଧନା ବ୍ରହ୍ମପୁର ସୁରଟ (ଉଧନା) ଅମୃତ ଭାରତ ଏକ୍ସପ୍ରେସର ଚଳାଚଳ ସମୟସୀମାକୁ ସପ୍ତାହକୁ ତିନି ଦିନ ପରିବର୍ତ୍ତେ ଦୈନିକ ସେବାକୁ ବୃଦ୍ଧି କରିଛି।ଏହି ପରିବର୍ତ୍ତନ ଦ୍ୱାରା ଉଭୟ ରାଜ୍ୟ ମଧ୍ୟରେ ଯାତାୟାତ କରୁଥିବା ଶ୍ରମିକ, ବ୍ୟବସାୟୀ, ଛାତ୍ରଛାତ୍ରୀ ଏବଂ ପର୍ଯ୍ୟଟକମାନେ ଅଧିକ ସୁବିଧା ପାଇବେ। ସଂଶୋଧିତ ସମୟସୂଚୀ ନିମ୍ନଲିଖିତ ଅଟେ:ଟ୍ରେନ ନଂ ୧୯୦୨୧ ସୁରଟ (ଉଧନା)ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ ଉଧନାରୁ ବର୍ତ୍ତମାନର ରବିବାର, ବୁଧବାର ଏବଂ ଶୁକ୍ରବାର ସେବା ବଦଳରେ, ୦୯ ଜୁଲାଇ ୨୦୨୬ ଗୁରୁବାର ଠାରୁ ପ୍ରତିଦିନ ଚାଲିବ।ଟ୍ରେନ ନଂ ୧୯୦୨୨ ବ୍ରହ୍ମପୁର ସୁରଟ(ଉଧନା) ଅମୃତ ଭାରତ ଏକ୍ସପ୍ରେସ: ବ୍ରହ୍ମପୁରରୁ ବର୍ତ୍ତମାନର ସୋମବାର, ଗୁରୁବାର ଏବଂ ଶନିବାର ସେବା ବଦଳରେ, ୧୦ ଜୁଲାଇ ୨୦୨୬ ଶୁକ୍ରବାର ଠାରୁ ପ୍ରତିଦିନ ଚାଲିବ।ଅମୃତ ଭାରତ ଏକ୍ସପ୍ରେସକୁ ଦୈନିକ ସେବାରେ ପରିଣତ କରିବା, ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା ପ୍ରଦାନ ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ରୁଟରେ ବଢ଼ୁଥିବା ଯାତ୍ରୀଙ୍କ ଚାହିଦାକୁ ପୂରଣ କରିବା ପାଇଁ ଭାରତୀୟ ରେଳବାଇର ଏକ ପ୍ରତିବଦ୍ଧତା। ଏହି ରେଳ ସେବା ଓଡ଼ିଶା ଏବଂ ଗୁଜରାଟ ମଧ୍ୟରେ ଯାତାୟାତକୁ ଅଧିକ ସୁଗମ କରିବ।ଯାତ୍ରୀମାନଙ୍କୁ ଟ୍ରେନ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ନ୍ୟାସନାଲ୍ ଟ୍ରେନ ଏନକ୍ୱାରୀ ସିଷ୍ଟମ୍ କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍? ୱେବସାଇଟ୍ରୁ ସୂଚନା ନେବାକୁ ପରାମର୍ଶ।

# ଟୀରବିଦ୍ଧ ହୋଇ ଆସିଥିଲେ
# ନୂଆ ଜୀବନ ଦେଲେ କିମ୍ସ ଡାକ୍ତର



ଭୁବନେଶ୍ୱର,୮।୭(ନିପ୍ର): ଛାତିରେ ତୀରବିଦ୍ଧ ଅବସ୍ଥାରେ ଅସିଥିବା ଜଣେ ବ୍ୟକ୍ତି କିମ୍ସ ଡାକ୍ତରଙ୍କ ଅକ୍ଲାନ୍ତ ପରିଶ୍ରମ ପରେ ନୂଆ ଜୀବନ ପାଇଛନ୍ତି। ରାଉରକେଲାର ଜଣେ ଯୁବକ(୨୨)ଙ୍କ ଛାତିରେ ତୀର ବିଦ୍ଧ ହେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ତାଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ଅଧିକ ବିପଦ ଥିବାରୁ କୌଣସି ଡାକ୍ତରଖାନରେ ତୀର ବାହାର କରିବା ସମ୍ଭବ ହୋଇପାରି ନ ଥିଲା। ଶେଷରେ ଲୋକେ ତାଙ୍କୁ କିମ୍ସରେ ଭର୍ତ୍ତି କରିଥିଲେ। ବରିଷ୍ଠ ସର୍ଜନ ଡା. ଅମରେଶ ମିଶ୍ରଙ୍କ ନେତୃତ୍ୱରେ ଡା. ଏସ୍‌କେ ସାହୁ, ଡା. ବିଏସ୍ ପୂଜାରୀ, ଡା. ଏସ୍ ସାମଲ ଓ ଡା. ଡି ହୋତାଙ୍କୁ ନେଇ ଗଠିତ ଡାକ୍ତରୀ ଦଳ ରୋଗୀଙ୍କର ଜଟିଳ ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାର ପାଇଁ ଜେନେରାଲ ସର୍ଜରୀ, କାର୍ଡିଓଥୋରାସିକ୍ ଓ ଭାସ୍କୁଲାର ସର୍ଜରୀ (ସିଟିଭିଏସ), ଆନାସ୍ଥେସିଓଲୋଜି ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବିଭାଗର ପ୍ରମୁଖ ବିଶେଷଜ୍ଞଙ୍କୁ ନେଇ ଏକ ଡାକ୍ତରୀ ଦଳ ଜରୁରୀକାଳୀନ ଯୋଜନା କରିଥିଲେ। ଅସ୍ତ୍ରୋପଚାରର ଜଟିଳତା ଉପରେ ସୂଚନା ଦେଇ ସର୍ଜରୀ ବିଭାଗର ଡା. ସୁବ୍ରତ ସାହୁ କହିଛନ୍ତି, ଏଭଳି ଆଘାତ ଅତ୍ୟନ୍ତ ବିପଜ୍ଜନକ। ଅନେକ କ୍ଷେତ୍ରରେ ତୀର କାଢ଼ିବା ସମୟରେ ରକ୍ତସ୍ରାବ ବନ୍ଦ ନ ହେବା ଯୋଗୁଁ ରୋଗୀଙ୍କୁ ବଞ୍ଚାଇବା ସମ୍ଭବ ହୋଇ ନ ଥାଏ। ସୌଭାଗ୍ୟ ଯେ ଅନ୍ୟ ଡାକ୍ତରଖାନାଗୁଡ଼ିକରେ ତୀର ହଟାଇବାକୁ ଚେଷ୍ଟା କରାଯାଇ ନ ଥିଲା। ଫଳରେ ଏହା ଅସ୍ତ୍ରୋପଚାର ପାଇଁ ସଠିକ୍ ଯୋଜନା କରିବାର ସୁଯୋଗ ଦେଇଥିଲା। ସର୍ଜିକାଲ୍ ଟିମ୍ କ୍ଷତର ମାତ୍ରା ଜାଣିବା ପାଇଁ ପ୍ରଥମେ ରୋଗୀଙ୍କ ତଳ ପେଟ ଓ ପରେ ଛାତିରେ ଅସ୍ତ୍ରୋପଚାର କରିଥିଲେ। ଏଥିରେ ତୀର ଫୁସଫୁସକୁ ଛୁଇଁଥିଲା। ଭଗବାନଙ୍କ କୃପାରୁ ଏହା ହୃଦୟକୁ ଛୁଇଁ ନ ଥିଲା। ତେବେ ତୀରଟି ଫୁସଫୁସରୁ ବାହାର ହେବା ମାତ୍ରେ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସଙ୍ଗେ ସଙ୍ଗେ ଏହାକୁ ନିୟନ୍ତ୍ରଣ କରିବାକୁ ପଡୁଥିଲା। କାର୍ଡିଓଥୋରାସିକ୍ ଓ ଭାସ୍କୁଲାର ସର୍ଜରୀ (ସିଟିଭିଏସ) ବିଭାଗର ଡାକ୍ତର ସତ୍ୟଜିତ୍ ସାମଲ କହିଛନ୍ତି, ଫୁସଫୁସର କ୍ଷତିଗ୍ରସ୍ତ ଅଂଶରେ ଅସ୍ତ୍ରୋପଚାର କରାଯାଇଥିଲା। ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଡିସ୍‌ଚାର୍ଜ କରାଯାଇଥିଲା। ଏବେ ସେ ସ୍ୱାଭାବିକ ଜୀବନଯାପନ କରିବେ ବୋଲି ଡାକ୍ତର ସାମଲ କହିଛନ୍ତି। ଏହି ଘଟଣାରେ କିଟ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସଂପୃକ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇବା ସହ ରୋଗୀଙ୍କ ଆରୋଗ୍ୟ କାମନା କରିଛନ୍ତି।

# ଦୁଇ ବାଇକ୍ ଲୁଟେରା ଗିରଫ: ୬ ବାଇକ୍ ଜବତ




ଯାଜପୁର,୮।୭(ନିପ୍ର): ଯାଜପୁର ପୋଲିସକୁ ମିଳିଛି ବଡ଼ ସଫଳତା। ଦୁଇ ବାଇକ୍ ଲୁଟେରାଙ୍କୁ ଗିରଫ କରିବା ସହ ୬ ଟି ମୋଟର ସାଇକେଲ ଓ ଏକ ସ୍କୁଟି ଜବତ କରାଯାଇଛି। ଲୁଟେରାମାନେ ହେଲେ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଜଗନ୍ନାଥପ୍ରସାଦ ଗ୍ରାମର ସତ୍ୟବ୍ରତ ନାୟକ ଓ ଯାଜପୁର ଖଣ୍ଡରା ଗ୍ରାମର ଚିନ୍ମୟ ପାଣିଗ୍ରାହୀ । ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବାଇକ୍ ଚୋରି ନେଇ ଥାନାରେ ଅଭିଯୋଗ ହୋଇଥିଲା। ଯାଜପୁର ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ନଜର ରଖାଯାଇଥିଲା। ଆଜି ଦୁଇଜଣ ମଟର ସାଇକେଲ ଲୁଟେରାଙ୍କୁ ଗିରଫ କରିବା ସହ ୬ ମୋଟର ସାଇକେଲ ଓ ଏକ ସ୍କୁଟି ଜବତ କରିଛି ପୋଲିସ। ଲୁଟେରା ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଏସଡିପିଓ ପ୍ରଶାନ୍ତ କୁମାର ମାଝୀ ସୂଚନା ଦେଇଛନ୍ତି। ଏହି ଅବସରରେ ଯାଜପୁର ଥାନା ଅଧିକାରୀ ଶରତ ଚନ୍ଦ୍ର ନାୟକ, ଅତିରିକ୍ତ ଥାନା ଅଧିକାରୀ ଭୁବନ ମୋହନ ସେଠୀ ଉପସ୍ଥିତ ଥିଲେ।

# ଓଲଟିଲା ପିକ୍‌ଅପ୍: ୩ ଗୁରୁତର

ଲକ୍ଷ୍ମୀପୁର, ୦୮/୦୭ (ନି.ପ୍ର.): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିକଟସ୍ଥ କୁଟିଙ୍ଗା ଘାଟିରେ ବୁଧବାର କୁଣ୍ଡା (ତଶୁ) ବୋଝେଇ ଏକ ମ୍ୟାକ୍ସ ପିକଅପ ଭ୍ୟାନ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୩ ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହଯୋଗରେ ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବାରୁ କୋରାପୁଟ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ କୁଟିଙ୍ଗା ଗ୍ରାମର ଦିଲୀପ ମିଣ୍ୟାକା, ମୁଗୁରି ମିଣ୍ୟାକା ଏବଂ ଟିଙ୍ଗୁରୁ ସିରିକା। ଦୁର୍ଘଟଣା ଖବର ପାଇବା ପରେ ଲକ୍ଷ୍ମୀପୁର ଡାକ୍ତରଖାନାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସୂଚନା ଅନୁଯାୟୀ, ରାୟଗଡ଼ାର ଏକ ମ୍ୟାକ୍ସ ପିକଅପ ଭ୍ୟାନରେ ଲକ୍ଷ୍ମୀପୁର ଅଞ୍ଚଳର ୩ ଜଣ ଶ୍ରମିକଙ୍କୁ ନେଇ ବିଭିନ୍ନ ଗ୍ରାମର ଛୋଟ ଛୋଟ ଚାଉଳ ମିଲରୁ କୁଣ୍ଡା (ତଶୁ) ସଂଗ୍ରହ କରି ରାୟଗଡ଼ା ଅଭିମୁଖେ ଯାଉଥିଲେ। ଗାଡ଼ିଟି କୁଟିଙ୍ଗା ଘାଟି ଓହ୍ଲାଇବା ବେଳେ ହଠାତ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଫଳରେ ପଛପଟେ ବସିଥିବା ତିନିଜଣ ଶ୍ରମିକ ଛିଟକି ପଡ଼ି ଗୁରୁତର ଆହତ ହୋଇଥିଲେ। ତେବେ ଗାଡ଼ିର ଚାଳକ ଓ ଆଗ ସିଟ୍‌ରେ ବସିଥିବା ମାଲିକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ପୂର୍ବତନ ବିଧାୟକ କୈଳାଶ କୁଲେସିକାଙ୍କ ସମେତ ବିଜୁ ସ୍ୱାଭିମାନ ମଞ୍ଚର କର୍ମକର୍ତ୍ତା ପଞ୍ଚାନନ ଟାକ୍ରୀ, ସମାଜସେବୀ ନରେନ୍ଦ୍ର ଗରଡ଼ା, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ଅଜିତ ବାଘ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ଚିକିତ୍ସା ବ୍ୟବସ୍ଥାର ତଦାରଖ କରିଥିଲେ। ଦିଲୀପ ମିଣ୍ୟାକା ଓ ଟିଙ୍ଗୁରୁ ସିରିକାଙ୍କୁ ଉନ୍ନତ ଚିକିତ୍ସା ପାଇଁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ଅଭିଯାନ ବଳବତ୍ତର

ଜଗତସିଂହପୁର ,୮/୭(ନି ପ୍ର ) ଜଗତସିଂହପୁର ଜିଲ୍ଲା ପ୍ରଶାସନ ଏବଂ ପୌର ପ୍ରଶାସନ ର ମିଳିତ ସହଯୋଗ ରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟକ୍ରମ ଜାରି ରହିଛି ଜଗତସିଂହପୁର ସହରାଞ୍ଚଳ ର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ନିମନ୍ତେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା , ଯାତ୍ରୀ ମାନଙ୍କ ଗାଡି ପର୍କିଙ୍ଗ ନିମନ୍ତେ ବକ୍ସ ପୋଲ ନିର୍ମାଣ, କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ଜଗତସିଂହପୁର ସହରାଞ୍ଚଳ ର ରାସ୍ତାର ଉଭୟ ପାର୍ଶ୍ୱ ରେ କ୍ଷୁଦ୍ର, ମଧ୍ୟମ ବ୍ୟବସାୟୀ ମାନେ ଜବର ଦଖଲ କରି ବ୍ୟବସାୟ କରୁଥିବାରୁ ଜନ ଗହଳି ପୂର୍ଣ୍ଣ ରାସ୍ତା ରେ ଛୋଟ ମୋଟ ଦୃଘଟଣା ବୃଦ୍ଧି ପାଉଛି ଜନ ଜୀବନ ସୁରକ୍ଷା ନିମନ୍ତେ ଜଗତସିଂହପୁର ଜିଲ୍ଲା ଏବଂ ପୌର ପ୍ରଶାସନ ପକ୍ଷରୁ ଜବର ଦଖଲ ଉଚ୍ଛେଦ ପକ୍ରିୟା ଜାରି ରଖିଛି ଏହାକୁ ବୁଦ୍ଧିଜୀବୀ ଜନସାଧାରଣ ସ୍ୱାଗତ କରୁଥିବା ବେଳେ ବ୍ୟବସାୟୀ ମାନେ ବିରକ୍ତି ପ୍ରକାଶ କରିଛନ୍ତି ।

# ଗୋପବନ୍ଧୁ ସ୍ମାରକ– ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା



ରେଙ୍ଗାଲି, ୮।୭(ନିପ୍ର): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ଅବସରରେ ‘ସମାଜ’ ପକ୍ଷରୁ ରେଙ୍ଗାଲି ବ୍ଲକର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ‘ଗୋପବନ୍ଧୁ ସ୍ମାରକ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା– ସୃଜନଶୀଳ ଓଡ଼ିଶା’ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରବଳ ବର୍ଷା ସତ୍ତ୍ୱେ ବିଭିନ୍ନ ବିଦ୍ୟାଳୟର ୭୬ ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୩ ଜଣ କୁଇଜ୍ ଓ ୩୩ ଜଣ ଚିତ୍ରାଙ୍କନ ପ୍ରତିଯୋଗିତାରେ ସାମିଲ ଥିଲେ। କୁଇଜ୍‌ରେ ନୂଆ ରମ୍ଭେଲା ହାଇସ୍କୁଲର ଶାନ୍ତାରାମ ସରାଫ ପ୍ରଥମ, ଆଦର୍ଶ ବିଦ୍ୟାଳୟ ରେଙ୍ଗାଲିର ରାଜଲକ୍ଷ୍ମୀ ମହାପାତ୍ର ଦ୍ୱିତୀୟ ଏବଂ ଝାଙ୍କରପାଲି ସିକେଜି ହାଇସ୍କୁଲର ପରିଧି ଚନ୍ଦେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସୋହମ୍ ଛତର ପ୍ରଥମ, ନିତେଶ ଗୌଡ଼ ଦ୍ୱିତୀୟ ଏବଂ ଶ୍ରୀତମ ସୂତାର ତୃତୀୟ ସ୍ଥାନ ହାସଲ କରିଥିଲେ। ବିଜୟୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ନଗଦ ପୁରସ୍କାର ପ୍ରଦାନ କରା ଯାଇଥିଲା। ସାମ୍ବାଦିକ ହରିହର ନାଥଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସାରସ୍ୱତ ସାଧକ ଓ ଗବେଷକ ଡ. ଗୌରଦାସ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗୋପବନ୍ଧୁଙ୍କ ଜୀବନ ଦର୍ଶନ, ସମାଜ ସେବା ଓ ସୃଜନଶୀଳ ଚିନ୍ତାଧାରା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ କରୁଣାକର ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜୀବ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପରଦେଶୀ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ। ଚିତ୍ରାଙ୍କନ ବିଶାରଦ ବିଶ୍ୱାମିତ୍ର ଧୁରୁଆ, ଅଧ୍ୟାପକ ଅଜୟ କୁମାର ସାହୁ, ଶିକ୍ଷକ ହିମାଂଶୁଶେଖର ସାହୁ, ଅନିଲ କୁମାର ସାହୁ ଏବଂ ବସନ୍ତ ରାଉତ ବିଚାରକ ଦାୟିତ୍ୱ ତୁଲାଇ ଥିଲେ।କାର୍ଯ୍ୟକ୍ରମ ପରିଚାଳନାରେ ସରୋଜ ବିଶୋଇ, ମୋନାଲିସା ପଟେଲ, ଆଶିଷ କର୍ଣ୍ଣାଲ, କ୍ଷୀରୋଦ କୁମାର କଲେତ, ନିରଞ୍ଜନ ମହାପାତ୍ର, ସାମ୍ବାଦିକ ନରେଶ ମାହାଣା ଓ ଦେବବ୍ରତ ପଣ୍ଡା ସହଯୋଗ କରିଥିଲେ। ପ୍ରାରମ୍ଭରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା।

# ଶୁଦ୍ଧାନନ୍ଦ ବିଦ୍ୟାଳୟରେ ବନ ମହୋତ୍ସବ



ଜଗତସିଂହପୁର,୮/୭(ନି ପ୍ର ): ଓଡ଼ିଶା ରାଜ୍ୟ ସ୍କାଉଟ୍? ଆଣ୍ଡ ଗାଇଡ୍ସର ‘‘ଶୁଦ୍ଧାନନ୍ଦ ସ୍କାଉଟ ୟୁନିଟ୍’’ ତରଫରୁ ପରିବେଶ ସୁରକ୍ଷା ଓ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ସପ୍ତାହ ବ୍ୟାପୀ ‘ବନ ମହୋତ୍ସବ’ ସଫଳତାର ସହ ପାଳିତ ହୋଇଯାଇଛି। ଏହି ଅଭିଯାନର ଉଦଯାପନୀ ଦିବସ ଅବସରରେ ‘ଗୋଟିଏ ସ୍କାଉଟ ଗୋଟିଏ ଗଛ’ର ବାର୍ତ୍ତା ନେଇ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱଜିତ ସ୍ୱାଇଁ, ପ୍ରଶାସନିକ ଅଧିକାରୀ ବ୍ରହ୍ମଚାରୀ ଯଦୁନାଥ ଦାସ, ସହକାରୀ ସ୍କାଉଟ ମାଷ୍ଟର ରାକେଶ ରୋଶନ ସାହୁ,ସ୍କାଉଟ୍ କୋଷାଧ୍ୟକ୍ଷା ପ୍ରିୟଦର୍ଶିନୀ ଦାସ, ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅଭୟ କୁମାର ପାଳ ,ଶକ୍ତି ପ୍ରସାଦ ଦାଶ ଏବଂ ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହିଥିଲେ।ସ୍କାଉଟ ଗାଇଡର ପ୍ରାର୍ଥନା ଓ ସ୍ପେଶାଲ କ୍ଲାପ ସହ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହାପରେ ସ୍କାଉଟ ମାଷ୍ଟର ଆଶୁତୋଷ ପଣ୍ଡାଙ୍କ ନେତୃତ୍ୱରେ ଶୁଦ୍ଧାନନ୍ଦ ବିଦ୍ୟାଳୟ ପରିସରରେ ଶତାଧିକ ଚାରା ରୋପଣ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ସ୍କାଉଟ ମାନଙ୍କର ଏହି ସମାଜ ମଙ୍ଗଳ କାର୍ଯ୍ୟକୁ ପ୍ରଶଂସା କରି କହିଥିଲେ – ‘‘କେବଳ ଗଛ ଲଗାଇବା ଯଥେଷ୍ଟ ନୁହେଁ, ବରଂ ସେଗୁଡ଼ିକର ବଡ଼ ହେବା ପର୍ଯ୍ୟନ୍ତ ଯତ୍ନ ନେବା ଆମ ସମସ୍ତଙ୍କର ଦାୟିତ୍ୱ।’’

# ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର

ବୁଗୁଡା,୦୮/୦୭(ନିପ୍ର) ବୁଗୁଡ଼ା ଥାନା ଅନ୍ତର୍ଗତ ମୋଟାବାଡି ଗାଁ ଗୁଡିଆବନ୍ଧ ନିକଟସ୍ଥ କାଜୁ ତୋଟାରେ ଏକ ଗଛରୁ ଜନୈକ ଯୁବକଙ୍କ ମୃତ ଶରୀର ପୋଲିସ ଉଦ୍ଧାର କରିଥିବା ଜଣାଯାଇଛି। ମୃତ ଯୁବକ ଜଣକ ହେଲେ ଓଡଗାଁ ଥାନା ଅନ୍ତର୍ଗତ ବାଣ୍ଟପୁର ଗ୍ରାମର ଗାଣ୍ଠୁ ପ୍ରଧାନଙ୍କ ପୁଅ ମୁରଲୀ ପ୍ରଧାନ (୩୧) । ଏ ନେଇ ପୋଲିସ ଥାନାରେ କେସ୍ ନଂ ୨୪/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି।

# ଗାଁର ବିକାଶ ହେଲେ ଜିଲ୍ଲା ବିକଶିତ ହେବ




କୋରାପୁଟ,୮।୭(ନିପ୍ର): ସ୍ଥାନୀୟ ସଦଭାବନା ସଭାଗୃହରେ ୨୨ତମ ଜିଲ୍ଲା ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ମାଛଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କୋଟପାଡ ବିଧାୟକ ରୂପୁ ଭତ୍ରା, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା ପ୍ରମୁଖଙ୍କ ସହିତ ୧୬ ସଦସ୍ୟ ଆଲୋଚନାରେ ଭାଗ ନେଇଥିଲେ। ଅଧ୍ୟକ୍ଷ ଶ୍ରୀ ମାଛଙ୍କୁ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ଅଧ୍ୟକ୍ଷ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବୈଠକରେ କେବିକେ ବିକାଶ ଯୋଜନା ଅନ୍ତର୍ଗତ ଦୁଇ ବର୍ଷ ପାଇଁ ୧୪ କୋଟି ଟଙ୍କା ଅନୁମୋଦନ କରାଯାଇଥିଲା। ଚଳିତ ଆର୍ଥିକ ବର୍ଷ ପାଇଁ ୪,୬୧୨.୭୧ କୋଟି ଟଙ୍କାର ବଜେଟ ରହିଛି ବୋଲି ବୈଠକରୁ ସୂଚନା ମିଳିଛି। ୨୦୨୪୨୫ ବର୍ଷ ପାଇଁ ସିଜିଏଫ ବାବଦରେ ୪ କୋଟି ୧୪ ଲକ୍ଷ ଟଙ୍କାର ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ବ୍ରହ୍ମପୁର ଜୟପୁର ସଂଯୋଗ ପ୍ରକଳ୍ପ, ମେଗା ଲିଫ୍ଟ ଓ ଆଇଏସଏସ ଯୋଜନାରେ ଜଳସେଚନ ବ୍ୟବସ୍ଥାର ସମ୍ପ୍ରସାରଣ, ଜିଲ୍ଲାରେ ଏକ ବର୍ଣ୍ଣ ୟୁନିଟ୍ ପ୍ରତିଷ୍ଠା ପ୍ରଭୃତି ରାଜ୍ୟ ବଜେଟରେ ଜିଲ୍ଲା ପାଇଁ ଅନୁମୋଦିତ ହୋଇଥିବା ଅଧ୍ୟକ୍ଷ ଶ୍ରୀ ମାଛ କହିଥିଲେ। ଗାଁର ବିକାଶ ହେଲେ ଜିଲ୍ଲା ବିକଶିତ ହୋଇପାରିବ ବୋଲି ମତ ଦେଇ ସମସ୍ତ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ସମସ୍ୟାକୁ ସଦସ୍ୟମାନେ ଉପସ୍ଥାପନା କରିଥିଲେ। ଏକ ତଥ୍ୟ ଅନୁଧାନକାରୀ ଦଳ ଗଠନ କରାଯାଇ ଏହାର ତଦନ୍ତ କରାଯିବାକୁ ନିଷ୍ପତ୍ତି ହୋଇଛି। କୋରାପୁଟ ଓ ଜୟପୁର ରାସ୍ତା ଏବଂ ଗୃହ ନିର୍ମାଣ ଡିଭିଜନର ଯନ୍ତ୍ରୀମାନଙ୍କ ଉପରେ ବିଧାୟକ ବାହିନୀପତି ଅସନ୍ତୋଷ ପ୍ରକାଶ କରିଥିଲେ। କୋରାପୁଟରୁ ରାଣିଗଡ଼ ରାସ୍ତାର ଡିପିଆର୍ ୫ ଦିନ ମଧ୍ୟରେ ଅନୁମୋଦନ କରିବାକୁ ଶ୍ରୀ ବାହିନୀପତି ତାଗିଦ କରିଛନ୍ତି। ଜୟପୁର ଡିଭିଜନ ପକ୍ଷରୁ ନିମ୍ନମାନର ରାସ୍ତା କାମ ପାଇଁ ସେ ବିରକ୍ତି ପ୍ରକାଶ କରି ଏହାର ତଦନ୍ତ ଭିଜିଲାନସ୍ ବିଭାଗକୁ ଦେବାକୁ ସେ ଦାବି କରିଛନ୍ତି। ଜିଲ୍ଲାର ବିକାଶ ପାଇଁ ଆମ୍ଭେ ସମସ୍ତେ ଏକତ୍ରିତ ବୋଲି ଅଧ୍ୟକ୍ଷ ଶ୍ରୀ ମାଛ କହିବାରୁ ଶ୍ରୀ ବାହିନୀପତି ଧନ୍ୟବାଦ ଜଣାଇଥିଲେ।

# ଲାଞ୍ଚନେଇ ଧରାପଡ଼ିଲେ ଖଣି ଉପନିର୍ଦ୍ଦେଶକ
## ୬.୯୦ ଲକ୍ଷ ଟଙ୍କା ଜବତ



ଜୟପୁର,୮।୭(ନିପ୍ର): ଦୁର୍ନୀତି ବିରୋଧୀ ଅଭିଯାନରେ ଓଡ଼ିଶା ଭିଜିଲାନ୍ସକୁ ଏକ ବଡ଼ ସଫଳତା ମିଳିଛି। କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଖଣି ଉପନିର୍ଦ୍ଦେଶକ ସତ୍ୟଜିତ ରାଉତ ଜଣେ ବାଲି ଲିଜଧାରୀଙ୍କଠାରୁ ୨ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କୁ ଗିରଫ କରାଯାଇ ଜୟପୁର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଅଦାଲତରେ ହାଜର କରାଯାଇଛି।ଭିଜିଲାନ୍ସ ସୂତ୍ରରୁ ପ୍ରକାଶ, ସମ୍ପୃକ୍ତ ଲିଜଧାରୀ ବାଲିଘାଟ ନିଲାମ ଅର୍ଥ ଜମା କରିଥିଲେ। ତଥାପି ଲିଜ୍ ବୃଦ୍ଧି ପ୍ରକ୍ରିୟା ବିଳମ୍ବିତ କରିବା ସହ ଭବିଷ୍ୟତରେ ବାଲିଘାଟ ନିଲାମରେ ସୁବିଧା ଯୋଗାଇ ଦେବା ପାଇଁ ଶ୍ରୀ ରାଉତ ୨ ଲକ୍ଷ ଟଙ୍କା ଦାବି କରିଥିଲେ। ଏନେଇ ଲିଜଧାରୀ ଭିଜିଲାନ୍ସରେ ଅଭିଯୋଗ କରିବା ପରେ ଗତ ରାତିରେ ସ୍ୱତନ୍ତ୍ର ଟ୍ରାପ୍ ଅପରେସନ୍ କରାଯାଇ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ତାଙ୍କୁ ଧରାଯାଇଥିଲା। ତାଙ୍କ ନିକଟରୁ ୨ ଲକ୍ଷ ଟଙ୍କା ଲାଞ୍ଚ ଅର୍ଥ ଜବତ କରାଯାଇଥିଲା। ରାସାୟନିକ ପରୀକ୍ଷା କରାଯାଇ ପ୍ରମାଣ ହାସଲ କରାଯାଇଥିଲା। ଗିରଫ ପରେ ଭିଜିଲାନ୍ସ ପକ୍ଷରୁ ଜୟପୁର ଲିଙ୍ଗରାଜ ନଗରସ୍ଥିତ ବାସଭବନ, କଟକ ଜିଲ୍ଲା ବିଦ୍ୟାଧରପୁର ଓ ମାହାଙ୍ଗା ବ୍ଲକ ଓଳକଣାସ୍ଥିତ ଘର ଏବଂ କାର୍ଯ୍ୟାଳୟରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ଜୟପୁର ବାସଭବନରୁ ୨.୯୦ ଲକ୍ଷ ଟଙ୍କା ଏବଂ ବିଦ୍ୟାଧରପୁର ଘରୁ ୨ ଲକ୍ଷ ଟଙ୍କା ଜବତ ହୋଇଥିଲା। ଲାଞ୍ଚ ବାବଦରେ ଜବତ ୨ ଲକ୍ଷ ଟଙ୍କା ସମେତ ନଗଦ ୬.୯୦ ଲକ୍ଷ ଟଙ୍କା ଜବତ କରାଯାଇଛି।କୋରାପୁଟ ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ତଦନ୍ତ ଜାରି ରହିଥିବାରୁ ଆହୁରି ତଥ୍ୟ ସାମ୍ନାକୁ ଆସିବ ବୋଲି ଭିଜିଲାନ୍ସ ଏସ୍‌ପି ଏସ୍ ସୁଶ୍ରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି ବଡବାଗ ତନ୍ତୁବାୟ ସମିତି ସମ୍ପାଦକ

**ଜଗତସିଂହପୁର,୮।୭(ନିପ୍ର):** ସ୍ଥାନୀୟ ବଡବାଗ ତନ୍ତୁବାୟ ସହଯୋଗ ସମିତିରେ ଅନିୟମିତତା ନେଇ ଅସନ୍ତୋଷ ଦେଖାଦେଇଛି। ସମିତି ସମ୍ପାଦକ ବିଜୟ କୁମାର ଦାସ ୨୦୨୧ମସିହାରୁ ଅବସର ଗ୍ରହଣ କରିଥିଲେ ସୁଦ୍ଧା ସମସ୍ତ ନୀତିନିୟମକୁ ଉଲ୍ଲଂଘନ କରି ପାଞ୍ଚ ବର୍ଷ ଚାରିମାସ ହେଲା ଦାୟିତ୍ୱ ନିର୍ବାହ କରିଆସୁଥିବା ଅଭିଯୋଗ ହୋଇଛି।ବୟନଶିଳ୍ପ ବିଭାଗ କଟକ ଜୋନ ଡେପୁଟି ଡାଇରେକ୍ଟରଙ୍କ ପତ୍ର ସଂଖ୍ୟା ୩୦୯୦/୧/୬/୨୬କୁ ଉଲ୍ଲଂଘନ କରି ବଡବାଗ ତନ୍ତବାୟ ସମିତି ସମ୍ପାଦକ ସରକାରୀ ଅଧିକାରୀମାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ପ୍ରତ୍ୟାଖ୍ୟାନ କରିଆସୁଛନ୍ତି। ଅବସର ପରେ କାର୍ଯ୍ୟ କରିବାରୁ ଆର୍ଥିକ ହେରଫେର ଆଶଙ୍କା ପ୍ରକାଶ ପାଇଛି। ବୟନ ଶିଳ୍ପ ନିର୍ଦ୍ଦେଶକ ଘଟଣାରେ ହସ୍ତକ୍ଷେପ କରିବାକୁ ଉକ୍ତ ତନ୍ତୁବାୟ ସମିତିର ସଭ୍ୟ ସଞ୍ଜୟ କୁମାର ଦତ୍ତ, ହୃଷିକେଶ ସେନାପତି, ବସନ୍ତ ଦତ୍ତ, ମେନକା ଦତ୍ତ, ସୁଧୀର କୁମାର ସେନାପତି, ଦେବେନ୍ଦ୍ର ବେହେରା, ସୁରେଶ ଚନ୍ଦ୍ର ନନ୍ଦୀ ପ୍ରମୁଖ ଦାବି କରିଛନ୍ତି।

# ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟରେ ବୃକ୍ଷ ରୋପଣ



ରାଇରଙ୍ଗପୁର , ୮/୦୭ (ନିପ୍ର): ରାଇରଙ୍ଗପୁର ଏସ ଏସ ଡ଼ି ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଧବାର ଦିନ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳୟା ସୋରେନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନ ସପ୍ତାହ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ବନାଞ୍ଚଳ ଅଧିକାରୀ ଜ୍ୟୋତିରଞ୍ଜନ ସେନାପତି, ମୁଖ୍ୟବକ୍ତା କଥାଶିଳ୍ପୀ ଲଳିତ ମହାନ୍ତ,ବନପାଳ କୁଲଗୀ ହାଁସଦା,ବନରକ୍ଷୀ ଦୁଷ୍ମନ୍ତ ଦାସ,ସୁଭଦ୍ରା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଇକୋକ୍ଲବ ବିଜ୍ଞାନ ଶିକ୍ଷୟିତ୍ରୀ ସରସ୍ୱତୀ ମହଲା,ହେମଲତା ମହାନ୍ତ, ସାଗରିକା ମହାପାତ୍ର, ଉମା ଦେ, ଜ୍ୟୋତିର୍ମୟୀ କମିଳା, ରଶ୍ମିତୀ ମୁର୍ମୁ, ଲଳିତ ବାରିକ, ପୁଷ୍ପିତା ରାଉତ, ଶାଶ୍ୱତୀ ମହାନ୍ତି, ହରପ୍ରସାଦ ମହାନ୍ତ,ଦିପିକା ରାଉତ, ସୌରଭ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।ଏହି ଅବସରରେ ବିଦ୍ୟାଳୟରେ ଚାରା ରୋପଣ କରାଯିବା ସହ ଛାତ୍ରୀମାନଙ୍କୁ ଚାରା ବଣ୍ଟନ କରାଯାଇଥିଲା । ବିଦ୍ୟାଳୟ ପରିସରରେ ୧୦୦ ରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ କରାଯିବା ଲକ୍ଷ୍ୟ ରଖାଯାଇଛି ।

# ରାଇରଙ୍ଗପୁରରେ ଜବରଦଖଲ ଉଚ୍ଛେଦ

ରାଇରଙ୍ଗପୁର, ୮।୭ (ନିପ୍ର): ରାଇରଙ୍ଗପୁର ସହରରେ ଜନସଂଖ୍ୟା ବୃଦ୍ଧି ସହ ତାଳଦେଇ ଜବରଦଖଲ ବୃଦ୍ଧି ପାଉଛି। ରାସ୍ତା କଡ଼ ଜବରଦଖଲ ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି। ଫଳରେ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି। ଆଗକୁ ରଥଯାତ୍ରା ରହିଛି। ଟ୍ରାଫିକ ସମସ୍ୟା ଗୁରୁତର ଯୋଗୁଁ ଦୁର୍ଗାମଣ୍ଡପ ଛକ ନିକଟ ରାସ୍ତା ପାର୍ଶ୍ୱ ଉଠା ଦୋକାନିମାନଙ୍କୁ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ନୋଟିସ ଜାରି କରାଯାଇଥିଲା। ବୁଧବାର ମାଜିଷ୍ଟ୍ରେଟ, ପୋଲିସ, ତହସିଲଦାରଙ୍କ ଉପସ୍ଥିତିରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। କେତେକ ନିଜେ ନିଜେ ଦୋକାନକୁ ଉଠାଇ ନେଇଥିଲେ। ଏସ୍‌ଡିପିଓ ବୀରେନ୍ଦ୍ର ସେନାପତି, ଟାଉନଥାନା ଆଇଆଇସି ରଞ୍ଜନ ସେଠୀ ଏବଂ ଦୁଇ ପ୍ଲାଟୁନ ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳାର ସହ ଉଚ୍ଛେଦ ଚାଲିଥିଲା।



# ଚୋରାରେ ଚାଲିଥିଲା ବାଣ ବେପାର ଜବତ କଲା ପୋଲିସ

ବୁଗୁଡ଼ା , ୦୮/୦୭(ନି.ପ୍ର): : ମଦନ ମୋହନ ଛକସ୍ଥିତ ଗଣେଶ ମାର୍କେଟ୍ କମ୍ପ୍ଲେକ୍ସ ମଧ୍ୟରେ ବେଆଇନ ବାଣ ବେପାର ଚାଲିଥିବା ବେଳେ ପୋଲିସ ସେଠାରେ ମଙ୍ଗଳବାର ରାତିରେ ଚଢାଉ କରି ପି.ସାଇ ପାତ୍ରଙ୍କ ଦୋକାନରୁ ବିଭିନ୍ନ ପ୍ରକାର ବାଣ ଜବତ କରିଥିବା ଜଣାଯାଇଛି। ଏ ନେଇ ପୋଲିସ ଥାନାରେ କେସ୍ ନଂ ୩୪୦/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ,ବୁଗୁଡ଼ାରେ ଲୁଚାଛପାରେ ବେଆଇନ ଭାବେ ବାଣ ବେପାର ଚାଲୁଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ଏସ୍‌ଆଇ ଅଜୟ ମଲ୍ଲିକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ସାଇ ପାତ୍ରଙ୍କ ଦୋକାନରେ ଅଚାନକ ଚଢ଼ାଉ କରିସେଠାରୁ ପ୍ରାୟ ୭୦ ହଜାର ଟଙ୍କାର ବାଣ ଜବତ କରିଥିବା ଜଣାପଡିଛି।

# ବେଲଗୁଣ୍ଠା ଏନ୍‌ଏସି ପ୍ରତିନିଧି ଦଳର ଏକ୍ସପୋଜର ଭିଜିଟ୍




ରାୟଗଡ଼ା:୮/୭(ନି.ପ୍ର): ବେଲଗୁଣ୍ଠା ଏନ୍.ଏ.ସି.ର ଅଧ୍ୟକ୍ଷଙ୍କ ନେତୃତ୍ୱରେ ୧୩ ଜଣ କାଉନସିଲର, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସାନିଟେସନ କର୍ମଚାରୀଙ୍କ ଏକ ପ୍ରତିନିଧି ଦଳ ରାୟଗଡ଼ା ପୌରପରିଷଦକୁ ଏକ ଏକ୍ସପୋଜର ଭିଜିଟ୍?ରେ ଆସିଥିଲେ। ଏହି ଗସ୍ତର ମୂଳ ଉଦ୍ଦେଶ୍ୟ ଥିଲା ରାୟଗଡ଼ା ପୌରପରିଷଦରେ ସଫଳତାର ସହ କାର୍ଯ୍ୟକାରୀ ହେଉଥିବା କଠିନ ବର୍ଜ୍ୟବସ୍ତୁ ପରିଚାଳନା, ସ୍ୱଚ୍ଛତା ବ୍ୟବସ୍ଥା ଏବଂ ପରିବେଶ ଅନୁକୂଳ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିବା। ରାୟଗଡ଼ା ପୌରପରିଷଦରେ ପହଞ୍ଚିବା ପରେ ପ୍ରତିନିଧି ଦଳକୁ ରାୟଗଡ଼ା ପୌରାଧ୍ୟକ୍ଷ ପି ମହେଶ ପଟ୍ଟନାୟକ, ନିର୍ବାହୀ ଅଧିକାରୀ କୁଳଦୀପ କୁମାର ଏବଂ ସମସ୍ତ କାଉନସିଲରମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ପରବର୍ତ୍ତୀ ସମୟରେ ପୌରପରିଷଦର ପରିଷଦ ଗୃହରେ ଏକ ସ୍ୱାଗତ ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ରାୟଗଡ଼ା ପୌରପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ନାଗରିକ ସେବା ଏବଂ ସୃଷ୍ଟି କରାଯାଇଥିବା ବିଭିନ୍ନ ସମ୍ପତ୍ତି ସମ୍ପର୍କରେ ଏକ ପ୍ରାମାଣିକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ପରେ ପ୍ରତିନିଧି ଦଳ ୱାର୍ଡ ନଂ–୩, ପି.ଏଚ୍.ଡି. କଲୋନୀଠାରେ ନବପ୍ରତିଷ୍ଠିତ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଏବଂ ମାଟେରିଆଲ ରିକଭରି ଫେସିଲିଟି ପରିଦର୍ଶନ କରିଥିଲେ। ସେଠାରେ ଘରୋଇ ବର୍ଜ୍ୟବସ୍ତୁରୁ ଜୈବ ସାର ପ୍ରସ୍ତୁତି ପ୍ରକ୍ରିୟା, ବର୍ଜ୍ୟବସ୍ତୁ ପୃଥକୀକରଣ, ପୁନଃ ବ୍ୟବହାରଯୋଗ୍ୟ ସାମଗ୍ରୀର ସଂଗ୍ରହ ଓ ପରିଚାଳନା ପ୍ରଣାଳୀ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ ହୋଇଥିଲେ।ଏହାପରେ ପ୍ରତିନିଧି ଦଳ ଆହାର କେନ୍ଦ୍ର, ଗାନ୍ଧୀ ପାର୍କ ,ପୌର ଅଡିଟୋରିୟମ୍, ୱେଷ୍ଟ ଟୁ ୱଣ୍ଡର ପାର୍କ, ନିର୍ମାଣ ଓ ଭଙ୍ଗା ବର୍ଜ୍ୟ ପ୍ରକ୍ରିୟାକରଣ କେନ୍ଦ୍ର, ଫିକାଲ୍ ସ୍ଲଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ଏବଂ ୱାର୍ଡ ନଂ–୧୧, ଅନ୍ତରିଗୁଡାସ୍ଥିତ ମୋ ବଗିଚା ପରିଦର୍ଶନ କରି ସେଠାରେ ଚାଲୁଥିବା କାର୍ଯ୍ୟପ୍ରଣାଳୀ ଓ ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ପରିଦର୍ଶନ ପରେ ସମସ୍ତ ପ୍ରତିନିଧିଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା।

# ଫିଫା ବିଶ୍ୱକପ: ୭ ଦଶନ୍ଧି ପରେ କ୍ୱାର୍ଟରରେ ସ୍ୱିଜରଲାଣ୍ଡ



ଭ୍ୟାଙ୍କୁଭର,୮।୭(ଏଜେନ୍ସି): ଚଳିତ ଫିଫା ଫୁଟବଲ୍ ବିଶ୍ୱକପର ଏକ ରୋମାଞ୍ଚକ ରାଉଣ୍ଡ୍ ଅଫ୍ ୧୬ ମ୍ୟାଚରେ ସ୍ୱିଜରଲାଣ୍ଡ ପେନାଲ୍ଟି ସୁଟ୍‌ଆଉଟରେ କଲମ୍ବିଆକୁ ହରାଇ ଶେଷ ଦଳ ଭାବେ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି।ସ୍ୱିଜରଲାଣ୍ଡ ୭୦ରୁ ଅଧିକବର୍ଷ ପରେ ବିଶ୍ୱକପ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ପରେ ଦେଶ ବ୍ୟାପୀ ଖୁସିର ମାହୋଲ। କ୍ୱାର୍ଟର ଫାଇନାଲରେ ଲିଓନେଲ୍ ମେସିଙ୍କ ନେତୃତ୍ୱାଧୀନ ଆର୍ଜେଣ୍ଟିନା ବିପକ୍ଷରେ ସ୍ୱିଜରଲ୍ୟାଣ୍ଡର ମୁକାବିଲା ହେବ । ତୀବ୍ର ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚର ନିର୍ଦ୍ଧାରିତ ଓ ଅତିରିକ୍ତ ସମୟରେ ଉଭୟ ଦଳ ଗୋଲ୍ ସ୍କୋର କରିବାରେ ବିଫଳ ହୋଇଥିଲେ। ତେଣୁ ଫଳାଫଳ ଫଇସଲା ପାଇଁ ସୁଟ୍‌ଆଉଟ ପନ୍ଥା ଅନୁସରଣ କରା ଯାଇଥିଲା।ଏଥିରେ ସ୍ୱିଜରଲାଣ୍ଡ ୪–୩ ଗୋଲରେ ବାଜି ମାରି ନେଇଥିଲା। ସ୍ୱିଜରଲ୍ୟାଣ୍ଡ ପକ୍ଷରୁ ରୁବେନ୍ ଭାର୍ଗାସ୍ ନିର୍ଣ୍ଣାୟକ ପଞ୍ଚମ ପେନାଲ୍ଟିକୁ ସଫଳତାର ସହ ଗୋଲରେ ପରିଣତ କରି ନିଜ ଦଳକୁ ବିଜୟ ଦେଇଥିଲେ। ଅନ୍ୟପଟେ କଲମ୍ବିଆର ଡାଭିନସନ୍ ସାଞ୍ଚେଜ୍‌ଙ୍କ ସଟ୍ କ୍ରସବାରରେ ବାଜି ଫେରିଥିବା ବେଳେ କୁଟୋ ହର୍ନାଣ୍ଡେଜ୍‌ଙ୍କ ପେନାଲି କିକକୁ ସ୍ୱିଜରଲାଣ୍ଡ ଗୋଲ ରକ୍ଷକ ଗ୍ରେଗର୍ କୋବେଲ୍ ବ୍ୟର୍ଥ ଦେଇଥିଲେ।

## ଫିଫା ବିଶ୍ୱକପ: ୧୦ରୁ କ୍ୱାର୍ଟରଫାଇନାଲ ଲଢ଼େଇ

# ୮ ଦଳର ଶେଷ ଭାଗ୍ୟ ପରୀକ୍ଷା

ନ୍ୟୁଜର୍ସି,୮।୭(ଏଜେନ୍ସି):ଆମେରିକା, କାନାଡା ଓ ମେକ୍ସିକୋର ମିଳିତ ଆୟୋଜନରେ ଚାଲିଥିବା ଚଳିତ ଫିଫା ଫୁଟବଲ ବିଶ୍ୱକପର ଆଉ ୮ ମ୍ୟାଚ ବାକି ଅଛି। ପୂର୍ବରୁ ଗ୍ରୁପ ପର୍ଯ୍ୟାୟ, ରାଉଣ୍ଡ ୩୨ ଓ ରାଉଣ୍ଡ ୧୬ ମ୍ୟାଚ ସରିଥିବା ବେଳେ ଏଥିରେ ୮ ଦଳ କ୍ୱାର୍ଟରଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପର୍ଯ୍ୟାୟରେ ଫ୍ରାନ୍ସ, ମରକ୍କୋ, ନରୱେ, ଆର୍ଜେଣ୍ଟିନା, ବେଲଜିୟମ, ଇଂଲଣ୍ଡ ଓ ସ୍ୱିଜରଲାଣ୍ଡର ଭାଗ୍ୟ ପରୀକ୍ଷା ହେବ। ଆସନ୍ତା ୧୦ ତାରିଖ ଦିନ ଫ୍ରାନ୍ସ ଓ ମରକ୍କୋ ମଧ୍ୟରେ ପ୍ରଥମ କ୍ୱାର୍ଟରଫାଇନାଲ ଏବଂ ୧୧ ତାରିଖରେ ସ୍ପେନ ଓ ବେଲଜିୟମ ଦ୍ୱିତୀୟ କ୍ୱାର୍ଟରଫାଇନାଲରେ ପରସ୍ପରକୁ ଭେଟିବେ । ସେହିପରି ୧୨ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ଦୁଇ କ୍ୱାର୍ଟରଫାଇନାଲ ମୁକାବିଲାରେ ନରୱେ–ଇଂଲଣ୍ଡ ଓ ଆର୍ଜେଣ୍ଟିନା ମଧ୍ୟରେ ଜୋରଦାର ଲଢ଼େଇ ହେବ। ଆସନ୍ତା ୧୫ ଓ ୧୬ ତାରିଖରେ ଅନୁଷ୍ଠିତ ହେବ ଦୁଇଟି ଯାକ ସେମିଫାଇନାଲ ମ୍ୟାଚ। ଜୁଲାଇ ୧୯ରେ ଫାଇନାଲ ସହିତ ତୃତୀୟ ସ୍ଥାନ ମ୍ୟାଚ ଅନୁଷ୍ଠିତ ହେବ ।

# ଆଇସିସିର ସହଯୋଗୀ ସଦସ୍ୟ ନିର୍ଦ୍ଦେଶକ ଭାବେ ୩ ନିର୍ବାଚିତ

ନୂଆଦିଲ୍ଲୀ,୮।୭(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ସହଯୋଗୀ ସଦସ୍ୟ ନିର୍ଦ୍ଦେଶକ ଭାବେ ଗୁରୁମୂର୍ତ୍ତି ପାଲାନି, ମୁବାସିର ଉସ୍ମାନି ଓ ରୁଡି ଭାନ୍ ଭୁରେନ୍ ନିର୍ବାଚିତ ହୋଇଥିବା ବେଳେ ଅଭିଜ୍ଞ ପ୍ରଶାସକ ଇମ୍ରାନ ଖ୍ୱାଜା ଆଶ୍ଚର୍ଯ୍ୟଜନକ ଭାବେ ପରାଜୟର ସମ୍ମୁଖୀନ ହୋଇଛନ୍ତି। ବୁଧବାର ସ୍କଟଲାଣ୍ଡର ଏଡିନ୍‌ବର୍ଗରେ ଅନୁଷ୍ଠିତ ଆଇସିସି ବାର୍ଷିକ ସମ୍ମିଳନୀ ଅବସରରେ ଏହି ନିର୍ବାଚନ ହୋଇଥିଲା।ପାଲାନି ୩୫, ଉସ୍ମାନି ଓ ଭୁରେନ୍ ୨୬ ଲେଖାଏଁ ଭୋଟ ପାଇଥିବାବେଳେ ଅନ୍ୟ ଦୁଇ ପ୍ରାର୍ଥୀ ଖ୍ୱାଜା ୨୩ ଓ ମହିନ୍ଦା ଭାଲିପୁରମ ୧୯ ଖଣ୍ଡ ଭୋଟ ମିଳିଥିଲା। ପଲାନି ଓ ଭୁରେନ ପ୍ରଥମ ଥର ପାଇଁ ୧୭ ସଦସ୍ୟ ବିଶିଷ୍ଟ ବୋର୍ଡରେ ପ୍ରବେଶ କରିଥିଲା ବେଳେ ବର୍ତ୍ତମାନର ଡେପୁଟି ଚେୟାରମ୍ୟାନ୍ ଖ୍ୱାଜାଙ୍କ ପରାଜୟ ସମସ୍ତଙ୍କୁ ବିସ୍ମିତ କରିଛି। ନବ ନିର୍ବାଚିତ ସଦସ୍ୟ ମାନେ ଦୁଇ ବର୍ଷ ପାଇଁ ଏହି ଦାୟିତ୍ୱରେ ରହିବେ। ଏଠାରେ ଅନୁଷ୍ଠିତ ଏହି ୪ ଦିନିଆ ସମ୍ମିଳନୀ ୧୧ତାରିଖରେ ଶେଷ ହେବ। ଆଇସିସି ଅଧକ୍ଷ ଜୟ ଶାହଙ୍କ ସହ ସମସ୍ତ ଅଧିକାରୀ ଯୋଗଦେଇଛନ୍ତି।

## ଇଂଲଣ୍ଡ ବିପକ୍ଷ ଟି–୨୦ସିରିଜ

# ଭାରତର ଲଜ୍ଜାଜନକ ପରାଜୟ ଜାରି




ନଟିଂହାମ,୮।୭(ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ଲଜ୍ଜାଜନକ ପ୍ରଦର୍ଶନ ଜାରି ରହିଛି। ଆୟର୍ଲାଣ୍ଡ ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ଟି–୨୦ ସିରିଜରେ ଭାରତ ୦–୨ରେ ମୂଳପୋଛ ହେବା ପରେ ଏବେ ଇଂଲଣ୍ଡ ବିପକ୍ଷ ଟି–୨୦ ସିରିଜର ଦୁଇ ମ୍ୟାଚରେ ଶୋଚନୀୟ ପରାଜୟ ସ୍ୱିକାର କରିଛି। ମଙ୍ଗଳବାର ଏଠାରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ତୃତୀୟ ଟି–୨୦ ମ୍ୟାଚରେ ଇଂଲଣ୍ଡର ୨୦୧ ରନ ଜବାବରେ ଭାରତ ୧୧.୪ ଓଭରରେ ୭୬ ରନ କରି ଅଲଆଉଟ ହେବା ସହିତ ୧୨୫ ରନରେ ପରାସ୍ତ ହୋଇଛି। ସେହିଭଳି ନୂଆ ଅଧିନାୟକ ଶ୍ରେୟସ୍ ଆୟରଙ୍କ ଅଧୀନରେ ଭାରତ ଲଗାତାର ଚାରି ମ୍ୟାଚ୍ ହାରି ସାରିଲାଣି। ଶ୍ରେୟସ୍‌ଙ୍କ ସହ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଓ ଦଳର ସମସ୍ତ ପ୍ରମୁଖ ବ୍ୟାଟରଙ୍କ ବିଫଳତା ଧାରା ବି ଜାରି ରହିଛି। ଦଳ ପକ୍ଷରୁ ବୈଭବ ସୂର୍ଯ୍ୟବଂଶୀ ୧୩, ଈଶାନ କିଶାନ ୧୩, ଅଭିଷେକ ଶର୍ମାଙ୍କ ୧୦ ରନ ସବୁଠାରୁ ବଡ ଅବଦାନ ଥିବା ବେଳେ ଅନ୍ୟ ବ୍ୟାଟରମାନେ ଦୁଇ ଅଙ୍କ ବିଶିଷ୍ଟ ସ୍କୋରରେ ପହଞ୍ଚି ପାରି ନ ଥିଲେ। ଏହି ଫର୍ମାଟରେ ଭାରତର ଏହା ଦ୍ୱିତୀୟ ଦଳଗତ ସର୍ବନିମ୍ନ ସ୍କୋର। ପୂର୍ବରୁ ୨୦୦୮ରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ଭାରତ ୭୪ ରନ କରିଥିଲା। ଇଂଲଣ୍ଡ ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ୨–୦ରେ ଆଗୁଆ ହୋଇଛି। ଦଳର ଏଭଳି ଦୟନୀୟ ପ୍ରଦର୍ଶନ ଭାରତୀୟ କ୍ରିକେଟ୍ ପଣ୍ଡିତଙ୍କୁ ବିସ୍ମିତ କରିଛି। ଅନେକ ପ୍ରସଂଶକ ସୂର୍ଯ୍ୟକୁମାର ଯାଦବଙ୍କୁ ଅଧିନାୟକ ପଦକୁ ଫେରାଇ ଆଣିବାକୁ ଦାବି କରିଛନ୍ତି। ଏବେ ଚତୁର୍ଥ ଟି–୨୦ ଜିତିବାକୁ ନୂଆ କୌଶଳ ସହ ପଡ଼ିଆକୁ ଓହ୍ଲାଇବାକୁ ଚିନ୍ତା କରୁଛି ଟିମ ଇଣ୍ଡିଆ। ଦ୍ରୁତ ଆରମ୍ଭ ପାଇଁ ସୂର୍ଯ୍ୟବଂଶୀ ଓ ଅଭିଷେକ ଶର୍ମା ପୂର୍ବ ପରି ଓପନିଂ କରିବେ। ଉପଅଧିନାୟକ ତିଳକ ବର୍ମା ବିଫଳ ହେଉଥିବାରୁ ତାଙ୍କୁ ନେଇ ଦଳ ଚିନ୍ତାରେ ରହିଛି।ସାମସନ୍ ଫେରିଲେ ମଧ୍ୟକ୍ରମରେ ଅଦଳବଦଳ ହେବ। ପେସ ବୋଲର ଭଲ କରୁଥିଲା ବେଳେ ସ୍ପିନର୍ ପ୍ରଦର୍ଶନ ସନ୍ତୋଷ ଜନକ ନୁହେଁ। ଏଥିରେ ମଧ୍ୟ କିଛି ପରିବର୍ତ୍ତନ କରା ଯାଇପାରେ।

# ସଞ୍ଜୁ ସାମସନଙ୍କ ସପକ୍ଷରେ ପୁରୁଖା ଖେଳାଳି

ନୂଆଦିଲ୍ଲୀ,୮।୭(ଏଜେନ୍ସି): ଆଗାମୀ ଜିମ୍ବାୱେ ବିପକ୍ଷ ସିରିଜରୁ ସଞ୍ଜୁ ସାମସନଙ୍କୁ ବାଦ ଦେବାପରେ ଅନେକ ପୂର୍ବତନ କ୍ରିକେଟର ଏହି ନିଷ୍ପତ୍ତିକୁ ନାପସନ୍ଦ କରଛନ୍ତି।ସେମାନଙ୍କ ମତ ହେଲା, ସଞ୍ଜୁଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଭାରତ ଗତ ଟି–୨୦ ବିଶ୍ୱକପରେ ଚାମ୍ପିୟନ ହୋଇଥିଲା । ସେ ମଧ୍ୟ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ହୋଇଥିଲେ । ପୂର୍ବତନ କ୍ରିକେଟର ସଦାଗୋପନ ରମେଶ କହିଛନ୍ତି ଯେ, ସଞ୍ଜୁଙ୍କ ଯୋଗୁ ଚୟନ କମିଟି ମୁଖ୍ୟ ଅଜିତ ଅଗରକରଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଥିଲା। ସାମସନ ଯଦି ଭାରତକୁ ଟି–୨୦ ବିଶ୍ୱକପ ଜିତାଇ ନ ଥାନ୍ତେ, ତେବେ ଅଗରକର ତାଙ୍କ ପଦ ହରାଇବା ଏକପ୍ରକାର ନିଶ୍ଚିତ ହୋଇ ଯାଇଥାନ୍ତା ।ତେଣୁ ବିଶ୍ୱକପ ଜିତାଇଥିବା ଖେଳାଳିଙ୍କୁ ୩ଟି ବିଫଳ ମ୍ୟାଚ ପରେ ଡ୍ରପ କରିବା ଆଦୌ ଗ୍ରହଣୀୟ ନୁହେଁ । କାରଣ ସଞ୍ଜୁ ସର୍ବଦା ଟିମ ପାଇଁ ଖେଳିଥାନ୍ତି। ବିଶ୍ୱକପରେ ୩ ଥର ତାଙ୍କ ନିକଟରେ ଶତକ ହାସଲ କରିବା ସୁଯୋଗ ଥିଲେ ମଧ ସେ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ମାତ୍ର ୩ଟି ମ୍ୟାଚ ଖରାପ ଖେଳିବା ପରେ ଏ ଭଳି ପଦକ୍ଷେପ ଖେଳାଳିଙ୍କ ମନୋବଳ ହ୍ରାସ ପାଇବ। ଯେଉଁମାନେ ଆମ ପାଇଁ ଗୌରବ ଆଣୁଛନ୍ତି ସେମାନଙ୍କୁ ଉପଯୁକ୍ତ ସମ୍ମାନ ମିଳିବା ଉଚିତ।



# ଆର୍ଜେଣ୍ଟିନାକୁ ବିପର୍ଯ୍ୟୟରୁ ରକ୍ଷା କଲେ ମେସି



ଆଟଲାଣ୍ଟା,୮।୭(ଏଜେନ୍ସି): ଇଜିପ୍ଟକୁ ହରାଇ ଫିଫା ବିଶ୍ୱକପ କ୍ୱାର୍ଟର ଫାଇନାଲ୍ ଦୌଡ଼ରେ ଆର୍ଜେଣ୍ଟିନା । ଲିଓନେଲ ମେସି ପୁଣି କମାଲ ଦେଖାଇ ଆର୍ଜେଣ୍ଟିନାକୁ ବିଶ୍ୱକପ୍ରୁ ବିଦା ହେବାରୁ ବଞ୍ଚାଇଲେ ଦେଲେ। ଆର୍ଜେଣ୍ଟିନା ଏକଦା ୦–୨ ରେ ପଛୁଆ ଥାଇ ମଧ ଇଜିପ୍ଟକୁ ୩–୨ ରେ ଧୂଳି ଚଟାଇଲା ।ହାରୁ ହାରୁ ଜିତିଲା ଆର୍ଜେଣ୍ଟିନା। ଇଜିପ୍ଟର ୨–୦ ର ଅଗ୍ରଣୀକୁ ଧୂଳିସାତ କଲେ ମେସି । ବିଶ୍ୱକପ୍ ଇତିହାସର ଅନ୍ୟତମ ସବୁଠାରୁ ରୋମାଞ୍ଚକର ମ୍ୟାଚ୍ । ଯେତେବେଳେ ସାରା ବିଶ୍ୱ ଭାବି ନେଇଥିଲା ଚଳିତ ବିଶ୍ୱକପରୁ ଚାମ୍ପିଅନ୍ ଆର୍ଜେଣ୍ଟିନା ବିଦା ହେବାକୁ ଯାଉଛି, ଠିକ୍ ସେତିକି ବେଳେ ମ୍ୟାଚ୍ ବଦଳାଇ ଦେଲେ ୩୯ ବର୍ଷୀୟ ମହାନାୟକ ଲିଓନେଲ୍ ମେସି।ଏହି ବିଜୟ ପରେ ଅଧିନାୟକ ମେସି ନିଜର ଭାବବେଗକୁ ରୋକି ପାରିନଥିଲେ ଏବଂ ପଡ଼ିଆରେ କାନ୍ଦି ପକାଇଥିଲେ।

ସ୍ଥାନୀୟ ମର୍ସିଡିଜ୍–ବେଞ୍ଜ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ମହମ୍ମଦ ସାଲାହଙ୍କ ଇଜିପ୍ଟ ଦଳ ପ୍ରାରମ୍ଭରୁ ଚମତ୍କାର ଖେଳ ପ୍ରଦର୍ଶନ କରି ୨–୦ ର ବଡ଼ ଅଗ୍ରଣୀ ହାସଲ କରିଥିଲା।ଇଜିପ୍ଟର ପ୍ରାରମ୍ଭିକ ଆଧିପତ୍ୟ ପରେ ଆର୍ଜେଣ୍ଟିନା ଯେଉଁଭଳି ଭାବେ ବାଜି ଓଲଟାଇଲା, ତାହା କେବଳ ଏକ ସତ୍ୟକାର ଚାମ୍ପିଅନ୍ ଦଳ ହିଁ କରିପାରିବ। ୩୯ ବର୍ଷ ବୟସରେ ମଧ ମେସି ପୁଣି ଥରେ ପ୍ରମାଣ କଲେ ଯେ ସେ ଦୁନିଆର ସର୍ବଶ୍ରେଷ୍ଠ ଖେଳାଳି। ଗୋଟିଏ ଗୋଲ୍ ଓ ଗୋଟିଏ ଆସିଷ୍ଟ କରି ସେ ଇଜିପ୍ଟର ସ୍ୱପ୍ନ ଭାଙ୍ଗି ଦେଇଥିଲେ। କେପ୍ ଭର୍ଡେ ବିପକ୍ଷରେ କଠିନ ବିଜୟ ପରେ, ଏହି ମ୍ୟାଚ୍ ପୁଣି ଥରେ ଦର୍ଶାଇଛି ଯେ ଆର୍ଜେଣ୍ଟିନା ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ହାର୍ ମାନେ ନାହିଁ। ଯେତେବେଳେ ଦଳକୁ ଗୋଲର ସବୁଠାରୁ ବେଶୀ ଆବଶ୍ୟକତା ଥିଲା, ମିଡ୍ ଫିଲ୍ଡର ଏଞ୍ଜୋ ଏକ କ୍ଲିନିକାଲ୍ ଫିନିଶିଂ କରି ଆର୍ଜେଣ୍ଟିନାକୁ ୩–୨ ରେ ଜିତାଇଥିଲେ।

## ରାଜ୍ୟ ଖବର

# ଅସ୍ତରଙ୍ଗ ସମୁଦ୍ର କୂଳରେ ରହସ୍ୟମୟ ବୁଆ

ଅସ୍ତରଙ୍ଗ, ୮।୭ (ନି.ପ୍ର): ବୁଧବାର ସକାଳୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଗୁଣ୍ଡଲବା ସମୁଦ୍ର କୂଳରେ ପୁଣି ଥରେ ଏକ ବଡ ଲୁହା ବୁଆ ଲାଗିଛି। ଜଙ୍କ ଲାଗିଥିବା ଏହି ବୁଆ ଉପରେ ୯ ନମ୍ବର ଲେଖା ହୋଇଥିବା ବେଳେ ଉପର ଅଂଶରେ ଥିବା ଲାଇଟ ଫ୍ରେମ ସମ୍ପୂର୍ଣ୍ଣ ଭାବେ ଫାଟି ଯାଇଛି। ଗତ ୩ ରୁ ୪ ବର୍ଷ ଭିତରେ ଏହି ଅଞ୍ଚଳରେ ଏହା ତୃତୀୟ ଥର ପାଇଁ ଲାଗିବା ଘଟଣା। ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ ବୁଧବାର ସକାଳେ ଜୁଆର ସମୟରେ ବୁଆଟି କୂଳକୁ ଭାସି ଆସିଥିଲା। ବୁଆ ଦେଖିବା ପାଇଁ ଶହ ଶହ ଲୋକ ଓ ପର୍ଯ୍ୟଟକ ସମୁଦ୍ର କୂଳରେ ଭିଡ ଜମାଇଥିଲେ। ବୁଆଟି ହେଉଛି ସମୁଦ୍ର ନୌ–ସଙ୍କେତ ବୁଆ। ସମୁଦ୍ରରେ ଚଳାଚଳ କରୁଥିବା ଜାହାଜ ଓ ମାଛ ଧରା ନୌକାଙ୍କୁ ଗଭୀରତା, ବାଲିଚର ଓ ବିପଦ ସମ୍ପର୍କରେ ସୂଚନା ଦେବା ଏହାର ମୁଖ୍ୟ କାମ। ରାତିରେ ଉପରେ ଥିବା ଲାଇଟ ଜଳି ନାବିକମାନଙ୍କୁ ରାସ୍ତା ଦେଖାଇଥାଏ। ବୁଆ ଉପରେ ଥିବା ୯ ନମ୍ବର ହେଉଛି ତାର ପରିଚୟ କୋଡ।

# କ୍ୟାନ୍ସର ସଚେତନତା କାର୍ଯ୍ୟକ୍ରମ



ଖୁଣ୍ଟା, ୮।୭(ନି.ପ୍ର): ବମ୍ବେ ସ୍ଥିତ ଟାଟା ମେମୋରିଆଲ ତରଫରୁ ଗୋପବନ୍ଧୁ ନଗର ବ୍ଲକ, କୁଶଳଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ସାହୁଙ୍କ ସହଯୋଗରେ ଏକ କ୍ୟାନ୍ସର ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ବମ୍ବେ ଟାଟା ମେମୋରିଆଲରୁ ଡ଼. ଅତୁଲ ବୁଦୁକ ଉପସ୍ଥିତ ରହି କ୍ୟାନ୍ସର ସମ୍ପର୍କିତ ଏକ ବିଷଦ ଆଲୋଚନା କରିଥିଲେ। ତାଙ୍କ ସହିତ ବାରିପଦା ପିଆରଏମରୁ ପ୍ରାୟ ୧୦ ଜଣ ଡାକ୍ତର ଆସିଥିଲେ। ଉପସ୍ଥିତ ଡାକ୍ତରମାନଙ୍କ ମଧ୍ୟରୁ ଡ଼.ସଞ୍ଜୟ, ଗୋପବନ୍ଧୁ ନଗର ବ୍ଲକ କ୍ୟାନ୍ସର କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ଡ଼.ରାଜେଶ ଦାସ, ଡ଼.ଭୁବନେଶ୍ୱରୀ ପାତ୍ର, ଡ଼.ଶୁଭମ କର ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ସମ୍ପର୍କୀୟ ସଚେତନତା ବାର୍ତ୍ତା ରଖିଥିଲେ। ଏଥି ସହିତ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କାରାଯାଇ ୫ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବାର ପ୍ରତିଶୃତି ଦିଆଯାଇଛି। ୮ମ ରୁ ୧୦ମ ଶ୍ରେଣୀର ମୋଟ ୩୫ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବାରୁ ସମସ୍ତଙ୍କୁ ଉଚ୍ଚ ପ୍ରସଂଶା କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚାରା ବିତରଣ କେନ୍ଦ୍ର ଉଦଘାଟିତ



କଣ୍ଟିଲୋ/ଖଣ୍ଡପଡ଼ା, ୮।୭ (ନି.ପ୍ର): ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଚାରା ବିତରଣ କେନ୍ଦ୍ର ନୟାଗଡ ଜିଲ୍ଲାପାଳ, ବନଖଣ୍ଡ ଅଧିକାରୀ ଓ ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଉପସ୍ଥିତିରେ ଉଦଘାଟିତ ହୋଇଯାଇଛି। ବନ ବିଭାଗ ପକ୍ଷରୁ ‘ମା ପାଇଁ ଗଛଟିଏ’ କାର୍ଯ୍ୟକ୍ରମ ଜରିଆରେ ଅଞ୍ଚଳବାସୀଙ୍କୁ ଉକ୍ତ ବିତରଣ କେନ୍ଦ୍ର ଜରିଆରେ ସୁଲଭ ମୂଲ୍ୟରେ ବିଭିନ୍ନ କିସମର ଚାରା ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଥିବା ନେଇ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକଙ୍କଠାରୁ ପ୍ରକାଶ। ଉକ୍ତ ଚାରା ବିତରଣ କେନ୍ଦ୍ରଟି ବନ ବିଭାଗ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେଉଥିବା ବେଳେ ଖଣ୍ଡପଡ଼ା ଅଞ୍ଚଳର ଜନସାଧାରଣ ସେଠାରୁ ୧ ଟଙ୍କା ବିନିମୟରେ ଗୋଟିଏ ଲେଖାଁଏ ଚାରା ନେଇ ପାରିବେ ବୋଲି ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ ଉକ୍ତ ବିତରଣ କେନ୍ଦ୍ର ଜରିଆରେ ଚଳିତ ବର୍ଷ ୧ ଲକ୍ଷ ଚାରା ବଣ୍ଟନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଜଣାପଡିଛି।

# ନୀଳମାଧବ ମନ୍ଦିର ପଶ୍ଚିମ ଦ୍ୱାର ପାଲଟିଛି ସରୀସୃପଙ୍କ ଆଶ୍ରୟ ସ୍ଥଳ

କଣ୍ଟିଲୋ, ୮।୭(ନି.ପ୍ର): ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀ ନୀଳମାଧବଙ୍କ ମନ୍ଦିର ଉନ୍ନତିକରଣ ପାଇଁ ରାଜ୍ୟ ସରକାର ବିଗତ ଦିନରେ କୋଟି କୋଟି ଟଙ୍କା ଅନୁଦାନ ଦେଇଥିଲେ ମଧ ତାହା ଠିକ୍ ଭାବରେ ବିନିଯୋଗ ହୋଇନଥିବା ସାଧାରଣରେ ଭିନ୍ନ ଭିନ୍ନ ସମୟରେ ଅଭିଯୋଗ ମାନ ହେଉଛି। ନୀଳମାଧବ ବିକାଶ ପ୍ରକଳ୍ପ କାର୍ଯ୍ୟ ମଧ୍ୟରୁ ନୀଳମାଧବ ମନ୍ଦିରର ଶୋଭାବର୍ଦ୍ଧନ ପାଇଁ ମନ୍ଦିର ଚତୁଃପାର୍ଶ୍ୱରେ ଉନ୍ନତ ମାନର ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଅନ୍ୟତମ। ମନ୍ଦିର ବିକାଶ ପ୍ରକଳ୍ପ କାର୍ଯ୍ୟ କରୁଥିବା ସଂପୃକ୍ତ ଠିକା ସଂସ୍ଥା ତରଫରୁ ମନ୍ଦିରରେ ଲଗାଯାଇଥିବା ଆଲୋକ ମଧ୍ୟରୁ ଅଧିକାଂଶ ଆଲୋକ ପୋଡ଼ି ନଷ୍ଟ ହୋଇଯାଇଛି। ଯାହାଫଳରେ ପ୍ରଭୁ ଶ୍ରୀ ନୀଳମାଧବଙ୍କ ମନ୍ଦିର ଶୋଭା କ୍ଷୁର୍ଣ୍ଣ ହେବାକୁ ବସିଛି। ନୀଳମାଧବ ମନ୍ଦିର ପାହାଡ଼ ଉପରେ ଅବସ୍ଥିତ ହୋଇଥିବାରୁ ଘଞ୍ଚ ଜଙ୍ଗଲ ଭରା ପାହାଡ଼ରେ ସରୀସୃପମାନଙ୍କ ଚରାଭୂଇଁ ପାଲଟିଛି। ସେଥିମଧ୍ୟରୁ ପଶ୍ଚିମ ଦ୍ୱାର ଯାହାକି ବ୍ୟାଘ୍ର ଦ୍ୱାର ଭାବେ ସମସ୍ତେ ଜାଣିଛନ୍ତି। ସେହି ଦ୍ୱାର ଦେଇ ଅଧିକାଂଶ ଯାତ୍ରୀ ଓ ପର୍ଯ୍ୟଟକ ମନ୍ଦିର ପ୍ରବେଶ କରିଥାନ୍ତି।

ଦୁଃଖର ବିଷୟ ଉକ୍ତ ଦ୍ୱାର ପଟେ ଲାଗିଥିବା ଆଲୋକ ଅଚଳ ହୋଇଯିବା କାରଣରୁ ରାତିରେ ଅନ୍ଧାର ହେତୁ ସେହି ବାଟରେ ବର୍ଷର ଅଧିକାଂଶ ସମୟରେ ବିଭିନ୍ନ ବିଷାକ୍ତ ସରୀସୃପ ଯାତାୟତ କରୁଥିବା ନଜରକୁ ଆସିଛି। ଜଗନ୍ନାଥ ସିକ୍ୟୁରିଟି ସଂସ୍ଥା ତରଫରୁ ଗତ ୩ ମାସ ହେବ ମନ୍ଦିର ରେ ଯାତ୍ରୀମାନଙ୍କୁ ନିରାପତ୍ତା ଯୋଗାଇବା ସହ ମନ୍ଦିର ସୁରକ୍ଷା ପାଇଁ କର୍ମଚାରୀ ନିଯୁକ୍ତି ପାଇଛନ୍ତି। ସେମାନେ ରାତ୍ର କାଳରେ ଡ୍ୟୁଟି କରିବା ପାଇଁ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। କାରଣ ଏବେ ଲଗାତର ଭାବେ କେଉଁ ଦିନ ପଶ୍ଚିମ ଦ୍ୱାର ପାହାଚରେ ତ କେଉଁ ଦିନ ଲିଫ୍ଟ ପାଖରେ ତ କେଉଁ ଦିନ ହନୁମାନ ମନ୍ଦିର ପରିସରରେ ନାଗ, ରଣା, ଲାଉଡଙ୍କିଆ ଓ କଙ୍କଡ଼ା ବିଛା ଦେଖିବାକୁ ମିଳିଛି। ସେଥିମଧ୍ୟରୁ ଅଧିକାଂଶ ସମୟରେ ସାପ ଧରାଳିଙ୍କୁ ସିକୁରିଟିମାନେ ଫୋନ ମାଧ୍ୟମରେ ଡକାଇ ଅନ୍ୟତ୍ର ଛାଡିବାର ବ୍ୟବସ୍ଥା କରିଥିବା ନଜରକୁ ଆସିଛି। ତେଣୁ ଯାତ୍ରୀ ଓ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ପଶ୍ଚିମ ଦ୍ୱାର ପାହାଚ ରେ ଅତ୍ୟାଧୁନିକ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଗଲେ ନିଶ୍ଚିତ ବିପଦରୁ ରକ୍ଷା ମିଳନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଓଡ଼ିଶା ଜନତା କଂଗ୍ରେସର ପ୍ରଥମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୮।୭ (ନି.ପ୍ର): ଓଡ଼ିଶା ଜନତା କଂଗ୍ରେସର ପ୍ରଥମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଇଂ ମହମ୍ମଦ ମୋକିମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟର ସମସ୍ତ ପଦାଧିକାରୀ ଯୋଗ ଦେଇ ମୌଳିକ ସମସ୍ୟାର ସମାଧାନ ସହ ଦଳର ସଂଗଠନକୁ ସୁଦୃଢ଼ କରିବା କ୍ଷେତ୍ରରେ ନିଜସ୍ୱ ମତାମତ ପ୍ରଦାନ କରିଥିଲେ। ଦଳର ସଭାପତି ଶ୍ରୀ ମୋକିମ ରାଜ୍ୟ ଓ ଲୋକଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ନିରନ୍ତର ନିଷ୍ଠାପର ଉଦ୍ୟମ ଜାରି ରହିବ ବୋଲି କହିଛନ୍ତି। ରାଜ୍ୟ ଓ ଲୋକଙ୍କ ସ୍ୱାର୍ଥର ସୁରକ୍ଷା ସର୍ବୋପରି। ତେଣୁ ଓଡ଼ିଶା ଜନତା କଂଗ୍ରେସ ସମସ୍ତ ସମସ୍ୟାର ସମାଧାନ ଓ ନ୍ୟାୟ ପ୍ରଦାନ ଦିଗରେ ଅହର୍ନିଶି କାର୍ଯ୍ୟ କରିବ ଓ ରାଜ ରାସ୍ତାରେ ଲଢେଇ ପର୍ଯ୍ୟନ୍ତ ସର୍ବଦା ପ୍ରସ୍ତୁତ ହୋଇ ରହିଛି। ଉପସ୍ଥିତ ସମସ୍ତ ରାଜ୍ୟ ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ, ଜିଲ୍ଲା ସଭାପତି, ଜିଲ୍ଲା ପ୍ରଭାରୀ, ମୁଖପାତ୍ର ଓ ଛାମୁଆ ସଂଗଠନର ମୁଖ୍ୟମାନେ ବିଭିନ୍ନ ପ୍ରସଙ୍ଗ ଉପରେ ନିଜ ନିଜ ବିଭାଗ ସମ୍ପର୍କରେ ସବିଶେଷ ତଥ୍ୟ, ପ୍ରସ୍ତାବ ଓ ବିଚାର ଉପସ୍ଥାପନା କରିବା ସହିତ କିପରି ସଂଗଠନ ମଜବୁତ ସହିତ ରାଜ୍ୟରେ ଏକ ଦୃଢ଼ ରାଜନୈତିକ ଶକ୍ତି ଭାବେ ରାଜ୍ୟବାସୀଙ୍କ ସ୍ୱର ହୋଇ ସଶକ୍ତ ଓଡ଼ିଶା ଗଠନର ସାରଥୀ ହେବ ସେ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଥିଲେ। ଆଗାମୀ ଦିନରେ ସଭ୍ୟ ସଂଗ୍ରହକୁ ବିଶେଷ ପ୍ରାଧାନ୍ୟ ଦିଆଯିବା ଉପରେ ଆଲୋଚନା ହୋଇଥିଲା। ଆଗାମୀ ଏକ ମାସ ଭିତରେ ଜିଲ୍ଲା କମିଟି ଗଠନ ଏବଂ ଘୋଷିତ ଜିଲ୍ଲାରେ ବୁଥ୍ ସ୍ତରରୁ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିଷ୍ପତି ନିଆଯାଇଛି। ସବୁ ଜିଲ୍ଲାର ଜିଲ୍ଲା ମୁଖ୍ୟାଳୟରେ ମାସକୁ ଅତିକମରେ ଦୁଇଟି ସ୍ଥାନୀୟ ସମସ୍ୟାକୁ ନେଇ ପ୍ରତିବାଦ ସଭା ଆୟୋଜନ କରାଯିବା ସହିତ ଆଗାମୀ ତିନି ମାସ ପରେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ପୁନର୍ବାର ଅନୁଷ୍ଠିତ ହେବ ଏବଂ ଦିଆଯାଇଥିବା ଦାୟିତ୍ୱର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯିବ। ଆସନ୍ତା ମାସ ଅଗଷ୍ଟ ପ୍ରଥମ ସପ୍ତାହରେ ପୁରୀଠାରେ ଦଳର କାର୍ଯ୍ୟକର୍ତ୍ତା ମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ମଧ ସ୍ଥିର ହୋଇଛି।

# ତାଲା ଭାଙ୍ଗି ଘରୁ ଚୋରି

ଖୁଣ୍ଟା, ୮।୭(ନି.ପ୍ର): ଖୁଣ୍ଟା ଥାନା ଅଞ୍ଚଳରେ ପୁଣି ଚୋର ସକ୍ରିୟ ହୋଇ ଉଠିଛନ୍ତି। ସପ୍ତାହ ତଳେ ଦୁଇଟି ସ୍ଥାନରୁ ଚୋରି ହୋଇଥିବା ବେଳେ ପୁଣି ମଙ୍ଗଳବାର ରାତିରେ ଖୁଣ୍ଟା ସ୍ଥିତ ଚତୁର୍ଶିଳା ଗ୍ରାମର ବିଦ୍ୟୁତ୍ କାର୍ଯ୍ୟାଳୟ ପଛପଟେ ପ୍ରଶାନ୍ତ କୁମାର ବେହେରାଙ୍କ ଘରେ ଦୁର୍ବୃତ୍ତମାନେ ତାଲାକାଟି ଘର ମଧରେ ଥିବା ବିଭିନ୍ନ ସାମଗ୍ରୀ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପ୍ରଶାନ୍ତଙ୍କ ଅଭିଯୋଗ କ୍ରମେ ୧୬୯/୨୬ ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଏ ଏସ୍ ଆଇ ରତିକାନ୍ତ ଦାସ ତଦନ୍ତ ଚଳାଇଛନ୍ତି।

# ପରିତ୍ୟକ୍ତ ପୁଷ୍କରିଣୀ ଛାତ୍ରଛାତ୍ରୀଙ୍କ କ୍ରୀଡାଙ୍ଗନ



ଖଣ୍ଡପଡ଼ା, ୮।୭ (ନି.ପ୍ର): ଖଣ୍ଡପଡ଼ା ସହରର ୧ ନଂ ୱାର୍ଡରେ ଅବସ୍ଥିତ ଚନ୍ଦ୍ରଶେଖର ଆଶ୍ରମ ବିଦ୍ୟାଳୟଟି ରାଜରାଜୁଡା ଅମଳରେ ୧୯୫୦ ମସିହାରେ ସ୍ଥାପିତ ହୋଇଥିଲା। ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଏହି ବିଦ୍ୟାଳୟଟି ଦିର୍ଘ ୭୫ ବର୍ଷ ପରେ ମଧ୍ୟ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରୁଥିବା ଜଣାପଡିଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଅନୁସୂଚିତ ଜାତି ଓ ଜନଜାତିର ପିଲାମାନେ ଏଠାରେ ରହି ପାଠ ପଢୁଥିବା ବେଳେ ସମସ୍ତ ଅନ୍ତେବାସୀଙ୍କ ପାଇଁ ଆବଶ୍ୟକ ଶ୍ରେଣୀ ଗୃହ, ଛାତ୍ରାବାସ ଓ ଏକ କ୍ରୀଡାଙ୍ଗନର ଅଭାବ ପରିଲକ୍ଷିତ ହେଉଛି। ବର୍ଷର ବିଭିନ୍ନ ସମୟରେ ଖେଳକୁଦ ନିମନ୍ତେ ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ କ୍ରୀଡାଙ୍ଗନଟିଏ ନାହିଁ। ବିଦ୍ୟାଳୟ ମୁଖ୍ୟ ଫାଟକ ଠାରୁ ବିଦ୍ୟାଳୟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଛାତ୍ରଛାତ୍ରୀମାନେ ଖେଳକୁଦ କରୁଥିବା ନଜରକୁ ଆସୁଥିବା ବେଳେ ବିଦ୍ୟାଳୟ ରାସ୍ତା ପାଲଟିଛି କ୍ରୀଡାଙ୍ଗନ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବର୍ଷ ବର୍ଷ ଧରି ବିଦ୍ୟାଳୟ ରାସ୍ତାରେ ଛାତ୍ରଛାତ୍ରୀମାନେ ଖେଳକୁଦ କରୁଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟ ପରିସରରେ ଦିର୍ଘବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ପୋଖରୀଟିକୁ ପୋତାଯାଇ ଏକ କ୍ରୀଡାଙ୍ଗନରେ ପରିଣତ କରାଗଲେ ଛାତ୍ରଛାତ୍ରୀମାନେ ଉପକୃତ ହୋଇ ପାରନ୍ତେ ବୋଲି ସାଧାରଣରେ ଆଲୋଚନା ହେଉଛି।

## ସାପ ପାଇଁ ଅଧଘଣ୍ଟା ଚକାଜାମ୍

**ବେଙ୍ଗାଲୁରୁ, ୮।୭ (ଏଜେନ୍ସି):** ସହରର ବ୍ୟସ୍ତବହୁଳ ପ୍ୟାଲେସ ରୋଡ୍‌ରେ ଗତ ସନ୍ଧ୍ୟାରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଏକ ନାଗସାପ ରାସ୍ତା ମଝିରେ ପ୍ରାୟ



୩୦ ମିନିଟ୍ କାଳ ଫଣା ଟେକି ରହିବା ଯୋଗୁଁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଉଭୟ ପାର୍ଶ୍ୱରେ ଯାନବାହନଗୁଡ଼ିକ ଲମ୍ବା ଲାଇନରେ ଅଟକି ରହିଥିବା ବେଳେ ପଥଚାରୀମାନେ ଭୟ ଓ ବିସ୍ମୟର ସହ ଏହି ଦୃଶ୍ୟକୁ ଦେଖୁଥିଲେ। ସୋସିଆଲ ମିଡିଆରେ ଏହାର ଭିଡିଓ ଭାଇରାଲ ହେବା ପରେ ଲୋକେ ଏହାକୁ ଥଟ୍ଟାରେ ସହରର ନୂଆ ଭିଆଇପି ଏବଂ ଟ୍ରାଫିକ ନିୟମକୁ ଖାତିର ନ କରି ୩୦ ମିନିଟ ଧ୍ୟାନ କଲା ବୋଲି କହିଛନ୍ତି। ପରିସ୍ଥିତି ବିଗିବା ଲକ୍ଷ୍ୟ କରି ପୋଲିସ ସହାୟତାରେ ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ପରେ ଟ୍ରାଫିକ ସ୍ୱାଭାବିକ ହୋଇଥିଲା। ବର୍ଷା ଦିନେ ଗାତରେ ପାଣି ପଶିବାରୁ ସାପ ଓ ଅନ୍ୟାନ୍ୟ ସରିସୃପ ପଦାକୁ ବାହାରି ଉଚ୍ଚ ସ୍ଥାନକୁ ପଳାଇ ଆସୁଛନ୍ତି ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ପ୍ରକାଶ କରିଛନ୍ତି।

## ଠିଆହୋଇଥିବା ବେଳେ ମାଡ଼ିଗଲା ଟ୍ରକ
## ଦୁଇ ଭାଇ ସମେତ ୪ ମୃତ

**ଉତ୍ତରପ୍ରଦେଶ, ୮।୭ (ଏଜେନ୍ସି):** ଉତ୍ତର ପ୍ରଦେଶ କୌଶାମ୍ବୀ ଜିଲ୍ଲା ପ୍ରୟାଗରାଜ-କାନପୁର ହାଇୱେରେ



ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଏକ ଅଜ୍ଞାତ ପିକଅପ୍ ଗାଡିର ଟାୟାର ପଞ୍ଚର ହୋଇଥିବାରୁ ଏମାନେ ରାସ୍ତା କଡ଼ରେ ଠିଆ ହୋଇଥିବା ବେଳେ ଏକ ଟ୍ରକ ପଛରୁ ଆସି ଧକ୍କା ଦେଇଥିଲା। ଫଳରେ ଦୁର୍ଘଟଣାରେ ସମସ୍ତ ଚାରି ଜଣଙ୍କର ମୃତ୍ୟୁ ଘଟିଛି । ପୋଲିସ ମୃତଦେହଗୁଡ଼ିକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି। ଘଟଣା ସ୍ଥଳରୁ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡିଛି । ଖବର ମୁତାବକ, ସନ୍ଦିପାନ ଘାଟ ଥାନା ଅଞ୍ଚଳର ବାସିନ୍ଦା ଅନୱର ମଙ୍ଗଳବାର ରାତିରେ ସେମାନଙ୍କ ପିକଅପରେ ଲୋଡ୍ ହୋଇଥିବା ଏକ ଲୁହା ଖଟ ଧରି ଉନ୍ନାଓ ଯାଉଥିବା ବେଳେ ସେମାନଙ୍କ ପିକଅପ୍ ଟାୟାର ପଙ୍କଚର ହୋଇଗଲା । ରାସ୍ତାକଡ଼ରେ ଠିଆ ହୋଇଥିବା ଗାଡ଼ିର ଟାୟାର କାଢିବା ସମୟରେ ପଛରୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ଦୁର୍ଘଟଣାରେ ସମସ୍ତ ଚାରି ଜଣଙ୍କର ମୃତ୍ୟୁ ଘଟିଛି ।

ସ୍ଥାନୀୟ ବାସିନ୍ଦାଙ୍କଠାରୁ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସହାୟତାରେ ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ହସ୍ପିଟାଲକୁ ପଠାଇଥିଲେ। ସମସ୍ତ ୪ ଜଣଙ୍କ ଜୀବନ ଚାଲିଯାଇଥିବା ଜଣାପଡିଛି । ପୋଲିସ ସମସ୍ତ ଚାରି ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଛି । ପରିବାରବର୍ଗଙ୍କୁ ଦୁର୍ଘଟଣା ସମ୍ପର୍କରେ ସୂଚନା ଦିଆଯାଇଛି ।

## ସୁରତରେ ୯ ମୃତ, ହଜାର ହଜାର ଲୋକଙ୍କୁ ସ୍ଥାନାନ୍ତର

**ଅହମଦାବାଦ, ୮।୭ (ଏଜେନ୍ସି):** ଗୁଜରାଟରେ ଲଗାଣ ବର୍ଷା ଯୋଗୁ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ବିଶେଷକରି ସୁରତ ସହର ଓ ଦକ୍ଷିଣ ଗୁଜରାଟର ଅନେକ ଅଞ୍ଚଳ ବନ୍ୟା ପରିସ୍ଥିତିର ସମ୍ମୁଖୀନ ହୋଇଛି। ଗତ ଦୁଇ ଦିନ ମଧ୍ୟରେ କେବଳ ସୁରତରେ ବର୍ଷାଜନିତ ବିଭିନ୍ନ ଘଟଣାରେ ୯ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ରାଜ୍ୟରେ ଏକାସାଙ୍ଗରେ ପାଞ୍ଚଟି ପାଣିପାଗ ପ୍ରଣାଳୀ ସକ୍ରିୟ ଥିବାରୁ ଦକ୍ଷିଣ ଗୁଜରାଟ ଓ ସୌରାଷ୍ଟ୍ରର କିଛି ଅଞ୍ଚଳରେ ଅତି ପ୍ରବଳ ବର୍ଷା ଜାରି ରହିଛି।

ଜୁଲାଇ ୬ ଓ ୭ ତାରିଖରେ ସୁରତରେ ପ୍ରାୟ ୧୮ ଇଞ୍ଚ ବର୍ଷା ହେବାରୁ ସହରର ପାଞ୍ଚଟି ପ୍ରମୁଖ ପ୍ରାକୃତିକ ଝରଣା ମଧ୍ୟରୁ ଚାରିଟି ଉଚ୍ଛୁଳି ପଡ଼ିଥିଲା। ଫଳରେ ଆବାସିକ ଅଞ୍ଚଳ, ବସ୍ତି, ବ୍ୟବସାୟିକ ପ୍ରତିଷ୍ଠାନ ଓ ପ୍ରମୁଖ ରାସ୍ତାଗୁଡ଼ିକ ପାଣିରେ ବୁଡ଼ି ଯାଇଥିଲା। ସହରର ଅନେକ ସ୍ଥାନରେ ୧୧ରୁ ୧୯ ଇଞ୍ଚ ପର୍ଯ୍ୟନ୍ତ ବର୍ଷା ରେକର୍ଡ ହୋଇଥିବାରୁ ୧୯୪୧ ପରେ ଜୁଲାଇ ମାସର ସର୍ବାଧିକ ବର୍ଷାର ୮୫ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଯାଇଛି।

ବର୍ଷା କମିଥିଲେ ମଧ୍ୟ ସହରର ଅନେକ ଅଞ୍ଚଳରେ ପାଣି ଜମି ରହିଥିବାରୁ ସାଧାରଣ ଜୀବନ ସ୍ୱାଭାବିକ



ହୋଇପାରିନାହିଁ। ଘର, ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ପାଣି ପଶି କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ବନ୍ୟାରେ ଫସିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ଟ୍ରାକ୍ଟର, ଡମ୍ପର ଓ ସ୍ୱତନ୍ତ୍ର ଉଦ୍ଧାର ଉପକରଣ ନିୟୋଜିତ କରାଯାଇଛି। ୩ଟି ଏନ୍‌ଡିଆର୍‌ଏଫ୍ ଓ ୪ଟି ଏସ୍‌ଡିଆର୍‌ଏଫ୍ ଦଳ ସୁରତ ମହାନଗର ନିଗମ ଓ ଜିଲ୍ଲା ପ୍ରଶାସନ ସହ ମିଶି ଦିନରାତି ଉଦ୍ଧାର କାର୍ଯ୍ୟ ଚଳାଉଛନ୍ତି। ପ୍ରାୟ ୩,୪୦୦ ଜଣଙ୍କୁ ସୁରକ୍ଷିତ ସ୍ଥାନ ଓ ରିଲିଫ୍ ଶିବିରକୁ ସ୍ଥାନାନ୍ତର କରାଯାଇଛି।

ମୃତକଙ୍କ ମଧ୍ୟରୁ ୪ ଜଣ ବିଦ୍ୟୁତ୍ ସ୍ପର୍ଶରେ, ୨ ଜଣ ଗଛ ପଡ଼ିବାରୁ, ୨ ଜଣ ସଚିନ ଜିଆଇଡିସି ଅଞ୍ଚଳରେ ବୁଡ଼ିଯିବାରୁ ଏବଂ ଜଣେ କାମରେଜର ଏକ ପ୍ରାକୃତିକ ଝରଣାରେ ଭାସିଯିବାରୁ ପ୍ରାଣ ହରାଇଛନ୍ତି। ସାରା ରାଜ୍ୟରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୧,୫୨୮ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିବାବେଳେ ୧୩୪ ଜଣଙ୍କୁ ଉଦ୍ଧାର କରାଯାଇଛି। ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ରାଜ୍ୟର ସମ୍ବେଦନଶୀଳ ଅଞ୍ଚଳରେ ମୋଟ ୩୬ଟି ଏନ୍‌ଡିଆର୍‌ଏଫ୍ ଓ ଏସ୍‌ଡିଆର୍‌ଏଫ୍ ଦଳ ମୁତୟନ କରାଯାଇଛି।

### ପଶ୍ଚିମ ବଙ୍ଗରେ ଯୋଗୀ ମଡେଲ

# ଏନ୍‌କାଉଣ୍ଟରରେ ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ନିହତ

**କୋଲକାତା, ୮।୭ (ଏଜେନ୍ସି):** ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ମଡେଲକୁ ଆପଣାଇଛି କୋଲକାତା ପୋଲିସ। ବାରୁଇପୁର ଅଞ୍ଚଳରେ ଜଣେ ୧୨ ବର୍ଷର ନାବାଳିକାକୁ ଗଣ ଦୁଷ୍କର୍ମ ଓ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ପ୍ରଭାସ ମଣ୍ଡଳକୁ ବୁଧବାର ବିଳମ୍ବିତ ରାତିରେ ପୋଲିସ ଏନ୍‌କାଉଣ୍ଟର କରିଛି। ରାତି ପ୍ରାୟ ୧୨.୪୫ରେ ଏନ୍‌କାଉଣ୍ଟରରେ ପ୍ରଭାସ ପ୍ରାଣ ହରାଇଛି।

ପଶ୍ଚିମବଙ୍ଗରେ ମେ ମାସରେ ବିଜେପି ସରକାର ଗଠନ ହେବା ପରେ ଏହା ପ୍ରଥମ ଏନକାଉଣ୍ଟର। ବାରୁଇପୁର ଏସ୍‌ପି ପଲାଶ ଚନ୍ଦ୍ର ଢାଲିଙ୍କ ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୧୨ଟା ୪୫ରେ ବାରୁଇପୁର ଥାନାର ଏକ ସ୍ପେଶାଲ ଟିମ୍ ଅଭିଯୁକ୍ତ ପ୍ରଭାସ ମଣ୍ଡଳକୁ ନେଇ କ୍ରାଇମ ସିନ ରିକ୍ରିଏସନ ନିମନ୍ତେ ଘଟଣାସ୍ଥଳ ସୂର୍ଯ୍ୟପୁରକୁ ଯାଇଥିଲେ। କ୍ରାଇମ ସିନ୍ ରିକ୍ରିଏସନ ସମୟରେ ପ୍ରଭାସ ହଠାତ୍ ଜଣେ ପୋଲିସ ଅଧିକାରୀଙ୍କ ସର୍ଭିସ୍ ବନ୍ଧୁକ ଛଡ଼ାଇ ନେଇ ଏକ



ରାଉଣ୍ଡ ଗୁଳି ଚଳାଇ ଫେରାର ହେବାକୁ ଉଦ୍ୟମ କରିଥିଲା। ପୋଲିସ ନିଜର ଆତ୍ମରକ୍ଷା ପାଇଁ ପାଲଟା ଗୁଳି ଚଳାଇବାରୁ ପ୍ରଭାସ ଗୁରୁତର ହୋଇଥିଲା। ତାକୁ ବାରୁଇପୁର ଡାକ୍ତରଖାନାକୁ ନିଆଯାଇଥିଲା ଓ ସେଠାରେ ତାର ମୃତ୍ୟୁ ଘଟିଥିଲା। ତେବେ ପ୍ରଭାସର ମା ସନ୍ଧ୍ୟା ମଣ୍ଡଳ ଗଣମାଧ୍ୟମକୁ କହିଛନ୍ତି, ସେ ଯେଉଁ ପାପ କରିଥିଲା, ତା'ର ଉପଯୁକ୍ତ ଶାସ୍ତି ପାଇଛି। ଅନ୍ୟପକ୍ଷରେ ଏହି ମାମଲାରେ ଏପର୍ଯ୍ୟନ୍ତ ଆନନ୍ଦ ସର୍ଦ୍ଦାର, ଦିବାକର ସର୍ଦ୍ଦାର ଏବଂ କବିର ମୋଲ୍ଲାଙ୍କୁ ଗିରଫ କରାଯାଇଛି। ପ୍ରଭାସ ପୋଲିସ ଆଗରେ ସ୍ୱୀକାର କରିଥିଲା ଯେ ଅନ୍ୟ ଅଭିଯୁକ୍ତମାନେ ତାକୁ ସେହି ଝିଅକୁ ଡାକି ଆଣିବା ପାଇଁ ଟଙ୍କାର ଲୋଭ ଦେଖାଇଥିଲେ।

ଏହାକୁ କେନ୍ଦ୍ରକରି ରାଜ୍ୟ ରାଜନୀତି ସରଗରମ ହୋଇଛି। ଗତକାଲି କୋଲକାତା ସହରରେ ଆୟୋଜିତ ଏକ ବିଶାଳ ପ୍ରତିବାଦ ବେଳେ ବିଜେପି ଓ ଟିଏମ୍‌ସି ସମର୍ଥକମାନେ ମୁହାଁମୁହିଁ ହୋଇଛନ୍ତି। ଉଭୟ ପକ୍ଷ ମଧ୍ୟରେ ଘଟିଥିବା ସଂଘର୍ଷ ଯୋଗୁଁ ସମଗ୍ର ଅଞ୍ଚଳ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଦୁଇ ଦଳର ସମର୍ଥକ ସ୍ଲୋଗାନବାଜି କରୁଥିବା ବେଳେ ହଠାତ୍ ସଂଘର୍ଷ ଘଟିଥିଲା। ପୋଲିସ ଲାଠିଚାଳନା କରିବାରୁ ଗଣ୍ଡଗୋଳକାରୀମାନେ ଛତ୍ରଭଙ୍ଗ ଦେଇଥିଲେ। ଆଇନ ଶୃଙ୍ଖଳା ରକ୍ଷା ପାଇଁ ଉକ୍ତ ଅଞ୍ଚଳରେ ସାମରିକ ବାହିନୀ ଓ ପୋଲିସ ବାହିନୀ ପଇଞ୍ଜରା ମାରୁଛନ୍ତି।

## ମଝି ଆକାଶରୁ ଗାୟବ ହେଲା ପାକ୍ ବିମାନ

**ଲାହୋର, ୮।୭ (ଏଜେନ୍ସି):** ୟୁଏଇ ଶାରଜାହରୁ ପାକିସ୍ତାନ କରାଚୀ ଆସୁଥିବା ଏକ ପାକିସ୍ତାନୀ କାର୍ଗୋ ବିମାନ ମଙ୍ଗଳବାର ରାତିରେ ମଝି ଆକାଶରୁ ନିଖୋଜ ହୋଇଯାଇଛି । ବିମାନରେ ଚାଳକ ଦଳର ପାଞ୍ଚ ଜଣ କ୍ରୁ ସଦସ୍ୟ ଥିଲେ । ବିମାନର ସନ୍ଧାନ ଜାରି ରହିଛି ।



ପାକିସ୍ତାନ ବିମାନବନ୍ଦର କର୍ତ୍ତୃପକ୍ଷ (ପିଏଏ) ଅନୁଯାୟୀ, କାର୍ଗୋ ବିମାନଟି ମଙ୍ଗଳବାର ରାତି ୯.୧୮ରେ ସଂଯୁକ୍ତ ଆରବ ଏମିରେଟ୍ସର ଶାରଜାହରୁ କରାଚୀ ଅଭିମୁଖେ ଉଡ଼ାଣ ସମୟରେ ବିମାନଟି ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି)କୁ ନାଭିଗେସନ୍ ସିଷ୍ଟମରେ ତ୍ରୁଟି ବିଷୟରେ ସୂଚନା ଦେଇଥିଲା। ତେବେ କିଛି ମିନିଟ୍ ପରେ ବିମାନଟି ରାଡାର ସହ ସମ୍ପର୍କ ହରାଇ ନିଖୋଜ ହୋଇଯାଇଥିଲା। ପାକିସ୍ତାନ ବିମାନବନ୍ଦର କର୍ତ୍ତୃପକ୍ଷ ଅନୁଯାୟୀ, ମଙ୍ଗଳବାର ସ୍ଥାନୀୟ ସମୟ ପ୍ରାୟ ରାତି ୯ଟା ୧୮ରେ କେ-୨ ଏୟାରୱେଜ୍ ବୋଇଂ ୭୩୭ କାର୍ଗୋ ବିମାନ କରାଚୀ କ୍ଷେତ୍ର ନିୟନ୍ତ୍ରଣ କେନ୍ଦ୍ର(ଏସିସି)ସହିତ ଯୋଗାଯୋଗରେ ଥିଲା । କିଛି ମିନିଟ୍ ପରେ, ବିମାନଟି ରାଡାରରେ ଦ୍ରୁତ ଗତିରେ ତଳକୁ ଖସିବା ଏବଂ ହଠାତ୍ ଗତିପଥ ପରିବର୍ତ୍ତନ କରୁଥିବା ଦେଖାଯାଇଥିଲା । କରାଚୀରୁ ପ୍ରାୟ ୧୫୫ ନଟିକାଲ୍ ମାଇଲ୍ ପଶ୍ଚିମରେ ବିମାନ ସହିତ ରାଡାର ଯୋଗାଯୋଗ ଏବଂ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ବିମାନଟି କରାଚୀର ଘରୋଇ କାର୍ଗୋ ବିମାନ କମ୍ପାନି କେ-୨ ଏୟାରୱେଜ୍ ଦ୍ୱାରା ପରିଚାଳିତ ହେଉଥିଲା ।ଘଟଣା ପରେ ନୌସେନା, ତଟରକ୍ଷୀ ବାହିନୀ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ସହାୟତାରେ ସମୁଦ୍ରରେ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି । ୨୭ ବର୍ଷର ପୁରୁଣା ବିମାନ କେ-୨ର ଏକମାତ୍ର ଏୟାରକ୍ରାଫ୍ଟ ରହିଥିଲା । ୨୦୧୨ରେ କାର୍ଗୋ ବିମାନରେ ପରିଣତ ହେବା ପୂର୍ବରୁ ଏହା ଯାତ୍ରୀବାହନ ବିମାନ ରହିଥିଲା ।

## ଚାଟ୍‌ଜିପିଟି ସହାୟତାରେ ସାଇବର ଆକ୍ରମଣ

**ଟୋକିଓ, ୮।୭ (ଏଜେନ୍ସି):** କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ର ଅପବ୍ୟବହାରକୁ ନେଇ ଜାପାନରୁ ଏକ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଜାପାନର ଜଣେ ୧୫ ବର୍ଷୀୟ ହାଇସ୍କୁଲ ଛାତ୍ର ପ୍ରସିଦ୍ଧ ଆନିମେ ଷ୍ଟ୍ରିମିଂ ପ୍ଲାଟଫର୍ମ ବାନ୍ଦାଇ ଚାନେଲ ଉପରେ ସାଇବର



ଆକ୍ରମଣ କରିବା ପାଇଁ ଏଆଇ 'ଚାଟଜିପିଟି'ର ସହାୟତା ନେଇଥିବା ଅଭିଯୋଗରେ ଟୋକିଓ ପୋଲିସ ଦ୍ୱାରା ଗିରଫ ହୋଇଛି। ଏହି ସାଇବର ଆଟାକ୍ ଯୋଗୁଁ କମ୍ପାନୀର ବ୍ୟବସାୟିକ କାର୍ଯ୍ୟକଳାପ ବାଧାପ୍ରାପ୍ତ ହେବା ସହ ପ୍ରାୟ ୪୬,୮୧୨ ଜଣ ଗ୍ରାହକଙ୍କ ସଦସ୍ୟତା (ସବସ୍କ୍ରିପସନ୍) ସେମାନଙ୍କ ଅଜାଣତରେ ବାତିଲ ବା ଡିଲିଟ୍ ହୋଇଯାଇଥିଲା।

ଟୋକିଓ ମେଟ୍ରୋପଲିଟନ ପୋଲିସ ଅନୁଯାୟୀ, ଗତ ନଭେମ୍ବର ୨୦୨୫ରେ ଏହି ନାବାଳକ ଛାତ୍ର ଜଣକ ଉକ୍ତ ଆନିମେ ପ୍ଲାଟଫର୍ମର ସୁରକ୍ଷା ବ୍ୟବସ୍ଥାରେ ଥିବା ଏକ ବୈଷୟିକ ତ୍ରୁଟି ଖୋଜି ପାଇଥିଲା ଏବଂ ପରେ ସେଠାରୁ ଆକାଉଣ୍ଟ ଡିଲିଟ୍ କରିବା ପ୍ରକ୍ରିୟାକୁ ସ୍ୱୟଂଚାଳିତ କରିବା ପାଇଁ ଏକ ମାଲିସିଅସ୍ ସଫ୍ଟୱେର୍ ପ୍ରସ୍ତୁତ କରିଥିଲା।

ପୋଲିସ ଜେରା ସମୟରେ ଅଭିଯୁକ୍ତ ଛାତ୍ରଜଣକ ନିଜର ଦୋଷ ସ୍ୱୀକାର କରି କହିଛି, ମୁଁ ନିଜେ ସଦସ୍ୟତା ପ୍ରତ୍ୟାହାର ପ୍ରକ୍ରିୟାର ସୋର୍ସ କୋଡ୍ ପ୍ରସ୍ତୁତ କରିଥିଲି, କିନ୍ତୁ ଏଥିରେ ଅଧିକ ସମୟ ଲାଗୁଥିବାରୁ ମୁଁ ଚାଟଜିପିଟିକୁ ଏକ ଭିନ୍ନ ପ୍ରୋଗ୍ରାମିଂ ଭାଷାରେ ଏହାକୁ ଶୀଘ୍ର ଶେଷ କରିବା ପାଇଁ ସହାୟତା ମାଗିଥିଲି। ଗତ ନଭେମ୍ବର ୪, ୨୦୨୫ରେ ସେ କମ୍ପାନୀର ସର୍ଭରକୁ ଭୁଲ୍ କମାଣ୍ଡ ପଠାଇ ହଜାର ହଜାର ଆକାଉଣ୍ଟ ବନ୍ଦ କରିଦେଇଥିଲା, ଯାହାକୁ ସ୍ୱାଭାବିକ କରିବା ପାଇଁ କମ୍ପାନୀକୁ ଡିସେମ୍ବର ମାସ ପର୍ଯ୍ୟନ୍ତ ସମୟ ଲାଗିଥିଲା। ପୋଲିସ ଆହୁରି ମଧ୍ୟ କହିଛି ଯେ କମ୍ପାନୀ ତାର ଆକ୍ସେସ୍ ବ୍ଲକ୍ କରିବା ପରେ ମଧ୍ୟ ସେ ନିଜର ଆଇପି ଆଡ୍ରେସ୍ ପ୍ରାୟ ୩୦ ଥର ବଦଳାଇ ଏହି ସାଇବର ଆଟାକ୍ ଜାରି ରଖିଥିଲା।

## ସୋପିଆନ ଏନ୍‌କାଉଣ୍ଟରରେ ଲସ୍କର ଆତଙ୍କୀ ନିପାତ

**ଶ୍ରୀନଗର, ୮।୭ (ଏଜେନ୍ସି):** ଜମ୍ମୁ କାଶ୍ମୀରର ସୋପିଆନ ଜିଲ୍ଲାର ଛାନ୍‌ପୋରା ଅଞ୍ଚଳରେ ଆଜି ସୁରକ୍ଷାକର୍ମୀଙ୍କର ଏକ ମିଳିତ ସର୍ଚ୍ଚ ଅପରେସନ୍‌ରେ ଜଣେ ଏଲ୍‌ଇଟି (ଲସ୍କର ଏ ତୋଏବା) ଆତଙ୍କବାଦୀ ନିପାତ ହୋଇଛି। ନିପାତ ହୋଇଥିବା ଆତଙ୍କବାଦୀ ଏଲ୍‌ଇଟି ସଞ୍ଚାଳକ ଜାକିର ଅହମଦ ଗନି ବୋଲି ଜଣାପଡ଼ିଛି। କିନ୍ତୁ ଏହା ସ୍ପଷ୍ଟ କରାଯାଇନି।



ସୋପିଆନର ଏସ୍‌ଓଜି (ସ୍ପେସାଲ ଅପରେସ୍ନ ଗ୍ରୁପ୍), ସେନାର ରାଷ୍ଟ୍ରୀୟ ରାଇଫଲ୍ସ ଏବଂ ସିଆରପିଫ୍ ( ସେଣ୍ଟ୍ରାଲ ରିଜର୍ଭ ପୁଲିସ ଫୋର୍ସ) ଦ୍ୱାରା ମିଳିତ ଭାବେ ଏହି ଅପରେସନ୍ ପରିଚାଳନା କରାଯାଇଥିଲା। ଏନକାଉଣ୍ଟର ସଂକ୍ରାନ୍ତରେ ବିସ୍ତୃତ ସୂଚନା ପ୍ରଦାନ କରି ଜମ୍ମୁ କାଶ୍ମୀର ପୁଲିସ ଏକ୍ସରେ ଏକ ପୋଷ୍ଟ କରି କହିଛି ଯେ ଆରଆର ଏବଂ ସିଆରପିଏଫ୍ ସହ ଏକ ମିଳିତ ଅପରେସନ୍‌ରେ ସୋପିଆନ ଏସ୍‌ଓଜି ଦ୍ୱାରା ଜଣେ ଲସ୍କର ଆତଙ୍କବାଦୀ ନିପାତ ହୋଇଛି। ପୁଲିସ ମଧ୍ୟ ଅଞ୍ଚଳରେ ସକ୍ରିୟ ଥିବା ଆତଙ୍କବାଦୀମାନଙ୍କୁ ଏକ ଚେତାବନୀ ଜାରି କରି କହିଛି ଯେ ତୁମେମାନେ ଚାଲି ଯାଇ ପାରିବ। କିନ୍ତୁ ଲୁଚି ପାରିବନି। ଦକ୍ଷିଣ କାଶ୍ମୀରର ସୋପିଆନ ଜିଲ୍ଲାରେ ମିମନ୍ଦର ଅଞ୍ଚଳରେ ଏକ ଘଞ୍ଚ ଫଳ ବଗିଚାରେ ଗତ ଜୁଲାଇ ୩ ତାରିଖରୁ ୫ ଦିନ ଧରି ସର୍ଚ୍ଚ ଅପରେସନ୍ ଜାରି ରହିଥିଲା। ଏହି ଅଞ୍ଚଳରେ ଲତିଫ ଏବଂ ଜାକିର ନାମକ ୨ ଜଣ ଆତଙ୍କବାଦୀ ଲୁଚି ରହିଛନ୍ତି ବୋଲି ଗୁଇନ୍ଦା ସୂଚନା ପାଇବାପରେ ସର୍ଚ୍ଚଅପରେସନ୍ ଆରମ୍ଭ ହୋଇଥିଲା।

ତେବେ ଏହି ସମୟରେ ଆତଙ୍କବାଦୀମାନେ ସୁରକ୍ଷା କର୍ମୀଙ୍କ ଉପରକୁ ଗୁଳି ଚଳାଇଥିଲେ। ସୁରକ୍ଷାକର୍ମୀଙ୍କ ପାଲଟା ଗୁଳି ଚାଳନାରେ ଜଣେ ଆତଙ୍କବାଦୀ ନିପାତ ହୋଇଛି। ତେବେ ଅପରେସନ୍ ଶେଷ ହୋଇନି। ଜାକିର ସହଯୋଗୀ ଲତିଫ ଭଟ୍ଟକୁ ଧରିବାପାଇଁ ସୁରକ୍ଷାକର୍ମୀମାନେ ଅପରେସନ୍ ଜାରି ରଖିଛନ୍ତି। ରେକର୍ଡ ଅନୁଯାୟୀ ଉଭୟ ଲତିଫ ଏବଂ ଜାକିର ହେଉଛନ୍ତି ଦକ୍ଷିଣ କାଶ୍ମୀର କୁଲ୍‌ଗାମ ଜିଲ୍ଲା ବାସିନ୍ଦା। ଜାକିର ୨୦୨୪ରେ ଏଲ୍‌ଇଟିରେ ଯୋଗ ଦେଇଥିବା ବିଶ୍ୱାସ କରାଯାଉଛି ଏବଂ ଲତିଫ ଗତବର୍ଷ ଏହି ଆତଙ୍କବାଦୀ ଗୋଷ୍ଠୀରେ ଯୋଗ ଦେଇଥିଲା।

## ଆବର୍ଜନା ପାହାଡ଼ ତଳେ ଚାପି ହେଲା ବିଲ୍ଡିଂ: ୧୬ ଫସିଲେ

**ପୁଣେ, ୮।୭ (ଏଜେନ୍ସି):** ମହାରାଷ୍ଟ୍ର ପୁଣେର ପିମ୍ପ୍ରି ଚିଞ୍ଚୱାଡ୍ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରବଳ ବର୍ଷା ଯୋଗୁଁ ସେଠାରେ ଥିବା ବର୍ଜ୍ୟବସ୍ତୁର ଏକ ବିରାଟ ପାହାଡ଼(ଡମ୍ପିଂ ୟାର୍ଡ) ହଠାତ୍ ଭୁଶୁଡ଼ି ପଡ଼ିଛି। ଏହି ବର୍ଜ୍ୟବସ୍ତୁ ଗଦା ପାର୍ଶ୍ୱବର୍ତ୍ତୀ ଏକ ତିନି ମହଲା କୋଠା ଉପରେ ଅଜାଡ଼ି ହୋଇପଡ଼ିବାରୁ ସମ୍ପୂର୍ଣ୍ଣ ବିଲ୍ଡିଂଟି ଭାଙ୍ଗି ମାଟିରେ ମିଶିଯାଇଛି ଏବଂ କୋଠା ଭିତରେ ଅତିକମରେ ୧୬ ଜଣ କର୍ମଚାରୀ ଫସି ରହିଥିବା ଆଶଙ୍କା କରାଯାଉଛି।



ଘଟଣାସ୍ଥଳରେ ଏନଡିଆରଏଫ ଟିମ୍, ଅଗ୍ନିଶମ ବାହିନୀ ଓ ଆମ୍ବୁଲାନ୍ସ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଭଙ୍ଗା କୋଠାର ଆବର୍ଜନା ତଳେ ଚାପି ହୋଇ ରହିଥିବା ୧୬ ଜଣ କର୍ମଚାରୀଙ୍କୁ ସୁରକ୍ଷିତ ବାହାର କରିବା ପାଇଁ ପ୍ରୟାସ କରାଯାଉଛି।

ପିମ୍ପ୍ରି ଚିଞ୍ଚୱାଡ୍ ମ୍ୟୁନିସିପାଲିଟି କର୍ପୋରେସନ୍ କମିଶନର ବିଜୟ ସୂର୍ଯ୍ୟବଂଶୀଙ୍କ ସୂଚନା ଅନୁଯାୟୀ, ଏହି ଦୁର୍ଘଟଣା ମୋଶୀ ଅଞ୍ଚଳରେ ଘଟିଛି। ଉକ୍ତ କୋଠାଟି ସ୍ଥାନୀୟ ପ୍ରଶାସନ ପକ୍ଷରୁ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରୁଥିବା ଏକ ଘରୋଇ ସଂସ୍ଥାର ପ୍ରଶାସନିକ କାର୍ଯ୍ୟାଳୟ ଭାବେ ବ୍ୟବହୃତ ହେଉଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଗତ କିଛି ଦିନ ଧରି ଚାଲିଥିବା ଲଗାତାର ବର୍ଷା ଯୋଗୁଁ ଆବର୍ଜନା ପାହାଡ଼ର ମାଟି ଅଲଗା ହୋଇ ଢିଲା ହୋଇଯାଇଥିଲା, ଯାହାଫଳରେ ଏହି ଅଘଟଣ ଘଟିଲା।

## ସିଙ୍ଗଡା କିଣିବାକୁ ଟ୍ରେନ ଛାଡ଼ି ଚାଲିଗଲେ ଲୋକୋ ପାଇଲଟ

**ଇନ୍ଦୋର , ୮।୭ (ଏଜେନ୍ସି):** ସିଙ୍ଗଡ଼ା ପାଇଁ ଅଧା ବାଟରେ ଅଟକିଲା ଟ୍ରେନ୍ । ଗାଡି ଅଟକାଇ ସିଙ୍ଗଡ଼ା କିଣିଲେ ଲୋକୋ ପାଇଲଟ୍। ମଧ୍ୟପ୍ରଦେଶରେ ଇନ୍ଦୋରରେ ଦେଖିବାକୁ ମିଳିଛି



ଏଭଳି ଅଜବ ଘଟଣା । ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରଲ ହେଉଛି । ଲୋକୋ ପାଇଲଟଙ୍କ ଏଭଳି କାମ ଦେଖି ଲୋକଙ୍କ ମୁଣ୍ଡ ଟିଣ ହୋଇଯାଇଛି ।

ଖବର ମୁତାବକ, ମହୁର ଏବଂ ଇନ୍ଦୋର ରାଉ ମଧ୍ୟରେ ରଙ୍ଗବାସା ନିକଟରେ ଇନ୍ଦୋର-ମହୁ ଡେମୁ ଟ୍ରେନ୍ କିଛି ମିନିଟ୍ ପାଇଁ ଅଟକିଥିଲା । ସମସ୍ତେ ଭାବିଥିଲେ କିଛି ବୋଧେ ଅଘଟଣ ହୋଇଯାଇଛି । କିନ୍ତୁ ଟ୍ରେନଟି ୧୦ ମିନିଟ ଅଟକିଥିବା ଦେଖି ଯାତ୍ରୀମାନେ ବିରକ୍ତି ଭାବ ପ୍ରକାଶ କରିଥିଲେ। କିନ୍ତୁ ଲୋକୋ ପାଇଲଟ୍ ଜଣକ ଟ୍ରେନ ଛିଡା କରି ସିଙ୍ଗଡ଼ା କିଣିବାକୁ ଯାଇଥିଲେ । ଆଉ ଏହି ସମୟରେ ସ୍ଥାନୀୟ ଲୋକମାନେ ତାଙ୍କର ଭିଡିଓ କରି ଦେଇଥିଲେ । ସୋସିଆଲ ମିଡିଆରେ ଏହି ଭିଡିଓଟି ଖୁବ୍ ଭାଇରଲ୍ ହେଉଛି । ସୋସିଆଲ ମିଡିଆରେ ୟୁଜରମାନେ ଏହାକୁ ଟ୍ରୋଲ୍ କରୁଛନ୍ତି । ସଂପୃକ୍ତ ଲୋକୋ ପାଇଲଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ଘଟଣା ସାମ୍ନାକୁ ଆସିବା ପରେ ରେଲୱେ ଏହାକୁ ଗୁରୁତର ସହ ନେଇଛି । ରେଲୱେ ଜନ ସମ୍ପର୍କ ଅଧିକାରୀ ମୁକେଶ କୁମାର କହିଛନ୍ତି ଯେ, ଏହି ଭାଇରଲ୍ ଭିଡିଓକୁ ଯାଞ୍ଚ କରିବା ପାଇଁ ପଠାଯାଇଛି । କେଉଁ କାରଣ ପାଇଁ ଟ୍ରେନ୍ ଅଟକାଯାଇଥିଲା ତାହାର ତଦନ୍ତ ହେବ । ଲୋକୋ ପାଇଲଟ୍ ଯଦି ବ୍ୟକ୍ତିଗତ କାରଣ ପାଇଁ ଟ୍ରେନ୍ ଅଟକାଇଥିବେ ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ।

## ନକଲି ରସିଦରେ ଭକ୍ତଙ୍କଠାରୁ ଟଙ୍କା ଆଦାୟ

**ଅଯୋଧ୍ୟା, ୮।୭ (ଏଜେନ୍ସି):** ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ଦାନ ଅନିୟମିତତା ମାମଲାରେ ତଦନ୍ତ ଆଗକୁ ବଢ଼ିବା ସହ ଆଉ ଏକ ସଙ୍ଗିନ ତଥ୍ୟ ସାମ୍ନାକୁ ଆସିଛି। ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି)ର ପ୍ରାଥମିକ ତଦନ୍ତରେ ଜଣାପଡ଼ିଛି ଯେ, କେତେକ ଅସାଧୁ କର୍ମଚାରୀ ନକଲି ଦାନ ରସିଦ



ବ୍ୟବହାର କରି ଭକ୍ତଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ଏହି ଟଙ୍କା ସରକାରୀ ରେକର୍ଡରେ ଦାନ ଭାବେ ଜମା ହେଉ ନ ଥିଲା, ବରଂ ଏହାକୁ ଆତ୍ମସାତ୍ କରାଯାଉଥିଲା।

ତଦନ୍ତରୁ ଜଣାପଡ଼ିଛି ଯେ, ମନ୍ଦିର ପରିସରରେ କିଛି କର୍ମଚାରୀ ଭକ୍ତଙ୍କୁ ଆଧିକାରିକ ରସିଦ ବୋଲି କହି ନକଲି ରସିଦ ଦେଉଥିଲେ। ଭକ୍ତମାନେ ଏହାକୁ ସତ ବୋଲି ବିଶ୍ୱାସ କରି ଦାନ କରୁଥିଲେ, କିନ୍ତୁ ସେହି ଟଙ୍କା ଟ୍ରଷ୍ଟର ଖାତାକୁ ଯାଉନଥିଲା। ଏହି ଅନିୟମିତତା ଦୀର୍ଘ ସମୟ ଧରି ଚାଲିଥିବା ଏବଂ ଏଥିରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବାର ସନ୍ଦେହ କରାଯାଉଛି। ଏସ୍‌ଆଇଟି ସିସିଟିଭି ଫୁଟେଜ୍, ଦାନ ରେଜିଷ୍ଟର, ରସିଦ ବହି ଓ ଆର୍ଥିକ କାଗଜପତ୍ର ଯାଞ୍ଚ କରି ଅନେକ ଅସଙ୍ଗତି ଚିହ୍ନଟ କରିଛି। କିଛି ରସିଦର କ୍ରମିକ ସଂଖ୍ୟା ଆଧିକାରିକ ରେକର୍ଡ ସହ ମେଳ ଖାଉ ନ ଥିବାବେଳେ ଅନେକ ଦାନର କୌଣସି ହିସାବ ମିଳିନାହିଁ। ତଦନ୍ତକାରୀ ଅଧିକାରୀମାନେ ଏହି ନକଲି ରସିଦ କେଉଁଠାରେ ଛପାଯାଇଥିଲା ଏବଂ ଏଥିରେ କେଉଁମାନେ ସମ୍ପୃକ୍ତ ଥିଲେ, ସେନେଇ ମଧ୍ୟ ଖୋଳତାଡ଼ କରୁଛନ୍ତି।

ଶ୍ରୀରାମ ଜନ୍ମଭୂମି ମନ୍ଦିରର ପ୍ରବେଶ ଦ୍ୱାରରେ ଏହି ୪ଟି ସ୍ୱତନ୍ତ୍ର ମୂର୍ତ୍ତିକୁ କରାଗଲା ସ୍ଥାପନା। ଏହି ମାମଲାରେ ପୂର୍ବରୁ ଦାନ ବାକ୍ସରୁ ଟଙ୍କା ଚୋରି ଘଟଣାରେ କେତେକ କର୍ମଚାରୀଙ୍କୁ ଗିରଫ କରାଯାଇଥିଲା। ବର୍ତ୍ତମାନ ନକଲି ରସିଦ ବ୍ୟବହାର କରି ଦାନ ଆଦାୟ କରାଯାଉଥିବା ଅଭିଯୋଗ ସାମ୍ନାକୁ ଆସିବା ପରେ ତଦନ୍ତର ପରିସର ଆହୁରି ବଢ଼ାଯାଇଛି। ତଦନ୍ତକାରୀ ଦଳ ସମସ୍ତ ଆର୍ଥିକ କାରବାରର ଅଡିଟ୍ କରିବା ସହ ସନ୍ଦେହଭାଜନ କର୍ମଚାରୀଙ୍କୁ ପଚରାଉଚରା କରୁଛି।

### ମିଳିଲା ଶତାବ୍ଦୀ ପୁରୁଣା ଗୁପ୍ତଧନ

# ୨୦ ଫୁଟ ଲମ୍ବା ମହାପୁରାଣ ଓ ଜମ୍ବୁଦ୍ୱୀପର ୧୦ ଫୁଟର ସିକ୍ରେଟ୍ ନକ୍ସା

**ଇନ୍ଦୋର, ୮।୭ (ଏଜେନ୍ସି):** ଆପଣ କେବେ ୨୨୦ ବର୍ଷ ପୁରୁଣା ଏବଂ ପୂରା ୨୦ ଫୁଟ ଲମ୍ବା ହସ୍ତଲିଖିତ ଶ୍ରୀମଦ୍‌ଭାଗବତ ମହାପୁରାଣ ଦେଖିଛନ୍ତି କିମ୍ବା ୧୦ ଫୁଟ ଲମ୍ବା ପ୍ରାଚୀନ ଭାରତର ସେହି ରହସ୍ୟମୟ ନକ୍ସା, ଯାହାକୁ ଆମ ପୂର୍ବଜମାନେ ଜମ୍ବୁଦ୍ୱୀପ ବୋଲି କହୁଥିଲେ ଯଦି ଦେଖିନାହାନ୍ତି, ତେବେ ଏହି ସବୁ ଦେଖିବା ପାଇଁ ପ୍ରସ୍ତୁତ ହୋଇଯାଆନ୍ତୁ, କାରଣ ଡିଜିଟାଲ୍ ଦୁନିଆରେ ଏହା ସମ୍ଭବ ହେବାକୁ ଯାଉଛି । ଭାରତ ସରକାରଙ୍କ ଜ୍ଞାନ ଭାରତମ୍ ଆପ୍‌ର ସଦ୍ୟତମ ରିପୋର୍ଟ ଏକ ଅତ୍ୟନ୍ତ ବିରଳ ଆବିଷ୍କାର ପ୍ରକାଶ କରିଛି ।

ଏନଡିଟିଭିର ରିପୋର୍ଟ ଅନୁସାରେ, ମଧ୍ୟପ୍ରଦେଶର



ଟିକମଗଡ଼ ଜିଲ୍ଲାରେ ଯାଞ୍ଚ ସମୟରେ ଶତାବ୍ଦୀ ପୁରୁଣା ୧୦ ଫୁଟ ଲମ୍ବା ଜମ୍ବୁଦ୍ୱୀପର ଏକ ଅତ୍ୟନ୍ତ ରହସ୍ୟମୟ ଏବଂ ବିରଳ ନକ୍ସା ହାତରେ ଲାଗିଛି । ପ୍ରାଚୀନ ଭାରତୀୟ ଭୂଗୋଳକୁ ଦର୍ଶାଉଥିବା ଏହି ନକ୍ସାର କେନ୍ଦ୍ରରେ ଏକ ବୃତ୍ତାକାର ସଂରଚନା ରହିଛି । ଏହାର ଚାରିପାଖରେ ଅତି ସୂକ୍ଷ୍ମ ଭାବେ ପର୍ବତମାଳା ଏବଂ ପ୍ରାଚୀନ ଅଞ୍ଚଳଗୁଡ଼ିକୁ ଦେଖାଯାଇଛି ।

ଏହା ରିତିକାଳର ପ୍ରସିଦ୍ଧ ଗ୍ରନ୍ଥ । ଏଥିରେ କାବ୍ୟଶାସ୍ତ୍ର ଏବଂ ଶୃଙ୍ଗାର ରସର କଠିନ ନିୟମଗୁଡ଼ିକୁ ରାଧା-କୃଷ୍ଣଙ୍କ ପ୍ରେମ ପ୍ରସଙ୍ଗ ଏବଂ ସୁନ୍ଦର ଛନ୍ଦ ମାଧ୍ୟମରେ ଅତି ସହଜ ଶୈଳୀରେ ବୁଝାଯାଇଛି । ଏହା ବ୍ୟତୀତ ବୁରହାନପୁରରୁ ୨୨୦ ବର୍ଷ ପୁରୁଣା ଏବଂ ୨୦ ଫୁଟ ଲମ୍ବା ହାତଲେଖା ଶ୍ରୀମଦ୍‌ଭାଗବତ ମହାପୁରାଣ ଏବଂ ଦତିଆରେ ଏକ ପ୍ରାଚୀନ ତାଳପତ୍ର ଅଭିଲେଖ (ବିକ୍ରମ ସମ୍ବତ ୧୮୨୮) ମଧ୍ୟ ମିଳିଛି ।

ଜ୍ଞାନ ଭାରତମ୍ ମିଶନ ଅଧୀନରେ, ପ୍ରାଚୀନ ହାତଲେଖା ପାଣ୍ଡୁଲିପିଗୁଡ଼ିକୁ ଉନ୍ମୋଚନ କରାଯାଉଛି । ଏହି ପାଣ୍ଡୁଲିପିଗୁଡ଼ିକୁ ଡିଜିଟାଇଜେସନ୍ କରିବା ପରେ, ସେଗୁଡ଼ିକୁ ଅଧ୍ୟୟନ କରାଯିବ । କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟ ପରେ, ବିଶେଷଜ୍ଞମାନେ ଏହି ପାଣ୍ଡୁଲିପିଗୁଡ଼ିକ ଅଧ୍ୟୟନ କରିବେ । ଦେଶ ଭବିଷ୍ୟତରେ ଆମର ପ୍ରାଚୀନ ଋଷି, ସନ୍ଥ ଏବଂ ବିଦ୍ୱାନମାନଙ୍କ ଦ୍ୱାରା ସଂରକ୍ଷିତ ଜ୍ଞାନରୁ ଲାଭବାନ ହେବ ।

INS MEMBER

Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com

ସମ୍ପାଦକ– ସୁରେଶ ପରିଡ଼ା
Editor - Suresh Parida